ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଫେବୃୟାରୀ ୩/୨୦୨୨ (୮+୮=୧୬ ପୃଷ୍ଠା) | Rayagada, Thursday, February 3/2022 | ★

୧୧ଶ ଭାଗ ୩୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଶର୍ଟଲିଷ୍ଟରେ ନୀରଜ**

ଲୌରିୟସ 'ୱାର୍ଲ୍ଡ ବ୍ରେକ୍ ଥ୍ରୁ ଅଫ୍ ଦି ଇୟର' ପୁରସ୍କାର ପାଇଁ ଶର୍ଟଲିଷ୍ଟରେ ସ୍ଥାନ ପାଇଛନ୍ତି ଭାରତର ତାରକା ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା। ୦୮

୦୭ **ଏକାଠି ନଜର ଆସିବେ ସଲ୍‌ମାନ-କ୍ୟାଟ୍**

ଫିଲ୍ମ 'ଟାଇଗର-୩'ର ଶୁଟିଂ ସେଟ୍‌ରେ ଏକାଠି ନଜର ଆସିବେ ଅଭିନେତା ସଲମାନ ଖାନ୍ ଏବଂ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍ ।



# ଓଡ଼ିଶାକୁ ୯, ୭୩୪ କୋଟି

## ସମ୍ବଲପୁର-ଗୋପାଳପୁର ଭାୟା ଫୁଲବାଣୀ ରେଳ ଲାଇନକୁ ମଞ୍ଜୁରୀ

ଭୁବନେଶ୍ୱର, ୨।୨(ବ୍ୟୁରୋ)

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମଙ୍ଗଳବାର ଉପସ୍ଥାପନ କରିଥିବା ବଜେଟରେ ଓଡ଼ିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ୯,୭୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୨୮୯ କିଲୋମିଟର ବହୁ ପ୍ରତୀକ୍ଷିତ ଖୋର୍ଦ୍ଧାରୋଡ୍-ବଲାଙ୍ଗୀର ରେଳପଥ ପାଇଁ ସର୍ବାଧିକ ୮୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ୨୦୨୧-୨୨ରେ ଏହି ପ୍ରକଳ୍ପ ପାଇଁ ୪୨୪.୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ସେହିପରି ଦକ୍ଷିଣ ଓଡ଼ିଶାରୁ ପଶ୍ଚିମ ଓଡ଼ିଶାକୁ ସିଧାସଳଖ ରେଳସେବା ଯୋଗାଇଦେବା ପାଇଁ ସମ୍ବଲପୁର-ଗୋପାଳପୁର ଭାୟା ଫୁଲବାଣୀ ବୃହତ୍ ରେଳ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଅନ୍ୟପଟେ ଚଳିତ ବଜେଟରେ ଦାବି ତୁଳନାରେ ଓଡ଼ିଶାକୁ ଅଧିକ ଅନୁଦାନ ମିଳିଛି, ଯାହାକୁ ବିଭିନ୍ନ ବର୍ଗ ସ୍ୱାଗତ କରିଛନ୍ତି।

ବଜେଟରେ ଓଡ଼ିଶା ପାଇଁ କରାଯାଇଥିବା ବ୍ୟୟ ଅଟକଳରେ ନୂତନ ରେଳ ପ୍ରକଳ୍ପ, ପୁରାତନ ପ୍ରକଳ୍ପର ଦୋହରୀକରଣ ଏବଂ ନୂତନ ରେଳଲାଇନ ବିଛାଇବା ଲାଗି ଲକ୍ଷ୍ୟ ରଖାଯାଇଛି। ସେହିପରି ରେଳ ଭିତ୍ତିଭୂମିର ବିକାଶ ଲାଗି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇଛି। ଏହି କ୍ରମରେ ଅନୁଗୋଳ-ସୁକିନ୍ଦା ରୋଡ୍ (୯୮.୭ କି.ମି.) ରେଳ ପ୍ରକଳ୍ପ ପାଇଁ ୪୭୫ କୋଟି, ପାରାଦୀପ-ହରିଦାସପୁର (୮୨ କି.ମି.) ପାଇଁ ୮୫ କୋଟି, ☞ପୃଷ୍ଠା-୪



### କେଉଁ ପ୍ରମୁଖ ପ୍ରକଳ୍ପକୁ କେତେ ଅନୁଦାନ

- ଖୋର୍ଦ୍ଧା-ବଲାଙ୍ଗୀର: ୮୯୧ କୋଟି
- ଅନୁଗୋଳ-ସୁକିନ୍ଦା: ୪୭୫ କୋଟି
- ହରିଦାସପୁର-ପାରାଦୀପ: ୮୫ କୋଟି
- ତାଳଚେର-ବିମଳାଗଡ଼: ୨୫୦ କୋଟି
- ଜୟପୁର-ମାଲକାନଗିରି: ୧୩.୮ କୋଟି
- ଜୟପୁର-ନବରଙ୍ଗପୁର: ୮୧ କୋଟି
- ନୂଆପଡ଼ା-ଗୁଣୁପୁର-ଥେରୁବାଲି: ୧୦ କୋଟି
- ଖୋର୍ଦ୍ଧା-ବାରଙ୍ଗ ତୃତୀୟ ଲାଇନ: ୧୬୪ କୋଟି
- ସମ୍ବଲପୁର-ଟିଟିଲାଗଡ଼: ୭୯.୫ କୋଟି
- ବାଂଶପାଣି-ଦୈତାରୀ-ଟମକା-ଯଖପୁରା: ୧୭୦ କୋଟି
- ସମ୍ବଲପୁର-ତାଳଚେର: ୧୭୨ କୋଟି
- ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ: ୩୫୧ କୋଟି

# ଆଇଏଏସ୍ ଚାକିରିରୁ ବିନୋଦ କୁମାର ବିଦା

ଭୁବନେଶ୍ୱର, ୨।୨(ବ୍ୟୁରୋ)

ଦୁର୍ନୀତି ଅଭିଯୋଗ ପ୍ରମାଣିତ ହେବା ପରେ ରାଜ୍ୟ ସରକାର ବରିଷ୍ଠ ଆଇଏଏସ୍ ଅଫିସର ତଥା ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିନୋଦ କୁମାରଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି। ବିନୋଦଙ୍କୁ ଚାକିରିରୁ ବରଖାସ୍ତ କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ତାଙ୍କୁ ଚାକିରିରୁ ବିଦା କରାଯାଇଛି।



ବିନୋଦ କୁମାର

ସୂଚନାଯୋଗ୍ୟ, ବିନୋଦ କୁମାର ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବା ସମୟରେ ମହାବାତ୍ୟା ପରେ ବିଭିନ୍ନ ☞ପୃଷ୍ଠା-୪


DSPL - 407

**ସ୍ୱତନ୍ତ୍ର ହସ୍ତତନ୍ତ ଆସର**

ସମ୍ପୂର୍ଣ୍ଣ କୋଭିଡ୍ ନିୟମ ଅନୁପାଳନ ସହ

ସ୍ଥାନ: ଏକାମ୍ର ହାଟ

ୟୁନିଟ୍ ୩, ପ୍ରଦର୍ଶନୀ ପଡ଼ିଆ, ଭୁବନେଶ୍ୱର

ଆକର୍ଷଣୀୟ ସରକାରୀ ରିହାତି

ରାଜ୍ୟ ଭିତର ଓ ବାହାରର ବଛା ବଛା ବୁଣାକାର ମାନଙ୍କ ଦ୍ୱାରା ହସ୍ତତନ୍ତ ବସ୍ତ୍ରର ବିଶାଳ ସମ୍ଭାର

ପ୍ରାୟୋଜକ : ହସ୍ତତନ୍ତ ଉନ୍ନୟନ ଆୟୋଗ, ବସ୍ତ୍ର ମନ୍ତ୍ରଣାଳୟ, ଭାରତ ସରକାର

ଆୟୋଜକ : ବୟନିକା, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର

OIPR-31004/13/0045/2122


# ମହିଳାଙ୍କ ପାଇଁ ୬୧୩ ୱାର୍ଡ

ଭୁବନେଶ୍ୱର, ୨।୨(ବ୍ୟୁରୋ)

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ସରଗରମ ରହିଥିବା ବେଳେ ପୌର ନିର୍ବାଚନ ପାଇଁ ମଧ୍ୟ ପ୍ରସ୍ତୁତି ଜୋରସୋରରେ ଚାଲିଛି। ବୁଧବାର ରାଜ୍ୟର ୧୦୭ ପୌରାଞ୍ଚଳ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ମୋଟ ୧୭୫୬ ୱାର୍ଡରୁ ୬୬୮ ଅଣସଂରକ୍ଷିତ ରହିଛି। ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ୧୨୨, ଅନୁସୂଚିତ ଜାତି ମହିଳାଙ୍କ ପାଇଁ ୧୭୧ ୱାର୍ଡ ସଂରକ୍ଷିତ। ସେହିପରି ଅନୁସୂଚିତ ଜନଜାତି ପାଇଁ ୪୯ ଓ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ୧୩୩ ୱାର୍ଡ ସଂରକ୍ଷିତ ରଖାଯାଇଛି। ତେବେ ମହିଳାମାନଙ୍କ ପାଇଁ ୬୧୩ ୱାର୍ଡ ସଂରକ୍ଷିତ ରହିଛି। ଜାନୁଆରୀ ୩୧ରେ ରାଜ୍ୟ ସରକାର ଅଧକ୍ଷ ସଂରକ୍ଷଣ ତାଲିକା ପ୍ରକାଶ କରିଥିଲେ। ଇତିମଧ୍ୟରେ ରାଜ୍ୟ ସରକାର ୩ଟି ମହାନଗର ନିଗମର ସୀମା ପୁନଃନିର୍ଦ୍ଧାରଣ ଏବଂ ଆସନ ସଂରକ୍ଷଣ ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରିଥିବା ବେଳେ ଜିଲା ନିର୍ବାଚନ ଅଧିକାରୀ ୪୮ ମ୍ୟୁନିସିପାଲିଟି, ୫୯ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ର ସୀମା ନିର୍ଦ୍ଧାରଣ ଓ ଆସନ ସଂରକ୍ଷଣର ଚୂଡ଼ାନ୍ତ ତାଲିକା ରାଜ୍ୟ ନିର୍ବାଚନ କମିଶନରଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ପଞ୍ଚାୟତ ନିର୍ବାଚନ ପରେ ଏପ୍ରିଲ ମାସ ☞ପୃଷ୍ଠା-୪

**୧୦୭ ପୌରାଞ୍ଚଳର ୱାର୍ଡ ସଂରକ୍ଷଣ ତାଲିକା ପ୍ରକାଶ**

- ୬୬୮ ଅଣସଂରକ୍ଷିତ
- ଏସ୍‌ସି ୧୨୨, ଏସ୍‌ଟିଙ୍କ ଲାଗି ୪୯ ୱାର୍ଡ ସଂରକ୍ଷିତ

## ୨୪ରେ ଚୂଡ଼ାନ୍ତ ଭୋଟର ଲିଷ୍ଟ

ଭୁବନେଶ୍ୱର, ୨।୨(ବ୍ୟୁରୋ)

ପୌର ନିର୍ବାଚନ ଲାଗି ରାଜ୍ୟ ନିର୍ବାଚନ କମିଶନ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି। ଭାରତର ନିର୍ବାଚନ କମିଶନଙ୍କ ଭୋଟର ତାଲିକାକୁ ଆଧାର କରି ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତ କରାଯିବ। ଯେଉଁମାନଙ୍କର ନାମ ବିଧାନସଭା ନିର୍ବାଚନମଣ୍ଡଳୀ ଭୋଟର ତାଲିକାରେ ଥିବ ଏବଂ ଭୁଲବଶତଃ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ୱାର୍ଡୱାରି ତାଲିକାରେ ନ ଥିବ ସେମାନେ ନାମ ଅନ୍ତର୍ଭୁକ୍ତ କରିପାରିବେ। ପୌରାଞ୍ଚଳ ପାଇଁ ଫେବୃୟାରୀ ୧୦ରେ ପ୍ରାଥମିକ ଭୋଟର ତାଲିକା ପ୍ରକାଶ ପାଇବ। ଏହାପରେ ଦାବି ଓ ଆପତ୍ତି ଅଭିଯୋଗ ପାଇଁ ୬ ଦିନ ସମୟ ଦିଆଯିବ। ତେବେ ତାଲିକାରେ ନୂଆ ଭୋଟରଙ୍କ ନାମ ଉଠିବ ନାହିଁ। କେବଳ ୱାର୍ଡ ପରିବର୍ତ୍ତନ ହୋଇପାରିବ ବୋଲି ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପାଢ଼ୀ କହିଛନ୍ତି।

ଫେବୃୟାରୀ ୧୧ରୁ ୧୬ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଦାଖଲ ହୋଇପାରିବ। ୧୮ ତାରିଖ ସୁଦ୍ଧା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଆପତ୍ତି ଅଭିଯୋଗର ☞ପୃଷ୍ଠା-୪


PATANJALI® Prakriti ka Aashirwad | Divya®



**ଗଣ୍ଠିବାତ, ସର୍ଭିକାଲ୍, ସ୍ପଣ୍ଡିଲାଇଟିସ୍, ସ୍ଲିପ୍ ଡିସ୍କ, ସାଇଟିକା ତଥା ଅନ୍ୟାନ୍ୟ ବାତ ଦୋଷ ସମ୍ବନ୍ଧୀୟ ରୋଗଗୁଡ଼ିକର ଚିକିତ୍ସା ପାଇଁ ଗବେଷଣା ଓ ପ୍ରମାଣ ଉପରେ ଆଧାରିତ ଆୟୁର୍ବେଦିକ ଔଷଧ**

କ୍ଷତିଗ୍ରସ୍ତ କୋମଳାସ୍ଥିକୁ ପୁନରୁଜ୍ଜୀବିତ କରେ, ରକ୍ତ ସଞ୍ଚାଳନକୁ ସୁଧାରେ, କ୍ଷୟପ୍ରାପ୍ତ କୋଷିକାଗୁଡ଼ିକୁ ନବଜୀବନ ପ୍ରଦାନ କରେ ଓ ପୀଡ଼ାକୁ ନିୟନ୍ତ୍ରଣ କରେ




୩୮ ଗୋଟି ଅତି ଉପାଦେୟ ଚେରମୂଳିରେ ପ୍ରସ୍ତୁତ

ବୃହତବାତ ଚିନ୍ତାମଣି, ପୁନର୍ଣ୍ଣବାଦୀ ମଣ୍ଡୁର, ଶୁଦ୍ଧ ଗୁଗ୍ଗୁଳ, ସ୍ୱର୍ଣ୍ଣ ଭସ୍ମ ଇତ୍ୟାଦି ଭଳି ବହୁମୂଲ୍ୟ ଚେରମୂଳିରେ ପ୍ରସ୍ତୁତ

ଆମର ସମସ୍ତ ଔଷଧି ପତଞ୍ଜଳି ଷ୍ଟୋର୍ ଏବଂ ସାରା ଭାରତର ଅଗ୍ରଣୀ ଷ୍ଟୋରଗୁଡ଼ିକରେ ଉପଲବ୍ଧ

Shop Online- www.patanjaliayurved.net | Customer Care Number - 18001804108 | Email ID - feedback@patanjaliayurved.org | Website - www.patanjaliayurved.org


# କ୍ରିପ୍ଟୋ: ସ୍ୱତନ୍ତ୍ର ଆଇଟି ରିଟର୍ନ ସ୍ତମ୍ଭ ରହିବ

ନୂଆଦିଲ୍ଲୀ, ୨।୨

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମଙ୍ଗଳବାର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ ବେଳେ ଡିଜିଟାଲ ମୁଦ୍ରା ଓ କ୍ରିପ୍ଟୋକରେନ୍ସି ଉପରେ ବିବରଣୀ ପ୍ରଦାନ କରିଥିଲେ। ଏହାପରଠୁ ଭାରତର ଡିଜିଟାଲ ମୁଦ୍ରାର ରୂପରେଖ ଏବଂ ଅନ୍‌ଲାଇନରେ ଚାଲିଥିବା କ୍ରିପ୍ଟୋ ଟ୍ରାଞ୍ଜାକଶନର ବୈଧତା ଉପରେ କେନ୍ଦ୍ରର ଆଭିମୁଖ୍ୟକୁ ନେଇ ଦେଶବାସୀଙ୍କ ଜିଜ୍ଞାସା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ନୂଆ ଆର୍ଥିକ ବର୍ଷରୁ ଟିକସଦାତାଙ୍କୁ ଆୟକର (ଆଇଟି) ରିଟର୍ନ ଦାଖଲବେଳେ କ୍ରିପ୍ଟୋ କାରବାର ସମ୍ପର୍କରେ ସବିଶେଷ ତଥ୍ୟ ଦେବାକୁ ପଡ଼ିବ ବୋଲି ସରକାରଙ୍କ ପକ୍ଷରୁ ବୁଧବାର ସ୍ପଷ୍ଟ କରାଯାଇଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆଫ୍ରିକାର ସ୍ୱାସ୍ଥ୍ୟ ପ୍ରଯୁକ୍ତି**

# ୩୬ ଘଣ୍ଟା, ୭୦୦ କି.ମି.

# ଅପହୃତ ଯୁବକ ଉଦ୍ଧାର

*ଭୁବନେଶ୍ୱରର ଜଣେ ଯୁବକଙ୍କୁ ଅପହରଣ କରାଯିବାର ୩୬ ଘଣ୍ଟା ପରେ ଉଦ୍ଧାର କରାଯାଇଛି। ହେଲେ ଏଥିପାଇଁ ପୋଲିସକୁ ୩ ଜିଲାର ୭୦୦ କି.ମି. ଘୂରିବୁଲିବାକୁ ପଡ଼ିଛି।*

ଭୁବନେଶ୍ୱର, ୨।୨(ବ୍ୟୁରୋ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଝାରପଡ଼ା ଅଞ୍ଚଳରୁ ଜଣେ ବ୍ୟବସାୟୀଙ୍କ ପୁଅଙ୍କୁ ଅପହରଣ କରି ୩୦ ଲକ୍ଷ ଟଙ୍କାରେ ମୁଣ୍ଡ ଜାମିନ ଘଟଣାରେ କମିଶନରେଟ ପୋଲିସକୁ ସଫଳତା ମିଳିଛି। ତ୍ୱରିତ ପଦକ୍ଷେପ ଯୋଗୁ ଜଣେ ଯୁବକଙ୍କ ଜୀବନ ବଞ୍ଚିଯାଇଛି। ୩୬ ଘଣ୍ଟାର ଅପରେଶନ ଓ ଛକାପଞ୍ଝା ପରେ ପୋଲିସ ୪ ପେସାଦାର ଅପହର୍ତ୍ତାଙ୍କୁ ନୟାଗଡ଼ରୁ ଗିରଫ କରିବା ସହ ସେମାନଙ୍କ କବଳରୁ ଅପହୃତ ଯୁବକ ଇଶାନ ଅଗ୍ରୱାଲଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ବିଜିପୁରର ରାମ କ୍ରିଷ୍ଣା(୨୭), ସମ୍ବଲପୁର ଜିଲା ରେଢ଼ାଖୋଲର ସନ୍ତୋଷ କୁମାର ରାଉତ(୨୨), ନୟାଗଡ଼ ଜିଲା ଗୌଡ଼ପୁଟର ଧନେଶ୍ୱର ପାତ୍ର(୨୪) ଓ ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ରଘୁନାଥନଗରର ଏମ୍‌ଡି ମୁସ୍ତାକ ଅଲ୍ଲୀ(୨୫)। ଏମାନେ ଅପହରଣରେ ବ୍ୟବହାର କରିଥିବା ଏକ କାର୍, ୫ ମୋବାଇଲ ଫୋନ୍ ଓ ୨ଟି ଛୁରି ଜବତ କରାଯାଇଛି। ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯିବ। ଟିଆଇ ପରେଡ ପରେ ୭ ଦିନିଆ ରିମାଣ୍ଡ ଆବେଦନ କରାଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ଏଥିସହ ପୂରା ଘଟଣା ସମ୍ପର୍କରେ ସୂଚନା ଦେଇ କମିଶନର କହିଛନ୍ତି, ଇଶାନଙ୍କୁ ଅପହରଣ କରିବା ପରେ ଅଭିଯୁକ୍ତମାନେ ଖୋର୍ଦ୍ଧା, ନୟାଗଡ଼, ☞ପୃଷ୍ଠା-୪



ଇଶାନ ଅଗ୍ରୱାଲ

**ବ୍ୟବସାୟୀଙ୍କ ପୁଅଙ୍କୁ ଅପହରଣ କରି ୩୦ ଲକ୍ଷରେ ମୁଣ୍ଡଜାମିନ**

- ୪ ପେସାଦାର ଅପହର୍ତ୍ତା ଗିରଫ, କାର, ଛୁରି ଜବତ
- ବେକରେ ଛୁରି ଲଗାଇ ବାପାଙ୍କୁ ଫଟୋ ପଠାଇଥିଲେ



**୨୦୨୨-୨୩ କେନ୍ଦ୍ର ବଜେଟରେ ଓଡ଼ିଶାର ରେଳ ଭିତ୍ତିଭୂମି ବିକାଶ ପାଇଁ ୯,୭୩୪ କୋଟି ଟଙ୍କାର ଅନୁଦାନ ଦିଆଯାଇଛି। ପୂର୍ବ ବର୍ଷ ଅପେକ୍ଷା ୭୬% ଅଧିକ ଅନୁଦାନ ପ୍ରଦାନ କରାଯାଇଛି। ଏହା ଓଡ଼ିଶାରେ ରେଳ ଭିତ୍ତିଭୂମି ବିକାଶରେ ସହାୟ ହେବ ବୋଲି କେନ୍ଦ୍ର ସରକାର ଦୃଢ଼ତା ପ୍ରକାଶ କରିଛନ୍ତି। ଅପରପକ୍ଷରେ ଓଡ଼ିଶାର ମୂଳ ଦାବିକୁ କେନ୍ଦ୍ର ସରକାର ଭୁଲି ଯାଇଥିବା ବିଭିନ୍ନ ରାଜନୈତିକ ନେତୃବୃନ୍ଦ ପ୍ରକାଶ କରିଛନ୍ତି।**

## କେନ୍ଦ୍ର ଦେଉଥିବା ରେଲୱେ ଅର୍ଥ ଖର୍ଚ୍ଚ କରିପାରୁନି ଓଡ଼ିଶା



ରେଲୱେ ବଜେଟ ବହୁତ ଭଲ ଏବଂ ବଡ଼ ଆକାରରେ ହୋଇଛି। ଓଡ଼ିଶାରେ ନୂଆ ରେଳପଥ ପାଇଁ ଅର୍ଥ ବ୍ୟବସ୍ଥା ହୋଇଥିବାବେଳେ ପୁରୁଣା ରେଳପଥ କାମ ସାରିବାକୁ ଅର୍ଥ ମଞ୍ଜୁର କରାଯାଇଛି। ବଜେଟରେ ପ୍ରଥମ ଥର ଲାଗି ଦେଶର ଯାତାୟାତ, ପରିବହନକୁ କ୍ରିୟାଶୀଳ କରିବା ଲାଗି ରେଲୱେକୁ ଗତିଶୀଳ କରାଯାଇଛି। ୨୦୦୪ରୁ ୨୦୧୪ ମଧରେ ମାତ୍ର ୭୦୦ କୋଟି ଟଙ୍କା ରେଲୱେ ବଜେଟରେ ଓଡ଼ିଶାକୁ ମିଳୁଥିଲା। ହେଲେ ୨୦୧୪ ପରଠାରୁ ୭୦୦୦ ହଜାର କୋଟି ଟଙ୍କା ପର୍ଯ୍ୟନ୍ତ ଅନୁଦାନ ଦିଆଯାଉଛି। କେନ୍ଦ୍ରମନ୍ତ୍ରୀଙ୍କ ଅର୍ଥ ବ୍ୟବସ୍ଥା ସନ୍ତୋଷଜନକ। କେନ୍ଦ୍ର ସରକାର ଟଙ୍କା ଖର୍ଚ୍ଚ କରିବା ଲାଗି ରାଜ୍ୟ ସରକାରଙ୍କ ସହଯୋଗ ନିହାତି ଆବଶ୍ୟକ। ହେଲେ ଜମି ଅଧିଗ୍ରହଣ ଏବଂ ଜମି ରେଲୱେକୁ ହସ୍ତାନ୍ତର କରିବାରେ ଓଡ଼ିଶା ପଛରେ ରହିଯାଉଛି। ଅନ୍ୟ ରାଜ୍ୟରେ ରେଲୱେ ଭିତ୍ତିଭୂମି ବହୁତ ଭଲ । ତେଣୁ କେନ୍ଦ୍ରକୁ ଓଡ଼ିଶା ପାଇଁ ଆହୁରି କରିବାର ଅଛି ଏବଂ ଓଡ଼ିଶା ସରକାର ମଧ ସହଭାଗୀ ଭାବେ ପ୍ରସ୍ତାବ ଦେଇ ଅଧିକ କାମ କରିବା ଆବଶ୍ୟକ।

**- ସୁରେଶ ପୂଜାରୀ, ଏମ୍‌ପି**

## ଓଡ଼ିଶାର ବିକାଶ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାରେ ରହିଛି



ଓଡିଶାର ରେଳ ଭିତିଭୂମିର ବିକାଶ ପାଇଁ ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ୯ ହଜାର ୭୩୪ କୋଟି ଟଙ୍କା ଅନୁଦାନ ମିଳିଛି। ମୋଦି ସରକାର ପୂର୍ବୋଦୟ ମିଶନରେ ଓଡିଶାରେ ରେଳ ଭିତିଭୂମିର ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଇଛନ୍ତି। ଓଡିଶା ତଥା ପୂର୍ବ ଭାରତର ବିକାଶ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତାରେ ରହିଛି। ମୋଦି ସରକାରରେ ଗତ ୭ ବର୍ଷରେ ରେଳବାଇ କ୍ଷେତ୍ରରେ ଓଡିଶା ପ୍ରତି ଦୀର୍ଘଦିନର ଅବହେଳାକୁ ଦୂର କରାଯାଇ ରାଜ୍ୟକୁ ପ୍ରଚୁର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ କେନ୍ଦ୍ର ରେଳ ବଜେଟରେ ଓଡିଶାକୁ ୬୯୯୫.୫୮ କୋଟି ଟଙ୍କା ଅନୁଦାନ ମିଳିଥିବା ବେଳେ ଏ ବର୍ଷ ଗତବର୍ଷ ଅପେକ୍ଷା ୭୬ ପ୍ରତିଶତ ଅଧିକ ଅନୁଦାନ ବଢ଼ିଛି।

**- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ**

## ପରିବେଶ ମଞ୍ଜୁରୀ ଆବଶ୍ୟକ



ଚଳିତ ରେଳ ବଜେଟରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଖୋର୍ଦ୍ଧା- ବଲାଙ୍ଗୀର ରେଳପ୍ରକଳ୍ପକୁ ସର୍ବାଧିକ ୮୯୧ କୋଟି ଅନୁଦାନ ମଞ୍ଜୁର କରାଯାଇଛି । ଏହି ଅନୁଦାନରେ ରେଳ ପ୍ରକଳ୍ପ କାର୍ଯ୍ୟର ଆହୁରି ଅଗ୍ରଗତି ହୋଇପାରିବ । ବୌଦ୍ଧ ଜିଲା ଦେଇ ଯାଉଥିବା ୧୧୦ କି.ମି.ବ୍ୟାପି ଏହି ରେଳପଥ ପାଇଁ ପରିବେଶ ମଞ୍ଜୁରୀ ମିଳିଲେ ୨୦୨୪ରେ ରେଳ ଗଡିବା ଆଶା ରହିଛି। ଏଥିପାଇଁ କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ବୌଦ୍ଧ ଜିଲା ପ୍ରଶାସନର ମିଳିତ ଉଦ୍ୟମର ଆବଶ୍ୟକତା ରହିଛି । ସମ୍ବଲପୁର ଗୋପାଳପୁର ଭାୟା କନ୍ଧମାଳ ରେଳପ୍ରକଳ୍ପକୁ ମଞ୍ଜୁରୀ ମଳିଥିଲେ ସୁଦ୍ଧା ଏଥିପାଇଁ ଅର୍ଥ ବ୍ୟବସ୍ଥା ନ କରିବା ଦୁର୍ଭାଗ୍ୟଜନକ ।

**- ଦେବାଶିଷ ପୁରୋହିତ, ଆବାହକ,ରେଲୱେ କ୍ରିୟାନୁଷ୍ଠାନ କମିଟି, ବୌଦ୍ଧ**

## ନିଅଣ୍ଟିଆ ଅନୁଦାନ



ଚଳିତ ବଜେଟରେ ଜୟପୁର-ମାଲକାନାଗିରି ରେଳପଥ ପାଇଁ ୧୧କୋଟି ଟଙ୍କା ଅନୁଦାନ ମିଳିଛି। ଗତବର୍ଷ କେବଳ ୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିଲା। ପ୍ରତ୍ୟେକ ବର୍ଷ ବଜେଟ ସମୟରେ ମାଲକାନଗିରି ଜିଲାବାସୀ ରେଳ ପ୍ରକଳ୍ପକୁ ନେଇ ଅନେକ ସ୍ୱପ୍ନ ଦେଖନ୍ତି। ଜମି ଅଧିଗ୍ରହଣକୁ ଗୁରୁତ୍ୱ ଦେବା ସହ ପ୍ରକଳ୍ପ କାମ ଦ୍ରୁତ ଭାବରେ କରାଗଲେ ଜିଲାବାସୀ ଖୁସି ହୋଇ ପାରିଥାନ୍ତେ। ଜିଲାକୁ ରେଳ ସଂଯୋଗ ହେବ ଏକ ଦଶନ୍ଧିର ସ୍ୱପ୍ନ। ଏହାକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ପ୍ରକଳ୍ପକୁ ଶୀଘ୍ର ଶେଷ କରିବା ପାଇଁ ଏହି ବଜେଟ ନିଆଣ୍ଟିଆ ମନେ ହେଉଛି।

**- ଶିବପ୍ରସାଦ ଦାସ, ସାମାଜିକ କର୍ମୀ, ମାଲକାନଗିରି**

## ଘୋଷିତ ବ୍ୟୟବରାଦ ଖର୍ଚ୍ଚ ହେଉ



ଚଳିତ ବଜେଟରେ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ ପାଇଁ ୮୯୧ କୋଟି ଟଙ୍କାର ବ୍ୟୟବରାଦକୁ ଦେଖି ଓଡ଼ିଶାବାସୀ ଖୁସି ହେବାର କୌଣସି କାରଣ ନାହିଁ। ଏହି ପ୍ରକଳ୍ପ ପାଇଁ ଗତ ୧୦ବର୍ଷର ବଜେଟ ବ୍ୟୟବରାଦକୁ ଅନୁଧାନ କଲେ ଖର୍ଚ୍ଚର ପରିମାଣ ଅତ୍ୟନ୍ତ ନଗଣ୍ୟ। ଏହି ସମୟରେ ଯେତିକି ବ୍ୟୟବରାଦ ଘୋଷଣା କରାଯାଇଛି ତାହା ପ୍ରକଳ୍ପ ବ୍ୟୟ ଅଟକଳଠାରୁ ଅନେକ ଅଧିକ। ଘୋଷିତ ବ୍ୟୟ ଅଟକଳ ଠିକ୍ ଭାବେ ଧାର୍ଯ୍ୟ ସମୟ ସୀମା ମଧରେ ଖର୍ଚ୍ଚ ହୋଇଥିଲେ ୨୦୨୧ରେ ଏହି ପ୍ରକଳ୍ପରେ ରେଳ ଗଡ଼ିଥାନ୍ତା। କିନ୍ତୁ ଆଜି ୫୦ପ୍ରତିଶତ ପ୍ରକଳ୍ପ କାମ ହୋଇନାହିଁ। ତେଣୁ ବ୍ୟୟବରାଦଠାରୁ ଖର୍ଚ୍ଚ ପରିମାଣକୁ ଅଧିକ ଗୁରୁତ୍ୱ ହେବାର ଆବଶ୍ୟକତା ରହିଛି।

**- ହେମନ୍ତ କୁମାର ପଣ୍ଡା, ସୂଚନା ଅଧିକାର କର୍ମୀ, ବଲାଙ୍ଗୀର**

## ଓଡ଼ିଶା ପ୍ରତି ଅନ୍ୟାୟ କରାଯାଇଛି



୨୦୨୨-୨୩ର ରେଳ ବଜେଟରେ ଓଡ଼ିଶା ପାଇଁ ୯୨୫୪ କୋଟି ଟଙ୍କା ବ୍ୟୟବରାଦ ସ୍ୱାଗତଯୋଗ୍ୟ ହେଲେ ବି ବାସ୍ତବରେ କେତେ ଟଙ୍କା ଖର୍ଚ୍ଚ କରାଯିବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅତୀତର ଅଭିଜ୍ଞତାକୁ ଭିତ୍ତିକରି ମନରେ ଏହି ପ୍ରଶ୍ନ ଉଙ୍କି ମାରୁଛି । ଯାଜପୁର-କେନ୍ଦୁଝର ରୋଡ଼-ଧାମରା ଭାୟା ଯାଜପୁର ରେଳପଥକୁ ମଞ୍ଜୁରୀ ପ୍ରଦାନ କରା ନ ଯିବା ଦ୍ୱାରା ଯାଜପୁର ଓ ଭଦ୍ରକ ଜିଲା ସମେତ ସାରା ଓଡ଼ିଶା ପ୍ରତି ଅନ୍ୟାୟ କରାଯାଇଛି ।

**- ସନ୍ତୋଷ ଦାସ, ଆବାହକ, ଯାଜପୁର ରୋଡ଼-ଧାମରା ରେଳପଥ ସଂଗ୍ରାମ ସମିତି ।**

## ରେଲୱେକୁ ଘରୋଇକରଣ କରିବା ଦିଗରେ ବଜେଟ



ରେଲୱେକୁ ଘରୋଇକରଣ କରିବା ଏବଂ କର୍ପୋରେଟ ହାଉସକୁ ସୁହାଇବା ଭଳି ବଜେଟ କରାଯାଇଛି। ବଜେଟ ଦେଖିଲେ ସେହି ଆଡ଼କୁ ମୁହାଁଉଥିବା ଜଣାପଡୁଛି। ନୂଆ ରେଳଲାଇନ ଲାଗି ଏବଂ ଷ୍ଟେଶନ ଅପ୍‌ଗ୍ରେଡେଶନ ପାଇଁ କିଛି ସେମିତି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଯେଉଁସବୁ ରେଳଲାଇନ ଲାଗି ବଜେଟରେ ଅର୍ଥ ବରାଦ କରିଛନ୍ତି ସେଗୁଡିକ ଆଜିର ଯୋଜନା ନୁହେଁ। ଓଡ଼ିଶାରେ ରେଲୱେର ମୂଳ ଦାୟିତ୍ୱ ଯାହା ଥିଲା ସେଥିପ୍ରତି ଜମା ଧାନ ଦିଆଯାଇ ନାହିଁ। କେବିକେରେ ଗୋଟିଏ ଏବଂ ବାଲେଶ୍ୱରଠାରେ ଆଉ ଗୋଟିଏ ଏପରି ମୋଟ ୨ଟି ନୂଆ ଡିଭିଜନ କରିବା କଥା, ସେକଥା ମଧ କଲେନାହିଁ।

**- ଭକ୍ତ ଦାସ, ପୂର୍ବତନ କେନ୍ଦ୍ରମନ୍ତ୍ରୀ**

## ନୂତନ ରେଳ ଭିତ୍ତିଭୂମି ଉପରେ ନଜର ନାହିଁ



ଯାଜପୁର ଜିଲାରେ ନିର୍ମାଣାଧୀନ କେତେକ ପ୍ରକଳ୍ପ ଉପରେ ଚଳିତ କେନ୍ଦ୍ର ବଜେଟ୍‌ରେ କିଛିଟା ବ୍ୟୟ ବରାଦ ହୋଇଛି । ତଥାପି ଏହା ପର୍ଯ୍ୟାପ୍ତ ନୁହେଁ। ନୂତନ ରେଳ ଭିତ୍ତିଭୂମି ଉପରେ ଆଦୌ ନଜର ଦିଆଯାଇ ନାହିଁ। ଯାଜପୁର-କେନ୍ଦୁଝର ରୋଡ଼ଠାରେ ଇଷ୍ଟକୋଷ୍ଟ ରେଳ ଜୋନ୍ ଅଧୀନ ପ୍ରସ୍ତାବିତ ନୂତନ ରେଳ ଡିଭିଜନ ପାଇଁ କୌଣସି ପଦକ୍ଷେପ ନିଆ ନ ଯିବା ଦୁଃଖ ଓ ପରିତାପର ବିଷୟ। ଯାଜପୁରରୋଡ଼ ଗୋପବନ୍ଧୁ ଛକ ନିକଟରେ ଥିବା ରେଳ ଫାଟକ ବନ୍ଦ କରିବା ପୂର୍ବରୁ ଏହି ସ୍ଥାନରେ ଅଣ୍ଡରପାସ୍ ନିର୍ମାଣ କରିବା ଉପରେ କେନ୍ଦ୍ର ସରକାର ତୁରନ୍ତ ଧାନ ଦେବା ଉଚିତ୍। କଳିଙ୍ଗନଗର ଶିଳ୍ପାଞ୍ଚଳ ଦେଶର ଇସ୍ପାତ୍ ରାଜଧାନୀ ହୋଇଥିବାବେଳେ ଯାଜପୁରରୋଡ଼ରେ ରେଳ ଭିତ୍ତିଭୂମିକୁ ଭୁଲିଯିବା ଆଶ୍ଚର୍ଯ୍ୟ କଥା ।

**-ଦୁଷ୍ମନ୍ତ କୁମାର ରାଉତ**
**ଯାଜପୁରରୋଡ଼ ରେଳ ଡିଭିଜନ କମିଟିର ଆବାହକ ।**

## ଆବଶ୍ୟକତାଠାରୁ ଅନୁଦାନ ରାଶି ଯଥେଷ୍ଟ କମ୍



ଜୟପୁର-ନବରଙ୍ଗପୁର ରେଳପଥ ପାଇଁ କେନ୍ଦ୍ର ସରକାର ବଜେଟରେ ୮୧ କୋଟି ଟଙ୍କା ରଖିଛନ୍ତି। ନବରଙ୍ଗପୁର ଜିଲାକୁ ରେଳ ସୁବିଧା ନ ଥିଲା। ରାଜ୍ୟ ସରକାର ଜମି ଅଧିଗ୍ରହଣ କାର୍ଯ୍ୟରେ ଲାଗିଛନ୍ତି। ବଜେଟରେ କିଛି ଅର୍ଥ କେନ୍ଦ୍ର ସରକାର ରଖିବା ଦ୍ୱାରା ଯାହା ଜଣା ପଡୁଛି ରେଳପଥ ହେବା ନିଶ୍ଚିତ। ମିଳିଥିବା ଅନୁଦାନର ପରିମାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ଏଠି ଗୋଟିଏ କଥା କୁହାଯାଇପାରେ ରେଳପଥ କାର୍ଯ୍ୟ ଆରମ୍ଭ ହେଲେ ବଜେଟରେ ଅଧିକ ଅର୍ଥ ରଖାଯାଇପାରନ୍ତା।

**- ଡ. ସଂଯୁକ୍ତା ପଣ୍ଡା, ଅଧାପିକା, ମହିଳା ମହାବିଦ୍ୟାଳୟ, ନବରଙ୍ଗପୁର**

## ଅଞ୍ଚଳବାସୀଙ୍କ ଅର୍ଥନୀତି ସୁଦୃଢ଼ ହେବ



ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ହେଉଛି ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଜୀବନରେଖା। ଏହି ପ୍ରକଳ୍ପ ତ୍ୱରାନ୍ୱିତ ହେଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଅର୍ଥନୀତି ସୁଦୃଢ଼ ହେବ। କେବଳ ଟଙ୍କା ମଞ୍ଜୁର କରିଦେଲେ ହେବନାହିଁ, ତୁରନ୍ତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ମଧ ଆବଶ୍ୟକ।

**- ଶିଶିର ପରିଡ଼ା, କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ।**

## ଓଡ଼ିଶାର ମୂଳ ଦାବି ଭୁଲିଗଲେ



ଇଷ୍ଟକୋଷ୍ଟ ରେଲୱେକୁ କାହିଁକି ଦୁର୍ବଳ କରାଗଲା। ଓଡ଼ିଶାକୁ ୩ଟି ଡିଭିଜନ ଦେବା କଥା କୁଆଡ଼େ ଗଲା, ଯାହା ରାଜ୍ୟବାସୀଙ୍କ ମୂଳ ଦାବି। ୱାଲ୍‌ଟିୟର ଡିଭିଜନକୁ ଯଦି ଆନ୍ଧ୍ରକୁ ଦେଲେ ତେବେ ସାଉଥ ଇଷ୍ଟର୍ନ ଏରିଆରେ ଆସୁଥିବା ରେଲୱେ ଲାଇନ ଓଡ଼ିଶାକୁ କାହିଁକି ଦିଆଯାଉ ନାହିଁ। ରେଲୱେ ପାଇଁ ସବୁବର୍ଷ ଅର୍ଥ ମଞ୍ଜୁର ହୁଏ, ଏହା କିଛି ନୂଆ କଥା ନୁହେଁ। ଏଥରର ରେଲୱେ ବଜେଟରେ କ'ଣ ନୂଆ କରିଛନ୍ତି ସେମାନେ କୁହନ୍ତୁ। ରାଉରକେଲା-ବାଲେଶ୍ୱର-ରାୟଗଡ଼ା ଡିଭିଜନ କଥା କିଛି ନ କହିବା ଦୁର୍ଭାଗ୍ୟଜନକ।

**- ଶ୍ରୀକାନ୍ତ ଜେନା, ପୂର୍ବତନ କେନ୍ଦ୍ରମନ୍ତ୍ରୀ**

## ନୌପଡ଼ା-ଗୁଣପୁର-ଥେରୁବାଲି ରେଳପଥର ଗୁରୁତ୍ୱ ସରକାର ବୁଝନ୍ତୁ



୨୦୧୭-୧୮ ରେଳ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ସଂଯୋଗୀକରଣ ନେଇ ସଂସଦରେ ମଞ୍ଜୁର ହୋଇଥିଲା। ଏହା ପରଠାରୁ ଏହି ରେଳପଥ ପାଇଁ ରେଳ ବଜେଟରେ ଆଖିଦୃଶିଆ ଅନୁଦାନ ଦିଆଯାଇନାହିଁ। ଚଳିତ ରେଳ ବଜେଟରେ ଏହି ନୌପଡ଼ା-ଗୁଣପୁର-ଥେରୁବାଲି ରେଳପଥ ପାଇଁ ୧୦ କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ରାଜ୍ୟ ଏବଂ କେନ୍ଦ୍ର ସରକାର ଏହି ରେଳପଥର ଗୁରୁତ୍ୱ ବୁଝନ୍ତୁ। ଲୋକଙ୍କ ଭାବନା ଦୃଷ୍ଟିରୁ ଉଭୟ ସରକାର ଏଥିପ୍ରତି ଦୃଷ୍ଟି ଦିଅନ୍ତୁ।

**-ଡ. ସତ୍ୟପ୍ରକାଶ ପଣ୍ଡା, ଆବାହକ, ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘ, ଗୁଣପୁର**

## ଜମି ଅଧିଗ୍ରହଣକୁ ଗୁରୁତ୍ୱ ଦିଆଯାଉ



ଖୋର୍ଦ୍ଧା-ବଲାଙ୍ଗୀର ଏକ ବିଳମ୍ବିତ ପ୍ରକଳ୍ପ ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜାଣିଛନ୍ତି। ଏହି ପ୍ରକଳ୍ପ ପାଇଁ ଗତ କିଛି ବର୍ଷ ହେଲା ବଜେଟରେ ଅଧିକ ବ୍ୟୟବରାଦ କରାଯାଉଛି। ଏହାସତ୍ତ୍ୱେ ପ୍ରକଳ୍ପ ଆଗଉ ନାହିଁ। ଏହାର କାରଣ ହେଲା ଏହି ପ୍ରକଳ୍ପର ଜମି ଅଧିଗ୍ରହଣ କାମ ସୁଚାରୁରୂପେ ସମ୍ପାଦନ ହେଉନାହିଁ। ଜମି ଅଧିଗ୍ରହଣ କାମ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦାୟୀ। ଜଙ୍ଗଲ ଜମି ଅନୁମତି ହେଉ ନ ଥିବା ପାଇଁ କେନ୍ଦ୍ର ସରକାର ଓ ଜମି ଅଧିଗ୍ରହଣ ହେଉ ନ ଥିବା ନେଇ ରାଜ୍ୟ ସରକାର ଉତ୍ତରଦାୟୀ। ଫଳରେ ବଜେଟରେ ଯେତେ ଟଙ୍କା ଘୋଷଣା କଲେ ମଧ ଏହା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହା ହିଁ ବିଡ଼ମ୍ବନା। ଏ ଦିଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୃଷ୍ଟିଦେବା ଉଚିତ।

**- ବିକ୍ରମାନନ୍ଦ ବହିଦାର, ଉପଦେଷ୍ଟା, ରେଳ ଉପଭୋକ୍ତା ସଂଘ, ବଲାଙ୍ଗୀର**

## ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ଜରୁରୀ



ଚଳିତ ରେଳ ବଜେଟରେ ଓଡ଼ିଶାର ଖୋର୍ଦ୍ଧା-ବଲାଙ୍ଗୀର ରେଳଲାଇନ ପାଇଁ ୮୯୧ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଦୀର୍ଘଦିନ ଧରି ଏହି ପ୍ରକଳ୍ପ ଚାଲିଛି। ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ନିର୍ମାଣ କାର୍ଯ୍ୟ ଆଗେଇ ପାରୁନାହିଁ। ପୂର୍ବରୁ ମଧ ଏଥିଲାଗି ଟଙ୍କା ମଞ୍ଜୁର ହୋଇଥିଲା। ତେବେ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବା ଜରୁରୀ।

**-ଧନେଶ୍ୱର ବିଧାର, ସାମାଜିକ କର୍ମୀ**

---

**ରାଜ୍ୟ ଖବର**

# ଅସୁସ୍ଥ ବାଘ 'ବଂଶୀ'ର ମୃତ୍ୟୁ

**ବାରଙ୍ଗ, ୨।୨(ଡି.ଏନ୍.ଏ.)**

ନନ୍ଦନକାନନ ପ୍ରାଣୀ ଉଦ୍ୟାନର ବାଘ ସଫାରୀ ୩୧ନଂ. ଫିଡିଂ ଏନକ୍ଲୋଜରରେ ଚିକିତ୍ସିତ ହେଉଥିବା ୧୦ ମାସର ସାଧାରଣ(ନାଲି ରଙ୍ଗର) ବାଘ 'ବଂଶୀ'ର ବୁଧବାର ସକାଳେ ମୃତ୍ୟୁ ହୋଇଛି। ବଂଶୀ ଗତମାସ ୨୫ ତାରିଖରୁ ଅସୁସ୍ଥ ଥିଲା। ରକ୍ତ ସଂକ୍ରମଣ ସହିତ ପ୍ରଚୁର ରକ୍ତସ୍ରାବଜନିତ ସମସ୍ୟା ହେବାରୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ଚିକିତ୍ସା କରୁଥିଲେ। କିଛିଦିନ ହେବ ତା'ର ଖାଇବା ପରିମାଣ କମିଯିବା ସହ ସେ ଗୋଟେ ସ୍ଥାନରେ ପଡିରହୁଥିଲା। ରକ୍ତ ସଂକ୍ରମିତ ଯୋଗୁ ବଂଶୀର ମୃତ୍ୟୁ ହୋଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିବା କର୍ତ୍ତୃପକ୍ଷ କହିଛନ୍ତି। ବଂଶୀର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ୨୫କୁ ହ୍ରାସ ପାଇଛି। ସେମାନଙ୍କ ମଧରେ ୬ଟି ଧଳାବାଘ, ୧୬ଟି ସାଧାରଣ ବାଘ, ୩ଟି କଳା ବାଘ ଅଛନ୍ତି। ୨୦୨୧ ମାର୍ଚ୍ଚ ୨୮ତାରିଖରେ ଧଳା ବାଘୁଣୀ ବିଜୟା ଓ ସାଧାରଣ(ନାଲି ରଙ୍ଗ) ବାଘ ସେଫ୍ ମିଳନରୁ ବଂଶୀ ଜନ୍ମ ନେଇଥିଲା।

# ଫାଙ୍କା ଗୁଳି ଚଳାଇ ୫ଲକ୍ଷ ଲୁଟିନେଲେ

- ୫୭ନଂ. ଜାତୀୟ ରାଜପଥରେ ବ୍ଲାକ୍ ପଲସର ଆତଙ୍କ
- ଜୀବନ ବଞ୍ଚାଇବାକୁ କେନାଲକୁ ଡେଇଁପଡ଼ିଲେ ୨ କର୍ମଚାରୀ

**ଖୋର୍ଦ୍ଧା ଅଫିସ,୨।୨**

ଖୋର୍ଦ୍ଧା-ନୟାଗଡ଼ ୫୭ନମ୍ବର ଜାତୀୟ ରାଜପଥରେ ବ୍ଲାକ୍ ପଲସର ଆତଙ୍କ। ବୁଧବାର ଅପରାହ୍ନରେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅନ୍ତର୍ଗତ ବାମଡିହ ଛକରେ ୪ଜଣ ଦୁର୍ବୃତ୍ତ ୨ରାଉଣ୍ଡ ଫାଙ୍କା ଗୁଳି ଚଳାଇ ଦୁଇଜଣ କମ୍ପାନୀ କର୍ମଚାରୀଙ୍କଠାରୁ ୫ଲକ୍ଷ ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ଜୀବନ ବଞ୍ଚାଇବା ପାଇଁ କର୍ମଚାରୀ ଦ୍ୱୟ ରାସ୍ତାକଡ଼ କେନାଲକୁ ଡେଇଁପଡ଼ିଥିଲେ। ଫଳରେ ଦୁହେଁ ସାମାନ୍ୟ ଆହତ ହୋଇଛନ୍ତି। ସମ୍ପୃକ୍ତ କର୍ମଚାରୀ ଦ୍ୱୟ ହେଲେ ବିଜୟ ଦାସ ଓ ଉମାକାନ୍ତ ହୋତା। ଖବର ପାଇ ବାଘମାରୀ ଥାନା ପୋଲିସ ପହଞ୍ଚି ଉକ୍ତ କର୍ମଚାରୀ ଦ୍ୱୟଙ୍କୁ ଉଦ୍ଧାର କରି ଘଟଣାର ତଦନ୍ତ ଚଳାଇଛି। ନାଳରେ ଖସି ପଡ଼ିଥିବା ବାଇକ୍‌କୁ ପୋଲିସ ଲୋକଙ୍କ ସହାୟତାରେ ଉଦ୍ଧାର କରିଛି। ଏ ନେଇ ଥାନାରେ ଦଫା ୩୯୨, ୨୫/୨୭ ଆର୍ମସ୍ ଆକ୍ଟରେ ଏକ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ମାମଲା (ନଂ ୧୧/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଖୋର୍ଦ୍ଧାସ୍ଥିତ ମଡର୍ନ ଫର୍ଟିଲାଇଜର କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ବିଜୟ ଓ ଉମାକାନ୍ତ ନୟାଗଡ଼ ଅଞ୍ଚଳରୁ ଟଙ୍କା ସଂଗ୍ରହ କରି ଏକ ବାଇକ ଯୋଗେ ଖୋର୍ଦ୍ଧା ଫେରୁଥିଲେ। ପୂର୍ବରୁ ତାଙ୍କୁ ୪ଜଣ ଦୁର୍ବୃତ୍ତ ବ୍ଲାକ୍ ପଲସରରେ ପିଛା କରୁଥିଲେ। ବାମଡିହ ଛକଠାରେ ରାସ୍ତା ଶୂନଶାନ ଥିବା ଦେଖି ଜଣେ ଦୁର୍ବୃତ୍ତ ୨ରାଉଣ୍ଡ ଫାଙ୍କା ଗୁଳି ଚାଳନା କରିଥିଲେ। ଏଥିରେ ବିଜୟ ଓ ଉମାକାନ୍ତ ଭୟଭୀତ ହୋଇ ଜୀବନ ବଞ୍ଚାଇବା ଲାଗି ରାସ୍ତାପାର୍ଶ୍ୱ କେନାଲକୁ ଡେଇଁପଡ଼ିଥିଲେ। ଦୁର୍ବୃତ୍ତମାନେ ସେମାନଙ୍କଠାରୁ ୫ଲକ୍ଷ ଟଙ୍କା ଥିବା ବ୍ୟାଗ ଛଡ଼ାଇନେଇ ଖୋର୍ଦ୍ଧା ଆଡ଼କୁ ଚମ୍ପଟ ମାରିଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଲୋକଙ୍କଠାରୁ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ପରେ କର୍ମଚାରୀ ଦ୍ୱୟ ଥାନାରେ ଏତଲା ଦେଇଥିଲେ। ଘଟଣାର ତଦନ୍ତ ଜାରି ରହିଛି ଓ ବିଭିନ୍ନ ସ୍ଥାନରେ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି ବୋଲି ଥାନାଧିକାରୀ ଅର୍ଚ୍ଚନା ମଳିକ କହିଛନ୍ତି।

ପ୍ରକାଶ ଯେ, ଖୋର୍ଦ୍ଧା-ନୟାଗଡ଼ ୫୭ନଂ. ଏବଂ ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥରେ ଯାତ୍ରା ଅସୁରକ୍ଷିତ ହୋଇପଡ଼ିଛି। ୫୭ ନମ୍ବର ଜାତୀୟ ରାଜପଥର ଜୟମଙ୍ଗଳ ଛକଠାରୁ ବାଘମାରୀ ପର୍ଯ୍ୟନ୍ତ ରାସ୍ତାରେ ଅନେକ ସମୟରେ ଦୁର୍ବୃତ୍ତମାନେ ବାଇକ ଚାଳକଙ୍କୁ ଟାର୍ଗେଟ କରି ଲୁଟପାଟ କରୁଛନ୍ତି। ଏବେ ବ୍ଲାକ୍ ପଲସର ଆତଙ୍କ ଦେଖିବାକୁ ମିଳିଛି।

# ରାଲିକୁ ନ ଯିବାରୁ ଆଦିବାସୀ ମହିଳାଙ୍କୁ ବଳାତ୍କାର ଉଦ୍ୟମ

- ଜଣେ ଗିରଫ, ସରପଞ୍ଚ ପ୍ରାର୍ଥୀଙ୍କ ସ୍ୱାମୀ ଫେରାର
- ପୋଲିସର ତନାଘନା, ଆଜି ହେବ ଡାକ୍ତରୀ ମାଇନା

**ନୟାଗଡ଼ ଅଫିସ,୨।୨**

ନୟାଗଡ଼ ଜିଲା ଭାପୁର ବ୍ଲକରେ ସରପଞ୍ଚ ପ୍ରାର୍ଥୀଙ୍କ ରାଲିକୁ ନ ଯିବାରୁ ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଛି । ଏନେଇ ଅଭିଯୋଗ ପରେ ଫତେଗଡ଼ ଥାନା ପୋଲିସ ଏକ ମାମଲା(ନଂ.୨୯/୨୨)ରୁଜୁ କରି ପ୍ରସନ୍ନ ବେହେରା ନାମକ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ପ୍ରସନ୍ନଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅନ୍ୟପକ୍ଷେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୁନା ବିଶ୍ୱାଳ ଫେରାର ଅଛନ୍ତି।

ଅଭିଯୋଗ ଅନୁଯାୟୀ, ଧାନଚାଙ୍ଗଡା ପଞ୍ଚାୟତରେ ମୁନା ବିଶ୍ୱାଳଙ୍କ ସ୍ତ୍ରୀ ସ୍ୱପ୍ନାପ୍ରିୟା ସରପଞ୍ଚ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି । ସ୍ୱପ୍ନାପ୍ରିୟାଙ୍କ ରାଲିକୁ ଜଣେ ଆଦିବାସୀ ମହିଳା ଯାଇ ନ ଥିବାରୁ ମୁନା ତାଙ୍କ ଉପରେ ପ୍ରତିଶୋଧ ପରାୟଣ ହୋଇପଡିଥିଲେ। ମଙ୍ଗଳବାର ରାତିରେ ସମ୍ପୃକ୍ତା ଆଦିବାସୀ ମହିଳାଙ୍କ ସ୍ୱାମୀ ଘରେ ନ ଥିଲେ । ଘରେ କେବଳ ୧୨ ବର୍ଷର ଝିଅ ସହ ସମ୍ପୃକ୍ତା ମହିଳା ଥିଲେ । ଏହି ସମୟରେ ସ୍ଥାନୀୟ ବାସିନ୍ଦା ପ୍ରସନ୍ନଙ୍କୁ ଧରି ମୁନା ତାଙ୍କ ଘରେ ପଶି ରାଲିକୁ କାହିଁକି ଗଲନାହିଁ ବୋଲି ପଚାରିଥିଲେ । ସମ୍ପୃକ୍ତା ମହିଳା କିଛି କହିବା ପୂର୍ବରୁ ମୁନା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ,ମାରପିଟ୍ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ ବୋଲି ଅଭିଯୋଗ ହୋଇଛି । ପୀଡ଼ିତାଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ମୁନାଙ୍କ କବଳରୁ ତାଙ୍କୁ ଉଦ୍ଧାର କରିଥିଲେ । ପରେ ସେଦିନ ରାତିରେ ଆଦିବାସୀ ମହିଳା ଥାନାରେ ଅଭିଯୋଗ କରିଥିଲେ । ମହିଳାଙ୍କର ଗୁରୁବାର ଡାକ୍ତରୀ ମାଇନା କରାଯିବ ବୋଲି ପୋଲିସ କହିଛି ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୮,୩୧,୧୬,୭୯୮ | ୫୭,୦୮,୬୩୪ | ୩୦,୩୫,୨୬,୮୫୫ |
| ଭାରତ | ୪,୧୬,୩୦,୮୮୫ | ୪,୯୭,୯୯୬ | ୩,୯୫,୧୧,୩୦୭ |
| ଓଡ଼ିଶା | ୧୨,୫୫,୭୭୬ | ୮୬୪୮(+୫୩) | ୧୨,୧୫,୩୮୦ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ସମ୍ବଲପୁର,୨।୨(ବ୍ୟୁରୋ): ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବୁଧବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ୮ ବର୍ଷର ନାବାଳିକାଙ୍କୁ ୧୬ ବର୍ଷର ନାବାଳକ ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏକ ମାମଲା (ନଂ.୩୨/୨୧) ରୁଜୁ କରି ଅଭିଯୁକ୍ତ ନାବାଳକଙ୍କୁ ସ୍ୱତନ୍ତ୍ର କୋର୍ଟରେ ହାଜର ପରେ ରାଉରକେଲା ବାଳ ସୁଧାର ଗୃହକୁ ପଠାଇ ଦେଇଛି। ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତ ନାବାଳକ ପୀଡ଼ିତା ଓ ତାଙ୍କ ଭାଇଙ୍କୁ ବୁଲାଇନେବାକୁ କହି ଘରୁ ଡାକି ନେଇଥିଲେ। ଭାଇଙ୍କୁ କିଛି ଦୂରରେ ଛାଡିଦେଇ ନାବାଳକ ଜଣକ ଏକ ନିଛାଟିଆ ସ୍ଥାନକୁ ନାବାଳିକାଙ୍କୁ ନେଇ ବଳାତ୍କାର କରିଥିଲେ। ଘରକୁ ଫେରିବା ପରେ ପୀଡ଼ିତା ଜଣକ ପରିବାର ଲୋକଙ୍କୁ ସବୁ କଥା କହିଥିଲେ। ପରେ ତାଙ୍କ ବାପା ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ପଡ଼ାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।



ନୟାଗଡ଼ ବନଖଣ୍ଡରୁ ୩ଟି ଟ୍ରକ ଯୋଗେ ବୁଧବାର ପୁରୀ ବଡ଼ଦାଣ୍ଡରେ ଆସି ପହଞ୍ଚିଥିବା ରଥକାଠ।

## ଶ୍ରୀକ୍ଷେତ୍ରରେ ପହଞ୍ଚିଲା ପ୍ରଥମ ପର୍ଯ୍ୟାୟ ରଥକାଠ

ପୁରୀ ଅଫିସ/ଦଶପଲ୍ଲା, (ଡି.ଏନ୍.ଏ.) ୨।୨

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆସନ୍ତା ୫ତାରିଖ ପବିତ୍ର ଶ୍ରୀପଞ୍ଚମୀ ତିଥିରେ ରଥଖଳାରେ ରଥକାଠ ଅନୁକୂଳ ହେବ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ରଥ ସଂହିତା ଅନୁଯାୟୀ, ଶ୍ରୀନଅର ସମ୍ମୁଖ ରଥଖଳାରେ ଉକ୍ତ ଦିନ ୩ଖଣ୍ଡ ଧଉରା କାଠ ପୂଜାର୍ଚ୍ଚନା କରାଯାଇ ଅନୁକୂଳ ହେବାର ପରମ୍ପରା ରହିଛି। ଏଥିପାଇଁ ବୁଧବାର ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପୁରୀରେ ପହଞ୍ଚିଛି। ନୟାଗଡ଼ ବନଖଣ୍ଡ ଅଧୀନ ଦଶପଲ୍ଲା ଜଙ୍ଗଲରୁ ୩ଟି ଟ୍ରକ ଯୋଗେ ମୋଟ ୬୩ ଖଣ୍ଡ କାଠ ଆସିଛି। ମଙ୍ଗଳବାର ସନ୍ଧ୍ୟାରେ ଦଶପଲ୍ଲାରୁ ପୁରୀ ଅଭିମୁଖେ ୩ଟି ଟ୍ରକ ବାହାରିଥିଲା। ବୁଧବାର ଅପରାହ୍ଣରେ ଏହି ଟ୍ରକଗୁଡ଼ିକ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଆସିଥିବା ୬୩ଟି କାଠ ମଧ୍ୟରେ ୩୪ ଖଣ୍ଡ ଅସନ ଓ ୨୯ ଖଣ୍ଡ ଧଉରା କାଠ ରହିଛି । ସେଥିମଧ୍ୟରୁ ୨୫ ଖଣ୍ଡ ୧୨ ଫୁଟିଆ ଓ ୯ ଖଣ୍ଡ ୨୦ ଫୁଟିଆ ଅସନ ଏବଂ ୧୮ ଖଣ୍ଡ ୧୨ ଫୁଟିଆ ଓ ୧୧ଖଣ୍ଡ ୨୦ ଫୁଟିଆ ଧଉରା କାଠ ରହିଛି। ରଥଯାତ୍ରା ପାଇଁ ୮୬୫ ଖଣ୍ଡ ଅସନ, ଧଉରା, ଫାସି ସମେତ ବିଭିନ୍ନ ପ୍ରକାର କାଠ ଆବଶ୍ୟକ। ଗତବର୍ଷ ୮୦ଖଣ୍ଡ କାଠ ବଳକା ରହିଛି। ତେଣୁ ଚଳିତ ବର୍ଷ ରଥ ନିର୍ମାଣ ପାଇଁ ୭୮୫ ଖଣ୍ଡ ଆବଶ୍ୟକ। ସେଥିମଧ୍ୟରୁ ୮୬୫ ଖଣ୍ଡ କାଠ କଟକ ଖପୁରିଆସ୍ଥିତ ଶ' ମିଲ୍‌କୁ ଯିବ ଏବଂ ୩୬୩ ଖଣ୍ଡ କାଠ ରଥଖଳାକୁ ଆସିବ। ୩୬୩ ଖଣ୍ଡ କାଠ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୬୩ ଖଣ୍ଡ ପୁରୀରେ ପହଞ୍ଚି ଥିବା ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ସୂଚନା ଦେଇଛନ୍ତି।

## ତପସ୍ୱିନୀଙ୍କୁ ମାସକୁ ୧୭ ହଜାର ଦେବେ ସୁମିତ୍

**ତଳ କୋର୍ଟଙ୍କ ରାୟକୁ କାଏମ ରଖିଲେ ହାଇକୋର୍ଟ**

କଟକ ଅଫିସ୍,୨।୨

ବ୍ରହ୍ମପୁରର ବହୁଚର୍ଚ୍ଚିତ ତପସ୍ୱିନୀ ଓ ଡାକ୍ତର ସୁମିତ ବିବାହ ବିବାଦ ମାମଲାରେ ବ୍ରହ୍ମପୁର ଜିଲାଜଜ୍ କୋର୍ଟଙ୍କ ଭରଣପୋଷଣ ରାୟକୁ ବୁଧବାର ହାଇକୋର୍ଟ କାଏମ ରଖିଛନ୍ତି। ଏଥିସହିତ ପ୍ରତ୍ୟେକ ମାସ ୧୦ତାରିଖ ସୁଦ୍ଧା ତପସ୍ୱିନୀଙ୍କୁ ୧୭ହଜାର ଟଙ୍କା ଭରଣପୋଷଣ ଦେବାକୁ ଡାକ୍ତର ସୁମିତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୫ତାରିଖରେ ହେବ। ସୂଚନାଯୋଗ୍ୟ, ଛତ୍ରପୁରର ତପସ୍ୱିନୀ ଓ ବ୍ରହ୍ମପୁରର ଡା. ସୁମିତ ଗତବର୍ଷ କୋର୍ଟରେ ବିବାହ କରି ଏକାଠି ରହିଥିଲେ। କିଛି ମାସ ରହିବା ପରେ ଶାଶୁଘର ଲୋକଙ୍କ ସହ ତପସ୍ୱିନୀଙ୍କ ବିବାଦ ଦେଖାଯାଇଥିଲା। ତପସ୍ୱିନୀଙ୍କୁ ଶାଶୁଘର ଲୋକ ଘରେ ପୂରାଇ ନ ଦେବାରୁ ସେ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏପରି କି ବଧୂବେଶରେ ତପସ୍ୱିନୀ ଶାଶୁଘର ଆଗରେ ପ୍ରାୟ ଦେଢ଼ମାସ ଧାରଣା ଦେଇଥିଲେ। ଗତ ଜାନୁୟାରୀ ୪ତାରିଖରେ ବ୍ରହ୍ମପୁର ଜିଲାଜଜ୍ ତପସ୍ୱିନୀଙ୍କୁ ଡାକ୍ତର ସୁମିତଙ୍କ ବ୍ରହ୍ମାନଗରସ୍ଥିତ ବାସଭବନରେ ରହିବାକୁ ଅନୁମତି ଦେବା ସହ ଭରଣପୋଷଣ ବାବଦକୁ ମାସକୁ ୧୭ହଜାର ଟଙ୍କା ଲେଖାଏ ତପସ୍ୱିନୀଙ୍କୁ ମାସର ୧୦ତାରିଖ ସୁଦ୍ଧା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ରହ୍ମପୁର ଜିଲା ଜଜ୍‌ଙ୍କ ଉକ୍ତ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଜାନୁୟାରୀ ୧୧ରେ ସୁମିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାର ଶୁଣାଣି କରି ହାଇକୋର୍ଟ ଜିଲାଜଜ୍ କୋର୍ଟଙ୍କ ରାୟକୁ କାଏମ ରଖିଛନ୍ତି।

## ଦେଢ଼ମାସ ପରେ ମିଳିଲା ଅସ୍ଥି, ଖପୁରି

- ଚିହ୍ନଟ କଲେ ପରିବାର ଲୋକେ
- ଅନ୍‌ଲାଇନ ଗେମ୍ ପାଇଁ ଆତ୍ମହତ୍ୟା କରିଥିବା ସନ୍ଦେହ
- ଡିଏନ୍‌ଏ ପରୀକ୍ଷା ହେବ

ଧାମନଗର,୨।୨(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ଥାନା ଅଧୀନ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ହାତୀଡିହ ଗ୍ରାମରେ ବୁଧବାର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଖପୁରି ମିଳିଛି। ଏଥିସହ କିଛି ଅସ୍ଥି ପୋଲିସ ଜବତ କରିଛି। ଏହି ଖପୁରି ଓ ହାଡ଼ ଦେଢ଼ ମାସ ହେଲା ନିଖୋଜ ଥିବା ଉକ୍ତ ଗ୍ରାମର ଖଗେଶ୍ୱର ନାୟକଙ୍କର ହୋଇଥିବା ପରିବାର ଲୋକେ ଚିହ୍ନଟ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୨) ରୁଜୁ କରାଯାଇଛି। ଘଟଣାସ୍ଥଳରେ ଦୁଇଜଣ ପୋଲିସ କର୍ମଚାରୀ ଜଗି ରହିଛନ୍ତି। ଗୁରୁବାର ଫରେନ୍‌ସିକ ଟିମ୍ ଆସି ନମୁନା ସଂଗ୍ରହ କରି ଡିଏନ୍‌ଏ ପରୀକ୍ଷା ପରେ ଅସ୍ଥି କଙ୍କାଳଟି କାହାର ଜଣାପଡ଼ିବ ବୋଲି ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ କହିଛନ୍ତି।

ପ୍ରକାଶ ଯେ, ଖଗେଶ୍ୱର ଅନ୍‌ଲାଇନ ଗେମ୍ ଖେଳି ତାଙ୍କ ବାପା ପଦ୍ମନାଭ ନାୟକଙ୍କ ଆକାଉଣ୍ଟରୁ କିଛି ଟଙ୍କା ହରାଇଥିଲେ। ଏଥିପାଇଁ ପରିବାର ଲୋକେ ତାଙ୍କୁ ତାଗିଦ୍ କରିଥିଲେ। ତଥାପି ତାଙ୍କର ଅନ୍‌ଲାଇନ ଗେମ୍ ନିଶା ଯାଇ ନ ଥିଲା। ପ୍ରାୟ ମାସେ ଧରି ଏଭଳି ଗେମ୍ ଖେଳି ତାଙ୍କ ବାପାଙ୍କ ଆକାଉଣ୍ଟରୁ ୨୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ହରାଇବା ପରେ ଗାଳି ଭୟରେ ଗତ ଡିସେମ୍ବର ୧୭ରୁ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ନ ମିଳିବାରୁ ପରିବାର ଲୋକେ ଧାମନଗର ଥାନାର ଦ୍ୱାରସ୍ଥ ହୋଇଥିଲେ। ବୁଧବାର ମଧ୍ୟାହ୍ନରେ ତାଙ୍କ ଘରଠାରୁ ୫ଶହ ମିଟର ଦୂର ଅନ୍ୟ ଜଣଙ୍କ ବାଡ଼ିରେ ଏକ ଗଛରେ ଧୋତିରେ ଖପୁରି ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତଳେ ଗୋଟିଏ ଚପଲ ଓ କିଛି ହାଡ଼ ପଡ଼ିଥିଲା। ପଡ଼ୋଶୀ ସରସ୍ୱତୀ ପୂଜା ପାଇଁ ବାଡ଼ିକୁ ବାଉଁଶ କାଟିବାକୁ ଯାଇଥିବା ବେଳେ ଏହା ଦେଖିଥିଲେ। ଖବର ପାଇ ଖଗେଶ୍ୱରଙ୍କ ପରିବାର ଲୋକେ ସେଠାକୁ ଯାଇ ଚପଲ ଦେଖି ଚିହ୍ନଟ କରିଥିଲେ।

## ନାରାୟଣପାଟଣା ଆଇଆଇସି, ହୋମ୍‌ଗାର୍ଡ ନିଲମ୍ବିତ

**ଲକ୍ଷ୍ମୀପୁର ସୁନାଚୋରି ଘଟଣା**

କୋରାପୁଟ/ନାରାୟଣପାଟଣା, ୨।୨(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ଥାନା ଆଇଆଇସି ରଞ୍ଜିତ୍ ସାହୁଙ୍କୁ ବୁଧବାର ଡିଜିପି କାର୍ଯ୍ୟରୁ ନିଲମ୍ବନ କରିଛନ୍ତି। ଲକ୍ଷ୍ମୀପୁର ଷ୍ଟେଟ୍‌ବ୍ୟାଙ୍କ ଲକରରୁ ସୁନା ଚୋରି ଘଟଣାରେ ସୁନା କିଣିଥିବା ଲୋକଙ୍କୁ ଖସି ପଳାଇବାରେ ସାହୁ ସହାୟତା କରିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏଥିସହ ହୋମଗାର୍ଡ ଗୋପାଳ ରେଢ୍ଡୀଙ୍କୁ ନିଲମ୍ବିତ କରାଯାଇଥିବା ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ନଭେମ୍ବର ୩୦ରେ ବ୍ୟାଙ୍କର ପୂର୍ବତନ ମେସେଞ୍ଜର ଶେଖର କୁଳଦିପିଆ ଲକ୍ଷ୍ମୀପୁରସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଲୁଚିରହି ଷ୍ଟ୍ରଙ୍ଗରୁମ୍‌ରୁ ୧୬୧୦ ଗ୍ରାମ ସୁନା ଅଳଙ୍କାର ଚୋରି କରିଥିଲେ। ଜାନୁୟାରୀ ୧୪ରେ ଏହା ଜଣାପଡିବା ପରେ ଶାଖା ପରିଚାଳକ ସୁଧାଂଶୁ ଶେଖର ରାଉତ ସେହିଦିନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ. ୭/୨୨) ରୁଜୁ କରି ଏସ୍‌ଡିପିଓ ଅଶ୍ୱିନୀ ନାୟକଙ୍କ ତତ୍ତ୍ୱାବଧାନରେ ତଦନ୍ତ ଆରମ୍ଭ କରିଥିଲା। ଜାନୁୟାରୀ ୧୬ରେ ଶେଖରଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନାରାୟଣପାଟଣା ବିକ୍ରମପୁରସ୍ଥିତ ଘରେ ଚଢାଉ କରି ପୋଲିସ ୧୧୮୯ ଗ୍ରାମ ସୁନା ଜବତ କରିଥିଲା। ଏହି ଘଟଣାରେ ପୂର୍ବରୁ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଚାକିରିରୁ ନିଲମ୍ବନ ସହ ଅନ୍ୟ କର୍ମଚାରୀଙ୍କୁ ବଦଳି କରାଯାଇଥିଲା।



ଆଇଆଇସି ରଞ୍ଜିତ୍ ସାହୁ



**ଆଜିର ମନ୍ତବ୍ୟ**

ଭାଜପା ବିରୋଧୀ ଗୋଟିଏ ମଞ୍ଚରେ ଏକାଠି ହୁଅନ୍ତୁ। ଯଦି ଆମେ ପଶ୍ଚିମବଙ୍ଗରେ ସିପିଆଇ(ଏମ୍)କୁ ହରାଇପାରିଲୁ ତେବେ ଜାତୀୟସ୍ତରରେ ଭାଜପାକୁ ମଧ୍ୟ ପରାସ୍ତ କରିପାରିବୁ। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ:...............................

ଜନ୍ମ ତାରିଖ: ..............................



ବେବିନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦେଲା ଧନ ନେବ ନାହିଁ
ପକେଇଲା ଛେପ ଢୋକିବ ନାହିଁ।**

ସାଧାରଣତଃ ଦାନ ଦେଲା ପରେ ସ୍ୱତଃ ଦାନ ଦିଆଯାଇଥିବା ବସ୍ତୁ ବା ଜିନିଷ ଉପରୁ ଅଧିକାର ହଟିଯାଇଥାଏ। ତେଣୁ ସେ ଦାନ ଛଡ଼େଇଆଣିବା ବା ପ୍ରତ୍ୟାଖାନ କରିବା ଉଚିତ ହୋଇ ନ ଥାଏ। ସେହିପରି ଯେଉଁ ବିଷୟରେ କଥା ଦିଆହୋଇଛି ତାହା ନିଶ୍ଚୟ ପାଳନ କରିବା ଉଚିତ। ପ୍ରତିଶ୍ରୁତି ଭଙ୍ଗ କରିବା ଅନ୍ୟାୟ। ସ୍ୱୀକାରବଦ୍ଧ କଥାରୁ ଓହରି ଆସିବା ବା ହଟିଆସିବା ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଖୁଛୁ ଚନ୍ଦନ
ପୋଛୁଛୁ କାଠ।**

ଚନ୍ଦନ କାଠ ଓ କାଠ ମଧ୍ୟରେ ଫରକ ରହିଥାଏ। ଚନ୍ଦନ କାଠକୁ ପେଡ଼ିରେ ପାଣି ପକେଇ ଘଷିଲେ ଚନ୍ଦନ ବାହାରିଥାଏ ; କିନ୍ତୁ ଶୁଖିଲା କାଠକୁ ନୁହେଁ। ପେଡ଼ି ଉପରେ ଘୋରା ଚନ୍ଦନକୁ ଦେଖି ପୁନର୍ବାର ଶୁଖିଲା କାଠରୁ ଚନ୍ଦନ ଆଶାରେ ତାକୁ ପୋଛିବା ଭଳି ଠିକ୍ କଥାକୁ ଭୁଲ ବୋଲି କହିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାକୁ ୯, ୭୩୪ ...

ତାଳଚେର-ବିମଳାଗଡ଼ (୧୫୪ କି.ମି.) ପାଇଁ ୨୫୦ କୋଟି, ଜୟପୁର-ମାଲକାନଗିରି (୧୩୦ କି.ମି.) ପାଇଁ ୧୩.୮ କୋଟି, ଜୟପୁର-ନବରଙ୍ଗପୁର (୩୮କି.ମି.) ପାଇଁ ୮୧ କୋଟି, ନୂଆପଡ଼ା-ଗୁଣୁପୁର-ଥେରୁବାଲି (୭୯.୧୫ କି.ମି.) ନୂଆ ବ୍ରଡ୍‌ଗେଜ୍ ରେଲଲାଇନ ପାଇଁ ୧୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଖୋର୍ଦ୍ଧା-ବାରଙ୍ଗ (୩୫.କି.ମି) ତୃତୀୟ ରେଲଲାଇନ ପ୍ରକଳ୍ପ ପାଇଁ ୧୬୪ କୋଟି, ଝାରସୁଗୁଡ଼ା-ରେଙ୍ଗାଲି (୨୫.୬ କି.ମି) ପାଇଁ ୧୫ କୋଟି, ସମ୍ବଲପୁର-ଟିଟିଲାଗଡ଼ (୧୮୨ କି.ମି.) ପାଇଁ ୭୯.୫ କୋଟି, ବୃନ୍ଦାମାଳ-ଝାରସୁଗୁଡା ଫ୍ଲାଏଓଭର ପାଇଁ ୨୦ କୋଟି, ବାଂଶପାଣି-ଦୈତାରୀ-ଟମକା-ଯଖପୁରା (୧୮୦କି.ମି.) ପାଇଁ ୧୭୦ କୋଟି, ଡେଲାଙ୍ଗ-ପୁରୀ (୨୮.୭ କି.ମି.) ପାଇଁ ୧ ହଜାର କୋଟି, ସମ୍ବଲପୁର-ତାଳଚେର (୧୭୪.୧୧ କି.ମି.) ପାଇଁ ୧୭୨ କୋଟି, ସମ୍ବଲପୁର-ଟିଟିଲାଗଡ଼ ରେଲଲାଇନ ଦୋହରୀକରଣ ପ୍ରକଳ୍ପ ପାଇଁ ୯୯ କୋଟି, ଝାରସୁଗୁଡ଼ା-ବିଳାସପୁର ଚତୁର୍ଥ ଲାଇନ ପାଇଁ ୭୧୭ କୋଟି, ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପାଇଁ ୩୫୧ କୋଟି, ଜଗଦଲପୁର-କୋରାପୁଟ ପ୍ରକଳ୍ପ ପାଇଁ ୧୦୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଯାତ୍ରୀ ସୁରକ୍ଷା ପାଇଁ ୩୦୪.୧୭ କୋଟି ବ୍ୟୟବରାଦ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୪ବର୍ଷ ଧରି ଅନିଶ୍ଚିତତା ମଧ୍ୟରେ ଥିବା ୨ ନୂଆ ରେଲଲାଇନ ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଚଳିତ ବଜେଟରେ ସବୁଜ ସଙ୍କେତ ଦେଇଛନ୍ତି। ୮୦ କିଲୋମିଟର ବିଶିଷ୍ଟ ବାଦାମପାହାଡ଼-କେନ୍ଦୁଝରଗଡ଼ ଏବଂ ୬୨ କିଲୋମିଟର ବିଶିଷ୍ଟ ବାଙ୍ଗିରିପୋଷି-ଗୋରୁମହିଷାଣୀ ନୂଆ ରେଲଲାଇନ୍ ନିର୍ମାଣ ପାଇଁ ନୂତନ ଭାବେ ସର୍ଭେ କାର୍ଯ୍ୟ ନିମନ୍ତେ ବଜେଟରେ ସ୍ୱତନ୍ତ୍ର ଭାବେ ବ୍ୟୟବରାଦ ହୋଇଛି। ଉକ୍ତ ଦୁଇଟି ମାର୍ଗରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଟ୍ରେନ ଚଳାଚଳ ନିମନ୍ତେ ଲକ୍ଷ୍ୟ ରଖାଯାଇଥିବା କେନ୍ଦ୍ର ରେଳ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ୨୦୧୮ ରେଳ ବଜେଟରେ ଉକ୍ତ ଦୁଇ ପ୍ରକଳ୍ପକୁ ଲାଭଜନକ ନୁହେଁ ବୋଲି ଦର୍ଶାଇ ରେଳ ମନ୍ତ୍ରଣାଳୟ ଅଣଦେଖା କରିଥିଲା।

ଅନୁରୂପ ଭାବେ ଧୋଲତାପାହାଡ଼-ବଡ଼ବିଲ (୭୧.୬ କି.ମି.), ରାଉରକେଲା-ବଣ୍ଡମୁଣ୍ଡା (୧୦ କି.ମି.), କିରିବୁର-ବଡ଼ବିଲ (୨୪.୫୦ କି.ମି.), ଧୋଲତାପାହାଡ଼-ନୟାଗଡ଼ ଭାୟା ସାନିନ୍ଦପୁର ଖଣି (୪୫ କି.ମି)ର ନୂଆ ରେଳପଥ ନିର୍ମାଣ ପାଇଁ ଚୂଡ଼ାନ୍ତ ସର୍ଭେ ନିମନ୍ତେ ବଜେଟରେ ଅର୍ଥ ମଞ୍ଜୁର ହୋଇଛି। ରାଉରକେଲା, ବୀରମିତ୍ରପୁରଠାରେ ଦୁଇଟି ରେଲୱେ ଫ୍ଲାଏଓଭର, ରାଉରକେଲା-ବଙ୍ଗମୁଣ୍ଡା ମଧ୍ୟରେ ପଞ୍ଚମ ରେଲଲାଇନ୍ ନିର୍ମାଣ ନିମନ୍ତେ ମଧ୍ୟ ବଜେଟରେ ବ୍ୟବସ୍ଥା କରାଯାଇଛି। ସେହିପରି ୧୫୫ କି.ମି. ଦୀର୍ଘ ନାରାୟଣଗଡ଼-ଭଦ୍ରକ ମଧ୍ୟରେ ତୃତୀୟ ରେଲଲାଇନ୍ ନିର୍ମାଣ ପାଇଁ ଚୂଡ଼ାନ୍ତ ସର୍ଭେ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଛି। ଦୀଘା-ରୂପସା ଭାୟା ବାଲିଆପାଳ (୫୮କି.ମି.) ଦେଇ ନିର୍ମିତ ନୂଆ ରେଳପଥରେ ଯାତ୍ରୀବାହୀ ଟ୍ରେନ୍ ଗଡ଼ିବା ନିମନ୍ତେ ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି। ବାଙ୍ଗିରିପୋଷି-ଦେଓଘର ଭାୟା ବାଦାମପାହାଡ଼ ଓ ଚମ୍ପୁଆ ମଧ୍ୟରେ ୧୧୦ କିମିର ନୂଆ ରେଳମାର୍ଗ, ଟାଟା-ଝାରସୁଗୁଡ଼ା ମଧ୍ୟରେ ଚତୁର୍ଥ ରେଳମାର୍ଗ ପାଇଁ ସର୍ଭେ କାର୍ଯ୍ୟକୁ ବଜେଟରେ ମଞ୍ଜୁରୀ ମିଳିଛି। ଏସବୁ ବ୍ୟତୀତ ଝାରସୁଗୁଡ଼ା-ଚମ୍ପା-ବିଳାସପୁରର ୬୦କିମି ମାର୍ଗରେ ରେଲଲାଇନ୍ ନିର୍ମାଣ ପାଇଁ ୬୦କୋଟି ଟଙ୍କା ବ୍ୟୟବରାଦ ହୋଇଛି।

ସୂଚନାଯୋଗ୍ୟ, ୨୦୨୧-୨୨ ଆର୍ଥିକ ବର୍ଷ ରେଳ ବଜେଟରେ କେନ୍ଦ୍ର ସରକାର ଓଡ଼ିଶାକୁ ୬,୯୯୫.୫୮ କୋଟି ଟଙ୍କା ଅନୁମୋଦନ କରିଥିଲେ। ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୬୦% ଅଧିକ ଥିଲା। ଏହିକ୍ରମରେ ୨୦୨୦-୨୧ରେ ଓଡ଼ିଶା ପାଇଁ ରେଳ ବଜେଟରେ ୪,୩୭୮ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା।

### ମହିଳାଙ୍କ ପାଇଁ ...

ବେଳକୁ ପୌର ନିର୍ବାଚନ ହେବା ନେଇ ଆଲୋଚନା ହେଉଛି। ଆସନ୍ତା ପୌର ନିର୍ବାଚନରେ ଇଭିଏମ୍‌ରେ ଭୋଟ ଗ୍ରହଣ କରାଯିବ। ଏଥର ମେୟର ଓ ପୌରାଧ୍ୟକ୍ଷ ପଦ ପାଇଁ ଲୋକେ ଭୋଟ ଦେବେ। ସେଥିପାଇଁ ଗୋଟିଏ ବୁଥ୍‌ରେ ୨ଟି ଇଭିଏମ୍ ବ୍ୟବସ୍ଥା କରାଯାଇଛି। ପ୍ରାୟ ୧୧ ହଜାର ଇଭିଏମ୍ ଦରକାର। ଇଭିଏମ୍‌ଗୁଡ଼ିକୁ ରାଜ୍ୟର ବିଭିନ୍ନ ସ୍ଥାନକୁ ପଠାଯାଇଛି ଏବଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟ ମଧ୍ୟ ଆଗେଇ ଚାଲିଛି।

### ୨୪ରେ ଚୂଡ଼ାନ୍ତ ...

ଯାଞ୍ଚ କରାଯାଇ ଫଇସଲା ହେବ। ଏହାପରେ ଫେବୃୟାରୀ ୨୪ରେ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହେବ ଓ ୨୮ରେ ନିର୍ବାଚନ କମିଶନଙ୍କୁ ଭୋଟର ତାଲିକା ପ୍ରଦାନ କରାଯିବ। ଏଥିସହ ୨୮ ସୁଦ୍ଧା ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟ ଶେଷ ହେବ। ରାଜ୍ୟର ୪୮ ମ୍ୟୁନିସିପାଲିଟି, ୫୯ ଏନ୍‌ଏସି ଓ ୩ ମହାନଗର ପାଇଁ ତାଲିକା ପ୍ରକାଶ ପାଇବ ।

### ୩୬ ଘଣ୍ଟା, ୭୦୦ ...



ଗିରଫ ଅଭିଯୁକ୍ତମାନେ ।

ଗଞ୍ଜାମ ଦେଇ ପାଖାପାଖି ୮୦୦ କି.ମି. ବୁଲାଇଛନ୍ତି। ପୋଲିସକୁ ମଧ୍ୟ ଅପହର୍ତ୍ତାଙ୍କ ନିକଟରେ ପହଞ୍ଚିବାକୁ ୩୬ ଘଣ୍ଟା ମଧ୍ୟରେ ୭୦୦ କି.ମି. ବୁଲିବାକୁ ପଡ଼ିଥିଲା। ତେବେ ଗିରଫ ଅଭିଯୁକ୍ତମାନେ ବୃତ୍ତିଗତ ଭାବେ ଏପରି ଅପହରଣ କରି ଟଙ୍କା ମାଗନ୍ତି। ଏହାପୂର୍ବରୁ ଏମାନେ ଭୁବନେଶ୍ୱରର ଜଣେ ବ୍ୟବସାୟୀଙ୍କୁ ମଧ୍ୟ ବ୍ରହ୍ମପୁରରୁ ଅପହରଣ କରିଥିଲେ। ଏହି ର୍‌ୟାକେଟ ସହ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ଜଣାପଡିଛି। ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରାଗଲେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନେ ଧରାପଡ଼ିବେ ବୋଲି କମିଶନର କହିଛନ୍ତି। ସୂଚନା ଅନୁଯାୟୀ, ଇଶାନ ବେଙ୍ଗାଲୁରରେ ବିବିଏ ପଢୁଛନ୍ତି। କୋଭିଡ୍ ପାଇଁ କ୍ଲାସ ବନ୍ଦ ହୋଇଯିବାରୁ ସେ ଘରକୁ ଆସିଥିଲେ। ଅନ୍ୟପକ୍ଷରେ ଇଶାନଙ୍କ ବାପା ରାମରୂପ ଅଗ୍ରୱାଲ ଜଣେ ଧନୀ ବ୍ୟବସାୟୀ ହୋଇଥିବାରୁ ଅପହର୍ତ୍ତାମାନେ ଟଙ୍କା ପାଇଁ ପୁଅ ଇଶାନଙ୍କୁ ଅପହରଣ କରିବାକୁ ସୁଯୋଗ ଖୋଜୁଥିଲେ। ଏଥିପାଇଁ ତାଙ୍କୁ ସେମାନେ କିଛିଦିନ ହେଲା ଫଲୋ କରୁଥିଲେ। ସୋମବାର ସନ୍ଧ୍ୟା ପ୍ରାୟ ୬ଟାରେ ଇଶାନ ଝାରପଡ଼ା ନିକଟ ଏକ ଓମ୍‌ଫେଡ୍ ଷ୍ଟଲକୁ ଚା' ପିଇବାକୁ ଯାଇଥିବାବେଳେ ଅପହର୍ତ୍ତାମାନେ ତାଙ୍କୁ ତାଙ୍କ ନାମ ଧରି ଡାକିଥିଲେ। ସେମାନେ ସମସ୍ତେ ମାସ୍କ ଓ ଟୋପି ପିନ୍ଧିଥିବାରୁ ମୁହଁ ସ୍ପଷ୍ଟ ଦେଖାଯାଉ ନ ଥିଲା। ଇଶାନ ତାଙ୍କ ପାଖକୁ ଯିବାପରେ ଅପହର୍ତ୍ତାମାନେ ଜୋର୍ ଜବରଦସ୍ତି କାର୍‌ର ପଛ ଡୋର ଖୋଲି ତାଙ୍କୁ ଭିତରେ ପୂରାଇ ନେଇଯାଇଥିଲେ। ଏହାପରେ ସେମାନେ ଇଶାନଙ୍କ ମୋବାଇଲରୁ ବାପା ରାମରୂପଙ୍କୁ ଫୋନ କରିଥିଲେ। ଏଥିସହ ଇଶାନଙ୍କ ବେକରେ ଛୁରି ଲଗାଇ ଏକ ଫଟୋ ତାଙ୍କ ହ୍ୱାଟ୍ସଆପ୍‌କୁ ପଠାଇଥିଲେ। ୩୦ ଲକ୍ଷ ଟଙ୍କା ଦେଲେ ଇଶାନଙ୍କୁ ଛଡ଼ାଯିବ ବୋଲି ବାପାଙ୍କୁ ସେମାନେ ଧମକ ଦେଇଥିଲେ। ଏହାପରେ ରାମରୂପ ତୁରନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ଅପହରଣ ମାମଲା (ନଂ. ୫୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଇଶାନଙ୍କୁ ଉଦ୍ଧାର କରିବାକୁ କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍ ନେତୃତ୍ୱରେ ତୁରନ୍ତ ୪ଟି ଟିମ୍ ଗଠନ କରାଯାଇଥିଲା। ପୋଲିସ ଟିମ୍ ରାମରୂପଙ୍କୁ ସାଙ୍ଗରେ ଧରି ଅପରେଶନ ଆରମ୍ଭ କରିଥିଲା। ସମସ୍ତ ପୋଲିସ ସାଦା ପୋଷାକରେ ଥିଲେ। ଅପହର୍ତ୍ତାମାନେ ଇଶାନଙ୍କ ମୋବାଇଲରୁ ବାପାଙ୍କ ପାଖକୁ ଫୋନ୍ କରିବା ପରେ ସଙ୍ଗେସଙ୍ଗେ ସୁଇଚ୍ ଅଫ୍ କରି ଦେଉଥିଲେ। ଏପରିକି ଅପହର୍ତ୍ତାମାନେ କଲ୍ କରି ୩୦ରୁ ୪୦ କି.ମି. ପଳାଉଥିଲେ। ଫଳରେ ପୋଲିସ ତାଙ୍କ ମୋବାଇଲକୁ ଟ୍ରାକ୍ କରି ଅପହର୍ତ୍ତାଙ୍କ ନିକଟରେ ପହଞ୍ଚିବାକୁ କଷ୍ଟସାଧ୍ୟ ହୋଇଥିଲା। ପୋଲିସ ଟିମ୍ ମୋବାଇଲ ନମ୍ବରକୁ ଟ୍ରାକ୍ କରି ନୟାଗଡ଼, ଗଞ୍ଜାମ, ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରିଥିଲା। ହେଲେ ଚଢ଼ାଉ ପୂର୍ବରୁ ଅପହର୍ତ୍ତାମାନେ ସେଠାରୁ ଚମ୍ପଟ ମାରୁଥିଲେ। ଏମିତି ଛକାପଞ୍ଝା ଭିତରେ ପୋଲିସ ପ୍ରାୟ ୭୦୦ କି.ମି. ବୁଲିସାରିଥିଲା। ମଙ୍ଗଳବାର ରାତି ପ୍ରାୟ ୧୧ଟାବେଳେ ଅପହର୍ତ୍ତା ଓ ଇଶାନଙ୍କ ମୋବାଇଲ୍ ଫୋନ୍ ନୟାଗଡ଼ ଜିଲା ସୁନାଖଳା ଜଙ୍ଗଲ ନିକଟରେ ଥିବା ଜଣାପଡ଼ିଥିଲା। ସେତେବେଳକୁ ପୋଲିସ ପାଖାପାଖି ଅଞ୍ଚଳରେ ଥିବାରୁ କାଳ ବିଳମ୍ବ ନ କରି ତୁରନ୍ତ ଉକ୍ତ ସ୍ଥାନରେ ପହଞ୍ଚିଯାଇଥିଲା। ସେଠାରେ ଏକ ନମ୍ବରବିହୀନ କାର ଥୁଆ ହୋଇଥିବା ଦେଖି ପୋଲିସ ଟିମ୍ ଘେରିଯାଇ ସମସ୍ତ ଅପହର୍ତ୍ତାଙ୍କୁ କାବୁ କରିବା ସହ ଇଶାନଙ୍କୁ ଉଦ୍ଧାର କରିଥିଲା। ତେବେ ଉଦ୍ଧାର ହେବା ପରେ ଇଶାନ ଓ ତାଙ୍କ ପରିବାର ଓଡ଼ିଶା ପୋଲିସକୁ ଧନ୍ୟବାଦ ଜଣାଇଛନ୍ତି।

### କ୍ରିପ୍ଟୋ: ସ୍ୱତନ୍ତ୍ର ଆଇଟି ...

କ୍ରିପ୍ଟୋକରେନ୍ସି କାରବାର ବା ଭର୍ଚୁଆଲ ସମ୍ପତ୍ତିରୁ ଲାଭ ଉପରେ ଏଣିକି ୩୦ ପ୍ରତିଶତ ଟିକସ ଦେବାକୁ ପଡ଼ିବ ବୋଲି ବଜେଟରେ ଘୋଷଣା ହୋଇଛି। ଏ ନେଇ ଆସନ୍ତା ବର୍ଷଠାରୁ ଆୟକର ରିଟର୍ନ ଫର୍ମରେ ଏକ ପୃଥକ୍ ସ୍ତମ୍ଭ ରଖାଯିବ। କ୍ରିପ୍ଟୋରୁ ହୋଇଥିବା ଆୟ ବାବଦରେ ଟିକସଦାତା ଏଥିରେ ସୂଚନା ଦେବେ। ଏ ସମ୍ପର୍କରେ ରାଜସ୍ୱ ସଚିବ ତରୁଣ ବଜାଜ ବୁଧବାର ପ୍ରକାଶ କରିଛନ୍ତି। ଆସନ୍ତା ଏପ୍ରିଲ ୧ରୁ ସରକାର କ୍ରିପ୍ଟୋ କାରବାରରୁ ହେଉଥିବା ଲାଭ ଉପରେ ୩୦ ପ୍ରତିଶତ ଟ୍ୟାକ୍ସ, ସେସ୍ ଏବଂ ସର୍‌ଚାର୍ଜ ଆଦାୟ କରିବେ। ଭର୍ଚୁଆଲ କଏନ୍ ଟ୍ରାଞ୍ଜାକଶନ୍ ଉପରେ ଟିକସ ଲାଗୁ କରାଯାଇଥିବାରୁ କ୍ରିପ୍ଟୋକରେନ୍ସିକୁ ଆଇନଗତ ମାନ୍ୟତା ମିଳିଛି ବୋଲି କୁହାଯିବ ନାହିଁ। ସରକାର ଏ ଦିଗରେ ବିଚାର କରି ପରବର୍ତ୍ତୀ ପଦକ୍ଷେପ ନେବେ। କ୍ରିପ୍ଟୋକରେନ୍ସି ଉପରେ ନିୟନ୍ତ୍ରଣ ରଖିବା ନିମନ୍ତେ ନିୟମ ଆଣିବା ପାଇଁ କାର୍ଯ୍ୟ ଜାରି ରହିଛି। ତେବେ ଅଦ୍ୟାବଧି ଏ ନେଇ କୌଣସି ଚିଠା ପ୍ରସ୍ତୁତ କରାଯାଇ ନ ଥିବା ସେ କହିଛନ୍ତି। କ୍ରିପ୍ଟୋ କାରବାରରେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲାଭ ହେଲେ ୩୦% ଟିକସ ସହ ସେସ୍ ଏବଂ ୧୫% ସର୍‌ଚାର୍ଜ ଲାଗିବ ବୋଲି ତରୁଣ ବଜାଜ ପ୍ରକାଶ କରିଛନ୍ତି। ଏଥିସହ ଭର୍ଚୁଆଲ୍ ମୁଦ୍ରା ପାଇଁ ୧୦ ହଜାର ଟଙ୍କାରୁ ଅଧିକ ଦେୟ ଉପରେ ୧ ପ୍ରତିଶତ ଟ୍ୟାକ୍ସ ଡିଡକ୍ଟେଡ୍ ଆଟ୍ ସୋର୍ସ (ଟିଡିଏସ୍) ଆଦାୟ କରାଯିବ। ଜୁଲାଇ ୧ରୁ ଟିଡିଏସ୍ କଟିବ। ଟିଡିଏସ୍ କଟିବା ଫଳରେ କ୍ରିପ୍ଟୋ ଦ୍ୱାରା ହୋଇଥିବା କାରବାର ସମ୍ପର୍କିତ ତଥ୍ୟ ସରକାରଙ୍କ ନିକଟରେ ପହଞ୍ଚିବ ବୋଲି ସେ କହିଛନ୍ତି।

### ଆଇଏଏସ୍ ଚାକିରିରୁ ...

ନକଲି ଫାର୍ମ ତଥା ବ୍ୟକ୍ତିଙ୍କ ପ୍ରତି ଅନୁଚିତ ଅନୁଗ୍ରହ ପ୍ରଦାନ କରି ୩୩ କୋଟି ୩୪ ଲକ୍ଷ ଟଙ୍କା ବେଆଇନ ଭାବେ ମଞ୍ଜୁର କରିଥିଲେ। ଯଦ୍ୱାରା ରାଜ୍ୟ ସରକାରଙ୍କ ବିପୁଳ ଆର୍ଥିକ କ୍ଷତି ହୋଇଥିଲା। ସେଥିପାଇଁ ତାଙ୍କ ବିରୋଧରେ ଓଡ଼ିଶା ସରକାର ୨୭ଟି ଭିଜିଲାନ୍ସ ମାମଲା ଦାଏର କରିଥିଲେ। ସେଥିରୁ ୨ଟି ମାମଲାରେ ବିନୋଦ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ।

ରାଜ୍ୟ ସରକାର ଦୁର୍ନୀତି ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଆସିଛନ୍ତି । ଦୁର୍ନୀତି କରିଥିବା ବ୍ୟକ୍ତିମାନେ ଯେତେ ଉଚ୍ଚ ପଦପଦବୀରେ ଥାଆନ୍ତୁ ନା କାହିଁକି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାର ବଦ୍ଧପରିକର। କିଛିଦିନ ତଳେ ଦୁର୍ନୀତି ଅଭିଯୋଗରେ ସର୍ବଭାରତୀୟ ସେବାର ଜଣେ ବରିଷ୍ଠ ଜଙ୍ଗଲ ସେବା ଅଧିକାରୀଙ୍କୁ ମଧ୍ୟ ଚାକିରିରୁ ବରଖାସ୍ତ କରାଯାଇଥିଲା।

## କ୍ୟାବିନ ଜାଳିଦେଲେ ଦୁର୍ବୃତ୍ତ



**ଚଣ୍ଡିଖୋଲ,୨।୨(ଡି.ଏନ.ଏ.):** ଜନକ-ହଲଧରପୁର ପୂର୍ତ୍ତ ବିଭାଗ ରାସ୍ତାର ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ରାମଦାସପୁର ତଳସାହି ଛକଠାରେ ଥିବା ଏକ କ୍ୟାବିନ୍‌କୁ କେହି ଦୁର୍ବୃତ୍ତ ଜାଳିଦେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ସେହି ଗ୍ରାମର ସନ୍ତୋଷ ସେନାପତି ତଳ ସାହି ଛକରେ ଏକ କ୍ୟାବିନ୍ ପକାଇ ପାନ ଓ ତେଜରାତି ସାମଗ୍ରୀ ବିକ୍ରି କରୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ କେହି ଉକ୍ତ କ୍ୟାବିନ୍‌ରେ ନିଆଁ ଲଗାଇ ଦେବା ଫଳରେ କ୍ୟାବିନ୍‌ଟି ଜଳି ପାଉଁଶ ହୋଇଯାଇଛି। କ୍ୟାବିନ୍‌ରେ ଥିବା ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଜଳିଯାଇଛି। ଏନେଇ ସନ୍ତୋଷ ଥାନାରେ ବୁଧବାର ଲିଖିତ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।


## classifieds Everyday
0674-2580101, 2549302

**automobile**

**SALE**

Chevrolet Optra Magnum for sale 2012 Model 65000K.M. running (Personal use). 8249311037. D-71789

**real estate**

**SALE**

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/-, ନଖରା ତ୍ରିନାଥବଜାର sqft.- 220/- (outright). 9556055607. D-22922

ଘରବାରି ପ୍ଲଟ୍ ବାଉଣ୍ଡାରି ୱାଲ୍ ସହିତ ସୁନ୍ଦରପଦାରେ 480 Sqft., Limited offer available. Mob.: 9437216666. D-23018

ବ୍ରାହ୍ମଣଝରିଲୋ ବଜାରରୁ 1K.M. ମଧ୍ୟରେ ଘରବାରି, road, ଇଲେକ୍ଟ୍ରିସିଟି ସହ ପିଚୁ ରାସ୍ତାକୁ ଲାଗି plot/ simplex ସୁଲଭ ମୂଲ୍ୟରେ ମିଳୁଛି। (Bank finance available). 9938163369, 8093053603. D-71787

ଝିଅ ବାହାଘର ପାଇଁ ସୁନ୍ଦରପଦାର ଖେତ୍ରପାଳମୌଜାରେ ୫୦୦୦ବର୍ଗଫୁଟ ପ୍ଲଟ୍ 45,00,000/-, ବେଣାବିଲ ମୌଜାରେ 20,00,000/- ବିକ୍ରି କରିବି। 9853150290. D-71790

ଭୁବନେଶ୍ୱର ହଂସପାଳଛକରୁ 5K.M. ମଧ୍ୟରେ (New BDA Planing Area) 30' ରାସ୍ତା, ଘରବାରି, ଇଲେକ୍ଟ୍ରିସିଟି ଥାଇ plot ମିଳୁଛି। 9938014369, 8093053602. D-71788

**healthcare**

Relax, refresh your body, mind at Lotus SPA with best therapies. 8018891951. D-71856

Refreshing your mind and body with the best therapy, 7873794731. D-23024

Newly open SPA positively health benefit with Expert. Contact: 7749976301. D-71939

Newly opening SPA positively health benefits with expert therapist. 8917332216. D-71938

Newly open SPA positively health benefits by expert therapist. 7846814019. D-71470

Newly open full body massage ladies and gents. 8327740003. D-71855

Newly open SPA positively health benefits by expert therapist. 8455987557. D-71471

**AFFIDAVIT**

By virtue of an affidavit before Notary Public, Puri on dtd. 01.11.2021 and vide R.S.D. No.266 dtd.16.01.1976 before S.R. Khordha, Budhi Mohanty, W/o Late Raghunath Mohanty adopted to Gatikrushna Mohanty as her son. Earlier my father's name was Biswanath Mohanty in certificate. Henceforth, Gatikrushna Mohanty's father name is Late Raghunath Mohanty instead of Biswanath Mohanty in all purposes. D-68892

By virtue of an affidavit before the Notary Public, Cuttack, I Jainab Sheikh, W/o Mukhtar Alam, residing at Gujarpur, Bhairpur, Cuttack declare that my correct name is Jainab Sheikh but in passport (M4208346) my name recorded as Zainab Sheikh, both names belongs to one person i.e. me. D-23019

I, JC-551160L Sub Clk Sachideb Sahoo residing at Vill- Kumanda, P.O.- Kumanda, PS- Angul, Dist.- Angul (Odisha), Pin- 759143 have change of my wife name Sumalini Sahoo to Sumalini Raul vide affidavit No. 52AA971243 dated 31 Jan 2022 before Oath, Govt. of Odisha, Notary, Angul. D-23025

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଯାତ୍ରା, ବିବାଦୀୟ କଥା ଓ ଗୃହାରମ୍ଭ ସମସ୍ୟା ବହୁଳ ହୋଇପାରେ। ପାରିବାରିକ କ୍ଷେତ୍ରରେ ସାହାଯ୍ୟ ଓ ସହଯୋଗ ପାଇ କାମ ତ୍ୱରାନ୍ୱିତ କରିବା ସକାଶେ ନିଷ୍ପତ୍ତି ନେଇପାରନ୍ତି। ଉଚ୍ଚାରୋହୀ ମଙ୍ଗଳ ହେତୁ ସ୍ୱାସ୍ଥ୍ୟରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ ସତ ମାତ୍ର ଆଶା କରିଥିବା ଦିଗରୁ ଅର୍ଥ ପ୍ରାପ୍ତି ହେବ ନାହିଁ।

**ବୃଷ**
ରାଶିରେ ବଳବାନ୍ ରାହୁ ଥିବା ହେତୁ କୌଶଳରେ କାମ ହାସଲ କରିବେ। ଗୃହସୀମା, ଗାଡି ମୋଟର, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ମାନସିକ ଉତ୍ତେଜନା ଓ ଉଦ୍‌ବେଗ ବୃଦ୍ଧି ପାଇବ । ଅପରାହ୍ନରେ ବନ୍ଧୁଙ୍କଠାରୁ ସାହାଯ୍ୟ ପ୍ରତିଶ୍ରୁତି ପାଇ ଟେନସନ୍ ଦୂର ହେବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ।

**ମିଥୁନ**
ଦୁଃସ୍ଥାନରେ ଗ୍ରହଙ୍କ ସମାବେଶ କାରଣରୁ ସାଧାରଣ ଘଟଣାକୁ କେନ୍ଦ୍ରକରି ବିବାଦ ସୃଷ୍ଟି ହୋଇପାରେ। ଉଚ୍ଚଶିକ୍ଷା, ପରୀକ୍ଷା, ବନ୍ଧୁ ସମ୍ପର୍କ ସ୍ଥାପନରେ ଆଶା ଅନୁଯାୟୀ ଫଳ ପାଇବେ। ବନ୍ଧୁଙ୍କ ନିକଟରେ ମନକଥା ଲୁଚାଇ ପାରିବେ ନାହିଁ କିନ୍ତୁ କହିବା ପରେ ମନସ୍ତାପ କରିବେ। ସାଂଗଠନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**କର୍କଟ**
ଅଷ୍ଟମସ୍ଥ ଗୁରୁଚାନ୍ଦ୍ରୀ ଯୋଗ ଅର୍ଥନୈତିକ ଅଭିବୃଦ୍ଧି ସହିତ ନୂତନ ଯୋଜନା ପାଇଁ ସୁଯୋଗ ଆଣିଦେବ। ସାମାଜିକ ସ୍ତରରେ ଭଲ ଚିନ୍ତା କଲେ ମଧ୍ୟ ଅନ୍ୟମାନେ ଆପଣଙ୍କ ମନୋଭାବକୁ ବୁଝି ପାରିବେ ନାହିଁ। ଅଫିସ କାମରେ ଯେଉଁଥିପାଇଁ ଚିନ୍ତା କରୁଥିଲେ ସେହି ବିଷୟରେ କୌଣସି ଅସୁବିଧା ରହିବ ନାହିଁ। ବ୍ୟବସାୟରେ ସଫଳତା ହାସଲ କରିବେ।

**ସିଂହ**
ଶତ୍ରୁତା କରୁଥିବା ବନ୍ଧୁମାନେ ଈର୍ଷାପରାୟଣ ହୋଇ ବିଭିନ୍ନ ସମସ୍ୟା ସୃଷ୍ଟି କରିପାରନ୍ତି। ଅଫିସରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ ଏବଂ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିବେ। ସମ୍ପର୍କୀୟଙ୍କ ପରୋକ୍ଷ ଶତ୍ରୁତା କାରଣରୁ କେତେକ ସୁଯୋଗ ହାତଛଡା ହେବ। ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ବ୍ୟବସାୟ କ୍ଷେତ୍ରରେ ପ୍ରତିଯୋଗିତା ଅବଶ୍ୟମ୍ଭାବୀ।

**କନ୍ୟା**
କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ମିତ୍ରମାନେ ସମସ୍ୟାମୂଳକ କାମ ପ୍ରତି ପ୍ରଲୋଭିତ କରାଇ ପାରନ୍ତି। ସାମାଜିକ ସ୍ତରରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱରେ ପଡିବେ। ଭାଇଙ୍କ ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପାଇଁ ଚିନ୍ତା କରିବେ। ବ୍ୟବସାୟ, ଯାତ୍ରା, କର୍ମାରମ୍ଭ ଯଥାବିଧି ସମ୍ପନ୍ନ ହେବାର ଆଶା ରହିଛି।

**ତୁଳା**
ବିଶାଖା ନକ୍ଷତ୍ର ସକାଶେ ବନ୍ଧୁଙ୍କ ସହାୟତାରେ ପାରିବାରିକ ଅବସ୍ଥାରେ ଉନ୍ନତି ପରିଲକ୍ଷିତ ହେବ। ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖା ଦେଇପାରେ। ଆନୁଷ୍ଠାନିକ କ୍ଷେତ୍ରରେ ସତ୍‌ସଙ୍ଗ ଓ ମନୋରଞ୍ଜନ କାମରୁ ପ୍ରଶଂସିତ ହେବେ। ସହକର୍ମୀଙ୍କ ପରୋକ୍ଷ ସୂଚନାରୁ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିବ।

**ବିଛା**
ଦୀର୍ଘଦିନରୁ ଅଟକି ରହିଥିବା କାମଟି ଉପରିସ୍ଥଙ୍କ ସୌଜନ୍ୟରୁ ହୋଇଯିବ। ବନ୍ଧୁଙ୍କ ସହାୟତାରେ ବ୍ୟବସାୟୀଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିପାରେ। କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିବେ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ, ଆନୁଷ୍ଠାନିକ କାମ, ରାଜନୈତିକ ପରିସ୍ଥିତି କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ଧନୁ**
ନିଜ ପରିସରରେ ଅନ୍ୟମାନଙ୍କ ସାହାଯ୍ୟରୁ ଆଶା କରିଥିବା ଦିଗରୁ ଅର୍ଥଲାଭ ହେବ। ହଠାତ୍ ସକାଳୁ ସକାଳୁ ଜଣେ ବନ୍ଧୁ ଆସି କୌଣସି ଗୁରୁତ୍ୱପୂର୍ଣ୍ଣ ଖବର ଶୁଣାଇ ପାରନ୍ତି। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବାକୁ ବାଧ୍ୟ ହେବେ। ବିଳାସ ଉପକରଣ କ୍ରୟ କରିବା ଲାଗି ଘରୁ ବରାଦ ପାଇବେ।

**ମକର**
ଉତ୍ତରାଷାଢ଼ା ନକ୍ଷତ୍ର କର୍ମକ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଗତକାଲିଠାରୁ ଯେଉଁ କାମଟିକୁ ଆରମ୍ଭ କରିଛନ୍ତି, ସେଥିରେ ବ୍ୟତିକ୍ରମ ଦେଖା ଦେଇ ପାରେ। ସାଧାରଣ ଘଟଣାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**କୁମ୍ଭ**
ସମସ୍ୟା ରହିଥିଲେ ମଧ୍ୟ ଉପସ୍ଥିତବୁଦ୍ଧି ପ୍ରୟୋଗକରି ପରିବାରରେ ସୁସମ୍ପର୍କ ସ୍ଥାପନରେ ସଫଳ ହେବେ। ବ୍ୟବସାୟ, ପରିବହନ, ନିର୍ମାଣ, କଚେରି ମାମଲାରେ ଉନ୍ନତି ହେବ। ଆର୍ଥିକ ସ୍ଥିତି ମଜଭୁତ ରହିବ, ଅବଶ୍ୟ ଏଥି ସକାଶେ କଷ୍ଟ ସ୍ୱୀକାର କରିବାକୁ ପଡିପାରେ। ସଭାସମିତି ଓ ମାଙ୍ଗଳିକ କାମରେ ଅନ୍ୟମାନଙ୍କ ସାହାଯ୍ୟ ଲୋଡ଼ିବେ।

**ମୀନ**
ସକାଳୁ ସକାଳୁ ଚେଷ୍ଟା କରୁଥିବା କାମଗୁଡ଼ିକ ନିର୍ଦ୍ଦିଷ୍ଟ ସମୟରେ ସମ୍ପନ୍ନ ହୋଇପାରିବ। କର୍ମକ୍ଷେତ୍ରର କେତେକ ଫାଇଲ୍ କାମ ସକାଶେ ସମସ୍ୟାରେ ପଡ଼ିପାରନ୍ତି। ସାହାଯ୍ୟ ଓ ସହଯୋଗ ଅଭାବରୁ ଆନୁଷ୍ଠାନିକ କାମରେ ଖଟଣି ବଢ଼ିଯିବ । ବ୍ୟବସାୟ, ପରିବହନ ଓ ଯାତ୍ରାରେ ସୁଫଳ ପାଇବେ ।

## ଚୋରା ଡିଜେଲ ଜବତ, ୨ ଗିରଫ

**ଧର୍ମଶାଳା,୨।୨(ଡି.ଏନ.ଏ.):** ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ତାରିଣୀ ଛକରେ ପୋଲିସ ଚଢ଼ାଉ କରି ୮୦ ଲିଟର ଚୋରା ଡିଜେଲ ଓ ଏକ କାର୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଏହି ଥାନା ଅନ୍ତର୍ଗତ ଡଙ୍କାରୀ ଗ୍ରାମର ଟିକା ମଲିକ(୪୮) ଓ ଅଙ୍ଗଦ ମଲିକ(୨୮)। ଓଆର୍-୦୫ଏସି-୨୮୯୨ ନମ୍ବର ବିଶିଷ୍ଟ ଏକ କାରରେ ଅଭିଯୁକ୍ତମାନେ ଚୋରା ଡିଜେଲ ନେଇ ଘରକୁ ଫେରୁଥିଲା ବେଳେ ପୋଲିସ ସେମାନଙ୍କ ପିଛା କରି ତାରିଣୀ ଛକ ନିକଟରେ ଧରିଥିଲା। ଏନେଇ ପୋଲିସ ନଂ.୨୮/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଏସ୍‌ଆଇ ଏମ୍‌ଆର୍ ଦାସ ସୂଚନା ଦେଇଛନ୍ତି।

# ହୀରା ଶସ୍ତା ହେଲେ ଗରିବଙ୍କ କି ଲାଭ



ଏସ୍‌ପି ଅଧ୍ୟକ୍ଷ ଅଖିଲେଶ ଯାଦବ ଏବଂ ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀ

**ଲକ୍ଷ୍ନୌ/ନୂଆଦିଲ୍ଲୀ,୨।୨**

ପାର୍ଲାମେଣ୍ଟରେ ମଙ୍ଗଳବାର ଉପସ୍ଥାପିତ ୨୦୨୨-୨୩ ଆର୍ଥିକ ବର୍ଷର ବଜେଟରେ କେନ୍ଦ୍ର ସରକାର ଦେଶବାସୀଙ୍କୁ ଆଗାମୀ ୨୫ ବର୍ଷ ପାଇଁ ଅଭିବୃଦ୍ଧିର ଗଙ୍ଗା ପ୍ରବାହିତ କରିବାର ସୁନେଲି ସ୍ୱପ୍ନ ଦେଖାଇଛନ୍ତି। ତେବେ ଏଥିରେ ଖଟିଖିଆ ଶ୍ରମିକ ଓ ଗରିବ ଲୋକଙ୍କ ପାଇଁ କିଛି ନାହିଁ, ଓଲଟା ଧନୀ ଲୋକଙ୍କୁ ସୁହାଇଲା ଭଳି ବ୍ୟବସ୍ଥା କରାଯାଇଛି ବୋଲି ବିରୋଧୀ ଦଳଗୁଡ଼ିକ ଟାର୍ଗେଟ କରିଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଲେଶ ଯାଦବଙ୍କ ମତରେ ଭାଜପା ସରକାର ହୀରା ଓ ଜୋତାକୁ ଶସ୍ତା କରିଛନ୍ତି। ଗରିବଙ୍କ ସ୍ଲିପର ଓ ଯୁବକଙ୍କ ଜୋତା ଛିଣ୍ଡିଗଲାଣି। ଭାଜପା ସରକାର ସେମାନଙ୍କ ସମସ୍ୟାଗୁଡ଼ିକର ସମାଧାନ କରିପାରୁ ନାହାନ୍ତି। ହୀରା ଶସ୍ତା ହେଲେ ଗରିବଙ୍କୁ କି ଲାଭ ମିଳିବ ବୋଲି ସେ ପ୍ରଶ୍ନ କରିଛନ୍ତି।

ଉତ୍ତର ପ୍ରଦେଶ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ସପ୍ତାହେ ବାକି ଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଲେଶ ଯାଦବ ବୁଧବାର କେନ୍ଦ୍ରୀୟ ବଜେଟକୁ ନେଇ ଉଭୟ ମୋଦି ଓ ଯୋଗୀ ସରକାରଙ୍କୁ ଘେରିଛନ୍ତି। ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ (ଆର୍‌ଏଲ୍‌ଡି) ଅଧ୍ୟକ୍ଷ ଜୟନ୍ତ ଚୌଧରୀଙ୍କ ସହ ଶାମ୍‌ଲିର କୈରାନାରେ ଏକ ଖବରଦାତା ସମ୍ମିଳନୀକୁ ଅଖିଲେଶ ସମ୍ବୋଧନ କରିଛନ୍ତି। ଏସ୍‌ପି ଅଧ୍ୟକ୍ଷ କହିଛନ୍ତି, ଯେଉଁମାନେ କୈରାନାରୁ ଗଣପଳାୟନ କଥା କହୁଛନ୍ତି, ସେମାନଙ୍କୁ ବିଧାନସଭା ନିର୍ବାଚନ ପରେ ପଳାୟନ କରିବାକୁ ପଡ଼ିବ। ଭାଜପା ନକାରାତ୍ମକ ରାଜନୀତି କରୁଛି। ଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟ ଭାଇଚାରା ପାଇଁ ଉଦ୍ଦିଷ୍ଟ ବୋଲି ଅଖିଲେଶ କହିଛନ୍ତି। ସେହିପରି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ ଉପସ୍ଥାପନ ବେଳେ ଦେଇଥିବା 'ଅମୃତକାଳ' ମନ୍ତବ୍ୟକୁ ଅଖିଲେଶ କଟାକ୍ଷ କରି ପୂର୍ବ ବଜେଟଗୁଡ଼ିକ କ'ଣ ବିଷାକ୍ତ ଥିଲା ବୋଲି ପ୍ରଶ୍ନ କରିଛନ୍ତି। ଅଖିଲେଶଙ୍କ ମତରେ ୟୁପିରେ ଭାଜପାର ସମୟ ଶେଷ ହୋଇଆସୁଛି।

## ଏହି ଦୁଇ ପିଲାଙ୍କ ଯୋଡ଼ି...

ଏଇ ଯେଉଁ ଦୁଇ ପିଲାଙ୍କ ଯୋଡ଼ି ଆସିଛି, ଏହା ୨୦୧୪ରେ ବି ହୋଇଥିଲା। ୨୦୧୭ରେ ମଧ୍ୟ ଏମାନେ ଏକାଠି ହୋଇଥିଲେ। କିନ୍ତୁ ଉତ୍ତରପ୍ରଦେଶର ମତଦାତା ଦୁହିଁଙ୍କୁ ଅଯୋଗ୍ୟ ବୋଲି ଜନାଦେଶ ଦେଇଥିଲେ କହି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ଏସ୍‌ପି ଅଧ୍ୟକ୍ଷ ଅଖିଲେଶ ଯାଦବ ଏବଂ ଆର୍‌ଏଲ୍‌ଡି ମୁଖ୍ୟ ଜୟନ୍ତ ଚୌଧରୀଙ୍କୁ ତାଚ୍ଛଲ୍ୟ କରିଛନ୍ତି। ଯୋଗୀଙ୍କ ମତରେ ଏସ୍‌ପି-ଆର୍‌ଏଲ୍‌ଡି ମେଣ୍ଟକୁ ୨୦୧୪ ସାଧାରଣ ନିର୍ବାଚନ ଓ ୨୦୧୭ ବିଧାନସଭା ଭୋଟ ବେଳେ ୟୁପି ଜନତା ପ୍ରତ୍ୟାଖ୍ୟାନ କରିଥିଲେ। ଏଥର ବି ଉଭୟେ ସମାନ ଅବସ୍ଥା ଭୋଗିବେ। ରାଜ୍ୟରେ ଫେବୃୟାରୀ ୧୦ରୁ ମାର୍ଚ୍ଚ ୩ ମଧ୍ୟରେ ସାତଟି ପର୍ଯ୍ୟାୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଫଳାଫଳ ମାର୍ଚ୍ଚ ୧୦ରେ ଆସିବ।



ଯୋଗୀ ଆଦିତ୍ୟନାଥ




ପେଗାସସ୍ ସ୍ପାଏୱେର ପ୍ରସଙ୍ଗରେ ବୁଧବାର ନୂଆଦିଲ୍ଲୀରେ ଯୁବ କଂଗ୍ରେସ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପ୍ରଚାର ବେଳେ ଦିବ୍ୟଶଙ୍କରଙ୍କୁ କଳାପତାକା

**ଗୋଲାମୁଣ୍ଡା,୨।୨(ଡି.ଏନ.ଏ.)**

ରାଜନୈତିକ ଉଷ୍ମତା ଯେତିକି ବଢୁଛି, ମମିତା ମେହେର ହତ୍ୟା ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ପାଇଁ ଅଡୁଆ ମଧ୍ୟ ସେତିକି ବଢୁଛି। ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର ଜାରି ରହିଛି। ଏପରିସ୍ଥଳେ ବୁଧବାର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନିଜ ନିର୍ବାଚନମଣ୍ଡଳୀ ଗୋଲାମୁଣ୍ଡା ବ୍ଲକକୁ ନିର୍ବାଚନୀ ପ୍ରଚାରରେ ଯାଇଥିବା ବେଳେ ଯୁବ କଂଗ୍ରେସ କର୍ମୀମାନେ କଳାପତାକା ପ୍ରଦର୍ଶନ କରିଛନ୍ତି। ସୂଚନାମତେ ଗୋଲାମୁଣ୍ଡା ବ୍ଲକ କନକପୁର ଓ ଗୋଲାମୁଣ୍ଡାଠାରେ ମନ୍ତ୍ରୀ ନିର୍ବାଚନ ପ୍ରଚାର ଲାଗି ଯାଇଥିଲେ । ଏହି ସମୟରେ ଜିଲା ଯୁବ କଂଗ୍ରେସ ସଭାପତି ସାଉଲ ମଙ୍ଗରାଜଙ୍କ ନେତୃତ୍ୱରେ ମନ୍ତ୍ରୀ ମିଶ୍ରଙ୍କୁ କଳାପତାକା ପ୍ରଦର୍ଶନ କରିବା ସହ ଗୋ ବେକ୍ ନାରା ଦେଇଥିଲେ। ଘଟଣାସ୍ଥଳରେ କେଗାଁ ପୋଲିସ ପହଞ୍ଚି ୧୮ଜଣ କଂଗ୍ରେସ କର୍ମୀଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। କଳାପତାକା ପ୍ରଦର୍ଶନ ସମୟରେ ଯୁବ କଂଗ୍ରେସ କର୍ମୀ ଲମ୍ବୁଧର ଜାଲ, ସୁରଥ ତାଣ୍ଡି, ମଣ୍ଟୁ ମଙ୍ଗରାଜ, ରମେଶ ସାହୁ, ଦୁଃଖୀ ବାଗ, ଉମାକାନ୍ତ ପହରିଆ, ବିରଞ୍ଚି ଦୀପ, ଅଶୋକ ବଗର୍ତ୍ତୀ, ପ୍ରମୋଦ ମାଝି, ସୁନୀଲ କୁମାର ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



କଂଗ୍ରେସ କର୍ମୀମାନେ ମନ୍ତ୍ରୀଙ୍କୁ କଳାପତାକା ପ୍ରଦର୍ଶନ କରୁଛନ୍ତି।


କେନରା ବୈଂକ Canara Bank
सिंडिकेट Syndicate

ଅଞ୍ଚଳ କାର୍ଯ୍ୟାଳୟ, ପ୍ଲଟ୍ ନଂ.: ବିଡିଏ-ଜେ/୨, ୧୫୫୬(ଅଂଶ) ଏବଂ ପ୍ଲଟ୍ ନଂ.: ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଏବଂ ୬(୨) ଅନୁଯାୟୀ ଯଥାକ୍ରମେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ବନ୍ଧକ ରଖାଯାଇଛି, ଯାହାକୁ କି **କାନାରା ବ୍ୟାଙ୍କର ଏଆର୍‌ଏମ୍ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀ ଦଖଲ ନେଇଛନ୍ତି । ନିମ୍ନଲିଖିତ ଋଣଗ୍ରହୀତା /ଗ୍ୟାରେଣ୍ଟିଦାତାମାନଙ୍କ ଠାରୁ **କାନାରା ବ୍ୟାଙ୍କର ସଂପୃକ୍ତ ଶାଖାର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୦୭.୦୩.୨୦୨୨ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ.** ମଧ୍ୟରେ ବିକ୍ରୟ କରାଯିବ । ନିମ୍ନଲିଖିତ ପ୍ରତ୍ୟେକ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେ ପ୍ରଦତ୍ତ । ଅମାନତ ରାଶି **ତା.୦୪.୦୩.୨୦୨୨ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ ।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ | ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **ଏଆର୍‌ଏମ୍ ଶାଖା, କଟକ, ଫୋନ୍: ୭୦୭୭୭୨୦୫୩୦ /** **ଋଣଗ୍ରହୀତା: ମେସର୍ସ ଏଲଟିଏନ୍ ଫୁଡ୍ସ ପ୍ରା. ଲିଃ.,** ସା.: ଖାରିଜ କୋଉଆ, ପୋ.: ଗୋବିନ୍ଦପୁର, ଥାନା: ଧୂଷୁରୀ, ଜିଲ୍ଲା: ଭଦ୍ରକ / **ନିର୍ଦ୍ଦେଶକ ଏବଂ ଗ୍ୟାରେଣ୍ଟିଦାତାମାନେ: ୧) ନିବେଦିତା ବସନ୍ତିଆ,** ସ୍ୱାମୀ: ଅଶୋକ ବସନ୍ତିଆ, ସା.: କାକୁଡିଗାଡିଆ, ପୋ.: ଗୋବିନ୍ଦପୁର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୩୭, **୨) ତାରାବତୀ ଦାସ,** ସ୍ୱାମୀ: ପ୍ରଭାକର ଦାସ, ସା.: ଖାରିଜ କୋଉଆ, ପୋ.: ଗୋବିନ୍ଦପୁର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୩୭ / **ନିର୍ଦ୍ଦେଶକ, ଗ୍ୟାରେଣ୍ଟିଦାତା ଏବଂ ବନ୍ଧକଦାତାମାନେ: ୧) ହୃଦାନନ୍ଦ ସାହୁ,** ପିତା: ବିଶ୍ୱନାଥ ସାହୁ, ସା.: ବେଦପୁର, ପୋ.: କଣ୍ଟାପାରି, ଜିଲ୍ଲା: ଭଦ୍ରକ, ପିନ୍-୭୫୫୦୦୬, **୨) ଦେବାନନ୍ଦ ସାହୁ,** ପିତା: ବିଶ୍ୱନାଥ ସାହୁ, ସା.: ବେଦପୁର, ପୋ.: କଣ୍ଟାପାରି, ଥାନା: ଧାମନଗର, ଜିଲ୍ଲା: ଭଦ୍ରକ, ପିନ୍-୭୫୫୦୦୬ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: ୧) ପ୍ରଭାକର ଦାସ,** ପିତା: ଉଦାକର ଦାସ, ସା.: ଖାରିଜ କୋଉଆ, ପୋ.: ଗୋବିନ୍ଦପୁର, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୩୭ / **ଗ୍ୟାରେଣ୍ଟିଦାତାମାନେ: ୧) ଲିଙ୍ଗରାଜ ସାହୁ,** ପିତା: ଗୌରାଙ୍ଗ ଚନ୍ଦ୍ର ସାହୁ, ସା.: ମୁହାଣପଡା, ପୋ.: ଖଡିପଦା, ଜିଲ୍ଲା: ଭଦ୍ରକ, ପିନ୍-୭୫୫୦୦୬, **୨) ଅଶୋକ କୁମାର ବସନ୍ତିଆ,** ପିତା: ବୁଦ୍ଧଦେବ ବସନ୍ତିଆ, ସା.: କାକୁଡିଗାଡିଆ, ପୋ.: ଅସୁରାଳି, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୩୭, **୩) ନିରୁପମା ସାହୁ,** ସ୍ୱାମୀ: ଲିଙ୍ଗରାଜ ସାହୁ, ସା.: ଛତିସ ବେଦପୁର, ପୋ.: ଖଡିପଦା, ଜିଲ୍ଲା: ଭଦ୍ରକ, ପିନ୍-୭୫୫୦୦୬, **୪) କନକଲତା ଖୁଣ୍ଟିଆ,** ସ୍ୱାମୀ: ଚନ୍ଦ୍ରକାନ୍ତ ଖୁଣ୍ଟିଆ, ସା.: ଭଉରିଆ ବାଙ୍କ, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୧୮, **୫) ପଦ୍ମାବତୀ ଲେଙ୍କା,** ସ୍ୱାମୀ: ବଂଶୀଧର ଲେଙ୍କା, ସା.: ଉଚ୍ଛାପଡା, ପୋ.: ଅସୁରାଳି, ଜିଲ୍ଲା: ଭଦ୍ରକ, ପିନ୍-୭୫୬୧୩୭ | **ଅସ୍ଥାବର ସମ୍ପତ୍ତି: କଳକବ୍ଜା ଏବଂ ଯନ୍ତ୍ରପାତି** **(୧) ସ୍ଥାବର ସମ୍ପତ୍ତି: ପ୍ରଭାକର ଦାସ,** ପିତା: ୰ ଉଦାକର ଦାସ, **ପଦ୍ମାବତୀ ଦାସ/ଲେଙ୍କା,** ସ୍ୱାମୀ: ବଂଶୀଧର ଲେଙ୍କା ଏବଂ **କନକଲତା ଦାସ/ଖୁଣ୍ଟିଆ,** ସ୍ୱାମୀ: ଚନ୍ଦ୍ରକାନ୍ତ ଖୁଣ୍ଟିଆଙ୍କ ନାମରେ ଥିବା ସମ୍ପତ୍ତି (କାରଖାନା ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୮୮୭, ୨୮୭୬, ୨୮୮୪, ୨୮୮୫, ୨୮୭୭, ୨୮୪୫ ଏବଂ ୨୮୮୮, ଖାତା ନଂ.: ୧୫୪, କ୍ଷେତ୍ର: ଏକର୧.୧୪୦ଡିସିମିଲି, ମୌଜା: ଖାରିଜି କୋଉଆ, ତାଲୁକ: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨୮୮୧, ୨୮୮୨, ୨୮୮୩ ଏବଂ ୨୮୯୪, ଦକ୍ଷିଣ: ପ୍ଲଟ୍ ନଂ.: ୨୮୪୪, ୨୮୭୫ ଏବଂ ୨୮୮୬, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୨୮୭୮, ୨୮୮୬ ଏବଂ ୨୮୪୬ | ୦୧.୦୨.୨୦୨୨ ସୁଦ୍ଧା ଟ.୧,୫୫,୧୯,୭୦୪.୧୪ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ | (୧) ଟ. ୯୬,୧୭,୦୦୦/- / ଟ.୯,୬୧,୭୦୦/- |
| | **(୨) ପ୍ରଭାକର ଦାସ,** ପିତା: ୰ ଉଦାକର ଦାସ, **ପଦ୍ମାବତୀ ଦାସ/ଲେଙ୍କା,** ସ୍ୱାମୀ: ବଂଶୀଧର ଲେଙ୍କା ଏବଂ **କନକଲତା ଦାସ/ଖୁଣ୍ଟିଆ,** ସ୍ୱାମୀ: ଚନ୍ଦ୍ରକାନ୍ତ ଖୁଣ୍ଟିଆଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୭୯୫ ଏବଂ ୨୭୯୨, ଖାତା ନଂ.: ୧୫୪, କ୍ଷେତ୍ର: ଏକର୦.୬୭୦ଡିସିମିଲି, ମୌଜା: ଖାରିଜି କୋଉଆ, ପୋ.: ଗୋବିନ୍ଦପୁର, ଥାନା: ଧାମନଗର, ଜିଲ୍ଲା: ଭଦ୍ରକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ନିଜସ୍ୱ ଜମି, ପୂର୍ବ: ସରକାରୀ ଜମି, ପଶ୍ଚିମ: ସନାତନ ଦାସ | | (୨) ଟ. ୨୪,୧୦,୦୦୦/- / ଟ.୨,୪୧,୦୦୦/- |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବ୍‌ସାଇଟ୍ **(www.canarabank.com)** ରେ ପ୍ରଦତ୍ତ **"E-Auction"** ଲିଙ୍କ୍ କିମ୍ବା ସମ୍ପୃକ୍ତ ଶାଖା ଭାରପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।

**ସ୍ଥାନ: ଭୁବନେଶ୍ୱର, ତାରିଖ : ୦୨.୦୨.୨୦୨୨** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**



See Career Appointment on every Wednesday & Saturday


# ବିଜେଡିର ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଜାଣି ବି କମିଶନ ଚୁପ୍: ଭାଜପା

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅବାଧ, ନିରପେକ୍ଷ, ଭୟମୁକ୍ତ ହେବା ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶାସନ କ୍ଷମତା ଏବଂ ସରକାରୀ କଳ ଓ ବଳକୁ ଅପବ୍ୟବହାର କରି ଶାସକ ବିଜେଡି ଭୋଟରଙ୍କୁ ବାରମ୍ବାର ପ୍ରଭାବିତ କରୁଛି। ଏହା ପ୍ରମାଣିତ ହେବା ସତ୍ତ୍ୱେ ରାଜ୍ୟ ନିର୍ବାଚନ କମିଶନ ନୀରବତା ଅବଲମ୍ବନ କରିବା ଏବଂ କୌଣସି ପଦକ୍ଷେପ ଗ୍ରହଣ ନ କରିବା ସୁସ୍ଥ ଗଣତନ୍ତ୍ର ପ୍ରତି ବିପଦ ଆଣିଛି। ଅନ୍ୟପଟେ ଶାସକ ବିଜେଡି ନିର୍ବାଚନୀ ହିଂସାରୁ ନିବୃତ ରହିବାକୁ ରାଜ୍ୟ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଗତ ଜାନୁୟାରୀ ୧ ତାରିଖରେ ମାଲକାନଗିରି ଜିଲା ପରିଷଦ ଜୋନ୍-୨ ପ୍ରାର୍ଥୀ ପ୍ରଦୀପ କୁମାର ମାଡକାମୀଙ୍କୁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ୩ ଜଣ ଅଜ୍ଞାତ ବ୍ୟକ୍ତି ବିଟ୍ ବଜାରରେ ଧମକ ଦେବା ସହ ଜୀବନରୁ ମାରିଦେବାର ମଧ୍ୟ ଧମକ ଦେଇଥିଲେ। ପୁଣି ଗତ ୩୧ ତାରିଖରେ ୩ ଜଣ ମୁଖାପିନ୍ଧା ଅଜ୍ଞାତ ବ୍ୟକ୍ତି ମାଡକାମୀଙ୍କୁ ଆକ୍ରମଣ ସହ ମୁହଁରେ କପଡ଼ା ବାନ୍ଧି ଅପହରଣ କରିଥିଲେ। କିଛି ବାଟ ଗଲା ପରେ ତାଙ୍କୁ ନିର୍ବାଚନ ପ୍ରଚାର ନ କରିବାକୁ ବାଧ୍ୟ କରିଥିଲେ। ଏଥିରୁ ନିବୃତ ନ ହେଲେ ତାଙ୍କୁ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଭୟଭୀତ କରିଥିଲେ। ଦିନ ଦ୍ୱିପ୍ରହରରେ ଭାଜପା ପ୍ରାର୍ଥୀଙ୍କୁ ବିଜେଡି ଗୁଣ୍ଡାମାନଙ୍କ ଧମକ ଅତ୍ୟନ୍ତ ନିନ୍ଦନୀୟ। ଏଭଳି ଅଭିଯୋଗକୁ ନେଇ ଭାଜପା ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି।

# ଭାଜପା ଲାଗି ଡିଜିଟାଲରେ ପ୍ରଚାର କରିବେ ୪ କେନ୍ଦ୍ର ନେତା

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

ପଞ୍ଚାୟତ ନିର୍ବାଚନ ଲାଗି ଡିଜିଟାଲ ଓ ଭର୍ଚୁଆଲ ମାଧ୍ୟମରେ ଭାଜପା ରାଜ୍ୟରେ ପ୍ରଚାର କରିବ। ଡିଜିଟାଲ ଓ ଭର୍ଚୁଆଲ ମାଧ୍ୟମରେ ଭାଜପାର ଷ୍ଟାର ପ୍ରଚାରକ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର କରିବେ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ମୃତି ଇରାନୀ, ଗିରିରାଜ ସିଂ, ନରେନ୍ଦ୍ର ସିଂ ତୋମାର ପ୍ରମୁଖ ଡିଜିଟାଲ ଜରିଆରେ ପ୍ରଚାର କରିବେ। ଏନେଇ ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଗୋଲକ କହିଛନ୍ତି, ଆମର ଡିଜିଟାଲ ପ୍ରଚାର ଆରମ୍ଭ ହୋଇଯାଇଛି। ବିଭିନ୍ନ ସାମାଜିକ ଗଣମାଧ୍ୟମ ଜରିଆରେ ଭିଡିଓରେ ଆମ ନେତାମାନେ ସମ୍ବୋଧନ କରିବା ଆରମ୍ଭ କରିସାରିଲେଣି। ତେବେ ବିଧିବଦ୍ଧ ଭାବେ ଗୁରୁବାର ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ।

ପଞ୍ଚାୟତ ନିର୍ବାଚନ ଲାଗି ଆମେ ପ୍ରତ୍ୟେକ ସ୍ଥାନ ପାଇଁ ବିଭିନ୍ନ ନେତାଙ୍କ ନାଁ ସ୍ଥିର କରିଛୁ। ସେମାନେ ଡିଜିଟାଲ ମାଧ୍ୟମରେ ପ୍ରଚାର କରିବେ। ହେଲେ କେନ୍ଦ୍ରୀୟ ନେତାମାନଙ୍କ ସିଡ୍ୟୁଲ ଏପର୍ଯ୍ୟନ୍ତ ସ୍ଥିର କରାଯାଇନାହିଁ। ୨ ଦିନ ମଧ୍ୟରେ ସବୁକିଛି ସ୍ପଷ୍ଟ ହୋଇଯିବ। ସୂଚନାଯୋଗ୍ୟ , ପଞ୍ଚାୟତ ନିର୍ବାଚନ ପାଇଁ ଭାଜପା ୨୨ଟି ପ୍ରତିଶ୍ରୁତି ଦେଇଛି। ପଞ୍ଚାୟତରେ ପଲ୍ଲିସଭା ଓ ଗ୍ରାମସଭା, ଧାନ କିଣାରେ ଟୋକନ ବ୍ୟବସ୍ଥାର ଉଚ୍ଛେଦ କରି ଚାଷୀଙ୍କ ଠାରୁ ସରଳ ପ୍ରକ୍ରିୟାରେ ଧାନ କିଣା, ମଣ୍ଡି ବ୍ୟବସ୍ଥାକୁ ସୁଦୃଢ କରିବା, ମହିଳା ସଶକ୍ତୀକରଣ ଆଦି ପ୍ରତିଶ୍ରୁତି ଭାଜପା ଦେଇଛି।


**TPWODL**
**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

**NOTICE INVITING TENDER**

**Tender Notice No. TPWODL/MK/O/SER/ 091** **Date: 03.02.2022**

TP Western Odisha Distribution Limited, invites quotations (in 2part) from eligible vendors/suppliers for the following package :

**Rate Contract for Single Phase Meter installation and Services in TPWODL Area.**

Interested bidders to submit Tender Participation Fee and Authorization Letter through email on or before **10th February 2022, 15:00Hrs**, in order to become eligible to participate in the bidding process.

All correspondence regarding the tender details bid submission, date extension etc. shall only take place with the eligible bidders through E-tender system.

For detailed tender documents you may visit Tender section of our website: **www.tpwesternodisha.com.**

**Sd /- Chief Contracts and Stores**



**ଓଡ଼ିଶା ସରକାର**
**ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ**

**ଘୋଷଣା**

ସଂଖ୍ୟା-LA-CASE-24/2019 879/ ଭୂ-ଅର୍ଜନ ତାରିଖ ୨୯।୦୧।୨୦୨୧

No.XXVI-04:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation& Resettlement Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ରତାଙ୍ଗ, ଥାନା- ବାସୁଦେବପୁର ସଂଖ୍ୟା-୩୭, ତହସିଲ- ବାସୁଦେବପୁର, ଜିଲ୍ଲା- ଭଦ୍ରକରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଭଦ୍ରକ ଜିଲ୍ଲାର ଗମେଇ ଡ୍ରେନେଜ ଚ୍ୟାନେଲର ସଂସ୍କାର ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (Right to Fair Compensation and Transparency in Land Acquisition, Rehabilitation & Resettlement Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୮୧୯୫ ତା୦୧।୧୧।୨୦୧୯ରିଖରେ ପ୍ରକାଶିତ ହୋଇଅଛି ଯାହାକି, ତା୦୫ ଫେବୃୟାରୀ ୨୦୨୦ ରିଖ ନଂ.୧୯୯ ଓଡ଼ିଶା ରାଷ୍ଟ୍ରପତ୍ରରେ ପ୍ରକାଶ ପାଇଅଛି।

ପୁନଶ୍ଚ ଏହି ଘୋଷଣା କରାଯାଉଅଛି ଯେ, ମୌଜା- ରତାଙ୍ଗ, ଥାନା- ବାସୁଦେବପୁର ସଂଖ୍ୟା-୩୭, ତହସିଲ- ବାସୁଦେବପୁର, ଜିଲ୍ଲା- ଭଦ୍ରକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଭୂ-ଅର୍ଜନ ହେଉଥିବା ଭୂମି ନକ୍ସା ଓ ଭୂମି ଅନୁସୂଚୀ ଭୂ-ଅର୍ଜନ ଅଧିକାରୀ, ଭଦ୍ରକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**

**ଜିଲ୍ଲା: ଭଦ୍ରକ** **ତହସିଲ: ବାସୁଦେବପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ରତାଙ୍ଗ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୩.୨୩ ଏକର | ୧.୫୬ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିଗ୍ରହଣ ହେବାକୁ ଥିବା ଜମି ରକବା ମଧ୍ୟରୁ ୬ ଏକର ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ୫୮.

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**

**ଜିଲ୍ଲା: ଭଦ୍ରକ** **ତହସିଲ: ବାସୁଦେବପୁର**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୦୫।୦୨।୨୦୨୧

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- (ଜ୍ଞାନ ଦାସ)**
**ଜିଲ୍ଲାପାଳ, ଭଦ୍ରକ**

**ଭୂମି ଅନୁସୂଚୀ**
**ପ୍ରକଳ୍ପର ନାମ- ଗମେଇ-କାଂଶବାଂଶ ନଦୀ ସଂସ୍କାର**
**ସା- ରତାଙ୍ଗ, ତହସିଲ- ବାସୁଦେବପୁର, ଥାନା- ବାସୁଦେବପୁର, ସଂ-୩୭, ଜିଲ୍ଲା- ଭଦ୍ରକ**

| କ୍ର. ସଂ. | ଖାତା ସଂ | ଖସଡ଼ା ସଂ | ମୋଟ ରକବା | ଭୂ-ଅର୍ଜନ ରକବା | କିସମ | ଖାତା ରୟତଙ୍କର ନାମ ଓ ଠିକଣା |
|---|---|---|---|---|---|---|
| ୧ | ୨୧୬ | ୧୦୧୭ | ୦.୬୦ | ୦.୦୪ | ପତିତ | ପଞ୍ଚାନନ ରାଉତ, ପି- ନୀଳ ରାଉତ ଓଗେର, ଜା- ଖଣ୍ଡାୟତ, ବା- ରତାଙ୍ଗ |
| ୨ | ୪୮ | ୨୧୬୭ | ୨.୬୩ | ୧.୫୨ | ଚକ | କୃଷ୍ଣ ଚନ୍ଦ୍ର ପୋଇ, କିସ୍ମତ ୪ ଅଣା, ପଞ୍ଚାନନ ପୋଇ, କିସ୍ମତ ୪ ଅଣା, ପୁରୁଷୋତ୍ତମ ପୋଇ, କିସ୍ମତ ୪ ଅଣା, ନରେନ୍ଦ୍ର ପୋଇ, କିସ୍ମତ ୪ ଅଣା, ପି- ଭ୍ରମର ପୋଇ, ଜା- ଖଣ୍ଡାୟତ, ବା- ନିଜଗାଁ |
| | | ମୋଟ | ୩.୨୩ | ୧.୫୬ | | |
| ଗୋଚର ପ୍ରତିବଦଳ (ଖସଡ଼ା ସଂ. ୨୧୬୭) | | | | | | |
| ୩ | ୫୦୯ | ୨୧୧୫ | ୨୩.୧୦ | ୧.୫୨ | ଗୋଚର | ରକ୍ଷିତ |

**ସ୍ୱା./- ଭୂ-ଅର୍ଜନ ଅଧିକାରୀ, ଭଦ୍ରକ**

OIPR-24017/14/0018/2122



**ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗ**
ପ୍ଲଟ ନଂ-୪, ଚୁନୁକୋଳି, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧
E-mail : orierc@rediffmail.com
Website :www.orierc.org

CAD-2856

**ସର୍ବସାଧାରଣ ବିଜ୍ଞପ୍ତି**
କେସ୍ ନଂ.୧୦୭/୨୦୨୧

**ବିଦ୍ୟୁତ୍ ଆଇନ୍, ୨୦୦୩ ଅନ୍ତର୍ଗତ ଧାରା ୮୬(୧) (କ) ଓ (ଖ) ଏବଂ ତତ୍ ସଂଲଗ୍ନ ଅନ୍ୟ ସମସ୍ତ ବ୍ୟବସ୍ଥା ଅନୁଯାୟୀ ଗ୍ରୀଡକୋ ଦ୍ୱାରା ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ସମୁଦାୟ ଆବଶ୍ୟକ ରାଜସ୍ୱ ଓ ମୋଟା ବିଦ୍ୟୁତ୍ ଯୋଗାଣର ମୂଲ୍ୟ ଉପରେ ଦାଖଲ କରିଥିବା ଆବେଦନ ପତ୍ରର ଶୁଣାଣି ସମ୍ବନ୍ଧୀୟ ।**

ଏହି ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ, ଦୈନିକ ଇଂରାଜୀ ଓ ଓଡିଆ ସମ୍ବାଦପତ୍ରରେ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଗ୍ରୀଡକୋର ଆବେଦିତ ସମୁଦାୟ ରାଜସ୍ୱ ଆବଶ୍ୟକତା ଓ ମୋଟା ବିଦ୍ୟୁତ୍ ଯୋଗାଣର ମୂଲ୍ୟ ସମ୍ବନ୍ଧରେ ତା.୧୭.୧୨.୨୦୨୧ ରିଖରେ ଗ୍ରୀଡକୋ ଦ୍ୱାରା ପ୍ରକାଶିତ ସର୍ବସାଧାରଣ ବିଜ୍ଞପ୍ତିର ଉଭୟ ଗ୍ରହଣ ଓ ଶୁଣାଣି ପାଇଁ **ତା.୧୯.୦୨.୨୦୨୨ ରିଖ ଦିବା ୧୧:୦୦ ଘଟିକାରେ** ଆଭାସିକ ପକ୍ରିୟା ମାଧ୍ୟମରେ ହେବ । ଗ୍ରୀଡକୋର ଉପରୋକ୍ତ ଆବେଦନ ପତ୍ର ସମ୍ପର୍କରେ ଏହି ବିଜ୍ଞାପନରେ ପ୍ରକାଶିତ ଅନୁଷ୍ଠାନ / ବ୍ୟକ୍ତିବିଶେଷ, ଯାହାଙ୍କର ଅଭିଯୋଗ / ପ୍ରସ୍ତାବ ଗୁଡିକ ଆୟୋଗ ଗ୍ରହଣ କରିଛନ୍ତି, ସେଗୁଡିକର ଶୁଣାଣି ନିମନ୍ତେ ଆୟୋଗ ସ୍ୱୀକୃତି ପ୍ରଦାନ କରିଛନ୍ତି ।

ଏତଦ୍ ଦ୍ୱାରା ସଲଗ୍ନ ହୋଇଥିବା ଉଭୟ ଆବେଦନକାରୀ (ଗ୍ରୀଡକୋ) ଏବଂ ଅନୁଷ୍ଠାନ / ବ୍ୟକ୍ତିବିଶେଷ ଯେଉଁମାନଙ୍କ ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି ସେମାନେ ଆୟୋଗଙ୍କ ସମ୍ମୁଖରେ ନିଜେ କିମ୍ବା ସେମାନଙ୍କର ଅଧିକାରପ୍ରାପ୍ତ ପ୍ରତିନିଧି କିମ୍ବା ନିଯୁକ୍ତ ଆଟର୍ଣ୍ଣି ମାଧ୍ୟମରେ ଉପରୋକ୍ତ ତାରିଖ ଓ ସମୟରେ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଉଅଛି ।

ଗ୍ରୀଡକୋ ପ୍ରଦତ୍ତ ସାଂପ୍ରତିକ ଦରଖାସ୍ତ ଆଭାସିକ ପକ୍ରିୟା ମାଧ୍ୟମରେ ଶୁଣାଣି ହେବ ଏବଂ ଏଥିନିମିତ୍ତ ଦରଖାସ୍ତକାରୀ ଓ ଅଭିଯୋଗକାରୀଙ୍କୁ ଶୁଣାଣୀରେ ଯୋଗ ଦେବା ପାଇଁ ସେମାନଙ୍କର ନିଜର ବ୍ୟକ୍ତିଗତ ମେଲ୍ ଆଇ.ଡି. ଓ ହ୍ୱାଟ୍ସଆପ୍ ନମ୍ବର ଶୁଣାଣିର ପୂର୍ବଦିନ ଆୟୋଗଙ୍କୁ ମେଲ୍ ଆଇ.ଡି. **oerc.vc@gmail.com** ରେ ଦେବାକୁ ହେବ, ଯଦ୍ୱାରା କି ସେମାନଙ୍କୁ ଆଭାସିକ ପକ୍ରିୟାରେ ଲିଙ୍କ ଉପଲବ୍ଧ କରାଯିବ ।

**ଆୟୋଗଙ୍କର ନିର୍ଦ୍ଦେଶକ୍ରମେ,**

**ତା. ୦୧.୦୨.୨୦୨୨ ରିଖ** **ସ୍ୱା/-**
**ସଚିବ**

ବି.ଦ୍ର.: ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ଓ ତତ୍ ସହିତ ଯେଉଁ ଅନୁଷ୍ଠାନ / ବ୍ୟକ୍ତିବିଶେଷଙ୍କ ଅଭିଯୋଗ / ପ୍ରସ୍ତାବ ଆୟୋଗଙ୍କ ଦ୍ୱାରା ଶୁଣାଣି ନିମନ୍ତେ ଗ୍ରହଣ କରାଯାଇଛି, ତାହାର ତାଲିକା ଓଡିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ୱେବସାଇଟ୍, **www.orierc.org** ରେ ଉପଲବ୍ଧ ।

| | |
|---|---|
| ୧ | ଶ୍ରୀ ଯୋଗେନ୍ଦ୍ର ବେହେରା, ମେସର୍ସ ଇଣ୍ଡିଆନ ଏନର୍ଜି ଏକ୍ସଚେଞ୍ଜ, ପ୍ଲଟ୍ ନଂ. ସି-୦୦୧/ଏ/୧, ୯ମ ମହଲା, ମ୍ୟାକ୍ସ ଟାୱାର୍ସ,ସେକ୍ଟର ୧୬ ବି, ନଏଡା, ଗୌତମ ବୁଦ୍ଧ ନଗର, ଉତ୍ତର ପ୍ରଦେଶ-୨୦୧୩୦୧ |
| ୨ | ଶ୍ରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ପିତା- ସ୍ୱର୍ଗତ ବ୍ରଜବନ୍ଧୁ ପଟ୍ଟନାୟକ, ମାନ୍ୟବର ବିଧାୟକ, ଖଣ୍ଡପଡା, ପ୍ଲଟ୍ ନଂ. ୧୮୫, ଭିଆଇପି କଲୋନି, ନୟାପଲ୍ଲୀ, ଭୁବନେଶ୍ୱର-୧୫ |
| ୩ | ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସଚିବ, ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲେବର ଓ ସଭାପତି, ଉପଭୋକ୍ତା ମହାସଂଘ, ପ୍ଲଟ୍ ନଂ. ୩୦୨ (ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ |
| ୪ | ଉତ୍କଳ ଚାମ୍ବର ଅଫ୍ କମର୍ସ ଓ ଇଣ୍ଡଷ୍ଟ୍ରି ଲିମିଟେଡ୍, (ୟୁସିସିଆଇ) ଏନ୍-୬, ଆଇଆରସି ଭିଲେଜ,ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ |
| ୫ | ମେସର୍ସ ଓପିଜିସି ଲିମିଟେଡ୍, ଜୋନ୍-ଏ, ୭ମ ମହଲା, ଫରଚୁନ୍ ଟାୱାର୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩ |
| ୬ | ଶ୍ରୀ ଅଶୋକ କୁମାର ନନ୍ଦ, ପିତା-ସ୍ୱର୍ଗତ ବନବିହାରୀ ନନ୍ଦ, ଆବାହକ, ଓଡିଶା ଜନଶକ୍ତି ମଞ୍ଚ, ପ୍ଲଟ୍ ନଂ. ୧୯୬/୨୨୮୨, ମୁକ୍ତି ନିଳୟ, ଖଣ୍ଡଗିରି ଛକ, ଭୁବନେଶ୍ୱର-୭୫୧୦୩୦ |
| ୭ | ମେସର୍ସ ବେଦାନ୍ତ ଲିମିଟେଡ୍, ପ୍ରଥମ ମହଲା, ସି-୨, ଫରଚୁନ୍ ଟାୱାର୍ସ, ଚନ୍ଦ୍ରଶେଖରପୁର, ନନ୍ଦନକାନନ ରୋଡ, ଭୁବନେଶ୍ୱର-୭୫୧୦୨୩ |
| ୮ | ମେସର୍ସ ଗ୍ରିନିଟି ପାୱାର ଟେକ୍ ପ୍ରାଇଭେଟ୍ ଲିମିଟେଡ୍, କେ-୮/୮୨, କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର-୭୫୧୦୨୯ |
| ୯ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପି ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡ୍ଲ୍ୟୁଓଡିଏଲ), ବୁର୍ଲା, ସମ୍ବଲପୁର-୭୬୮୦୧୭ |
| ୧୦ | ଶ୍ରୀ ଅଲେଖ ଚନ୍ଦ୍ର ମଲ୍ଲିକ, ପିତା- ସ୍ୱର୍ଗତ ହରେକୃଷ୍ଣ ମଲ୍ଲିକ, ପ୍ଲଟ୍ ନଂ. ୩୩୫, ସିଟି ଗାର୍ଡେନ, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪ |
| ୧୧ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସଓଡିଏଲ, କୋର୍ଟପେଟା, ବ୍ରହ୍ମପୁର - ୭୬୦୦୦୪ |
| ୧୨ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏନଓଡିଏଲ, କର୍ପୋରେଟ୍ କାର୍ଯ୍ୟାଳୟ- ଜାନୁଗଞ୍ଜ, ବାଲେଶ୍ୱର -୭୫୬୦୧୯ |

OIPR-04056/11/0006/2122

> ମଧ୍ୟଯୁଗ ଏକ ରାତ୍ରି ଥିଲା। ତାହା ଥିଲା ଅଜ୍ଞାନୀ ଲୋକଙ୍କ ପାଇଁ ବିଜୟର ସମୟ। ଏହି ଆଧୁନିକ ଯୁଗ କିନ୍ତୁ ଜ୍ଞାନୀ ଲୋକଙ୍କର ବିଜୟର ସମୟ। ଯେଉଁ ଲୋକ ଅଧିକ ବୁଝିପାରିବ ଅଧିକ ଚିନ୍ତା କରିବା ଦ୍ୱାରା ସତ୍ୟକୁ ଶିକ୍ଷା କରିପାରିବ–ଅଧିକ ଖୋଜି ପାରିବ –ଅଧିକ ଶ୍ରମ କରିପାରିବ– ସେ ହିଁ ଅଧିକ ଶକ୍ତି ଲାଭ କରିବ। **–ଶ୍ରୀଅରବିନ୍ଦ**



# ଆଫ୍ରିକାର ସ୍ୱାସ୍ଥ୍ୟ ପ୍ରଯୁକ୍ତି



ଷ୍ଟିଫେନ୍ ଓଗ୍ୱେନୋ

ଆଫ୍ରିକାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ସୁଧାରିବାରେ ସାଧାରଣତଃ ଘୋର ଅକ୍ଷମତା ଦେଖାଯାଇଥାଏ। ଏହି ମହାଦେଶର ସବୁ ଦେଶ ଚିକିତ୍ସା ଉପକରଣ ଓ ଔଷଧ ଯୋଗାଣ ଶୃଙ୍ଖଳା, ପ୍ରଯୁକ୍ତିଗତ ସ୍ୱାସ୍ଥ୍ୟ ସେବା ଯୋଗାଇବା, ଚିକିତ୍ସାଗତ ତଥ୍ୟର ସମୀକ୍ଷା ଓ ଷ୍ଟୋରେଜ ଏବଂ ପାଣ୍ଠି ଯୋଗାଣରେ ଥିବା ବାଧା ଦୂର କରିବା ଲାଗି ସଂଗ୍ରାମ କରିଥାନ୍ତି। କିନ୍ତୁ ଏବେ ଟେଲିମେଡିସିନ, ଡ୍ରୋନ୍, ଅତ୍ୟଧିକ ତଥ୍ୟ ସଂଗ୍ରହ କରି ତାହାକୁ ସଞ୍ଚାଳନ କରିବା, ପିନ୍ଧିବାଯୋଗ୍ୟ ଉପକରଣ ଆବିଷ୍କାର ଏବଂ ତଥ୍ୟଗତ ପରିଚାଳନା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆସିଛି। ଏହାଯୋଗୁ ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାର ପରିଣାମରେ ଉନ୍ନତିର ପ୍ରତିବଦ୍ଧତା ପ୍ରକାଶ ପାଇଛି ଓ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ସମାଧାନ କରିବାର ସମ୍ଭାବନା ସୃଷ୍ଟି ହୋଇଛି। ଗତ ଦୁଇ କି ତିନି ବର୍ଷ ମଧ୍ୟରେ ଆଫ୍ରିକୀୟ ହେଲ୍‌ଥ ଟେକ୍ ବା ସ୍ୱାସ୍ଥ୍ୟ ପ୍ରଯୁକ୍ତି କ୍ଷେତ୍ରରେ ରେକର୍ଡ ସ୍ତରର ଅଭିବୃଦ୍ଧି ଘଟିଛି। କେବଳ ୨୦୨୦ରେ ମହାଦେଶରେ ୪୦ରୁ ଅଧିକ ହେଲ୍‌ଥ ଟେକ୍ ଷ୍ଟାର୍ଟଅପ୍‌ରେ ବାହାର ଦେଶର ନିବେଶକମାନେ ପୁଞ୍ଜି ଖଟାଇଛନ୍ତି କିମ୍ବା ଆଂଶିକ ଭାଗୀଦାରି ହୋଇଛନ୍ତି। ନିକଟରେ ଆରମ୍ଭ ହୋଇଥିବା ଫାର୍ମଗୁଡ଼ିକ ଜେନେଟିକ ସିକ୍ୱେନ୍‌ସିଂ ବା ଆନୁବାଂଶିକ ଅନୁକ୍ରମଣ , ଔଷଧ କିଣା ଏବଂ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ଯୋଗାଇବା ଓ ତାହାକୁ କିଭଳି ଲୋକେ ଚିକିତ୍ସାରେ ଲଗାଇ ପାରିବେ, ସେହି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।

ସ୍ୱାସ୍ଥ୍ୟ ଅଭିବୃଦ୍ଧି ପାଇଁ ବହୁ ସୁଯୋଗ ରହିଛି। କିନ୍ତୁ ସ୍ୱାସ୍ଥ୍ୟ ପ୍ରଯୁକ୍ତି କମ୍ପାନୀଗୁଡ଼ିକ ଏଥିରେ ସଫଳ ହେବା ପାଇଁ କିଛି ପଦକ୍ଷେପ ନେବାକୁ ପଡ଼ିବ। ଏହାର ଏଣ୍ଟରପ୍ରିନ୍ୟୁୟରମାନେ ପୂର୍ବ ସଫଳତା ଓ ବିଫଳତାକୁ ଅନୁଧ୍ୟାନ କରିବା ଦରକାର। ସୁଯୋଗଗୁଡ଼ିକ ମଧ୍ୟରୁ ଆଫ୍ରିକାରେ କେଉଁଟି କାମ କରିବ କିମ୍ବା କେଉଁଟି କାମ କରିବ ନାହିଁ ତାହା ଉକ୍ତ ଅନୁଧ୍ୟାନ ମାଧ୍ୟମରେ ସ୍ଥିର କରିବାକୁ ହେବ। ଆଫ୍ରିକାର ହେଲ୍‌ଥ ଟେକ୍‌ଗୁଡ଼ିକ ମଧ୍ୟରେ 'ୱାଇଜ୍‌ପିଲ୍' ଅନ୍ୟତମ। ଏହା ୨୦୦୭ରେ ପ୍ରତିଷ୍ଠା ହୋଇଥିଲା। ଦକ୍ଷିଣ ଆଫ୍ରିକାର ଏହି କମ୍ପାନୀ ଏକ ଷ୍ଟୋରେଜ କଣ୍ଟେନରର ବିକାଶ କରିଥିଲା। ଏହାର ବିଶେଷତ୍ୱ ହେଉଛି, ୟୁଜରମାନେ ଔଷଧ ଖାଇବାକୁ ଭୁଲିଯାଇଥିଲେ ଏହା ମୋବାଇଲ ଡିଭାଇସ ମାଧ୍ୟମରେ ସେମାନଙ୍କୁ ସତର୍କ କରିଦେଇଥାଏ। ଜଣେ କେତେବେଳେ ଔଷଧ ଖାଇଛନ୍ତି ସେ ସମ୍ପର୍କରେ ତଥ୍ୟ ଡାକ୍ତର ଏବଂ ବିଶେଷଜ୍ଞଙ୍କୁ ଜଣାଇଦିଏ। ଦକ୍ଷିଣ ଆଫ୍ରିକା ଏବଂ ଉଗାଣ୍ଡାରେ କରାଯାଇଥିବା ଅନେକ ଗବେଷଣାରୁ ଜଣାପଡ଼ିଛି ଯେ, ୱାଇଜ୍‌ପିଲ୍ ପ୍ରୟାସରେ ଚିକିତ୍ସା ଲାଗି ଔଷଧ ବ୍ୟବହାର ନିୟମ ପାଳନରେ ଯଥେଷ୍ଟ ଉନ୍ନତି ଦେଖାଯାଇଥିଲା ଓ ଏହାର ହାର ଥିଲା ୯୦%ରୁ ଅଧିକ। ସେହିଭଳି ନାଇଜେରିଆର ହେଲ୍‌ଥ ଟେକ୍ ଷ୍ଟାର୍ଟଅପ୍ 'ମେଡିଟେଲ୍' ମଧ୍ୟ ଔଷଧ ବ୍ୟବହାରରେ ରହିଥିବା ଜଟିଳତା ଦୂର କରିବା ଲାଗି ରୋଗୀମାନଙ୍କୁ ସତର୍କ କରାଉଥିଲା। ଏହାର ଏକ ସଫ୍ଟୱେର ରୋଗୀଙ୍କ ପାଖକୁ ହସ୍ପିଟାଲରୁ ଟେକ୍ସଟ୍ ମେସେଜ୍ ପଠାଇ ଔଷଧ ସେବନ କରିବାକୁ ମନେପକାଇ ଦେଉଥିଲା। ପରେ ମେଡିଟେଲ୍‌ର ପ୍ରତିଷ୍ଠାତାମାନେ ଇନସ୍ୟୁରାନ୍ସ ବ୍ୟବସ୍ଥା ଏବଂ ଫାର୍ମାସ୍ୟୁଟିକାଲ କମ୍ପାନିଗୁଡ଼ିକ ସହ ବହୁ ଚୁକ୍ତି କରି ଲୋକମାନଙ୍କ ମଧ୍ୟରେ ତା'ଉତ୍ପାଦର ଗ୍ରହଣୀୟତା ବୃଦ୍ଧି କରିବା ସକାଶେ ଚେଷ୍ଟା କରିଥିଲେ। କମ୍ପାନୀ ତା'ମୂଳ ଲକ୍ଷ୍ୟରୁ ଦୂରେଇ ଯିବାରୁ ଶେଷରେ ବିଫଳ ହୋଇଥିଲା। ତେବେ ଆଫ୍ରିକୀୟ ସ୍ୱାସ୍ଥ୍ୟ ପ୍ରଯୁକ୍ତି ଫାର୍ମଗୁଡ଼ିକ ଯଦି ଧୀରେ ଧୀରେ ଆଗକୁ ବଢନ୍ତି ଓ ଉପଭୋକ୍ତାଙ୍କ ମାନସିକତାକୁ ଗ୍ରହଣ କରନ୍ତି, ତେବେ ସ୍ୱାସ୍ଥ୍ୟ ପ୍ରଯୁକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହୋଇପାରିବ। ଏଭଳି ଲକ୍ଷ୍ୟ ହାସଲ ପାଇଁ ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ପରିଚାଳନା କରୁଥିବା ଡିଷ୍ଟ୍ରିକ୍ଟ ହେଲ୍‌ଥ ଇନ୍‌ଫର୍ମେଶନ ସଫ୍ଟୱେର (ଡିଏଚ୍‌ଆଇଏସ୍) ଦକ୍ଷିଣ ଆଫ୍ରିକାର ତିନୋଟି ଛୋଟ ଜିଲାରେ ତା'ପ୍ଲାଟଫର୍ମରେ ରୋଗୀଙ୍କ ତଥ୍ୟ ରେକର୍ଡିଂ ଆରମ୍ଭ କରିଛି। ପ୍ଲାଟଫର୍ମକୁ ବଢ଼ାଇବା ଲାଗି ଡିଏଚ୍‌ଆଇଏସ୍ କାର୍ଯ୍ୟ କରୁଛି ଏବଂ ବିଭିନ୍ନ କ୍ଷେତ୍ରରେ ଏହାର ବ୍ୟବହାରିତାରେ ଉନ୍ନତି ଆଣିପାରିଛି। ଏବେ ଏହା ୭୩ଟି ଦେଶରେ ଗ୍ରହଣୀୟ ହୋଇପାରିଛି।

ଆଫ୍ରିକୀୟ ହେଲ୍‌ଥ ଟେକ୍ ଏଣ୍ଟରପ୍ରିନ୍ୟୁୟରମାନେ ଉପଲବ୍ଧ ସଂସାଧନଗୁଡ଼ିକର ସଦ୍‌ଉପଯୋଗ ପାଇଁ ସେମାନଙ୍କ ପ୍ରଭାବଶାଳୀ ପ୍ରତିଭା ପ୍ରଦର୍ଶନ କରିଛନ୍ତି। ୨୦୦୦ ଦଶନ୍ଧିର ମଧ୍ୟଭାଗରେ ଇଣ୍ଟର୍‌ନେଟ ସଂଯୋଗ ବ୍ୟାପକ ହୋଇ ନ ଥିଲାବେଳେ ଆଗଧାଡ଼ିର ଏସଏମ୍ଏସ ପ୍ରତିଷ୍ଠାତାମାନେ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀ ଏବଂ ହସ୍ପିଟାଲ କର୍ମଚାରୀଙ୍କ ମଧ୍ୟରେ ଯୋଗାଯୋଗ ବଢାଇବା ଲାଗି ଆଗକୁ ଆସିଥିଲେ। ଭିତ୍ତିଭୂମି କ୍ଷେତ୍ରରେ ରହିଥିବା ବାଧାଗୁଡ଼ିକୁ ସାମ୍ନା କରି ସେମାନେ ସାଧାରଣ ଟେକ୍ସଟ୍ ମେସେଜ ଟେକ୍‌ନୋଲୋଜି ମାଧ୍ୟମରେ ତଥ୍ୟ ପଠାଇବା ଲାଗି ଏକ ପ୍ରୋଗ୍ରାମ ବିକାଶ କରିଥିଲେ। ବେସିକ୍ କ୍ୟାମେରା ଫୋନ୍ ମାଧ୍ୟମରେ ରକ୍ତ ନମୁନାର ଫଟୋ ପଠାଇବା ପାଇଁ ଏହାକୁ ବ୍ୟବହାର କରାଗଲା। ଫଳରେ କ୍ଲିନିକ୍ ନ ଯାଇ ରୋଗୀମାନଙ୍କ ରକ୍ତ ପରୀକ୍ଷା ହୋଇପାରିଲା। ହେଲ୍ଥ ଟେକ୍ ଫାର୍ମଗୁଡ଼ିକରେ ରହିଥିବା ପ୍ରତିବନ୍ଧକଗୁଡ଼ିକ ଶୀଘ୍ର ଅପସରି ଯିବା ଫଳରେ ଆଫ୍ରିକାରେ ମୋବାଇଲ ଏବଂ ଇଣ୍ଟର୍‌ନେଟ ବ୍ୟବହାରୀଙ୍କ ହାର ଦ୍ରୁତଗତିରେ ବଢୁଛି। କୋଭିଡ୍-୧୯ ମହାମାରୀ ଏ କ୍ଷେତ୍ରରେ ନୂତନତ୍ୱ ଓ ନିବେଶକୁ ପ୍ରେରିତ କରିଛି। ୨୦୨୦ରେ ଆଫ୍ରିକାରେ ହେଲ୍‌ଥ ଟେକ୍‌ରେ ପୂର୍ବାପେକ୍ଷା ସବୁଠୁ ଅଧିକ ନିବେଶ ହୋଇପାରିଛି।

ଆଫ୍ରିକା ମହାଦେଶର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ବହୁ ସମୟରେ ଆହ୍ୱାନଗୁଡ଼ିକୁ ସାମ୍ନା କରି ଆଗକୁ ବି ଯାଇପାରିଛି। ଏହାକୁ ଲକ୍ଷ୍ୟ କଲେ ଆଫ୍ରିକୀୟ ହେଲ୍‌ଥ ଟେକ୍ ଷ୍ଟାର୍ଟଅପ୍‌ଗୁଡ଼ିକ ଶୀଘ୍ର ବିକାଶ କରିପାରିବେ ବୋଲି ଆଶା କରାଯାଏ। ଗୋଟିଏ ଦେଶରେ ସଫଳ ହେଉଥିବା ଯୋଜନାକୁ ବହୁ ଦେଶରେ ପୁନର୍ବାର ଲାଗୁ କରାଯାଇପାରିବ। ଉଦାହରଣ ସ୍ୱରୂପ, ଘାନାର ଟେଲିହେଲ୍‌ଥରେ ଆଗୁଆ ଏମ୍‌ଫାର୍ମା ଏବେ ୧୦୦ଟି ଭର୍ଚ୍ଚୁଆଲ କ୍ଲିନିକ ପ୍ରତିଷ୍ଠା କରିବା ଲାଗି ପାଣ୍ଠି ପାଇପାରିଛି। ଏଭଳି ଅଭିନବତ୍ୱ ଏବଂ ବିକାଶକୁ ପ୍ରୋତ୍ସାହିତ କରିବାକୁ ଆଫ୍ରିକୀୟ ଦେଶଗୁଡ଼ିକ ସ୍ଥାୟୀ ନୀତି ଗଢିବା ଦରକାର। ଅର୍ଥାତ, ଟେକ୍ ବିକାଶକାରୀଙ୍କୁ ଏକ ସ୍ପଷ୍ଟ ନିୟମ ଏବଂ ଚିକିତ୍ସା କ୍ଷେତ୍ରରେ ପୁଞ୍ଜି ଆକର୍ଷିତ କରିବା ତଥା କାର୍ଯ୍ୟ କରିବାକୁ ସ୍ଥାୟୀ ପରିବେଶ ଯୋଗାଇ ଦେବାକୁ ହେବ। ସବୁ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କାର୍ଯ୍ୟଧାରାକୁ ବିସ୍ତାର କରିବା ସକାଶେ ସେମାନଙ୍କ ପ୍ଲାଟ୍‌ଫର୍ମଗୁଡ଼ିକୁ ବ୍ୟବହାର କରିବା ଉଚିତ। ଷ୍ଟାର୍ଟଅପ୍ ପ୍ରତିଷ୍ଠାତାମାନେ ନୂଆ ଟେକ୍‌ନୋଲୋଜି କ୍ଷେତ୍ରରେ ଥିବା ଅଭାବ ଓ ଅସୁବିଧାକୁ ଚିହ୍ନଟ କରି ସମାଧାନ କରିବା ଆବଶ୍ୟକ। ୟୁଜର ଏବଂ ସରକାରଙ୍କ ସମର୍ଥନ ପାଇବା ଲାଗି ଆଫ୍ରିକୀୟ ହେଲ୍‌ଥ ଟେକ୍ ଫାର୍ମଗୁଡ଼ିକ ପ୍ରଯୁକ୍ତି କ୍ଷେତ୍ରରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ ଉପରେ ଧ୍ୟାନ ଦେବା ଅନିବାର୍ଯ୍ୟ । ୟୁଜର୍‌ମାନେ କିଭଳି ଅଧିକ ଲାଭ ପାଇପାରିବେ ସେ କ୍ଷେତ୍ରରେ ସେମାନେ ଲଗାତର କାର୍ଯ୍ୟ କରିବା ଦରକାର । ଆଫ୍ରିକାରେ ସ୍ୱାସ୍ଥ୍ୟ ସେବାର ଭବିଷ୍ୟତ ଅଭିନବ ପଦ୍ଧତି ଉପରେ ନିର୍ଭରଶୀଳ। ସମସ୍ତ ଆଫ୍ରିକାବାସୀଙ୍କ ନିକଟରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ଏବଂ ସେମାନେ କିଭଳି ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ପାଇପାରିବେ ଓ ତାହାକୁ ବୁଝି ଚିକିତ୍ସା କ୍ଷେତ୍ରରେ ପ୍ରୟୋଗ କରପାରିବେ ସେଥିପାଇଁ ନୂଆ ପ୍ରଯୁକ୍ତିଗ୍ରହଣ କରିବାକୁ ହେବ। କୋଭିଡ୍-୧୯ ମହାମାରୀ ମହାଦେଶରେ ସ୍ୱାସ୍ଥ୍ୟ ପ୍ରଯୁକ୍ତିକୁ ପ୍ରେରିତ କରିବା ସହ ବହୁ ପରିବର୍ତ୍ତନ ଆଣିଛି। ଏବେ ଏଣ୍ଟରପ୍ରିନ୍ୟୁୟର ଓ ସରକାରଗୁଡ଼ିକ ଏହି ଗତିକୁ ବଜାୟ ରଖିବାକୁ ପଡ଼ିବ।

**– ଫାଉଣ୍ଡର୍ ଏବଂ ସିଇଓ, ଷ୍ଟୋୱିଲିଙ୍କ୍ ଆଇଏନ୍‌ସି.**

## ଏଇ ଭାରତରେ

ଅଦରକାରୀ ଫୁଲରୁ ବିଭିନ୍ନ ଉପକରଣ ପ୍ରସ୍ତୁତ କରି ମାସକୁ ୬୦ ହଜାରରୁ ଅଧିକ ଟଙ୍କା ରୋଜଗାର କରୁଛନ୍ତି ଦିଲ୍ଲୀର ପୁନମ୍ ସହରାବତ୍। ଚାପଗ୍ରସ୍ତ ସ୍ଥିତିରୁ ମୁକ୍ତି ପାଇବା ଲାଗି ସେ ମନ୍ଦିର ଯାଉଥିଲେ, ହେଲେ ତାଙ୍କ ନଜର ଚାଲିଯାଇଥିଲା ସେଠାରେ ନଷ୍ଟ ହେଉଥିବା ଫୁଲ ଉପରକୁ। ତେବେ ଏହାର ପୁନଃ ଉପଯୋଗ କରିବାର ଉପାୟ ବାହାର କରି ଏବେ ଭଲ ରୋଜଗାର କରିପାରୁଛନ୍ତି ଓ ୬ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। ୨୦୧୯ରେ ସେ ତାଙ୍କ ବାନ୍ଧବୀ ପିଙ୍କି ଯାଦବଙ୍କ ସହ ମିଶି 'ଆରୁହୀ ଏଣ୍ଟରପ୍ରାଇଜେସ୍' ଗଠନ କରି ଅଦରକାରୀ ଫୁଲର ପୁନଃ ଉପଯୋଗ କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ କରୋନା ମହାମାରୀ ସତ୍ତ୍ୱେ ଏହି କାର୍ଯ୍ୟ ସମ୍ପର୍କରେ ଏବେ ସୁଦ୍ଧା ସେ ୫୦୦ରୁ ଅଧିକ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ସାରିଲେଣି। ପ୍ରଥମେ ପ୍ରତିଦିନ ସକାଳୁ ଉଠି ସବୁ ମନ୍ଦିରରୁ ଅଦରକାରୀ ଫୁଲ ସଂଗ୍ରହ କରୁଥିଲେ ଓ ଏବେ ଏହି କାର୍ଯ୍ୟରେ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ଫୁଲକୁ ଶୁଖାଇ ଗୁଣ୍ଡ କରି ସେଥିରେ ଉପକରଣଗୁଡ଼ିକ ତିଆରି କରାଯାଉଛି। 'ବର୍ଜ୍ୟରୁ ସମ୍ପଦ' ଏହି ସିଦ୍ଧାନ୍ତକୁ ପ୍ରତିପାଦିତ କରିଛନ୍ତି ପୁନମ୍। ଗୋଟିଏ ପକ୍ଷରେ ମନ୍ଦିର ସଫା ରହିବା ସହ ପରିବେଶକୁ ଲାଭ ପହଞ୍ଚୁଛି। ସେ ଦୀପ, ମୂର୍ତ୍ତି ଆଦି ଆଠ ପ୍ରକାରର ଜିନିଷ ତିଆରି କରୁଛନ୍ତି। ଏହିସବୁ ଜିନିଷ ଭାଙ୍ଗିଗଲେ ତାହାକୁ ଖତ ଭାବେ ବି ବ୍ୟବହାର କରାଯାଇପାରୁଛି। ସୋସିଆଲ ମିଡିଆ ମାଧ୍ୟମରେ ମଧ୍ୟ ସେ ଉତ୍ପାଦ ବିକ୍ରି କରୁଛନ୍ତି। ଏହି ସବୁ ଜିନିଷ ୫୦ ଟଙ୍କାରୁ ଆରମ୍ଭ କରି ୧୫୦ ଟଙ୍କାରେ ବିକ୍ରି ହେଉଛି। ଏହି ଉପାୟରେ ଦେଶରେ ପ୍ରତିଦିନ ଲକ୍ଷ ଲକ୍ଷ ଟନ୍ ଅଦରକାରୀ ଫୁଲକୁ ଉପଯୋଗ କରାଯାଇ ହଜାର ହଜାର ମହିଳାଙ୍କୁ ନିଯୁକ୍ତି ଦିଆଯାଇପାରିବ ବୋଲି କହନ୍ତି ପୁନମ୍।

## ୨୫ ବର୍ଷ ତଳର ଧରିତ୍ରୀ

**୩ ଫେବୃୟାରୀ ୧୯୯୭**

- ଶ୍ରୀଲଙ୍କାର ଉତ୍ତର-ପୂର୍ବାଞ୍ଚଳରେ ସାନି ସଂଘର୍ଷର ସୂତ୍ରପାତ ହେବା ଫଳରେ ୮୦ରୁ ଊର୍ଦ୍ଧ୍ୱ ସରକାରୀ ସୈନ୍ୟ ତାମିଲ ଗେରିଲାଙ୍କ ଆକ୍ରମଣରେ ନିହତ।
- ସେନେଗାଲରେ ଏକ ବିମାନ ଇଞ୍ଜିନ ଅଚଳ ହୋଇ ତଳକୁ ଖସିପଡ଼ିବା ଫଳରେ ଏଥିରେ ଯାତ୍ରା କରୁଥିବା ୨୩ ଫ୍ରାନ୍ସ ପର୍ଯ୍ୟଟକଙ୍କ ମୃତ୍ୟୁ।
- ଆନ୍ତଃରାଜ୍ୟ ଶକ୍ତି ପ୍ରକଳ୍ପ ପାଇଁ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ନୀତିଗତ ନିଷ୍ପତ୍ତି।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | | | 9 | | | | 7 |
| 7 | | | 2 | 3 | | | | |
| 6 | | 2 | | | 5 | | | 9 |
| | | 3 | | | | | 1 | 8 |
| | | | 4 | | | | | |
| | 9 | 1 | 5 | | | | | |
| 8 | | | 7 | | | | | |
| | | 6 | | | | | 7 | |
| | | 4 | | 1 | | | 8 | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 2 | 1 | 3 | 7 | 9 | 5 | 4 | 8 |
| 5 | 4 | 3 | 2 | 8 | 6 | 7 | 9 | 1 |
| 8 | 7 | 9 | 1 | 4 | 5 | 3 | 2 | 6 |
| 4 | 5 | 6 | 7 | 2 | 1 | 9 | 8 | 3 |
| 1 | 8 | 7 | 4 | 9 | 3 | 6 | 5 | 2 |
| 9 | 3 | 2 | 5 | 6 | 8 | 1 | 7 | 4 |
| 2 | 9 | 4 | 6 | 1 | 7 | 8 | 3 | 5 |
| 3 | 1 | 8 | 9 | 5 | 2 | 4 | 6 | 7 |
| 7 | 6 | 5 | 8 | 3 | 4 | 2 | 1 | 9 |

ଗତକାଲିର ଉତ୍ତର

# କର୍ପୋରେଟ୍ ସପକ୍ଷବାଦୀ ବଜେଟ



ଭାଲଚନ୍ଦ୍ର ଷଡ଼ଙ୍ଗୀ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଚଳିତ ବର୍ଷର ସାଧାରଣ ବଜେଟ ସଂସଦରେ ଉପସ୍ଥାପନ କରିଛନ୍ତି। କୋଭିଡ୍ ମହାମାରୀ ଯୋଗୁ ଜନଗଣଙ୍କ ବର୍ଦ୍ଧିତ ଆର୍ଥିକ ସଙ୍କଟ ତଥା ଉତ୍ତର ପ୍ରଦେଶ ସମେତ ପାଞ୍ଚ ରାଜ୍ୟରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିଜ ବଜେଟରେ ସାଧାରଣ ଲୋକଙ୍କୁ ଆକର୍ଷିତ କଲାଭଳି କିଛି ଆଖିଦୃଶିଆ ରିହାତି ଓ ପ୍ୟାକେଜ୍ ଦେବେ ବୋଲି ଅନେକେ ଆଶା କରୁଥିଲେ। କିନ୍ତୁ ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣ ସମସ୍ତଙ୍କୁ ଏକଦମ୍ ନିରାଶ କରିଛି। ସେ ନିଜ ସରକାରର ତଥାକଥିତ ସଫଳତାକୁ ଦେଖାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବଜେଟର ବ୍ୟୟବରାଦର ପରିସଂଖ୍ୟାନଟି ସରକାରଙ୍କ ଜନବିରୋଧୀ ଆଭିମୁଖ୍ୟକୁ ଉଜାଗର କରିଦେଇଛି। ବଜେଟ ମାଧ୍ୟମରେ ମୋଦି ସରକାର ଦେଶୀ ବିଦେଶୀ କର୍ପୋରେଟ୍‌ମାନଙ୍କୁ ଖୁସି କରିବାକୁ ଚେଷ୍ଟା କରିଥିବା ବେଳେ ସାଧାରଣ ଜନତା ବିଶେଷ କରି କୃଷକ, ଶ୍ରମିକ, ବେକାର ଯୁବତୀ ଯୁବକ ତଥା ମଧ୍ୟବିତ୍ତ ଶ୍ରେଣୀଙ୍କୁ ପ୍ରତାରିତ କରିଛନ୍ତି ବୋଲି କୁହାଯାଇପାରେ।

ସରକାରଙ୍କ କର୍ପୋରେଟ୍ ସପକ୍ଷବାଦୀ ନୀତି କାରଣରୁ ଗତ ସାତ ବର୍ଷ ମଧ୍ୟରେ ଦେଶର ବଡ଼ ବଡ଼ କର୍ପୋରେଟ୍‌ମାନଙ୍କ ସମ୍ପତ୍ତିରେ ଅସମ୍ଭବ ବୃଦ୍ଧି ଦେଖିବାକୁ ମିଳିଛି। ବିଶେଷ କରି କୋଭିଡ୍ ମହାମାରୀ ସମୟରେ ଦେଶର ନବେ ଭାଗ ଲୋକଙ୍କ ଆର୍ଥିକ ସ୍ଥିତି ଦୋହଲିଯାଇଥିବା ବେଳେ ଆଦାନୀ, ଅମ୍ବାନୀଙ୍କ ପରି ସୁପର୍ ଧନୀମାନଙ୍କ ସମ୍ପତ୍ତିରେ ଦୁଇରୁ ଅଢ଼େଇ ଗୁଣା ବୃଦ୍ଧି ପାଇଛି। ନିକଟରେ ପ୍ରକାଶିତ 'ଅକ୍ସଫାମ୍' ସଂସ୍ଥାର ରିପୋର୍ଟରେ ଦେଶର ୮୪ ପ୍ରତିଶତ ଲୋକଙ୍କ ଆୟ କୋଭିଡ୍ ସମୟରେ ହ୍ରାସ ପାଇଥିବା ଜଣାପଡ଼ିଛି। ୪.୬କୋଟି ଭାରତୀୟ ଗରିବୀ ଭିତରକୁ ଠେଲି ହୋଇଯାଇଛନ୍ତି। ଏଭଳି ପରିସ୍ଥିତିରେ ଦେଶର ଆର୍ଥିକ ସ୍ଥିତିର ସୁଧାର ପାଇଁ ସରକାର କର୍ପୋରେଟ୍‌ମାନଙ୍କ ଉପରେ କିଛି ଅତିରିକ୍ତ କର ବା ଟିକସ ବସାଇବେ ବୋଲି ଆଶା କରାଯାଉଥିଲା। କିନ୍ତୁ ତା'ର ବିପରୀତ ସରକାର ସେମାନଙ୍କ ପାଇଁ କର ଛାଡ଼ କରିଛନ୍ତି। ପାଞ୍ଚ ବର୍ଷ ତଳେ ଏହି ସରକାର ହିଁ କର୍ପୋରେଟ୍‌ମାନେ ଦେଉଥିବା ସମ୍ପତ୍ତି କରକୁ ଉଚ୍ଛେଦ କରିଥିଲେ। ଚଳିତ ବଜେଟରେ କର୍ପୋରେଟ୍ ଟିକସକୁ ୧୮ ପ୍ରତିଶତରୁ ୧୫ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ସର୍‌ଚାର୍ଜକୁ ୧୨ ପ୍ରତିଶତରୁ ୭ ପ୍ରତିଶତକୁ ହ୍ରାସ କରାଯାଇଛି। କମ୍ପାନୀଙ୍କ ଦ୍ୱାରା ପରିଚାଳିତ ଷ୍ଟାର୍ଟଅପ୍‌ଗୁଡ଼ିକୁ ଦିଆଯାଉଥିବା ଟିକସ ରିହାତିକୁ ପୁଣି ଥରେ ବଢ଼େଇ ଦିଆଯାଇଛି।

ଅନ୍ୟପକ୍ଷରେ ଦେଶର ସାଧାରଣ ଜନତା ବିଶେଷ କରି ମଧ୍ୟବିତ୍ତମାନଙ୍କ ପାଇଁ କୌଣସି ପ୍ରକାର ଟିକସ ରିହାତି ଦିଆଯାଇନି। ଗତ ବର୍ଷକ ମଧ୍ୟରେ ଦେଶରେ ପେଟ୍ରୋଲ,ଡିଜେଲ ଉପରେ ଟିକସରେ ଯେଉଁ ୭୯ ପ୍ରତିଶତ ବଢ଼ାଯାଇଛି, ସେଥିରେ କୌଣସି ରିହାତି ଘୋଷଣା କରାଯାଇନାହିଁ। ବରଂ ବର୍ତ୍ତମାନ ପାଞ୍ଚଟି ରାଜ୍ୟର ନିର୍ବାଚନ ଦୃଷ୍ଟିରୁ ସ୍ଥଗିତ ରହିଥିବା ତୈଳଦର ବୃଦ୍ଧି, ନିର୍ବାଚନ ପରେ ପରେ ଯେ ଉର୍ଦ୍ଧ୍ୱମୁଖୀ ହେବ ସେକଥା ଜଳଜଳ ଦିଶୁଛି।

ବଜେଟରେ କୃଷି ଓ ଗ୍ରାମାଞ୍ଚଳର ବିକାଶ ପାଇଁ ବ୍ୟୟବରାଦରେ ବ୍ୟାପକ ହ୍ରାସ କରି ନିଜର କୃଷକ ବିରୋଧୀ ଆଭିମୁଖ୍ୟକୁ ଅବ୍ୟାହତ ରଖିଛନ୍ତି। ୨୦୧୬ ଫେବୃୟାରୀ ୨୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ସୁଦ୍ଧା ଦେଶର କୃଷକମାନଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ଯେଉଁ ଐତିହାସିକ ଘୋଷଣା କରିଥିଲେ ଏବଂ ଗତ ପାଞ୍ଚବର୍ଷ ଧରି ପ୍ରତ୍ୟେକ ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ଯାହାକୁ ବାରମ୍ବାର ଦୋହରାଇ ଦମ୍ଭୋକ୍ତି ପ୍ରକାଶ କରୁଥିଲେ, ସେ ସମ୍ପର୍କରେ ଚଳିତ ବଜେଟ ଭାଷଣ କିମ୍ବା ବଜେଟ ଦଲିଲରେ ପଦୁଟିଏ ଉଲ୍ଲେଖ କରାଯାଇନାହିଁ।

ଜିଡିପି ତୁଳନାରେ ବଜେଟରେ କୃଷି ବାବଦରେ ବ୍ୟୟବରାଦକୁ ଗତବର୍ଷର ୪.୨୬ ପ୍ରତିଶତରୁ ଚଳିତ ବର୍ଷ ୩.୮୪ ପ୍ରତିଶତକୁ ହ୍ରାସ କରାଯାଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବାବାଦରେ ୫.୫୯ ପ୍ରତିଶତରୁ ୫.୨୩ ପ୍ରତିଶତକୁ ହ୍ରାସ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ବାବଦ ବ୍ୟୟକୁ ୧୬,୦୦୦କୋଟିରୁ ୧୫,୫୦୦ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ଗ୍ରାମାଞ୍ଚଳରେ ରୋଜଗାରର ଏକମାତ୍ର ସରକାରୀ ଯୋଜନା ଭାବେ ପରିଚିତ ଏମ୍‌ଜିଏନ୍‌ଆରଇଜିଏସ୍ ପାଇଁ ଅନୁଦାନକୁ ଗତବର୍ଷର ୯୮,୦୦୦ କୋଟିରୁ ଚଳିତ ବଜେଟରେ ୭୩,୦୦୦ କୋଟିକୁ ହ୍ରାସ କରାଯାଇଛି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମ୍ଏସପି ପାଇଁ ଆଇନ କରିବାକୁ କୃଷକମାନେ ଦାବି କରୁଥିବା ବେଳେ ସରକାର ଆଇନ କରିବାକୁ ତ ଘୋଷଣା କରିନାହାନ୍ତି ବରଂ ସେ ବାବଦରେ ଚଳିତ ବର୍ଷ କମ୍ ବ୍ୟୟବରାଦ କରିଛନ୍ତି। ଗତବର୍ଷ ଏ ବାବଦରେ ୨.୪୨ ଲକ୍ଷ କୋଟି ଟଙ୍କା ବିନିଯୋଗ କରିଥିବା ବେଳେ ଚଳିତ ବଜେଟରେ ତାକୁ ୨.୩୭ ଲକ୍ଷ କୋଟିକୁ କମାଇଛନ୍ତି। ଏହା ବ୍ୟତୀତ ଦେଶର କୃଷିର ବିକାଶ ପାଇଁ ଜରୁରୀ ଭିତ୍ତିଭୂମି ଯଥା ଜଳସେଚନ, ଶୀତଳଭଣ୍ଡାର ଓ ଗୋଦାମ ଗୃହର ନିର୍ମାଣ ପାଇଁ ବଜେଟରେ କୌଣସି ବ୍ୟୟବରାଦ କରିନାହାନ୍ତି।

ଚଳିତ ବଜେଟରେ ଦେଶର ସାମାଜିକ କ୍ଷେତ୍ର ରୂପେ ପରିଚିତ ଶିକ୍ଷା, ସ୍ୱାସ୍ଥ୍ୟସେବା, ମହିଳା ଓ ଶିଶୁବିକାଶ ପ୍ରତି ଭୟଙ୍କର ଅବହେଳା କରାଯାଇଛି। ବିଶେଷ କରି କୋଭିଡ୍‌ର ତୃତୀୟ ଲହର ଚାଲିଥିବା ବେଳେ ସରକାର ସ୍ୱାସ୍ଥ୍ୟକ୍ଷେତ୍ରରେ ଭିତ୍ତିଭୂମିକୁ ସମ୍ପ୍ରସାରିତ କରିବା ପାଇଁ ପୂର୍ବାପେକ୍ଷା ୫୦ପ୍ରତିଶତ ଅନୁଦାନ ବୃଦ୍ଧି କରିବେ ବୋଲି ଶୁଣାଯାଉଥିଲା। କିନ୍ତୁ ସ୍ୱାସ୍ଥ୍ୟ ବାବଦରେ ଗତବର୍ଷର ୮୬,୦୦୦.୬୫ କୋଟିରେ ମାତ୍ର ୨୦୦ କୋଟି ହିଁ ବୃଦ୍ଧି କରାଯାଇଛି। ଦରବୃଦ୍ଧିକୁ ଦେଖିଲେ ଏହା ବୃଦ୍ଧି ନୁହେଁ ବରଂ ହ୍ରାସ ବୋଲି କୁହାଯିବ।

ଶିକ୍ଷାକ୍ଷେତ୍ରରେ ବି ସରକାର ଗତବର୍ଷ ୯୩,୨୨୪କୋଟି ବ୍ୟୟବରାଦ କରିଥିଲେ ମଧ୍ୟ କୋଭିଡ୍ ଯୋଗୁ ଶିକ୍ଷାନୁଷ୍ଠାନ ବନ୍ଦ ରହିବା ଯୋଗୁ ପ୍ରାୟ ୫୨୦୦ କୋଟି ଖର୍ଚ୍ଚ ନ କରି ବଳକା କରିଛନ୍ତି। କିନ୍ତୁ ଚଳିତ ବଜେଟରେ ତାକୁ ସାମାନ୍ୟ ବୃଦ୍ଧି କରି ୧,୦୪,୨୭୮କୋଟି କରିଛନ୍ତି। ମୁଦ୍ରାସ୍ଫୀତିକୁ ଦେଖିଲେ, ଏହି ବୃଦ୍ଧି ବି କିଛି ନୁହେଁ।

ଖାଦ୍ୟ ସୁରକ୍ଷା ବାବଦରେ ବି ସରକାର ବଜେଟରେ ବ୍ୟାପକ ଖର୍ଚ୍ଚକାଟ କରିଛନ୍ତି। ଗତବର୍ଷ ଏଥିପାଇଁ ୨,୯୯,୩୫୪.୬ କୋଟି ବ୍ୟୟବରାଦ କରିଥିବା ବେଳେ ଚଳିତ ବର୍ଷ ତାହା ୨,୦୭,୨୯୧.୧ କୋଟିକୁ ହ୍ରାସ କରିଛନ୍ତି। ୬-୧୪ ବର୍ଷ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଏବଂ ୬ବର୍ଷରୁ କମ୍ ପିଲାଙ୍କ ପାଇଁ ଉଦ୍ଦିଷ୍ଟ 'ପୋଷଣ' ଯୋଜନାରେ ବି ସରକାର ଗତବର୍ଷ ୨୦,୨୬୩କୋଟି ବ୍ୟୟବରାଦ କରିଥିବା ବେଳେ ଚଳିତ ବର୍ଷ ତାକୁ ୨୦,୦୦୦କୋଟିକୁ ହ୍ରାସ କରିଛନ୍ତି। ବିଶ୍ୱ କ୍ଷୁଧା ସୂଚକାଙ୍କରେ ଆମଦେଶ ଲଗାତର ତଳେ ରହିଥିବା ବେଳେ ଏଭଳି ବ୍ୟୟ ହ୍ରାସ କରିବା ସରକାରଙ୍କ ସମ୍ବେଦନହୀନତାକୁ ହିଁ ବୁଝାଉଛି।

ଦେଶରେ ଚାଲିଥିବା ସାମାଜିକ ସୁରକ୍ଷା ଯୋଜନାରେ ବୃଦ୍ଧା, ବୃଦ୍ଧ, ବିଧବା ଓ ଭିନ୍ନକ୍ଷମମାନଙ୍କୁ କେନ୍ଦ୍ର ସରକାର ପୂର୍ବବର୍ଷଗୁଡ଼ିକ ପରି ଚଳିତ ବଜେଟରେ ପ୍ରତାରଣା କରିଛନ୍ତି। ଉପରୋକ୍ତ ଯୋଜନାରେ ସେମାନଙ୍କୁ ଦିଆଯାଉଥିବା ମାସିକ ପେନ୍‌ସନ୍‌ରେ କେନ୍ଦ୍ର ନିଜର ଅଂଶକୁ ବୃଦ୍ଧି କରିନାହାନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ କେନ୍ଦ୍ର ସରକାର ୨୦୦୬ରେ ଏହି ପେନ୍‌ସନ୍‌ରେ ନିଜର ଅଂଶକୁ ୧୫୦ଟଙ୍କାରୁ ବଢ଼ାଇ ୨୦୦ ଟଙ୍କା କରିଥିଲେ। ଦରଦାମ୍ ବୃଦ୍ଧି ସତ୍ତ୍ୱେ ଗତ ୧୬ ବର୍ଷ ଧରି ତାକୁ ବୃଦ୍ଧି ନ କରି ସରକାର ସମାଜର ଏହି ବଞ୍ଚିତ ଓ ଅବହେଳିତ ସମୁଦାୟଙ୍କ ପ୍ରତି ନିଜର ସମ୍ବେଦନହୀନତାର ପ୍ରମାଣ ଦେଇଛନ୍ତି।

ରୋଜଗାର ବିହୀନ ବିକାଶର ନୀତିକୁ ଆପଣେଇବା ଫଳରେ ଦେଶରେ ବେରୋଜଗାରୀ ଭୟଙ୍କର ରୂପ ଧାରଣ କରିଛି। ଏଭଳି ପରିସ୍ଥିତିରେ ସରକାର ନିଜର ବହୁ ପ୍ରଚାରିତ ପ୍ରତିଶ୍ରୁତି ବାର୍ଷିକ ଦୁଇ କୋଟି ରୋଜଗାର ଦେବା କଥା ଛାଡ଼, କମ୍‌ସେ କମ୍ କେନ୍ଦ୍ର ସରକାରଙ୍କ ଅଧୀନରେ ଖାଲି ପଡ଼ିଥିବା ୮.୭୨ ଲକ୍ଷ ଖାଲି ପଦବୀକୁ ପୂରଣ କରିବାକୁ ବଜେଟରେ ଘୋଷଣା କରିପାରିଥାନ୍ତେ। କିନ୍ତୁ ସେପରି ନ କରି ବେରୋଜଗାରୀ ନେଇ ଏକଦମ୍ ନୀରବ ରହିଛନ୍ତି। ନିଜର ବଜେଟ ଭାଷଣରେ ଅର୍ଥମନ୍ତ୍ରୀ ଚଳିତ ବର୍ଷ ୬୦ ହଜାର ଚାକିରି ସୃଷ୍ଟି କରିବାକୁ ଯେଉଁ ଉଲ୍ଲେଖ କରିଛନ୍ତି, ସେନେଇ ସରକାରଙ୍କ ପାଖରେ କୌଣସି ଠୋସ୍ ଯୋଜନା ଥିବା ମନେହେଉନି। ଶେଷରେ ଏତିକି କୁହାଯାଇପାରେ ଯେ ବଜେଟ ମାଧ୍ୟମରେ ସରକାର ଦେଶୀ ବିଦେଶୀ କର୍ପୋରେଟ୍‌ଙ୍କ ସ୍ୱାର୍ଥ ପୂରଣ ପାଇଁ ତ ଭରପୂର ଉଦ୍ୟମ କରିଛନ୍ତି, କିନ୍ତୁ ଦେଶର ସିଂହଭାଗ ଜନତାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବାରେ ଅସମର୍ଥ ହୋଇଛନ୍ତି।

bhalachandra.odisha@gmail.com

# ପ୍ରକୃତିର ରୂପରେଖ



ସଚ୍ଚିଦାନନ୍ଦ ଦାଶ

ଆଜିର ବିଶ୍ୱକୁ ଜଳବାୟୁ ପରିବର୍ତ୍ତନର ବିଷଜ୍ୱାଳା ଗ୍ରାସ କରିଛି। ଏବେ ପ୍ରକୃତି ଓ ପରିବେଶ ଅସ୍ଥିର। ବିଶ୍ୱର ଯଦି ଅଙ୍ଗରକାମ୍ଳ ମାତ୍ରା ହ୍ରାସ ନ ପାଏ, ଜୀବନ ଦୁର୍ବିଷହ ହୋଇପଡ଼ିବ। ପ୍ରକୃତି ଏବଂ ପରିବେଶର ସ୍ଥିତିକୁ ନେଇ ବିଶ୍ୱର ଜଳବାୟୁ ପ୍ରଭାବିତ ହୋଇଥାଏ। ପ୍ରକୃତି କହିଲେ ଜଳ, ବାୟୁ ଏବଂ ଅଗ୍ନିକୁ ବୁଝାଏ। ତା' ଛଡ଼ା ଶୂନ୍ୟଜଳ, ଶୂନ୍ୟବାୟୁ ଏବଂ ଶୂନ୍ୟଅଗ୍ନି ମଧ୍ୟ ପ୍ରକୃତିର ଅଂଶବିଶେଷ। ପରିବେଶ କହିଲେ- ନଦୀ, ଜଙ୍ଗଲ, ଗିରିଶୃଙ୍ଗ ବା ପର୍ବତମାଳା, ପାହାଡ଼, ବୃକ୍ଷ ଏବଂ ମୃତ୍ତିକା ଆଦିକୁ ବୁଝାଏ। ଆସନ୍ତୁ ପ୍ରଥମେ ବୈଜ୍ଞାନିକ ଧାରାରେ ପ୍ରକୃତିକୁ ବୁଝିବା। ପ୍ରକୃତିରେ ଅଗ୍ନିର ମୂଳପିଣ୍ଡ ହେଉଛି ସୌରଜଗତ। ଆମେରିକାର ନାସାର ସୂର୍ଯ୍ୟ ଅଭିଯାନ ରିପୋର୍ଟ ଅନୁସାରେ ସୂର୍ଯ୍ୟର ପୃଥିବୀ ପରି କୌଣସି ମାଟି ବା କଠିନ ବସ୍ତୁ କିଛି ନଥାଏ । କିନ୍ତୁ ତାହାର ଏକ ଅତି ଉତ୍ତପ୍ତ ତରଳ ଶରୀର ଅଛି, ଯାହା ମାଧ୍ୟାକର୍ଷଣ ବଳ ଓ ଚୁମ୍ବକୀୟ ଶକ୍ତି ଦ୍ୱାରା ଏକତ୍ର ହୋଇଥାଏ। ମାତ୍ର ଅଗ୍ନି, ବାୟୁ ଅଥବା ସୌର ପବନ ଚୁମ୍ବକୀୟ କ୍ଷେତ୍ରକୁ ସମଗ୍ର ସୌରମଣ୍ଡଳ ସୀମାରେଖା ବାହାର ପର୍ଯ୍ୟନ୍ତ ଟାଣିନିଏ, ଫଳରେ ସୌର ପବନ ପୃଥିବୀ ପୃଷ୍ଠରେ ପହଞ୍ଚେ ଓ ବାୟୁମଣ୍ଡଳର ଅଶେଷ କ୍ଷତି କରିଥାଏ। ଏହା ପୃଥିବୀରେ ସୌରଝଡ଼ ସୃଷ୍ଟି କରିଥାଏ। ଫଳରେ ସୂର୍ଯ୍ୟର ଅତିବାଇଗଣୀ ରଶ୍ମି ନିର୍ଗମନ ବାୟୁମଣ୍ଡଳକୁ ଉତ୍ତପ୍ତ କରି ଅଶେଷ କ୍ଷତି କରିଥାଏ। ଏ ହେଲା ଶୂନ୍ୟଅଗ୍ନି ଓ ଅଗ୍ନିର କଥା। ଏଥର ଆସିବା ବାୟୁ ଓ ଶୂନ୍ୟବାୟୁ କଥାକୁ। ସୂର୍ଯ୍ୟରୁ ସୌର ପବନ ପୃଥିବୀପୃଷ୍ଠରେ ଏକ ଆବରଣ ସୃଷ୍ଟି କରିବା ଦ୍ୱାରା ଧରାପୃଷ୍ଠ ଅଧିକ ଉତ୍ତପ୍ତ ହେଉଛି। ଏଥର ଆଲୋଚନା କରିବା ଜଳ ଏବଂ ଶୂନ୍ୟଜଳ। ଶୂନ୍ୟଜଳ କହିଲେ ଜଳୀୟ ବାଷ୍ପକୁ ବୁଝାଯାଏ ଏବଂ ଜଳ ହେଲା ବୃଷ୍ଟିର ଉପାଦାନ, ଯାହାକି ଧରାପୃଷ୍ଠକୁ ଶୀତଳୀକରଣ କରିଥାଏ। ମାତ୍ର ବାୟୁମଣ୍ଡଳ ଉଷ୍ଣତା ବଢ଼ିବା କାରଣରୁ ଆଜିକାଲି ବୃଷ୍ଟି ଠିକ ଭାବେ ଧରାପୃଷ୍ଠରେ ଆବାହନ ହୋଇପାରୁ ନାହିଁ। ଫଳରେ ଧରାରେ ଅସ୍ୱାଭାବିକ ଭାବେ ବର୍ଷା ହେଉଛି। ଏକ ଜାଗାରେ ବର୍ଷା ହେଲା ବେଳକୁ ଅନ୍ୟ ଜାଗାରେ ବର୍ଷା ହେଉନାହିଁ। ବର୍ଷା ଦିନେ ଠିକ୍ ସମୟରେ ବର୍ଷା ନ ହୋଇ ଶୀତଦିନରେ ବର୍ଷାର ଆବିର୍ଭାବ ହେଉଛି।

ଏଥର ପରିବେଶକୁ ବୁଝିବା। ପ୍ରଥମେ ଆସିବା ନଦୀସମୂହକୁ। ଦେଖିବାକୁ ଗଲେ ନଦୀସମୂହର ଜଳସ୍ତର ଆସ୍ତେ ଆସ୍ତେ କମିବାରେ ଲାଗିଛି। ନଦୀ ଶୁଖିଯିବାରୁ ବାଣିଜ୍ୟ କାରବାର ବାଧାପ୍ରାପ୍ତ ହୋଇଛି। ଜଳସ୍ତର କମିବାର କାରଣ ହେଲା, ପୃଥିବୀର ଦୁଇମେରୁ ଓ ବିଭିନ୍ନ ପର୍ବତମାଳାରେ ଥିବା ବରଫ ଶୂନ୍ୟ ମଣ୍ଡଳର ଅଧିକ ତାପମାତ୍ରା ଯୋଗୁ ବରଫ ଗଦା ତରଳ ହୋଇ ସମୁଦ୍ର ଜଳରାଶିରେ ମିଶିବା ଫଳରେ ସମୁଦ୍ରର ଜଳପତ୍ତନ ବଢ଼ିବାରେ ଲାଗିଛି ଏବଂ ନଦୀ ଜଳସ୍ତର କମିବାରେ ଲାଗିଛି। ଜଙ୍ଗଲରେ ବେପରୁଆ ଭାବେ ଗଛକଟା ଚାଲିଛି। ତାହାଛଡ଼ା ଜଙ୍ଗଲ ପୋଡ଼ି କାଳକ୍ରମେ ପରିବେଶର ସୁରକ୍ଷାକୁ ଧ୍ୱଂସ କରିଛି। ଏକ ଆକଳନ ଅନୁଯାୟୀ, ସମଗ୍ର ବିଶ୍ୱରେ ୨୦୨୧ ସୁଦ୍ଧା ୪.୮ ନିୟୁତ ଏକର ଜଙ୍ଗଲ ପୋଡ଼ି ଯାଇଛି।

ବୃକ୍ଷ ଆମର ଜୀବନ। ମାତ୍ର ମଣିଷ ଗଛ କାଟି ଜଙ୍ଗଲ ରାସ୍ତା ସଫା କରିବାରେ ବିରତ ନେଉନାହିଁ। ଆଜିକାଲି ବୃକ୍ଷ ବଦଳରେ ଲୋଭନୀୟ ଅଟ୍ଟାଳିକା ମାନ ଗଢ଼ି ଉଠୁଛି। ଏକ ଆନ୍ତର୍ଜାତିକ ଗବେଷଣା ସଂସ୍ଥାର ପ୍ରକାଶକ ଅନୁଯାୟୀ ଆମ ଦେଶରେ ବ୍ୟକ୍ତି ପିଛା ୨୮ଟି ଗଛ ଅଛି। ମାତ୍ର ରୁଷିଆରେ ସର୍ବାଧିକ ବ୍ୟକ୍ତି ପିଛା ୪୪୬୧ଟି ଗଛ ଅଛି। ସମଗ୍ର ବିଶ୍ୱରେ ଜଙ୍ଗଲ ତଥା ବୃକ୍ଷକ୍ଷୟ ଚିନ୍ତାର କାରଣ ପାଲଟିଛି। ଏଥର ଟିକେ ମୃତ୍ତିକା ଆଡ଼କୁ ନଜର ପକାଇବା। ମାଟିରେ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ଔଷଧ ପ୍ରୟୋଗ ଦ୍ୱାରା ମୃତ୍ତିକାର ଉତ୍ତାପ ଶୋଷଣ ଶକ୍ତି ବଢୁଛି। ଯାହାଫଳରେ ଗଛ ମଧ୍ୟ ଅଧିକ ଉତ୍ତାପ ଗ୍ରହଣ କରିଥାଏ। ଅନ୍ୟପକ୍ଷରେ ବାୟୁମଣ୍ଡଳ ଓଜନ ସ୍ତରରେ ବଡ଼ କଣା ସୃଷ୍ଟି ହେବା ଫଳରେ ସୂର୍ଯ୍ୟର ଅତିବାଇଗଣୀ ରଶ୍ମି ବହୁଳ ପରିମାଣରେ ବୃକ୍ଷ ଓ ମୃତ୍ତିକା ଶୋଷଣ କରିଥାଏ ଏବଂ ଆଲୋକ ରଶ୍ମିର ପ୍ରତିଫଳନ ଅଳ୍ପ ପରିମାଣରେ ହୋଇଥାଏ। ଫଳରେ ବାୟୁମଣ୍ଡଳ କାଳକ୍ରମେ ଦୂଷିତ ହୋଇଥାଏ ଏବଂ ଫସଲର କ୍ଷତି ହୋଇଥାଏ। ଏହାହିଁ ହେଉଛି ବିଶ୍ୱ ପ୍ରକୃତି ଓ ପରିବେଶ ସମ୍ବଳିତ ରୂପରେଖ। ଆମକୁ ପରିବେଶ ପ୍ରଦୂଷଣ ମୁକ୍ତ କରିବା ପାଇଁ ଶତପ୍ରୟାସ କରିବାକୁ ପଡ଼ିବ। ସୌର ପବନ କରାଳ ବିଭୀଷିକାକୁ ପୃଥିବୀପୃଷ୍ଠରୁ ରକ୍ଷା କରିବା ପାଇଁ ଆମ ବୈଜ୍ଞାନିକମାନଙ୍କୁ ନୂତନ କୌଶଳ ଆବିଷ୍କାର କରିବାକୁ ହେବ।

**ମୋ: ୯୯୩୮୧୮୧୩୨୦**

## ଚିରନ୍ତନୀ

କି ଗୀତ ତୋ ଆଗେ ଗାଇବି କହରେ
ଶିମୁଳିପାଳ !
ରକତ ମୋହର ବରଫ, ହାଡ଼ ଯେ
ହୋଇଛି ପାଣି।
କଣ୍ଠେ ଶୁଖିଛି ରସନା ବାସନା
ନ ଆସେ କଥା
କ୍ଷୁଧିତ ମାନବ କାକୁତି କରଇ
ପତାଇ ଥାଳ।
–(ପାସୋରି ଦେଲିରେ ଶିମୁଳିପାଳ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପେନ୍‌ସନଧାରୀଙ୍କ ପ୍ରାପ୍ୟ ମିଳୁନାହିଁ

ମହାଶୟ,

୨୦୧୯ ମସିହା ମେ ମାସରେ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଅବସର ନେଇଥିଲେ ମଧ୍ୟ ମୋର ଅବସରକାଳୀନ ପ୍ରାପ୍ୟ ଏପର୍ଯ୍ୟନ୍ତ ପାଇପାରିଲି ନାହିଁ। ଏପରି କି ସପ୍ତମ ବେତନ ସୁପାରିସ ଅନୁଯାୟୀ ବକେୟା ଅର୍ଥ ମଧ୍ୟ ମିଳିନାହିଁ। ଏ ବାବଦରେ ଅତି କମ୍‌ରେ ପ୍ରାୟ ୧୦୦ରୁ ଅଧିକ ଥର ମୋ ଘର ବାଲିପାଟଣାରୁ ଡିଇଓ ଅଫିସକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲା ପରେ ବି ବିଭାଗୀୟ କର୍ତ୍ତୃପକ୍ଷ କେହି ମୋ ଗୁହାରି ଶୁଣୁନାହାନ୍ତି। ମୁଁ ଜଣେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଓ ପ୍ରୋଭିଜନାଲ ପେନ୍‌ସନ ବାବଦକୁ ମିଳୁଥିବା ଅର୍ଥ ଚଳିବାକୁ ଆଦୌ ପର୍ଯ୍ୟାପ୍ତ ହେଉନାହିଁ। ବହୁ ଧାରକରଜରେ ବୁଡ଼ିଛି। ମାତ୍ର ଏ ପର୍ଯ୍ୟନ୍ତ ଫାଇନାଲ ପେନ୍‌ସନ କି ଗ୍ରାଚ୍ୟୁଟି ମଧ୍ୟ ପାଇନାହିଁ। ଉପରୋକ୍ତ ଅର୍ଥ ପାଇବା ପାଇଁ କିରାଣିଙ୍କଠାରୁ ଆରମ୍ଭ କରି ଏଡିଇଓ ପର୍ଯ୍ୟନ୍ତ ସମସ୍ତଙ୍କୁ ନେହୁରା ହୋଇଥିଲେ ମଧ୍ୟ କେହି ମୋ ପ୍ରତି ସମ୍ବେଦନଶୀଳତା ପ୍ରକାଶ କରୁନାହାନ୍ତି। ଏହାର ଅନୁସନ୍ଧାନ କରି ମୋତେ ସାହାଯ୍ୟର ହାତ ବଢ଼ାଇବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ।

**–ମାୟାଧର ଓଝା, ଲକ୍ଷ୍ମୀନାରାୟଣପୁର, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭିତ୍ତିଭୂମି ସୁଦୃଢ଼ ଦିଗରେ ସହାୟକ ହେବ କେନ୍ଦ୍ର ବଜେଟ

## ବ୍ୟବସାୟ କରିବା କଷ୍ଟକର ହୋଇପଡ଼ିବ



କୋଭିଡ୍ ଯୋଗୁ ବ୍ୟବସାୟ ଏକ ପ୍ରକାର କ୍ଷତିଗ୍ରସ୍ତ ହୋଇ ରହିଛି। ସେହିପରି ଦେଶର ଅର୍ଥନୀତି ମଧ ବର୍ତ୍ତମାନ ପର୍ଯ୍ୟନ୍ତ ରାସ୍ତାକୁ ଆସିପାରିନାହିଁ। ଏଭଳି ସମୟରେ ଲୋକଙ୍କ ନିଯୁକ୍ତି ଚାଲିଯାଇଥିବା ବେଳେ କ୍ରୟଶକ୍ତି ମଧ କମିଛି। ସେହିପରି ଅଫ୍‌ଲାଇନ ବ୍ୟବସାୟ ଅନ୍‌ଲାଇନ ବା ଡିଜିଟାଲ ବାଣିଜ୍ୟ ଯୋଗୁ ମାନ୍ଦା ରହିଛି। ଫଳରେ ବଜାର ଉପରେ ଏହାର ସିଧାସଳଖ ପ୍ରଭାବ ପଡୁଛି। ଅନ୍‌ଲାଇନ କାରବାର ହ୍ରାସକରି ଅଫ୍‌ଲାଇନ ବ୍ୟବସାୟ ବୃଦ୍ଧି କରାଇ ବଜାରର ଚାହିଦା ବଢ଼ାଇବାର ଆବଶ୍ୟକତା ରହିଛି। ମାତ୍ର ବଜେଟରେ ସେଭଳି କିଛି ପଦକ୍ଷେପ ନିଆଗଲା ନାହିଁ। ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉପରେ ସେଭଳି କିଛି ବିଶେଷ ଘୋଷଣା ହୋଇନାହିଁ।

**-ରାଜେଶ ଗୁପ୍ତା, ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ**

## ବିକାଶମୁଖୀ ବଜେଟ ବ୍ୟବସ୍ଥା



ଚଳିତ ଥରର ବଜେଟ ଏକ ଦୂରଦୃଷ୍ଟିସମ୍ପନ୍ନ ଓ ବିକାଶମୁଖୀ ବଜେଟ ବ୍ୟବସ୍ଥା ହୋଇଛି। ଦେଶର ବିକାଶ ପାଇଁ ଗତିଶକ୍ତି ଯୋଜନା କରାଯାଇଛି। ଏହାଦ୍ୱାରା ସାମଗ୍ରୀ ପରିବହନ କ୍ଷେତ୍ରକୁ ବେଶ୍ ପ୍ରୋତ୍ସାହନ ସହ ଅମୃତକାଳ ଲାଗି ବ୍ଲୁ ପ୍ରିଣ୍ଟ ମଧ ପ୍ରସ୍ତୁତ ହୋଇଛି। ସେହିଭଳି ପୁଞ୍ଜି ବ୍ୟୟରେ ୩୫.୪% ବୃଦ୍ଧି ବେଶ୍ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଦେଶର ଅଭିବୃଦ୍ଧି ଲାଗି ବହୁଗୁଣିତ ପ୍ରଭାବ ପକାଇବ। ସେହିପରି ଇସ୍ପାତ କ୍ଷେତ୍ରରେ ଚାହିଦା ବୃଦ୍ଧିରେ ଏହା ସହାୟକ ହେବ। ଆତ୍ମନିର୍ଭର ଭାରତକୁ ସଫଳ କରିବା ପାଇଁ ଆଉ ଏକ ଦୃଢ଼ ପଦକ୍ଷେପ।

**-ଦିଲୀପ ଓମେନ, ସିଇଓ, ଏଏମ୍‌ଏନ୍‌ଏସ୍**

## ଅର୍ଥନୀତି ଲାଗି ଏହା ବେଶ୍ ଲାଭକାରୀ ହେବ



ଚଳିତ ବଜେଟ ବ୍ୟବସ୍ଥାରେ ସରକାର ଘୋଷଣା କରିଥିବା ବିଭିନ୍ନ ପଦକ୍ଷେପ ମଧ୍ୟରୁ ଅଟୋମୋବାଇଲ ଶିଳ୍ପ ବେଶ୍ ଲାଭବାନ ହେବ। ଏହା ସହ ଜଡ଼ିତ ବିଭିନ୍ନ ଆନୁଷଙ୍ଗିକ କ୍ଷେତ୍ର ମଧ ବିଶେଷ ଉପକୃତ ହେବେ। ସେହିଭଳି ଆତ୍ମନିର୍ଭର ଭାରତ ଏବଂ ଭୋକାଲ ଫର୍ ଲୋକାଲ ଏବଂ ଇ ଯାନ ନୀତିରେ ବ୍ୟାଟେରି ପରିବର୍ତ୍ତନ ଭଳି ପଦକ୍ଷେପ ଅଟୋଶିଳ୍ପର ଅଭିବୃଦ୍ଧିର ଆଉ ଏକ ସଂକଳ୍ପବଦ୍ଧ ବ୍ୟବସ୍ଥା। ଶିଳ୍ପର ଭିତ୍ତିଭୂମିକୁ ସରକାର ଗୁରୁତ୍ୱ ଦେଉଥିବାରୁ ଏହା ଦେଶର ଅର୍ଥନୀତି ଏବଂ ଅଟୋମୋବାଇଲ ଶିଳ୍ପର ଅଭିବୃଦ୍ଧିକୁ ବଢ଼ାଇବାରେ ବେଶ୍ ସହାୟକ ହେବ।

**-ଭେଙ୍କଟରାମ ମାମିଲାପାଲେ, କଣ୍ଟ୍ରି ସିଇଓ, ରେନୋ ଇଣ୍ଡିଆ**

## ଅଭିବୃଦ୍ଧିଭିତ୍ତିକ ବଜେଟ ବ୍ୟବସ୍ଥା

୨୦୨୨-୨୩ ଆର୍ଥିକ ବର୍ଷର ବଜେଟ ବ୍ୟବସ୍ଥାରେ ଅନେକ ପଦକ୍ଷେପ ନିଆଯାଇଛି। ଚଳିତ ଥରର ବଜେଟ ହେଉଛି ଏକ ଅଭିବୃଦ୍ଧିଭିତ୍ତିକ ତଥା ଦୂରଦୃଷ୍ଟିସମ୍ପନ୍ନ ବଜେଟ। ବର୍ତ୍ତମାନ ଦେଶର ପ୍ରଭାବିତ ଅର୍ଥନୀତି ଲାଗି ଏଭଳି ପଦକ୍ଷେପ ଓ ଯୋଗଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ । ବଜେଟରେ ରହିଥିବା ବିଭିନ୍ନ ପ୍ରସ୍ତାବ ଦେଶର ଅଭିବୃଦ୍ଧି ସହ ମହାନ୍ ଲକ୍ଷ୍ୟ ନେଇ ପ୍ରସ୍ତୁତ କରାଯାଇଛି। ସ୍ଥିର ଏବଂ ଉନ୍ନତ ନୀତି, ବିଶ୍ୱାସଭିତ୍ତିକ ଗଭର୍ନାନ୍ସ, ପୁଞ୍ଜି ଖର୍ଚ୍ଚରେ ନିରନ୍ତର ବୃଦ୍ଧି ଭଳି ଅନ୍ୟ ପଦକ୍ଷେପ ଅର୍ଥନୀତିକୁ ଅଗ୍ରସର କରାଇବାରେ ବେଶ୍ ସହାୟକ ହେବ। ବିଶେଷକରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଏହାଦ୍ୱାରା ଅଧିକ ଲାଭ ମିଳିପାରିବ।



**-ଶୁଭ୍ରକାନ୍ତ ପଣ୍ଡା, ଏମ୍‌ଡି, ଇମ୍ଫା**

## ପର୍ଯ୍ୟଟନ କ୍ଷେତ୍ରର ବିକାଶ, ଅଭିବୃଦ୍ଧି ହେବ



ଚଳିତ ବଜେଟରେ ସରକାର ହୋଟେଲ ଶିଳ୍ପ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ସରକାର ଇସିଏଲ୍‌ଜିଏସ୍ ଋଣ ଭାବେ ଅତିରିକ୍ତ ୫୦ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି ଯାହା ବେଶ୍ ସ୍ୱାଗତଯୋଗ୍ୟ ପଦକ୍ଷେପ। ମହାମାରୀ ସମୟରେ ଏହା ଏକ ରିଲିଫ୍ ନୁହେଁ ୨୦୨୩ ମାର୍ଚ୍ଚ ଯାଏ ମୋରାଟୋରିୟମ ସମୟସୀମାକୁ ସମ୍ପ୍ରସାରଣ ଭାବେ ଘୋଷଣା କରାଯାଇଛି, ଯାହା କି ଯଥେଷ୍ଟ ନୁହେଁ। ଗତ ୨ ବର୍ଷ ମଧ୍ୟରେ ହୋଟେଲ ଶିଳ୍ପ ବ୍ୟାପକ ପରିମାଣରେ କ୍ଷତି ସହିଛନ୍ତି। ସେହିଭଳି ୨୦୨୫ ମାର୍ଚ୍ଚ ଯାଏ ଏହାକୁ ସମ୍ପ୍ରସାରଣ କରାଯାଉ ବୋଲି ଶିଳ୍ପ ସଂଘ ଦାବି କରି ଆସୁଥିଲା। ସେହିପରି ପିଏମ୍ ଗତିଶକ୍ତି ପାଇଁ ଉତ୍ତର ପୂର୍ବାଞ୍ଚଳ ପରିଷଦ (ଏନ୍‌ଇସି)କୁ ଅତିରିକ୍ତ ୧୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଦେଶର ପର୍ଯ୍ୟଟନ କ୍ଷେତ୍ରକୁ ବୃଦ୍ଧି କରାଇବା ଲକ୍ଷ୍ୟରେ ମନ୍ତ୍ରଣାଳୟର ବଜେଟକୁ ୨୦୦୦ କୋଟିରୁ ୨୪୦୦ କୋଟି ବଢ଼ାଇ ଦିଆଯାଇଛି। ଦେଶରେ ୮ଟି ରୋପ୍ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ସେଥିରୁ ଓଡ଼ିଶା ଭାଗରେ କିଛି ଆସିବାର ଆଶା ରହିଛି।

**-ଜେ.କେ. ମହାନ୍ତି, ଅଧକ୍ଷ, ହାରୋ**

## ବଜେଟରେ ଏମ୍‌ଏସ୍‌ଏମ୍‌ଇକୁ ଗୁରୁତ୍ୱ



ମଙ୍ଗଳବାର ୨୦୨୨-୨୩ ବର୍ଷର ୟୁନିୟନ ବଜେଟ ଉପସ୍ଥାପନ ହୋଇଛି। ଏହି ବଜେଟ ଭିତ୍ତିଭୂମି ଉପରେ ଆଧାରିତ ଓ ଭିତ୍ତିଭୂମିର ଉନ୍ନତି ଉପରେ ଜଡ଼ିତ । ଏଥିରେ ଅଣୁ, କ୍ଷୁଦ୍ର ଓ ମଧମ ଶିଳ୍ପର ସମୃଦ୍ଧି ପାଇଁ କିଛିଟା ବ୍ୟବସ୍ଥା କରାଯାଇଛି। ଆର୍ଥିକ ବିନିଯୋଗ ପାଇଁ କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟକୁ ୨ ଲକ୍ଷ କୋଟି ଟଙ୍କା ପ୍ରଦାନ କରାଯାଇଛି। ଫଳରେ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପାଇଁ ୫ ଲକ୍ଷ କୋଟି ଟଙ୍କାର ବିନିଯୋଗ ପାଇଁ ବ୍ୟବସ୍ଥା କରାଯାଇଛି। ସବୁଠାରୁ ଆଖିଦୃଶିଆ ପଦକ୍ଷେପ ହେଲା ପ୍ରତିରକ୍ଷା ବିଭାଗ ୬୮ ପ୍ରତିଶତ କ୍ରୟ କେବଳ ଏମ୍‌ଏସ୍‌ଏମ୍‌ଇରୁ ହିଁ କରିବ।

**- ବିରଞ୍ଚି ନାରାୟଣ ମିଶ୍ର, ସଭାପତି ଓଇଆ**

## ବିକାଶକୁ ବ୍ୟାପକ କରିବ ବଜେଟ ବ୍ୟବସ୍ଥା



ଚଳିତ ଥରର ବଜେଟ ବ୍ୟବସ୍ଥା ଦେଶର ବିକାଶକୁ ବ୍ୟାପକ କରିବ। ବିଶେଷକରି ଗତିଶକ୍ତି ଯୋଜନା ଜରିଆରେ ରାଷ୍ଟ୍ରର ବିକାଶ ସାଙ୍ଗକୁ ସଂସ୍ଥାର ଅଭିବୃଦ୍ଧି ହୋଇପାରିବ। ଇ-ଯାନ ନୀତି ଓ ବ୍ୟବସ୍ଥା ସାଙ୍ଗକୁ ସୁବିଧା ଏପରିକି ପ୍ରୋତ୍ସାହନ ମଧ ଉଭୟ ଗ୍ରାହକ ଓ ବ୍ୟବସାୟୀଙ୍କ ମନୋବଳ ବଢ଼ାଇବ। ଶିଳ୍ପର ଅଭିବୃଦ୍ଧି ସାଙ୍ଗକୁ ସମାଜର ବିକାଶ ଓ ପରିବେଶ ସୁରକ୍ଷା ସମ୍ପର୍କରେ ମଧ ବଜେଟରେ ବ୍ୟବସ୍ଥା କରାଯାଇଛି। ଏହା ଦେଶର ଅର୍ଥନୀତିକୁ ଅଭିବୃଦ୍ଧି କରାଇବାରେ ସହଜ ହେବ।

- ଅଭିନାଶ ସାମଲ, ଏମ୍‌ଡି ଏମଜି ହେକ୍ଟର

# କିଆ'ର ନୂତନ ମଡେଲ କ୍ୟାରେନ୍ସର ବଜାର ପ୍ରବେଶ




ଭୁବନେଶ୍ୱର,୨।୨

ଅନ୍ତଃରାଷ୍ଟ୍ରୀୟ ଅଟୋମୋବାଇଲ କମ୍ପାନୀ କିଆ ପକ୍ଷରୁ ନିକଟରେ ଏହାର କ୍ୟାରେନ୍ସ ମଡେଲର ଶୁଭ ଉନ୍ମୋଚନ ହୋଇଥିଲା। କମ୍ପାନୀର ଏହି ମଡେଲକୁ ଅପେକ୍ଷାକରି ରହିଥିବା ଗ୍ରାହକଙ୍କ ଆବଶ୍ୟକତା ଓ ବଜାର ଚାହିଦା ପୂରଣ କରିବା ପାଇଁ ପ୍ରସ୍ତୁତି ମଧ ଦ୍ରୁତ ଗତିରେ ହୋଇଥିଲା। ଏହି ମଡେଲ ଡିଜାଇନର ଖୁବ୍ କମ୍ ଦିନ ମଧ୍ୟରେ କିଆର ଏହି ଅତ୍ୟାଧୁନିକ ଗାଡ଼ିକୁ ବଜାର ପ୍ରବେଶ କରାଯାଇଛି। ବୁଧବାର ସ୍ଥାନୀୟ ପାହାଳ ଠାରେ କମ୍ପାନୀର ସେଣ୍ଟ୍ରାଲ କିଆ ଶୋ'ରୁମ୍ ପରିସରରେ ଏହାର ଉନ୍ମୋଚନ ହୋଇଯାଇଛି। ଏହି ଅବସରରେ ଅଭିନେତ୍ରୀ ପ୍ରକୃତି ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ମଡେଲକୁ ବଜାର ପ୍ରବେଶ ସହ ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେଣ୍ଟ୍ରାଲ କିଆ'ର ପରିଚାଳନା ନିର୍ଦ୍ଦେଶକ ଆଦର୍ଶ ଧାୱନ ଉପସ୍ଥିତ ରହି ମଡେଲ ଓ କାରବାର ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ଷ୍ଟେଟ ବ୍ୟାଙ୍କର ବହୁ ବରିଷ୍ଠଅଧିକାରୀଙ୍କ ସମେତ ଶୋ'ରୁମ୍‌ର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# 'ଷ୍ଟେପ୍ ଅପ୍ ସ୍କଲାରଶିପ୍' କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨।୨:** ସନ୍‌ଷ୍ଟୋନ୍ ଏଡୁଭର୍ସିଟି ପକ୍ଷରୁ ଏହାର 'ଷ୍ଟେପ୍ ଅପ୍ ସ୍କଲାରଶିପ୍' କାର୍ଯ୍ୟକ୍ରମ ଜରିଆରେ ପ୍ରାୟ ୫ କୋଟି ଟଙ୍କା ମୂଲ୍ୟର ୧୦୦୦ରୁ ଅଧିକ ବୃତ୍ତି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବୃତ୍ତି ପାଇବା ପାଇଁ ପ୍ରଥମ ପଦକ୍ଷେପ ଭାବେ ଆଶାୟୀ ଛାତ୍ରୀଛାତ୍ରମାନଙ୍କୁ ଫେବୃୟାରୀ ୫ ଓ ୬ ତାରିଖରେ ହେବାକୁ ଥିବା 'ଷ୍ଟେପ୍ ଅପ୍ ସ୍କଲାରଶିପ୍' ପରୀକ୍ଷା ଦେବାକୁ ପଡ଼ିବ। ଏ ସମ୍ପର୍କରେ ସନ୍‌ଷ୍ଟୋନ ଏଡୁଭର୍ସିଟିର ସହ ପ୍ରତିଷ୍ଠାତା ଓ ସିଓଓ ପୀୟୂଷ ନାଙ୍ଗ୍ରୁ କହିଛନ୍ତି, ଷ୍ଟେପ୍ ଅପ୍ ସ୍କଲାରଶିପ୍' ପ୍ରୋଗ୍ରାମ ହେଉଛି ପ୍ରତିଭାଶାଳୀ ଛାତ୍ରୀଛାତ୍ର ସେମାନଙ୍କର ପୂର୍ଣ୍ଣ ଦକ୍ଷତା ହାସଲ କରିବା ପାଇଁ ଆର୍ଥିକ ରୂପେ ସଶକ୍ତ କରି ସେମାନଙ୍କୁ ସ୍ୱୀକୃତି ଓ ପୁରସ୍କୃତ କରିବା ଲାଗି ଆମର ଜାରି ରହିଥିବା ପ୍ରୟାସର ଏକ ଅଂଶ ବୋଲି ସେ କହିଛନ୍ତି।

## ଫୁର୍‌ସତ୍

# ଏକାଠି ନଜର ଆସିବେ ସଲ୍‌ମାନ-କ୍ୟାଟ୍



**ମୁମ୍ବାଇ:** ଖୁବ୍‌ଶୀଘ୍ର ପୁଣିଥରେ ଏକାଠି ନଜର ଆସିବେ ସଲ୍‌ମାନ-କ୍ୟାଟ୍। ଅପ୍‌କମିଂ ଫିଲ୍ମ 'ଟାଇଗର-୩'ର ଶୁଟିଂରେ ଉଭୟଙ୍କୁ ପୁଣି ସେଟ୍‌ରେ ଦେଖିବାକୁ ମିଳିବ। ୩୫୦ କୋଟି ବ୍ୟୟରେ ନିର୍ମିତ ଏହି ଚଳଚ୍ଚିତ୍ରରେ ମନିଷ ଶର୍ମା ନିର୍ଦ୍ଦେଶନା ଦେଉଛନ୍ତି। ମୁମ୍ବାଇସ୍ଥିତ ଯଶ୍‌ରାଜ ଫିଲ୍ମ ଷ୍ଟୁଡିଓରେ ଆସନ୍ତା ଶନିବାର ଶୁଟିଂ ଆରମ୍ଭ ହେବ। ଆସନ୍ତା ୧୪ ତାରିଖରୁ କିଛି ଦିନ ପାଇଁ ଆଉଟ୍‌ଡୋର ଶୁଟିଂ ପାଇଁ ଉଭୟ ସଲ୍‌ମାନ-କ୍ୟାଟ୍ ଦିଲ୍ଲୀ ଯିବେ। କ୍ୟାଟ୍ରିନାଙ୍କ ବିବାହ ପରେ ସଲ୍‌ମାନଙ୍କ ସହିତ ଏହା ହେଉଛି ତାଙ୍କର ପ୍ରଥମ ସିନେମା ଶୁଟିଂ। ଅନ୍-ସ୍କ୍ରିନ୍‌ରେ ଦୁହିଁଙ୍କ ଯୋଡିକୁ ଦର୍ଶକ ବେଶ୍ ପସନ୍ଦ କରିଥାନ୍ତି। ନିକଟରେ ସଲମାନ ଖାନ୍ ପ୍ରଥମ ଥର ପାଇଁ ସର୍ବସମ୍ମୁଖରେ କ୍ୟାଟ୍ରିନାଙ୍କ ବିବାହକୁ ନେଇ ମୁହଁ ଖୋଲିଥିଲେ। ବିଗ୍‌ବସ୍-୧୫ର ଗ୍ରାଣ୍ଡ ଫିନାଲେ ଶୋ'ରେ ସଲମାନ କ୍ୟାଟ୍ରିନା ଓ ବିକ୍କିଙ୍କ ବିଷୟରେ କହିଥିଲେ। ସେ କ୍ୟାଟ୍ରିନା କୈଫଙ୍କ ବିବାହରେ ଖୁସି ଥିବା କହିଥିଲେ।


CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

BIDISHA FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245
7653803952
Asrayagad, Gulaijang, Gajapati

BHARAT FINANCE
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ପାଇଁ
ଲୋନ୍ ଅନ୍ ଲାଇନ୍ ମାଧ୍ୟମରେ କମ ସୁଧରେ ସମସ୍ତ ପ୍ରକାର ଲୋନ୍ ନେବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ
ବାର୍ଷିକ 2% ସୁଧ 25% ଛାଡ
ଅଧିକତମ ମହିଳା, ଛାତ୍ରଛାତ୍ରୀ ଓ ବିଦ୍ୟାର୍ଥୀ ମାନଙ୍କୁ ସୁବିଧା ଯୋଗାଇ ଦିଆଯାଉଛି ।
Website: www.bharatpro.in
Dr B Ramarao Street,
Suryaraopet, Vijayawada-520002
Call & WhatsApp No:
09015144671

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଆଜମ ଖାନ୍
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଳବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ
8882703236
9717049785

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore
Karnataka-400021
8901110759

HINDUSTAN FINANCE LIMITED
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403273


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୨୫ ବର୍ଷ ଧରି ଖାଉଛନ୍ତି ସମାନ ଖାଦ୍ୟ



**ଲଣ୍ଡନ:** ଇଂଲଣ୍ଡର ପୂର୍ବତନ ଫୁଟବଲ ଖେଳାଳି ତଥା କୋଟିପତି ଡେଭିଡ ବେକହମଙ୍କ ସ୍ତ୍ରୀ ଭିକ୍ଟୋରିଆ ୨୫ ବର୍ଷ ଧରି ପ୍ରତିଦିନ ସମାନ ଖାଦ୍ୟ ଖାଉଛନ୍ତି। ୪୬ ବର୍ଷୀୟ ବେକହମ କହିଛନ୍ତି ଯେ, ସେ ଖାଦ୍ୟ ବାଣ୍ଟିବାକୁ ପସନ୍ଦ କରନ୍ତି; କିନ୍ତୁ ଭିକ୍ଟୋରିଆ ୨୫ ବର୍ଷ ଧରି କେବଳ ଗ୍ରିଲଡ ମାଛ ଏବଂ ସିଝା ପନିପରିବା ଖାଉଛନ୍ତି। ଫ୍ୟାଶନ ଡିଜାଇନର ଭିକ୍ଟୋରିଆ ତାଙ୍କ ଚାରି ପିଲାଙ୍କ ବିନା ଘରେ ରହିବାକୁ ଭଲପାଆନ୍ତି କାରଣ ସେ ତାଙ୍କ ହିସାବରେ ରୋଷେଇ କରିପାରିବେ।

# ସୁନୀଲ ଗ୍ରୋଭରଙ୍କ ହାର୍ଟ ସର୍ଜରି



**ମୁମ୍ବାଇ:** ଲୋକପ୍ରିୟ କମେଡିଆନ୍ ତଥା ଅଭିନେତା ସୁନୀଲ ଗ୍ରୋଭରଙ୍କ ହାର୍ଟ ସର୍ଜରୀ ହୋଇଛି। ମୁମ୍ବାଇର ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ରେ ତାଙ୍କର ଅପରେଶନ ହୋଇଥିବା ସିମି ଗରେୱାଲ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ତାଙ୍କ ହାର୍ଟରେ ଏକ କଣା ରହିଥିବାରୁ ଏହି ଅସ୍ତ୍ରୋପଚାର କରାଯାଇଛି। ସୁନୀଲଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିବା ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି। ସେ ଏବେ ବିପଦମୁକ୍ତ। ତାଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିଛି ବୋଲି ଡାକ୍ତର କହିଛନ୍ତି।


ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ
ଚାନ୍ଦମଣି ବେହେରା
ସ୍ୱାମୀ-ଚନକୁଳ ବେହେରା
ପାର୍ବତୀପୁର, ବଳଙ୍ଗା, ପୁରୀ
ତିରୋଧାନ- ୩।୦୨।୨୦୨୦
ତୋ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ପୁତ୍ର: ପୂର୍ଣ୍ଣଚନ୍ଦ୍ର ବେହେରା (ଧଡ଼ିଆ), କାହ୍ନୁଚରଣ (ସୁକୁନା) ଏବଂ ତୋର ସମସ୍ତ ପରିବାରବର୍ଗ ।
ଧ-୨୩୦୧୭

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତ ନରେନ୍ଦ୍ର କୁମାର ଦାସ
ଶିମୁଳିପାଟଣା, ଚନ୍ଦକା
ଆବିର୍ଭାବ- ୨୯।୦୩।୧୯୫୨
ତିରୋଧାନ- ୧୯।୦୧।୨୦୧୮
"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ"
ସ୍ତ୍ରୀ- ଗୌରୀପ୍ରଭା, ଭାଉଜ- ସାବିତ୍ରୀ, ଭାଇ- ସୁଧାକର, ଭାଇବୋହୂ- ନର୍ମଦା, ପୁତ୍ର- ଅରବିନ୍ଦ, ପୁତ୍ରବଧୂ- ଶ୍ରାବନ୍ତୀ, ପୁତୁରା, ପୁତୁରାବୋହୂ, ଝିଅଜ୍ୱାଇଁ, ଭଣଜା, ଭାଣିଜୀ, ନାତିନାତୁଣୀମାନେ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୦୨୦

ଏକାଦଶତମ ଶ୍ରାଦ୍ଧବାର୍ଷିକୀ
କୃଷ୍ଣଚନ୍ଦ୍ର ପୁଷ୍ପାଳକ
ଅବସରପ୍ରାପ୍ତ ଅନୁଶାସନ ସଚିବ, ସ୍ୱରାଷ୍ଟ୍ର ବିଭାଗ
ଦାଣ୍ଡମୁକୁନ୍ଦପୁର, ପିପିଲି
ଆବିର୍ଭାବ- ୦୫।୧୦।୧୯୪୪
ତିରୋଧାନ- ୦୫।୦୨।୨୦୧୧
ଆପଣଙ୍କ ନିଷ୍ଠାପରତା, କର୍ତ୍ତବ୍ୟ-ପରାୟଣତା, ପରୋପକାରିତା ଆମ ଜୀବନର ପାଥେୟ । ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।
ଶୋକସନ୍ତପ୍ତ ଧର୍ମପତ୍ନୀ, ଭଉଣୀ, ପୁତ୍ର ଓ ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି ଓ ନାତୁଣୀ ।
ଧ-୨୩୦୧୬

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ
ସ୍ୱର୍ଗତ କୃଷ୍ଣ ପ୍ରସାଦ ସେନ
ତିରୋଧାନ: ୦୩।୦୨।୨୦୦୪
ଆପଣଙ୍କର ଆଜିର ଏହି ପୁଣ୍ୟ ଶ୍ରାଦ୍ଧଦିବସରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
-:ଶ୍ରଦ୍ଧେୟ:-
ପତ୍ନୀ: ସୁରମା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ତପୁ, ଧୁନ୍, ଗାଗୁଲୁ, ମିଷ୍ଟି, ପାଖୀ ଓ ପରିବାରବର୍ଗ ।
ଧ-୨୨୯୭୪

ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
କୃପାସିନ୍ଧୁ ନାୟକ
ଆବିର୍ଭାବ-୦୩।୦୧।୧୯୪୭
ତିରୋଧାନ- ୨୪।୦୧।୨୦୨୨
ସ୍ଥାନ- ସୁନ୍ଦରପୁର, ଧୁଷୁରୀ, ଭଦ୍ରକ
ହେ ଦିବଂଗତ ! ଆପଣ ଗଲାପରେ ଆମେ ହତବାକ୍ । କାହାରି ତୁଣ୍ଡରୁ କଥା ବାହାରୁନି । ଆଉ ଶୁଣିପାରୁନୁ ଆପଣଙ୍କ ଶ୍ରୁତିମଧୁର ଉପଦେଶାତ୍ମକ ବାଣୀ । ଦେଖିପାରୁନୁ ହସ ହସ ମୁଖମଣ୍ଡଳ । କୁଆଡେ ଯାଇଛ ଜାଣିନୁ । ଯେଉଁଠି ବି ଥାଅ ଭଲରେ ଥାଅ । ବାବା ଆଖଣ୍ଡଳମଣିଙ୍କୁ ପ୍ରାର୍ଥନା କରୁଛୁ, ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ହେଉ ।
ହତଭାଗ୍ୟ ପୁତ୍ର ସତ୍ୟବ୍ରତ, ଶୋକସନ୍ତପ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୨୩୦୨୬

ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଉମାପ୍ରସାଦ କର
ଅବକାଶ ଲେନ୍, ପୁରୀ-୨, ପୁରୀ
ତିରୋଧାନ- ୨୧।୦୧।୨୦୦୭
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ :- ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ ।
ଧ-୬୮୮୯୧

# ଲୌରିୟସ ପୁରସ୍କାର ଦୌଡ଼ରେ ନୀରଜ

ଲଣ୍ଡନ, ୨।୨ (ପି.ଟି.)




ଅଲିମ୍ପିକ୍ ଗୋଲ୍ଡ ମେଡାଲିଷ୍ଟ ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରା ସମ୍ମାନଜନକ ଲୌରିୟସ 'ୱାର୍ଲ୍ଡ ବ୍ରେକ୍ ଥ୍ରୁ ଅଫ୍ ଦି ଇୟର' ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି କାଟେଗୋରି ପାଇଁ ଶର୍ଟଲିଷ୍ଟରେ ସ୍ଥାନ ପାଇଛନ୍ତି। ତାଙ୍କ ସହିତ ରୁଷୀୟ ଟେନିସ ତାରକା ଡାନିଲ ମେଡଭେଡେଭ ଓ ବ୍ରିଟେନର ଇମା ରାଡୁକାନୁ ପ୍ରଭୃତି ଶର୍ଟଲିଷ୍ଟରେ ରହିଛନ୍ତି।

୨୩ ବର୍ଷୀୟ ନୀରଜ ଦ୍ୱିତୀୟ ଭାରତୀୟ ଭାବେ ଗତବର୍ଷ ଅଲିମ୍ପିକ୍‌ର ବ୍ୟକ୍ତିଗତ ବିଭାଗରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ଥିଲେ। ଟୋକିଓ ଅଲିମ୍ପିକ୍ସରେ ନିଜ ଦ୍ୱିତୀୟ ଉଦ୍ୟମରେ ସେ ୮୭.୫୮ ମିଟର ଦୂରକୁ ଜାଭେଲିନ ପକାଇ ସେ ଏହି ସଫଳତା ପାଇଥିଲେ। ଏହି ପ୍ରଦର୍ଶନ ତାଙ୍କୁ ଭାରତରେ ସୁପରଷ୍ଟାରର ଆଖ୍ୟା ଦେଇଥିଲା ଏବଂ ବିଶ୍ୱବ୍ୟାପୀ ସେ ପ୍ରଶଂସାର ପାତ୍ର ହୋଇଥିଲେ। ''ଟୋକିଓ ଅଲିମ୍ପିକ୍ସର ସଫଳତା ଯୋଗୁ ବିଶ୍ୱବ୍ୟାପୀ ଚର୍ଚ୍ଚାରେ ରହିବା ମୋ ପାଇଁ ବଡ଼ ସମ୍ମାନ ସଦୃଶ ଥିଲା। ନିଜକୁ ଫିଟ୍ ରଖିବା ପାଇଁ ମୁଁ କ୍ରୀଡ଼ାକୁ ଆପଣେଇଥିଲି। ଭାରତର ଏକ ଛୋଟ ଗାଁରୁ ଆସି ଅଲିମ୍ପିକ୍ସ ପୋଡିୟମର ଟପ୍‌ରେ ରହିବା ବହୁତ ବଡ଼ କଥା। ଏ ପର୍ଯ୍ୟନ୍ତ ମୋ ଯାତ୍ରା ଖୁବ୍ ଆନନ୍ଦଦାୟକ ରହିଛି'' ବୋଲି ଚୋପ୍ରା କହିଥିବା ଲୌରିୟସ ଏକାଡେମୀ ପକ୍ଷରୁ ପ୍ରକାଶିତ ବିବୃତିରେ ପ୍ରକାଶ କରାଯାଇଛି। ''ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ବିଶ୍ୱସ୍ତରରେ ପଦକ ହାସଲ କରିଥିବାରୁ ମୁଁ ଗୌରବାନ୍ୱିତ ମନେକରୁଛି। ଏବେ ଲୌରିୟସ ପକ୍ଷରୁ ଅନ୍ୟ ବିଶେଷ ଆଥ୍‌ଲେଟଙ୍କ ସହ ମୋତେ ସ୍ୱୀକୃତି ମିଳିଥିବାରୁ ସ୍ୱତନ୍ତ୍ର ଅନୁଭବ ହେଉଛି'' ବୋଲି ନୀରଜ କହିଛନ୍ତି। ତୃତୀୟ ଭାରତୀୟ ଭାବେ ନୀରଜ ଲୌରିୟସ ପୁରସ୍କାର ଦୌଡ଼ରେ ସାମିଲ ହୋଇଛନ୍ତି। ଏ କ୍ଷେତ୍ରରେ ସେ କ୍ରିକେଟ ଲିଜେଣ୍ଡ ସଚିନ ତେନ୍ଦୁଲକର ଓ ତାରକା ରେସଲର ଭିନେଶ ଫୋଗଟଙ୍କ କ୍ଲବରେ ସାମିଲ ହୋଇଛନ୍ତି। ୨୦୧୯ରେ ଫୋଗଟ 'ଲୌରିୟସ ୱାର୍ଲ୍ଡ ସ୍ପୋର୍ଟିଂ କମ୍‌ବ୍ୟାକ୍' କାଟେଗୋରିରେ ସାମିଲ ହୋଇଥିବାବେଳେ ୨୦୨୦ରେ ସଚିନ 'ଲୌରିୟସ ବେଷ୍ଟ ସ୍ପୋର୍ଟିଂ ମୋମେଣ୍ଟ ଇନ୍ ଦି ଲାଷ୍ଟ ୨୦ ଇୟର୍ସ' ପୁରସ୍କାର ଜିତିଥିଲେ। ଭାରତ ୨୦୧୧ ଏକଦିବସୀୟ ବିଶ୍ୱକପ ଜିତିବା ପରେ ଭାରତୀୟ ଖେଳାଳିମାନେ ସଚିନଙ୍କୁ କାନ୍ଧରେ ବସାଇ ଖୁସି ମନାଇଥିଲେ। ଏହି ମୁହୂର୍ତ୍ତକୁ ପୁରସ୍କାର ପାଇଁ ଚୟନ ସମୟରେ ବିଚାରକୁ ନିଆଯାଇଥିଲା।

ବିଶ୍ୱର ୧୩୦୦ରୁ ଊର୍ଦ୍ଧ୍ୱ ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଓ ବ୍ରଡ୍‌କାଷ୍ଟର୍ସଙ୍କୁ ନେଇ ଗଠିତ ଏକ ପ୍ୟାନେଲ ୭ଟି କାଟେଗୋରିରେ ଚଳିତ ବର୍ଷର ଲୌରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ଆୱାର୍ଡ ପାଇଁ ଖେଳାଳି ଚୟନ କରିବେ। ଲୌରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ଏକାଡେମୀର ଭୋଟିଂ ପରେ ଏପ୍ରିଲରେ ବିଜେତାଙ୍କ ନାମ ଘୋଷଣା କରାଯିବ। ୨୦୧୬ରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଚୋପ୍ରା ସ୍ୱର୍ଣ୍ଣ ପଦକ ପାଇଥିଲେ। ବ୍ରେକ୍ ଥ୍ରୁ ପୁରସ୍କାର ପାଇଁ ନୀରଜଙ୍କ ସହ ଏଫ୍‌ସି ବାର୍ସିଲୋନାର ପ୍ରଚଣ୍ଡ ପ୍ରତିଭାବାନ ଫୁଟବଲ ଖେଳାଳି ପେଦ୍ରି ରହିଛନ୍ତି। ଏହି ୧୯ ବର୍ଷୀୟ ଫୁଟବଲର ଶ୍ରେଷ୍ଠ ଯୁବ ଖେଳାଳି ଭାବେ ବାଲନ୍'ଓର ପୁରସ୍କାର ପାଇଥିଲେ। ସେହିପରି ୨୬ ବର୍ଷର ପୁରୁଣା ଟ୍ରିପଲ ଜମ୍ପ ବିଶ୍ୱ ରେକର୍ଡ ଭାଙ୍ଗିଥିବା ୟୁଲିମାର ରୋଜାସ, ଟୋକିଓ ଅଲିମ୍ପିକ୍ସରେ ଚାମ୍ପିୟନ କାଟି ଲେଡେକିଙ୍କୁ ୨୦୦ ଓ ୪୦୦ ମିଟରରେ ପରାସ୍ତ କରିଥିବା ସୁଇମର ଆରିଆର୍ନେ ଟିଟ୍‌ମୁସ ମଧ୍ୟ ଏହି ଦୌଡ଼ରେ ସାମିଲ ହୋଇଛନ୍ତି।

ଲୌରିୟସ ୱାର୍ଲ୍ଡ ସ୍ପୋର୍ଟ୍ସ ମ୍ୟାନ୍ ଅଫ୍ ଦି ଇୟର ପୁରସ୍କାର ପାଇଁ ସବୁଠାରୁ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥାଏ। ଏହି ସମ୍ମାନଜନକ ପୁରସ୍କାର ପାଇଁ ଶର୍ଟଲିଷ୍ଟ ହୋଇଥିବା ଆଥ୍‌ଲେଟଙ୍କ ମଧ୍ୟରେ ଅଛନ୍ତି ଏନ୍‌ଏଫ୍‌ଏଲ୍ ତାରକା ଟମ୍ ବାର୍ଡି, ବେୟରନ ମ୍ୟୁନିଚ୍‌ର ଚତୁର ଗୋଲ ସ୍କୋରର ରବର୍ଟ ଲିୱାଣ୍ଡୋସ୍କି, ନୂଆ ଫର୍ମୁଲାୱାନ ବିଶ୍ୱ ଚାମ୍ପିୟନ ମ୍ୟାକ୍ସ ଭର୍ଷ୍ଟାପେନ, ଟେନିସରେ ବିଶ୍ୱର ନମ୍ବରୱାନ ଖେଳାଳି ନୋଭାକ୍ ଜୋକୋଭିଚ୍ ଏବଂ ଦୁଇ ଶ୍ରେଷ୍ଠ ଅଲିମ୍ପିଆନ୍ସ ସୁଇମର କାଲେବ ଡ୍ରେସେଲ ଓ ମାରାଥନର ଏଲିଉଡ୍ କିପ୍‌ଚୋଗେ। ଡ୍ରେସେଲ ଟୋକିଓ ଅଲିମ୍ପିକ୍ସରେ ୫ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ କିପ୍‌ଚୋଗେ ଲଗାତର ଅଲିମ୍ପିକ୍ ମାରାଥନ ଜିତିବାରେ ରେକର୍ଡ କରିଥିଲେ।



୧୯ ବର୍ଷରୁ କମ୍ କ୍ରିକେଟ ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୨।୨ (କ୍ରୀଡ଼ା ପ୍ରତିନିଧି):** ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭୁବନେଶ୍ୱର ୱାରିୟର୍ସକୁ ୬ ରନରେ ହରାଇ ପାରାମାଉଣ୍ଟ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାରାମାଉଣ୍ଟ ୫୦ ଓଭରରେ ୯ ଉଇକେଟ ହରାଇ ୨୩୨ ରନ କରିଥିଲା। ଦଳ ପକ୍ଷରୁ ଆଶୁତୋଷ ସାହୁ ସର୍ବାଧିକ ୯୫ ଓ ସୁଦର୍ଶନ ସ୍ୱାଇଁ ୬୧ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ସୌଭାଗ୍ୟ ବେହେରା ୫ଟି ଓ ବିକାଶ ହେମ୍ବ୍ରମ ୩ଟି ଉଇକେଟ ନେଇଥିଲେ। ୨୩୩ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଭୁବନେଶ୍ୱର ୱାରିୟର୍ସ ୪୮.୨ ଓଭରରେ ୨୨୬ ରନକରି ସମସ୍ତ ଉଇକେଟ ହରାଇଥିଲା। ସୌଭାଗ୍ୟ ବେହେରା ୬୬ ଓ ଭବଜ୍ୟୋତି ବିଷୋୟୀ ୫୦ ରନ କରିଥିଲେ। ବିଜୟୀ ଦଳର ସେକ୍ ନାକିବ ସରବେର ୪ଟି ଓ ସ୍ୱୟମ ରାଉତରାୟ ଓ ପ୍ରତ୍ୟୁଷ ସାହୁ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୩ ଚୌକା ଓ ୧ ଛକା ସହାୟତାରେ ୯୫ ରନ କରିଥିବା ପାରାମାଉଣ୍ଟର ଆଶୁତୋଷ ସାହୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଏବଂ ଅଂଶୁମାନ ସାହୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ। ଏହା ବ୍ୟତୀତ ସୁଦର୍ଶନ ସ୍ୱାଇଁ ମ୍ୟାନ୍ ଅଫ୍ ଦି ସିରିଜ, ଅଭିଷେକ ମହନ୍ତ ଶ୍ରେଷ୍ଠ ବ୍ୟାଟର, ସ୍ୱୟମ୍ ସାର୍ଥକ ରାଉତରାୟ ଶ୍ରେଷ୍ଠ ଅଲ୍‌ରାଉଣ୍ଡର, ସୌଭାଗ୍ୟ ଶେଖର ବେହେରା ଶ୍ରେଷ୍ଠ ଅଲ୍‌ରାଉଣ୍ଡର, ସେକ୍ ଆରେଜୁ ଅଲୀ ଶ୍ରେଷ୍ଠ ଉଇକେଟ କିପର ପୁରସ୍କାର ପାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ମୁଖ୍ୟ ଅତିଥି, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ୍‌ର ପୂର୍ବତନ ଚେୟାରମ୍ୟାନ ମାନସ ରଞ୍ଜନ ମହାପାତ୍ର, ପାରାମାଉଣ୍ଟ କ୍ଲବ ମୁଖ୍ୟ ଉପଦେଷ୍ଟା କୃଷ୍ଣଚନ୍ଦ୍ର ପାତ୍ର, ସାମାଜିକ କର୍ମୀ ଦାମୋଦର ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କ୍ଲବ ସଭାପତି ପ୍ରତାପ ଜେନା ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଅଶୋକ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମିଚେଲଙ୍କୁ ଆଇସିସି ପୁରସ୍କାର

ଦୁବାଇ, ୨।୨(ପି.ଟି.)

ନ୍ୟୁଜିଲାଣ୍ଡର ଡାରିଲ ମିଚେଲ ଆଇସିସିର 'ସ୍ପିରିଟ ଅଫ୍ ଦି କ୍ରିକେଟ' ପୁରସ୍କାର ଜିତିଛନ୍ତି। ବୋଲର ଆଡିଲ ରଶିଦ ତାଙ୍କ ପଥରେ ବାଧା ସୃଷ୍ଟି କରିଥିବା ସେ ଅନୁଭବ କରିଥିଲେ। ଫଳରେ ଟି୨୦ ବିଶ୍ୱକପର ଇଂଲଣ୍ଡ ବିପକ୍ଷ ମ୍ୟାଚରେ ସେ ସହଜରେ ଏକ ସିଙ୍ଗଲ ରନ ନେଇପାରି ନ ଥିଲେ। ଗତବର୍ଷ ନଭେମ୍ବର ୧୦ରେ ଆବୁଧାବିଠାରେ ଅନୁଷ୍ଠିତ ମ୍ୟାଚରେ ନିଜର ଅଙ୍ଗଭଙ୍ଗୀ ପାଇଁ ମିଚେଲଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୫ ଉଇକେଟରେ ବିଜୟୀ ହୋଇଥିଲା। ନ୍ୟୁଜିଲାଣ୍ଡର ୪ର୍ଥ ଖେଳାଳିଭାବେ ମିଚେଲ ଏହି ପୁରସ୍କାର ଜିତିଛନ୍ତି। ତାଙ୍କ ପୂର୍ବରୁ ଡାନିଏଲ ଭିଟ୍ଟୋରୀ, ବ୍ରେଣ୍ଡନ ମ୍ୟାକକୁଲମ ଏବଂ କେନ୍ ୱିଲିୟମସନ ଏହି ପୁରସ୍କାର ପାଇ ସାରିଛନ୍ତି।

ଇଂଲଣ୍ଡ-ନ୍ୟୁଜିଲାଣ୍ଡ ମ୍ୟାଚର ୧୮ତମ ଓଭର ପ୍ରଥମ ବଲ୍ ବୋଲିଂ ବେଳେ ଏହି ଘଟଣା ଘଟିଥିଲା। ଆଡିଲ ରଶିଦ ଏହି ଓଭର ବୋଲିଂ କରିଥିଲେ ଏବଂ ଜେମ୍ସ ନିଶାମ ଷ୍ଟ୍ରାଇକ୍ ନେଉଥିଲେ। ସେତେବେଳେ ନ୍ୟୁଜିଲାଣ୍ଡ ସ୍କୋର ୧୩୩/୪ ଥିଲା। ନିଶାମ ବଲ୍‌କୁ ଗ୍ରାଉଣ୍ଡ ଶଟ୍ ଖେଳି ସହଜ ସିଙ୍ଗଲ ନେବାକୁ ଚାହିଁଥିଲେ। ମାତ୍ର ଚାପ ପରିସ୍ଥିତିରେ ବୋଲର ରଶିଦ ତାଙ୍କ ପଥ ରୋଧ କରିବାରୁ ମିଚେଲ ସିଙ୍ଗଲ ନେବାକୁ ମନା କରି ଦେଇଥିଲେ। ଏହି ମ୍ୟାଚରେ ଲାଇଭ୍ କମେଣ୍ଟ୍ରି କରୁଥିବା ନାସିର ହୁସେନ ମିଚେଲଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ଫାଇନାଲରେ ଇଂଲଣ୍ଡ



ଶଟ୍ ଖେଳିବା ଅବସରରେ ଇଂଲଣ୍ଡର ଜର୍ଜ ବେଲ୍।

**ନର୍ଥ ସାଉଣ୍ଡ, ୨।୨ (ପି.ଟି.):** ଦୀର୍ଘ ୨୪ ବର୍ଷ ପରେ ଇଂଲଣ୍ଡ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲରେ ଏହି ଦଳ ୧୫ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ପୂର୍ବରୁ ଇଂଲଣ୍ଡ ୧୯୯୮ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିଲା ଏବଂ ଚାମ୍ପିୟନ ହୋଇଥିଲା। ବର୍ଷା ଯୋଗୁ ମ୍ୟାଚ ୪୭ ଓଭର ବିଶିଷ୍ଟ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ୬ ଉଇକେଟ ହରାଇ ୨୩୧ ରନ କରିଥିଲା। ଜର୍ଜ ବେଲ୍ ସର୍ବାଧିକ ୫୬ ରନକରି ଅପରାଜିତ ରହିଥିବାବେଳେ ଜର୍ଜ ଥୋମାସ ୫୦ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳି ଆଉଟ ହୋଇଥିଲେ। ଜବାବରେ ଆଫଗାନିସ୍ତାନ ପୂରା ୪୭ ଓଭର ଖେଳିଥିଲେ ହେଁ ୯ ଉଇକେଟ ହରାଇ ୨୧୫ ରନ କରିବାକୁ ସକ୍ଷମ ହୋଇଥିଲା।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ୪୭ ଓଭରରେ ୨୩୧/୬ (ଜର୍ଜ ବେଲ୍-୫୬*, ଜର୍ଜ ଥୋମାସ-୫୦, ନଭିଦ ଜଦ୍ରାନ-୨/୬୭, ନୁର ଅହମଦ-୨/୩୨)। ଆଫଗାନିସ୍ତାନ ୪୭ ଓଭରରେ ୨୧୫/୯ (ଆଲ୍ଲା ନୁର-୬୦, ମହମ୍ମଦ ଇସାକ-୪୩, ରେହାନ ଅହମଦ-୪/୪୧)।

# ଭାରତୀୟ ଡେଭିସ୍ କପ୍ ଦଳରେ ୟୁକି ସାମିଲ

**ନୂଆଦିଲ୍ଲୀ, ୨।୨ (ପି.ଟି.):** ଭାରତୀୟ ଡେଭିସ୍ କପ୍ ଦଳରୁ ସୁମିତ ନାଗାଲ ବାଦ୍ ପଡ଼ିଛନ୍ତି। ତାଙ୍କ ସ୍ଥାନରେ ୟୁକି ଭାମ୍ବ୍ରିଙ୍କୁ ସାମିଲ କରାଯାଇଛି। ଆସନ୍ତା ମାସରେ ଡେନ୍‌ମାର୍କ ବିପକ୍ଷରେ ଭାରତ ବିଶ୍ୱ ଗ୍ରୁପ ୧ ପ୍ଲେ-ଅଫ୍ ମ୍ୟାଚ ଖେଳିବ। ନାଗାଲ ବାଦ୍ ପଡ଼ିଥିବାରୁ ଭାମ୍ବ୍ରି, ରାମକୁମାର ରମାନାଥନ ଓ ପ୍ରଜନେଶ ଗୁଣେଶ୍ୱରନଙ୍କ ଉପରେ ସିଙ୍ଗଲ୍ସ ଭାର ରହିବ। ଉଭୟ ରାମନାଥନ ଓ ଭାମ୍ବ୍ରି ଗ୍ରାସ୍‌କୋର୍ଟରେ ଭଲ ଖେଳିଥାନ୍ତି। ଡବଲ୍ସ ସ୍ପେଶାଲିଷ୍ଟ ରୋହନ ବୋପାନ୍ନା ତାଙ୍କ ସ୍ଥାନ ବଜାୟ ରଖିଥିବାବେଳେ ଡିଭିଜ ଶରନ ତାଙ୍କ ପାର୍ଟନର ହେବେ। ସାକେତ ମାଇନେନି ଓ ଦିଗ୍‌ବିଜୟ ପ୍ରତାପ ସିଂ ରିଜର୍ଭ ଖେଳାଳିଭାବେ ଦଳରେ ସ୍ଥାନ ପାଇଛନ୍ତି। ରୋହିତ ରାଜପାଲ ନନ୍-ପ୍ଲେଇଂ କ୍ୟାପ୍‌ଟେନ ଥିବାବେଳେ ଜୀଶାନ ଅଲୀ କୋଚ୍ ଦାୟିତ୍ୱ ତୁଲାଇବେ। ମାର୍ଚ୍ଚ ୪ ଓ ୫ ତାରିଖ ଦୁଇଦିନଧରି ନୂଆଦିଲ୍ଲୀର ଜିମ୍‌ଖାନା କ୍ଲବ ପରିସରରେଥିବା ଗ୍ରାସ୍‌କୋର୍ଟରେ ଏହି ମୁକାବିଲା ହେବ।

# ଅହମଦାବାଦରେ ୱେଷ୍ଟଇଣ୍ଡିଜ ଦଳ

ଅହମଦାବାଦ, ୨।୨ (ପି.ଟି.)

ଟି୨୦ରେ ଇଂଲଣ୍ଡକୁ ହରାଇ ମନୋବଳ ଦୃଢ଼ କରିଥିବା ୱେଷ୍ଟଇଣ୍ଡିଜ ଦଳ ୩ଟି ଏକଦିବସୀୟ କ୍ରିକେଟ ମ୍ୟାଚ ଖେଳିବାକୁ ବୁଧବାର ଅହମଦାବାଦରେ ପହଞ୍ଚିଛି। ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ୩ଟି ଦିନିକିଆ ଖେଳିବା ପରେ ୱେଷ୍ଟଇଣ୍ଡିଜ ଦଳ କୋଲକାତା ଯାଇ ଭାରତ ବିପକ୍ଷରେ ୩ଟି ଟି୨୦ ମ୍ୟାଚରେ ଭାଗ୍ୟ ପରୀକ୍ଷା କରିବ। ଭାରତ-ୱେଷ୍ଟଇଣ୍ଡିଜ ଦିନିକିଆ ସିରିଜ ବିନା ଦର୍ଶକରେ ହେବାକୁ ଥିବାବେଳେ ଟି୨୦ ସିରିଜ ପାଇଁ ପଶ୍ଚିମବଙ୍ଗ ସରକାର ୭୫ ପ୍ରତିଶତ ଦର୍ଶକଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଫେବୃୟାରୀ ୬, ୯ ଓ ୧୧ରେ ୩ଟି ଦିନିକିଆ ଏବଂ ୧୬, ୧୮ ଓ ୨୦ରେ ୩ଟି ଟି୨୦ ମ୍ୟାଚ ଖେଳାଯିବ।



ବୁଧବାର ଅହମଦାବାଦରେ ପହଞ୍ଚିଥିବା ୱେଷ୍ଟଇଣ୍ଡିଜ ଖେଳାଳି।

# ଏମ୍‌ବିଏସ୍ ଇଲେଭେନ ଚାମ୍ପିୟନ

**ଭୁବନେଶ୍ୱର, ୨।୨ (କ୍ରୀଡ଼ା ପ୍ରତିନିଧି):** ମଶାଣି କ୍ରିକେଟ କ୍ଲବ ଆନୁକୂଲ୍ୟରେ ପୁରୁଣା ଭୁବନେଶ୍ୱରରେ ଅନୁଷ୍ଠିତ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟରେ କେଶୁରାର ଏମ୍‌ବିଏସ୍ ଇଲେଭେନ ଚାମ୍ପିୟନ ହୋଇଛି। ଫାଇନାଲରେ ଏମବିଏସ୍ ୭ ଉଇକେଟରେ କଟକର ରକ୍‌ଷ୍ଟାର କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ରକ୍‌ଷ୍ଟାର ୬ ଓଭରରେ ୫ ଉଇକେଟ ହରାଇ ୧୨୬ ରନ କରିଥିବାବେଳେ ଏମ୍‌ବିଏସ୍ ୬ଷ୍ଠ ଓଭରର ଶେଷ ବଲ୍‌ରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ରବି ସ୍ୱାଇଁ ମ୍ୟାନ୍ ଅଫ୍ ଦି ସିରିଜ ଓ ବିକ୍ରମ ପାତ୍ର ଶ୍ରେଷ୍ଠ ବ୍ୟାଟର ବିବେଚିତ ହୋଇଥିଲେ। ଶିବପ୍ରସାଦ ବେହେରା, ମଦନ ମୋହନ ପ୍ରଧାନ, ଦୁର୍ଗା ଚରଣ ବେହେରା, ଲିଙ୍ଗରାଜ ସାହୁ, ରମେଶ ମାଝି, ମୃତ୍ୟୁଞ୍ଜୟ ପଣ୍ଡା, ହେମ ମହାପାତ୍ର, କ୍ଷୀରୋଦ ମହାରଣା, ରଶ୍ମିରଞ୍ଜନ ମହାପାତ୍ର, ସବ୍ୟସାଚୀ ଘଡ଼େଇ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିବା ଅବସରରେ ଚାମ୍ପିୟନ ଏମ୍‌ବିଏସ୍ ଇଲେଭେନ ଦଳର ଖେଳାଳି।

# ଭାରତୀୟ ମହିଳା ହକି ଦଳ ପହଞ୍ଚିଲା

ଭୁବନେଶ୍ୱର, ୨।୨ (କ୍ରୀଡ଼ା ପ୍ରତିନିଧି)

ମସ୍କଟରେ ଚାଇନା ବିପକ୍ଷରେ ଡବଲ ବିଜୟ ପରେ ଭାରତୀୟ ମହିଳା ହକି ଦଳ ବୁଧବାର ଭୁବନେଶ୍ୱରରେ ପହଞ୍ଚିଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଭାରତୀୟ ଦଳ ୮ଟି ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ମ୍ୟାଚ ଖେଳିବା କାର୍ଯ୍ୟସୂଚୀ ରହିଛି। ଚାଇନା ବିପକ୍ଷରେ ପ୍ରଥମ ମ୍ୟାଚକୁ ୭-୧ ଓ ଦ୍ୱିତୀୟ ମ୍ୟାଚକୁ ୨-୧ ଗୋଲରେ ଜିତିବା ସହ ଭାରତ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ଚଳିତ ମାସ ୧୯ ଓ ୨୦ ତାରିଖରେ ଭାରତୀୟ ମହିଳା ଦଳ ନେଦରଲାଣ୍ଡ୍ସ ବିପକ୍ଷ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ମ୍ୟାଚରୁ ଘରୋଇ ଅଭିଯାନ ଆରମ୍ଭ କରିବ। ଏହାପରେ ସ୍ପେନ, ଜର୍ମାନୀ ଓ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ଖେଳିବ। ହକି ପ୍ରୋ-ଲିଗ୍‌ରେ ପୂର୍ବରୁ ଭାରତର ପୁରୁଷ ବିଭାଗ ମ୍ୟାଚ କଳିଙ୍ଗରେ ଅନୁଷ୍ଠିତ ହୋଇଥିଲା। ମାତ୍ର ଏଥର ଉଭୟ ପୁରୁଷ ଓ ମହିଳା ବିଭାଗର ଅନେକ ମ୍ୟାଚ ଏଠାରେ ଆୟୋଜନ ହେବ। ଭାରତୀୟ ପୁରୁଷ ଦଳର ଅଭିଯାନ ଫେବୃୟାରୀ ୨୬ରୁ କଳିଙ୍ଗରେ ଆରମ୍ଭ ହେବ। ୨୬ ଓ ୨୭ରେ ଭାରତୀୟ ଦଳ ସ୍ପେନ୍‌କୁ ଭେଟିବ। ଏହାପରେ ଦଳ ଜର୍ମାନୀ, ଆର୍ଜେଣ୍ଟିନା ଓ ଇଂଲଣ୍ଡ ବିପକ୍ଷରେ ମ୍ୟାଚ ଖେଳିବା କାର୍ଯ୍ୟକ୍ରମ ରହିଛି। କଳିଙ୍ଗ ଷ୍ଟାଡିୟମ ବ୍ୟତୀତ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ବିଦେଶରେ ମଧ୍ୟ ପ୍ରୋ-ଲିଗ୍ ମ୍ୟାଚ ଖେଳିବ।

**କଳିଙ୍ଗରେ ମହିଳା ଦଳର କାର୍ଯ୍ୟସୂଚୀ**

ଫେବୃୟାରୀ ୧୯: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୭ଟା ୩୦
ଫେବୃୟାରୀ ୨୦: ଭାରତ ବନାମ ନେଦରଲାଣ୍ଡ୍ସ, ସମୟ: ରାତି ୭ଟା ୩୦
ଫେବୃୟାରୀ ୨୬: ଭାରତ ବନାମ ସ୍ପେନ, ସମୟ: ଅପରାହ୍ନ ୫ଟା
ଫେବୃୟାରୀ ୨୭: ଭାରତ ବନାମ ସ୍ପେନ, ସମୟ: ଅପରାହ୍ନ ୫ଟା
ମାର୍ଚ୍ଚ ୧୨: ଭାରତ ବନାମ ଜର୍ମାନୀ, ସମୟ: ଅପରାହ୍ନ ୫ଟା
ମାର୍ଚ୍ଚ ୧୩: ଭାରତ ବନାମ ଜର୍ମାନୀ, ସମୟ: ଅପରାହ୍ନ ୫ଟା
ଏପ୍ରିଲ ୨: ଭାରତ ବନାମ ଇଂଲଣ୍ଡ, ସମୟ: ଅପରାହ୍ନ ୫ଟା
ଏପ୍ରିଲ ୩: ଭାରତ ବନାମ ଇଂଲଣ୍ଡ, ସମୟ: ଅପରାହ୍ନ ୫ଟା



ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ବୁଧବାର ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ମହିଳା ହକି ଦଳ।

# ଜଗତ୍‌ସିଂହପୁର ଆଥ୍‌ଲେଟିକ ଆସୋସିଏଶନ ନିର୍ବାଚନ

**ଭୁବନେଶ୍ୱର, ୨।୨ (କ୍ରୀଡ଼ା ପ୍ରତିନିଧି):** ଜଗତ୍‌ସିଂହପୁର ଜିଲା ଆଥ୍‌ଲେଟିକ ଆସୋସିଏଶନ ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ୨୦୨୨ରୁ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟକାଳ ପାଇଁ ସମସ୍ତ ପ୍ରାର୍ଥୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀ ସଭାପତି, ଏସ୍‌ପି ଅଖିଳେଶ୍ୱର ସିଂ ଓ ଡିଏସ୍‌ଓ ବିଶ୍ୱବିଜୟ ପଟ୍ଟନାୟକ ଉପସଭାପତି ହୋଇଛନ୍ତି। ନିର୍ବାଚିତ ଉପସଭାପତି ହେଲେ ସାଧୁଚରଣ ମହାନ୍ତି, ଶ୍ରୀକାନ୍ତ ଚୌଧାରୀ ଓ ଅମ୍ବିକା ପ୍ରସନ୍ନ ମହାନ୍ତି। ଦୋଳଗୋବିନ୍ଦ ଦାଶ ସମ୍ପାଦକ, ଗଗନେନ୍ଦୁ ଦାଶ, ଦୀପ୍ତି କୁମାର ଦାସ, ପ୍ରସନ୍ନ କୁମାର ମହାନ୍ତି ଯୁଗ୍ମ ସମ୍ପାଦକ, ଦେବୀ ପ୍ରସାଦ ମହାନ୍ତି କୋଷାଧ୍ୟକ୍ଷ ରହିଥିବାବେଳେ କାର୍ଯ୍ୟକାରିଣୀ ସଦସ୍ୟମାନେ ହେଲେ ଅଜୟ ବେହେରା, ବିଜୟ ସ୍ୱାଇଁ, ଦେବବ୍ରତ ମହାପାତ୍ର, କୈଳାସ ଚନ୍ଦ୍ର ମହାନ୍ତି, କାଳନ୍ଦି ନନ୍ଦ ଓ ଭଜହରି କର।



ଜଗତ୍‌ସିଂହପୁର ଜିଲା ଆଥ୍‌ଲେଟିକ ଆସୋସିଏଶନର ନବନିର୍ବାଚିତ କର୍ମକର୍ତ୍ତା।

# ମ୍ୟାଚ ଡ୍ର ରଖିଲା ଇଷ୍ଟବେଙ୍ଗଲ

**ଭାସ୍କୋ, ୨।୨:** ବୁଧବାର ଅନୁଷ୍ଠିତ ଚେନ୍ନାଇନ୍ ଏଫ୍‌ସି ବିପକ୍ଷ ଇଣ୍ଡିଆନ ସୁପରଲିଗ୍ ମ୍ୟାଚକୁ ଇଷ୍ଟବେଙ୍ଗଲ ୨-୨ ଗୋଲରେ ଡ୍ର ରଖିବାରେ ସକ୍ଷମ ହୋଇଛି। ୨ୟ ମିନିଟରେ ଇଷ୍ଟବେଙ୍ଗଲର ହୀରା ମଣ୍ଡଳ ଆତ୍ମଘାତୀ ଗୋଲ କରିବାରୁ ଚେନ୍ନାଇନ୍ ଅଗ୍ରଣୀ ନେଇଥିଲା। ୧୪ତମ ମିନିଟରେ ନିନ୍‌ଥୋଇନ୍‌ଗାନ୍‌ବା ମିଟେଇଙ୍କ ଗୋଲ ବଳରେ ଚେନ୍ନାଇନ୍ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲା। ୬୧ତମ ମିନିଟରେ ଇଷ୍ଟବେଙ୍ଗଲର ଡାରେନ ସିଦୋଏଲ ଗୋଲ ଦେଇଥିଲେ। ୯୦+୧ ମିନିଟରେ ଲାଲରିନଲିଆନା ହାନାମତେ ଗୋଲ ପରିଶୋଧ କରିବାରୁ ଚେନ୍ନାଇନ୍ ବିଜୟ ଆଶା ଧୂଳିସାତ୍ ହୋଇ ଯାଇଥିଲା।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ରାୟଗଡ଼ା, ଗୁରୁବାର, ଫେବୃୟାରୀ ୩/୨୦୨୨ (୮+୮=୧୬ ପୃଷ୍ଠା)

Rayagada, Thursday, February 3/2022




**୫ ମାସ ପରେ ଦେଖାଦେଲେ କିମ୍‌ଙ୍କ ସ୍ତ୍ରୀ**

ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ସ୍ତ୍ରୀ ରି ସୋଲ୍ ଜୁଙ୍କୁ ୫ ମାସ ପରେ ଦେଖିବାକୁ ମିଳିଛି।

**୦୫ ୦୨**

**ମାର୍ଚ୍ଚ ୪ରେ ଅମିତାଭଙ୍କ 'ଝୁଣ୍ଡ୍'**

ଅମିତାଭ ବଚ୍ଚନଙ୍କ ବହୁ ପ୍ରତୀକ୍ଷିତ ମୁଭି 'ଝୁଣ୍ଡ୍' ମାର୍ଚ୍ଚ ୪ ତାରିଖରେ ପ୍ରେକ୍ଷାଳୟକୁ ଆସିବ।






# ୨ ମାସରେ ସ୍କୁଲ ଖୋଲିବା ନିଷ୍ପତ୍ତି ନିଅ

**କଟକ ଅଫିସ/ଭୁବନେଶ୍ୱର, ୨।୨(ବ୍ୟୁରୋ)**

କରୋନା ଯୋଗୁ ରାଜ୍ୟରେ ସ୍କୁଲଗୁଡ଼ିକ ବନ୍ଦ ରହିଛି। ତେଣୁ କଟକଣା ମଧ୍ୟରେ କିଭଳି ସ୍କୁଲ ଖୋଲାଯିବ, ସେ ନେଇ ରାଜ୍ୟ ସରକାର ଆଇନ ସମ୍ମତ ନିଷ୍ପତ୍ତି ନେବାକୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଉଚ୍ଚ ଅଦାଲତ ୨ମାସ ସମୟ ଦେଇଛନ୍ତି। କରୋନା ସଂକ୍ରମଣ ଯୋଗୁ ସ୍କୁଲ ବନ୍ଦ କରାଯିବା ନିଷ୍ପତ୍ତିକୁ ବିରୋଧ କରି ହାଇକୋର୍ଟରେ ଆଗତ ଏକ ମାମଲାର ବୁଧବାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଆବେଦନକାରୀ ରଞ୍ଜିତା ମହାପାତ୍ରଙ୍କ ପକ୍ଷରୁ କୋଭିଡ୍ କଟକଣା ମଧ୍ୟରେ ସ୍କୁଲ ଖୋଲିବା ନେଇ ଏହି ମାମଲା ରୁଜୁ ହୋଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ ବାର୍, ରେଷ୍ଟୁରାଣ୍ଟ, ଶପିଂ ମଲ୍ ଓ ଅନ୍ୟାନ୍ୟ ଅନୁଷ୍ଠାନ କରୋନା କଟକଣା ମଧ୍ୟରେ ଖୋଲାଯାଇଛି। ଏଥିସହିତ କରୋନା ସଂକ୍ରମଣ ସ୍ଥିତିରେ ମଧ୍ୟ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଅନୁମତି ମିଳିଛି। ତେବେ ସ୍କୁଲ୍ ଖୋଲିବାକୁ କାହିଁକି ଅନୁମତି ମିଳୁନି। ଅନ୍ୟ ସମସ୍ତ କାର୍ଯ୍ୟ କଟକଣା ଭିତରେ ଚାଲିପାରିବ, କିନ୍ତୁ ସ୍କୁଲ କାହିଁକି ଖୋଲାଯାଇ ପାରିବ ନାହିଁ ବୋଲି ମାମଲାରେ ଦର୍ଶାଇଥିଲେ। କରୋନା ସଂକ୍ରମଣ ସ୍ଥିତି ପାଇଁ ସ୍କୁଲ ବନ୍ଦ ରଖାଯିବା ଯୁକ୍ତିଯୁକ୍ତ ନୁହେଁ। ସ୍କୁଲ ବନ୍ଦ ରହିବାରୁ ପିଲାମାନଙ୍କ ପାଠପଢ଼ା ପ୍ରଭାବିତ ହେଉଛି। ତୁରନ୍ତ କୋଭିଡ୍ କଟକଣା ମଧ୍ୟରେ ସମସ୍ତ ସ୍କୁଲ ଖୋଲାଯାଉ ବୋଲି ଏହି ମାମଲାରେ ଆବେଦନକାରୀ ଦର୍ଶାଇଥିଲେ। ଜଷ୍ଟିସ୍ ବିଶ୍ୱନାଥ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଆଇନସମ୍ମତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆବେଦନକାରିଣୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

ଅପରପକ୍ଷରେ ଦୀର୍ଘ ଦୁଇବର୍ଷ ହେବ ପ୍ରାଥମିକ ସ୍କୁଲ ପିଲାମାନେ ସ୍କୁଲ ମାଟି ମାଡ଼ି ନାହାନ୍ତି। କିଛି ମାସ ପାଇଁ ଷଷ୍ଠରୁ ଦ୍ୱାଦଶ ପର୍ଯ୍ୟନ୍ତ ସ୍କୁଲ ଖୋଲିଥିଲେ ମଧ୍ୟ କରୋନା ସଂକ୍ରମଣ ବୃଦ୍ଧି ପାଇଁ ପୁଣି ବନ୍ଦ ହୋଇଯାଇଥିଲା। ତେବେ ଏବେ ସଂକ୍ରମଣ ହ୍ରାସ ପାଉଥିବାରୁ ସ୍କୁଲ ଖୋଲିବା ପାଇଁ ସବୁଠି ☞ପୃଷ୍ଠା-୫

**ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**



# କବି ପ୍ରମୋଦ ମହାନ୍ତିଙ୍କ ପରଲୋକ

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ**

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

ବିଶିଷ୍ଟ କବି ପ୍ରଫେସର ପ୍ରମୋଦ କୁମାର ମହାନ୍ତିଙ୍କ ବୁଧବାର ପରଲୋକ ଘଟିଛି। ତାଙ୍କୁ ୮୦ ବର୍ଷ ହୋଇଥିଲା। ୧୯୪୨ ଜାନୁୟାରୀ ୨୬ରେ ଜଗତ୍‌ସିଂହପୁର ଜିଲା ବିରିଡ଼ିରେ ଜନ୍ମଗ୍ରହଣ କରିଥିବା ପ୍ରମୋଦ ବାଗଲପୁରସ୍ଥିତ ଅଳକା ହାଇସ୍କୁଲରୁ ମାଟ୍ରିକ୍ ପାସ୍ କରିବା ପରେ ରେଭେନ୍‌ଶା କଲେଜରେ ପାଠ ପଢ଼ିଥିଲେ। ଉଚ୍ଚଶିକ୍ଷା ପାଇଁ ଆଗ୍ରହ ଥିଲେ ବି ଅସୁବିଧା ହେତୁ କିଶୋରନଗରର ଚିନ୍ତାମଣି ବିଦ୍ୟାପୀଠରେ କିଛିଦିନ ଶିକ୍ଷକତା ☞ପୃଷ୍ଠା-୫



ପ୍ରମୋଦ କୁମାର ମହାନ୍ତି

# ନୟାଗଡ଼ ଡାକ୍ତରଖାନାରେ ଶିଶୁ ବିକ୍ରି

- ଟିକା ଦେବା ଆଳରେ ନେଇଥିଲେ ନର୍ସ
- ମା'କୋଳକୁ ଫେରିଲା ନାହିଁ ପୁଅ
- ପୋଲିସର ତଦନ୍ତ ଆରମ୍ଭ
- ସ୍ୱାସ୍ଥ୍ୟ ବିଭାଗର ୩ ଜଣିଆ ଟିମ୍‌କୁ ତଦନ୍ତ ଭାର

**ନୟାଗଡ଼ ଅଫିସ,୨।୨**

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ବିକ୍ରି ଅଭିଯୋଗ ହୋଇଛି। ଜଣେ ନର୍ସ ଟିକା ଦେବା ଆଳରେ ଶିଶୁଟିକୁ ମା' କୋଳରୁ ନେଇ ଯାଇଥିଲେ। ଏହାପରେ ଶିଶୁଟି ଆଉ ମା'କୋଳକୁ ଫେରି ନ ଥିଲା। ଶିଶୁଟିକୁ ସମ୍ପୃକ୍ତ ନର୍ସ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ)ଙ୍କ ନିର୍ଦ୍ଦେଶରେ ଜିଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ତଥା ଜିଲା ସ୍ୱାସ୍ଥ୍ୟ ଅଧିକାରୀ(ସ୍ୱାସ୍ଥ୍ୟସେବା) ପ୍ରସନ୍ନ ପ୍ରସାଦ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଡା ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ସୁବାସ ଚନ୍ଦ୍ର ନାୟକ ପ୍ରମୁଖ ୩ଜଣିଆ ଟିମ୍ ଉକ୍ତ ☞ପୃଷ୍ଠା-୫




## ସଂକ୍ଷେପରେ

### ହେମନ୍ତ ନାୟକଙ୍କୁ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଅତିରିକ୍ତ ଦାୟିତ୍ୱ

**କଟକ ଅଫିସ, ୨।୨:** ଓଡ଼ିଶା ସୂଚନା ସେବାର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ନାୟକଙ୍କୁ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ନାୟକ ବୁଧବାର ଉପନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ କେନ୍ଦ୍ରାପଡା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ମଧ କାର୍ଯ୍ୟରତ ଅଛନ୍ତି। ସୂଚନାଯୋଗ୍ୟ, ନାୟକ ୨୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କଟକ, ମୟୂରଭଞ୍ଜ, ବୌଦ୍ଧ, ଢେଙ୍କାନାଳ, ସମ୍ବଲପୁର, ଜୟଦେବ ଭବନ, ଶିଳ୍ପ ନିର୍ଦ୍ଦେଶାଳୟର ପ୍ରଚାର ଅଧିକାରୀ, କଟକ-ଭୁବନେଶ୍ୱର ପୋଲିସ କମିଶନରଙ୍କ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ସେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ ହୋଇଛନ୍ତି।

### ବଳାତ୍କାରୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡ

**ବାରିପଦା ଅଫିସ,୨।୨:** ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରାଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ଜଜ ସୁମିତା ଜେନା ଏହାର ବିଚାର କରି ଗୁରଭା ସର୍ଦ୍ଦାରଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏହା ବ୍ୟତୀତ ପୀଡ଼ିତାଙ୍କୁ କ୍ଷତିପୂରଣ ବାବଦରେ ୨ଲକ୍ଷ ଟଙ୍କା ଆଇନ ସହାୟତା କର୍ତ୍ତୃପକ୍ଷ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ଜାନୁଆରୀ ୩ରେ ଜାମଦା ଥାନା ଅଞ୍ଚଳର ଜନୈକା ନାବାଳିକା ସାଙ୍ଗସାଥିଙ୍କ ସହ ଖେଳୁଥିବା ସମୟରେ ଅଭିଯୁକ୍ତ ଗୁରୁଭା ଅମୃତଭଣ୍ଡା ଖାଇବାକୁ ଦେବା କହି ସେଠାରୁ କୃତିବାସ ପାତ୍ରଙ୍କ ଘରକୁ ନେଇଯାଇଥିଲେ। କୋଠରୀ ମଧରେ ସେ ନାବାଳିକାଙ୍କୁ ବଳାତ୍କାର କରିଥିବା ବେଳେ କୃତିବାସ ଘର ସମ୍ମୁଖରେ ଜଗି ରହିଥିଲେ। ଖବରପାଇ ପରିବାର ଲୋକେ ଝିଅକୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏନେଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ.୧/୧୫)ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। କୃତିବାସ ୨୦୧୭ ଏପ୍ରିଲ ୨୬ରୁ ଜାମିନରେ ଯାଇଥିଲେ। ପୋଲିସର ତଦନ୍ତ ରିପୋର୍ଟ, ଡାକ୍ତରୀ ରିପୋର୍ଟ ଓ ୧୬ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ମୁଖ୍ୟ ଅଭିଯୁକ୍ତ ଗୁରୁଭାଙ୍କୁ ଉପରୋକ୍ତ ଦଣ୍ଡବିଧାନ କରିଥିବା ବେଳେ ପ୍ରମାଣ ଅଭାବରୁ କୃତିବାସଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ଅଭିନ୍ନ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ।

# ପିଲାଙ୍କ ମୃତ୍ୟୁ ନେଇ ବଢ଼ୁଛି ଚିନ୍ତା

- ପୁଣି ୧୯ ମୃତ, ୩ ପିଲା
- ଆଉ ୩,୪୫୦ ନୂଆ ସଂକ୍ରମିତ ଚିହ୍ନଟ



ଭୁବନେଶ୍ୱର, ୨।୨(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ କମୁଥିଲେ ମଧ ଦିନକୁ ଦିନ ଏହି ଭୂତାଣୁ ଅଧିକ ଘାତକ ହେଉଛି। ଦୈନିକ ୧୫ରୁ ୨୦ ମଧରେ ଜୀବନ ଯାଉଥିବାବେଳେ ପିଲାଙ୍କ ମୃତ୍ୟୁକୁ ନେଇ ଚିନ୍ତା ବଢ଼ିଛି। ନବଜାତକଠାରୁ କିଶୋର ପର୍ଯ୍ୟନ୍ତ କାହାକୁ ଛାଡ଼ୁନି ଏହି ମହାମାରୀ। ଏବେ ପୁଣି ୩ଜଣ ପିଲାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୧୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୮ବର୍ଷରୁ କମ୍ ବୟସର ୩ ଜଣ ରହିଛନ୍ତି। ମୃତକଙ୍କ ମଧରେ କଟକର ଜଣେ ୪ ବର୍ଷର ଶିଶୁପୁତ୍ର ରହିଛନ୍ତି। ସେ ପୃଷ୍ଟିହୀନତାରେ ପୀଡ଼ିତ ଥିଲେ। ସେହିପରି ଆଉ ଜଣେ ଭୁବନେଶ୍ୱରର ୧୪ ବର୍ଷୀୟା ନାବାଳିକା ଓ ଅନ୍ୟଜଣେ କନ୍ଧମାଳର ୧୫ ବର୍ଷୀୟା ନାବାଳିକା ରହିଛନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଓ ମୟୂରଭଞ୍ଜରୁ ୩ଜଣ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ପୁରୀ, କଟକ, ରାୟଗଡ଼ା ଓ ଢେଙ୍କାନାଳରୁ ୨ଜଣ ଲେଖାଏ ରହିଛନ୍ତି। ସେହିଭଳି ବାଲେଶ୍ୱର, ଭଦ୍ରକ, କଳାହାଣ୍ଡି, କନ୍ଧମାଳ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁସଂଖ୍ୟା ୮,୬୪୮କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ୩ଦିନ ହେବ ଦୈନିକ ସଂକ୍ରମଣ ସ୍ଥିର ସ୍ଥିତିରେ ଅର୍ଥାତ୍ ୩ରୁ ୪ହଜାର ଭିତରେ ରହିଛି। ଗତ ୨୪ ଘଣ୍ଟାରେ ୫୯,୦୪୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୩,୪୫୦ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୫.୮୪%କୁ ବଢ଼ିଯାଇଛି। ତେବେ ନୂଆ ଆକ୍ରାନ୍ତଙ୍କ ମଧରେ ସଙ୍ଗରୋଧ କେନ୍ଦ୍ରରୁ ୨,୦୧୨ଜଣ ଓ ସ୍ଥାନୀୟ ସଂକ୍ରମଣରୁ ୧,୪୩୮ଜଣ ରହିଥିବାବେଳେ ୪୩୬ଜଣ ୧୮ ବର୍ଷରୁ କମ୍ ବୟସର ଅଛନ୍ତି। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୧୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସୁନ୍ଦରଗଡ଼ରୁ ୨୮୭, କଟକ ୨୦୨, ନୂଆପଡ଼ା ୧୮୧, ମୟୂରଭଞ୍ଜ ୧୮୦, ଅନୁଗୋଳ ୧୫୨, ସମ୍ବଲପୁର ୧୩୧, ନୟାଗଡ଼ ୧୨୫, ବାଲେଶ୍ୱର ୧୦୫ ଓ ବଲାଙ୍ଗୀରରୁ ୧୦୩ଜଣ ପଜିଟିଭ୍ ବାହାରିଛନ୍ତି। ବର୍ତ୍ତମାନ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୨,୫୫,୭୭୬ରେ ପହଞ୍ଚିଛି।

# ପଦ୍ମବେଶରେ ମହାପ୍ରଭୁ



ପୁରୀ ଅଫିସ, ୨।୨

ଶ୍ରୀମନ୍ଦିରରେ ବୁଧବାର ମହାପ୍ରଭୁ ଦୁର୍ଲଭ ପଦ୍ମବେଶରେ ସଜ୍ଜିତ ହୋଇଛନ୍ତି। ଏହି ବେଶରେ ଶ୍ରୀବିଗ୍ରହମାନଙ୍କୁ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯାଇଛି। ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାଘମାସ ଅମାବାସ୍ୟାଠାରୁ ଶୁକ୍ଳପକ୍ଷ ପଞ୍ଚମୀ ଅର୍ଥାତ୍ ଶ୍ରୀପଞ୍ଚମୀ ମଧରେ ପଡୁଥିବା ବୁଧବାର କିମ୍ବା ଶନିବାରରେ ଏହି ବେଶ ଅନୁଷ୍ଠିତ ହୋଇଥାଏ।

ବୁଧବାର ବଡ଼ସିଂହାର ବେଶରେ ମହାପ୍ରଭୁଙ୍କର ପଦ୍ମବେଶ ହୋଇଥିଲା। ପଦ୍ମବେଶରେ ଠାକୁର ସୋଲ ନିର୍ମିତ ଶ୍ରୀମୁଖ ପଦ୍ମ, କରପଲ୍ଲବ କଡ଼ି, ହଂସ, ଚୂଳ, ମଗର କୁଣ୍ଡଳ, ପଦ୍ମଫୁଲ, କଦମ୍ବଫୁଲ ଆଦି ଧାରଣ କରିଥିଲେ। ସୋଲ, ଜରି, କଦଳୀପଟୁଆ, କନା, କଇଥ ଅଠା, ରଙ୍ଗ ଦ୍ୱାରା ଏସବୁକୁ ପାରମ୍ପରିକ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ବଡ଼ଛତା ମଠ ପକ୍ଷରୁ ଏହି ବେଶ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ବେଶ ଓ ଭୋଗ ପରେ ଶ୍ରୀବିଗ୍ରହମାନେ ଉକ୍ତ ବେଶରେ ରାତ୍ରପହୁଡ଼ ଯାଇଥିଲେ। ଠାକୁରଙ୍କର ପଦ୍ମବେଶ ଥାଇ ଗୁରୁବାର ମଙ୍ଗଳ ଆଳତି ହେବ। ପରେ ଅବକାଶ ନୀତି ହୋଇ ବେଶ ଓଲାଗି କରାଯିବ। ସୂଚନାଯୋଗ୍ୟ, ଶ୍ରୀବିଗ୍ରହମାନେ ପ୍ରତିଦିନ ବଡ଼ସିଂହାର ବେଶରେ ରାତ୍ରପହୁଡ଼ ଯାଇଥାନ୍ତି। ମାତ୍ର ବର୍ଷକରେ ଏହି ଗୋଟିଏ ଦିନ ପଦ୍ମବେଶରେ ରାତ୍ର ପହୁଡ଼ ହୋଇଥାନ୍ତି। ସପ୍ତଦଶ ଶତାବ୍ଦୀରେ ପଦ୍ମବେଶ ପରମ୍ପରା ଆରମ୍ଭ ହୋଇଥିଲା ଏବଂ ପୁରୀ ବଡ଼ଛତା ମଠର ସନ୍ଥ ରଘୁବର ଦାସ ଏହି ବେଶର ପ୍ରବର୍ତ୍ତକ ବୋଲି କେତେଜଣ ଗବେଷକ ମତ ଦିଅନ୍ତି। ତେଣୁ ପଦ୍ମବେଶ ପାଇଁ ବଡ଼ଛତା ମଠ ପକ୍ଷରୁ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଥାଏ।

# ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ




ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ଓ ସରକାରୀ ଗାଡ଼ିକୁ ଉଦ୍ଧାର କରିବାକୁ ପୋଲିସ ଆଲୋଚନା କରୁଛି।

- ନିର୍ବାଚନ ପ୍ରଚାର କରୁଥିବା ଅଭିଯୋଗ
- ୨ ଘଣ୍ଟା ପରେ ପୋଲିସ ଉଦ୍ଧାର କଲା

ନାଉଗାଁ,୨।୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ ଓଷକଣା ପଞ୍ଚାୟତରେ ବ୍ଲକ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ସରକାରୀ ଗାଡ଼ିରେ ନିର୍ବାଚନ ପ୍ରଚାର କରୁଥିଲେ। ଏକ ରାଜନୈତିକ ଦଳର ପୁସିଂ କାର୍ଡ ବାଣ୍ଟୁଥିବା ଅଭିଯୋଗ କରି ସ୍ଥାନୀୟ ଲୋକେ ବୁଧବାର ତାଙ୍କୁ ଓ ଗାଡ଼ିକୁ ୨ ଘଣ୍ଟା ଧରି ଅଟକ ରଖିଥିଲେ। ଫଳରେ ଡାକ୍ତର ରାଜା ଉଦୟଭାନୁ ରାଉତଙ୍କୁ ହଟହଟା ହେବାକୁ ପଡ଼ିଛି। ଖବରପାଇ ଗାରୋଇ ଫାଣ୍ଡି ଅଧିକାରୀ ସୁଶାନ୍ତ କୁମାର ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଛନ୍ତି। ଏ ସମ୍ପର୍କରେ ସନ୍ଧ୍ୟାରେ ବିଡିଓଙ୍କ ନିକଟରେ ବହୁ ଲୋକ ଅଭିଯୋଗ କରିଛନ୍ତି।

ସେମାନଙ୍କ ଅଭିଯୋଗ ଅନୁଯାୟୀ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। ଏହି ସମୟରେ ନୂତନ ଭାବେ କୌଣସି ସରକାରୀ ଉନ୍ନୟନମୂଳକ କାର୍ଯ୍ୟକ୍ରମ କରାଯିବ ନାହିଁ ବୋଲି ନିୟମ ରହିଛି। କିନ୍ତୁ ପଞ୍ଚାୟତ ଅନ୍ତର୍ଗତ ଓଷକଣା ଗ୍ରାମରେ ଡାକ୍ତର ରାଉତ ସରକାରୀ ଗାଡ଼ିରେ ମିଶନ ଶକ୍ତିର ଡିପିସି ଶଶାଙ୍କ ଶେଖର ସ୍ୱାଇଁ, ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭେନ୍ଦୁ ସେଠୀ ଓ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ୨ଜଣ ମହିଳାଙ୍କ ସହ ଆସିଥିଲେ। ଏହା ଦେଖି ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହଜାତ ହୋଇଥିଲା। ସେମାନେ ପ୍ରାଣୀ ଚିକିତ୍ସା ଅଧିକାରୀ ରାଉତଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏହି ସମୟରେ ଗାଡ଼ିରେ ଯାଇଥିବା ସମ୍ପୃକ୍ତ ମହିଳା ସ୍ଥାନୀୟ ଲୋକଙ୍କୁ ଧକ୍କା ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବାରୁ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା।

ଅଭିଯୋଗପତ୍ର ପ୍ରଦାନ ସମୟରେ ଖୁଦିରାମ ନାୟକ, ଶିବଚରଣ ମହାନ୍ତି, ବିଭୂତି ପୁହାଣ, ପ୍ରହ୍ଲାଦ ନାୟକ ଓ ବାବୁରାମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଘଟଣା ସମ୍ପର୍କରେ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ରାଉତ କହିଛନ୍ତି, ମିଶନ ଶକ୍ତି ଓ ପ୍ରାଣୀ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ କୁକୁଡ଼ା ଓ ଛେଳି ଫାର୍ମ ପାଇଁ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି। ସେଥିପାଇଁ ସେମାନେ ଉକ୍ତ ଗ୍ରାମକୁ ସ୍ଥାନ ଚିହ୍ନଟ କରିବାକୁ ଯାଇଥିଲେ। ଉକ୍ତ ମହିଳାଙ୍କ ବିଷୟରେ ସେ କହିଛନ୍ତି, ଗ୍ରାମରେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଚିହ୍ନଟ କରିବାକୁ ସେମାନଙ୍କୁ ଅଣାଯାଇଥିଲା। ଏହି ସମୟରେ କୌଣସି ପୁସିଂ କାର୍ଡ ବଣ୍ଟନ କରାଯାଇନାହିଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲ୍ଲିକ କହିଛନ୍ତି, ଅଭିଯୋଗ ମିଳିଛି। ଏହାକୁ ଭିତ୍ତିକରି ତଦନ୍ତ କରାଯିବା ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଡାକ ବିଭାଗରେ ଚାକିରି ନାଁରେ ୨୫ ଲକ୍ଷ ଠକେଇ

## ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୨ ଗିରଫ

**ଭୁବନେଶ୍ୱର,୨।୨(ବ୍ୟୁରୋ):** ଭାରତୀୟ ଡାକ ସେବା ବିଭାଗରେ ଚାକିରି ଦେବାକୁ କହି ୨୫ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରିଛି ଖାରବେଳନଗର ଥାନା ପୋଲିସ। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଯାଜପୁର ଜିଲା ସୁଜନପୁର ଏରବାଙ୍ଗ ଗ୍ରାମର ଦେବୀପ୍ରସାଦ ବିଶ୍ୱାଳ ଓରଫ ବିକି (୨୪) ଓ ସହଯୋଗୀ ସଦର ଥାନା ବୈଦ୍ୟରାଜପୁରର ଶୁଭେନ୍ଦୁ ଜେନା(୪୦)। ବିକିଙ୍କଠାରୁ ଡାକ ବିଭାଗର ନାମ ଉଲ୍ଲେଖ ଥିବା ବହୁ ନକଲି କାଗଜପତ୍ର ସହ ଗୋଟିଏ ନକଲି ପରିଚୟ ପତ୍ର, ସର୍ଭିସ୍ ବୁକ୍, ମୋବାଇଲ ଫୋନ ଓ ଏଟିଏମ୍ କାର୍ଡ୍ ଜବତ କରାଯାଇଛି। ଏଥିସହ ଶୁଭେନ୍ଦୁ ଜେନାଙ୍କଠାରୁ କମ୍ପ୍ୟୁଟର ସାମଗ୍ରୀ, ମୋବାଇଲ ଫୋନ୍ ସହ ବିଭିନ୍ନ ପ୍ରକାରର ୭୮ ରବର ଷ୍ଟାମ୍ପ ଓ ଦସ୍ତଖତ ଥିବା ରବର ଷ୍ଟାମ୍ପ ଆଦି ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ଖାରଜ ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିକିଙ୍କ ନାମରେ ଯାଜପୁର ସଦର ଥାନା ସମେତ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର, ଶହୀଦନଗର ଥାନାରେ ଗୋଟିଏ ଲେଖାଏ ମାମଲା ରହିଥିବା ପୋଲିସ କହିଛି।

୨୦୧୮ରେ ମୁଖ୍ୟ ଅଭିଯୁକ୍ତ ବିକି ଗ୍ରାଜୁଏଶନ୍ ପାସ୍ କରିଥିଲେ। ପୋଷ୍ଟାଲରେ ଚାକିରି ଦେବାକୁ କହି ଜଣେ ପଡ଼ୋଶୀ ଅଢ଼େଇଲକ୍ଷ ଟଙ୍କା ନେଇ ତାଙ୍କୁ ଠକିଥିଲେ। ତେଣୁ ବିକି ଅନ୍ୟମାନଙ୍କୁ ଠକି ଚିନ୍ତା କରିଥିଲେ। ଏହାପରେ ବିକି ଭୁବନେଶ୍ୱର ଆସି କାନବିହାର ଅଞ୍ଚଳରେ ରହିଥିଲେ। ସେ ନିଜକୁ ଡାକ ବିଭାଗର ଜଣେ ଉଚ୍ଚପଦସ୍ଥ ଅଧିକାରୀ ବୋଲି ପରିଚୟ ଦେଉଥିଲେ। ପିଏମ୍‌ଜିସ୍ଥିତି ଡାକ ଅଫସରେ ଚାକିରି ଦେବାକୁ କହି ବଡ଼ଗଡ଼ ବ୍ରିଟ କଲୋନୀରେ ରହୁଥିବା ଯାଜପୁରର ସୌମ୍ୟରଞ୍ଜନ ଦାସ, ତାଙ୍କ ଭାଇ ଓ ବଳରାମ ସେନାପତିଙ୍କଠାରୁ ୨୫ ଲକ୍ଷ ଟଙ୍କା ନେଇ ନକଲି ନିଯୁକ୍ତିପତ୍ର ଧରାଇଥିଲେ। ଅଭିଯୋଗ ପରେ ପୋଲିସ ମାମଲା (ନଂ. ୩୨/୨୨) ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ମାର୍ଚ୍ଚ ୪ରେ ଅମିତାଭଙ୍କ 'ଝୁଣ୍ଡ୍'




**ମୁମ୍ବାଇ:** ଅମିତାଭ ବଚ୍ଚନଙ୍କ ବହୁ ପ୍ରତୀକ୍ଷିତ ମୁଭି 'ଝୁଣ୍ଡ୍' ମାର୍ଚ୍ଚ ୪ ତାରିଖରେ ପ୍ରେକ୍ଷାଳୟକୁ ଆସିବ। ଏ ନେଇ ଅମିତାଭ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟର ଶେୟାର କରିଛନ୍ତି। ପୋଷ୍ଟରରେ ଅମିତାଭ ସ୍ପୋର୍ଟ୍ସମ୍ୟାନ ବେଶରେ ଏକ ଫୁଟବଲ ଧରିଥିବା ନଜରକୁ ଆସିଛନ୍ତି। ନାଗରାଜ ମନଜୁଲେ ଉକ୍ତ ସିନେମାରେ ନିର୍ଦ୍ଦେଶନା ଦେଇଛନ୍ତି। ଝୁଣ୍ଡ୍‌ର କାହାଣୀ 'ସ୍ଲମ ସକର୍ ଫାଉଣ୍ଡେଶନ'ର ପ୍ରତିଷ୍ଠାତା ଏବଂ ପ୍ରଶିକ୍ଷକ ବିଜୟ ବରସେଙ୍କ ଜୀବନୀ ଉପରେ ଆଧାରିତ। ଏଥିରେ ଅମିତାଭ ବିଜୟ ବରସେଙ୍କ ଭୂମିକାରେ ନଜର ଆସିବେ। କରୋନା କାରଣରୁ ସିନେମାର ରିଲିଜ ତାରିଖ ଘୁଞ୍ଚାଇ ଦିଆଯାଇଥିଲା।

# ଜିଲା କଂଗ୍ରେସ ଉପସଭାପତିଙ୍କ ଇସ୍ତଫା

କେନ୍ଦ୍ରାପଡ଼ା ଅଫିସ, ୨।୨

କେନ୍ଦ୍ରାପଡ଼ା ପୌରାଞ୍ଚଳର ବରିଷ୍ଠ ନେତା ତଥା ଜିଲା କଂଗ୍ରେସ ଉପସଭାପତି ଶରତ ଚନ୍ଦ୍ର ବେହୁରା ମଙ୍ଗଳବାର ରାତିରେ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ଜିଲା ସଭାପତି ତଥା ପୂର୍ବତନ ରାଜନଗର ବିଧାୟକ ଅଂଶୁମାନ ମହାନ୍ତିଙ୍କୁ ପ୍ରଦାନ କରିଛନ୍ତି। ବେହୁରା ଦୀର୍ଘ ୪୧ ବର୍ଷ ଧରି କଂଗ୍ରେସର ବିଭିନ୍ନ ପଦବୀରେ ରହିବା ସହ ଦଳୀୟ ଟିକେଟରେ କାଉନସିଲର ହୋଇଥିଲେ। କଂଗ୍ରେସର ଦଳୀୟ କନ୍ଦଳ ତାଙ୍କୁ ଇସ୍ତଫା ପାଇଁ ବାଧ କରିଥିବା ବେହୁରା କହିଛନ୍ତି।

# 'ପ୍ରିୟଙ୍କା ଜଣେ ହିପୋକ୍ରାଟ୍'

## ଅଦିତି ସିଂଙ୍କ ସ୍ୱାମୀଙ୍କୁ ଟିକେଟ ଦେଲାନି କଂଗ୍ରେସ


ଅଦିତି ସିଂ

ଲକ୍ଷ୍ନୌ,୨।୨

ୟୁପି ବରେଲିର ପୂର୍ବତନ କଂଗ୍ରେସ ବିଧାୟିକା ଅଦିତି ସିଂଙ୍କ ସ୍ୱାମୀଙ୍କୁ କଂଗ୍ରେସ ଟିକେଟ ନ ମିଳିବାରୁ ଦଳର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ସେ ହିପୋକ୍ରାଟ୍ ବୋଲି ସମାଲୋଚନା କରିଛନ୍ତି। ଅଦିତି ନିକଟରେ କଂଗ୍ରେସ ଛାଡ଼ି ଭାଜପାରେ ମିଶିଛନ୍ତି। ତାଙ୍କ ସ୍ୱାମୀ ଅଙ୍ଗଦ ସିଂ ସୈନି ହେଉଛନ୍ତି ପଞ୍ଜାବର ନୱାନସହର ଆସନର କଂଗ୍ରେସ ବିଧାୟକ। ତେବେ କଂଗ୍ରେସ ଏଥର ଅଙ୍ଗଦଙ୍କୁ ପ୍ରାର୍ଥୀ ନ କରି ସତ୍‌ବୀର ସିଂ ପାଲ୍ଲି ଝିକ୍କିଙ୍କୁ ଟିକେଟ ଦେଇଥିବାରୁ ସେ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

# ପୂଜା ଶୁକ୍ଳା ଏସ୍‌ପି ପ୍ରାର୍ଥୀ

## ଯୋଗୀଙ୍କୁ କଳାପତାକା ଦେଖାଇଥିଲେ


ପୂଜା ଶୁକ୍ଳା

ଲକ୍ଷ୍ନୌ,୨।୨

୨୦୧୭ ଜୁନ୍ ୭ରେ ୟୁପି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଲକ୍ଷ୍ନୌ ୟୁନିଭର୍ସିଟି ରୋଡ୍‌ରେ କଳାପତାକା ଦେଖାଇ ତାଙ୍କ କାର୍‌କେଡ୍‌କୁ ରୋକିବା ପାଇଁ ଉଦ୍ୟମ କରିଥିବା ପୂଜା ଶୁକ୍ଳାଙ୍କୁ ବିରୋଧୀ ସମାଜବାଦୀ ପାର୍ଟି (ଏସ୍‌ପି) ଏଥର ଦଳୀୟ ଟିକେଟ ଦେଇଛି। ୨୫ ବର୍ଷୀୟା ପୂଜା ସେତେବେଳେ ଗିରଫ ହୋଇ ଚର୍ଚ୍ଚାକୁ ଆସିଥିଲେ। ଜେଲରେ ୨୦ ଦିନ ବିତାଇ ମୁକୁଳିବା ପରେ ସେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଭେଟିଥିଲେ। ଅଖିଳେଶ ତାଙ୍କ ସାହସ ଓ ଧୈର୍ଯ୍ୟକୁ ପ୍ରଶଂସା କରି ଚଳିତ ନିର୍ବାଚନରେ ଲକ୍ଷ୍ନୌ ଉତ୍ତର ଆସନରେ ପ୍ରାର୍ଥୀ କରିଛନ୍ତି।

# କୋଣାର୍କ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା

କୋଣାର୍କ,୨।୨(ଡି.ଏନ୍.ଏ.)

କୋଣାର୍କ ସୌନ୍ଦର୍ଯ୍ୟକରଣ ଯୋଜନାରେ ରାଜ୍ୟ ସରକାର କୋଣାର୍କକୁ ସୁନ୍ଦର ସହର ଭାବେ ଗଢ଼ି ତୋଳିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି କାର୍ଯ୍ୟ ଆଗେଇ ନେବାକୁ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେଇଛି। ବୁଧବାର ପୂର୍ବାହ୍ନରେ ଜିଲାପାଳ ସମର୍ଥ ବର୍ମା କୋଣାର୍କରେ ପହଞ୍ଚି ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ନୂଆ ରିଂ ରୋଡ୍ ନିର୍ମାଣ ଶେଷ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ପୂର୍ବରୁ ରିଂ ରୋଡ୍ ସର୍ଭେ କାର୍ଯ୍ୟ ସରିଯାଇଛି। ପ୍ରଥମେ ପ୍ରସ୍ତାବିତ ନୂଆ ୬ ଥାକିଆ ରିଂ ରୋଡ କାର୍ଯ୍ୟ ଆଗେଇ ଚାଲିଛି। ଏହି ରିଂ ରୋଡ ଚନ୍ଦ୍ରଭାଗା ବଜାରରୁ ବାହାରି ଆଇବି ଛକ, ମେଡିକାଲ ପଛପାଖ ଦେଇ ଥାନାଛକ ନିକଟ କୋଣାର୍କ ଆଶ୍ରମ ସ୍କୁଲ ସମ୍ମୁଖରେ ମିଶିବ। ରିଂ ରୋଡ ସୌନ୍ଦର୍ଯ୍ୟକରଣ କରାଯାଇ ରାସ୍ତା ଉଭୟ ପାର୍ଶ୍ୱରେ ଭେଣ୍ଡି ଜୋନ ରହିବ। ପଥଚାରୀଙ୍କ ପାଇଁ ରାସ୍ତା ନିର୍ମାଣ ସହ ରାସ୍ତା ଆଲୋକୀକରଣ କରାଯିବ। ପ୍ରବେଶ ପଥ ନୂଆ ରୂପରେ ଶୋଭା ବଢ଼ାଇବ। ସୂର୍ଯ୍ୟମନ୍ଦିର ଦକ୍ଷିଣ ଓ ପଶ୍ଚିମପାର୍ଶ୍ୱ ଜଙ୍ଗଲ ଜମିରେ ପଞ୍ଚତାରକା ହୋଟେଲ ଓ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ହେବ। ସୂର୍ଯ୍ୟମନ୍ଦିର ଚତୁଃପାର୍ଶ୍ୱରେ ସମସ୍ତ ଜବରଦଖଲ ଉଚ୍ଛେଦ କରାଯିବ। ଏହି ରିଂରୋଡ ନିର୍ମାଣରେ ବିସ୍ଥାପିତଙ୍କୁ ପ୍ରଥମେ ଥଇଥାନ ଓ ପରେ ଉଚ୍ଛେଦ କରାଯିବ। ରିଂରୋଡ ନିର୍ମାଣ ସରିଲେ ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ଯୋଜନା ହାତକୁ ନିଆଯିବ। ଶେଷରେ ଜିଲାପାଳ ସ୍ଥାନୀୟ କେତୋଟି ସ୍ମାର୍ଟ ବିଦ୍ୟାଳୟ କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଦାମୋଦର ଉଚ୍ଚ ବାଳିକା ବିଦ୍ୟାଳୟ, ରୁଦ୍ରାଣୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ବିଭିନ୍ନ କାର୍ଯ୍ୟ ଦେଖିଥିଲେ। ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ନାଥଶର୍ମା, କୋଣାର୍କ ଏନ୍‌ଏସି ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଗୋପ ବିଡିଓ ଦୀପ୍ତିରାଣୀ ଦାସ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ରିଂ ରୋଡ୍ ପାଇଁ ଜିଲାପାଳ ରାଣୀହାଟ ସାହିରେ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

# ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀଙ୍କୁ ହତ୍ୟା

- ଥାନାରେ ସ୍ୱାମୀଙ୍କ ଆତ୍ମ ସମର୍ପଣ
- ପୋଲିସର ତଦନ୍ତ ଜାରି

ଓଡ଼ଗାଁ/ନୂଆଗାଁ,୨।୨
(ସ୍ୱ.ପ୍ର./ଡି.ଏନ୍.ଏ.)

ପରକୀୟା ପ୍ରୀତି ସନ୍ଦେହରେ ଜଣେ ଯୁବକ ନିଜ ସ୍ତ୍ରୀଙ୍କୁ କାଠରେ ପିଟି ବୁଧବାର ହତ୍ୟା କରିଛନ୍ତି। ଏହା ପରେ ହତ୍ୟାକାରୀ ଥାନାରେ ଆତ୍ମସମର୍ପଣ କରିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାହାଡ଼ାଖୋଲା ଫାଣ୍ଡି ଅଧୀନ ବେରୁହାଁବାରି ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବେରୁହାଁବାରି ଗ୍ରାମର ଲଳିତ କୁମାର ସାହୁ ଗତ ୬ ବର୍ଷ ତଳେ ଗଞ୍ଜାମ ଜିଲା କୋଦଳା ଥାନା ଅଧୀନ କନିଅରବାଡ଼ି ଗ୍ରାମର ଯୋଗେନ୍ଦ୍ର ସାହୁଙ୍କ ଝିଅ ମାମିନାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଏହି ଦମ୍ପତିଙ୍କ ଏକ ୪ ବର୍ଷର ପୁଅ ଅଛି। ଲଳିତ ଜଣେ ଡ୍ରାଇଭର ହୋଇଥିବାରୁ ଅଧିକାଂଶ ସମୟ ବାହାରେ ରହିଥାନ୍ତି। ଯେତେବେଳେ ଘରକୁ ଆସନ୍ତି, ମାମିନାଙ୍କ ଚାଲିଚଳନକୁ ନେଇ ତାଙ୍କ ମନରେ ସନ୍ଦେହ ଜାତ ହେଉଥିଲା। ମାମିନା ଅଧିକାଂଶ ସମୟରେ କୌଣସି ପୁରୁଷ ବନ୍ଧୁଙ୍କ ସହ କଥାବାର୍ତ୍ତା କରୁଥିଲେ। ଏହାକୁ ନେଇ ମାମିନାଙ୍କ ସହିତ ତାଙ୍କର ଅନେକ ଥର ଝଗଡ଼ା ଲାଗୁଥିଲା। ଏପରି କି ଏହି କଥାକୁ ନେଇ ମାମିନା ମହିଳା କମିଶନରଙ୍କ ଦ୍ୱାରସ୍ଥ ହୋଇ ମାମଲା ରୁଜୁ କରିଥିଲେ। ହେଲେ ଏହି ବିବାଦର ଆପୋସ ସମାଧାନ ପରେ ମାମିନା ୧୫ ଦିନ ତଳେ ବାପ ଘରୁ ଶାଶୁଘରକୁ ଆସିଥିଲେ। ତଥାପି ଲଳିତଙ୍କ ମନରୁ ସନ୍ଦେହ ଯାଇ ନ ଥିଲା। ପୂର୍ବପରି ଦୁଇ ଜଣଙ୍କ ମଧ୍ୟରେ ଛୋଟ ଛୋଟ କଥାକୁ ନେଇ ଝଗଡ଼ା ହେଉଥିଲା। ବୁଧବାର ମାମିନା କାହା ସହିତ ଫୋନରେ କଥାବାର୍ତ୍ତା ହେଉଥିବା ଦେଖି ଲଳିତ ଉତ୍କ୍ଷିପ୍ତ ହୋଇପଡିଥିଲେ। ସେ ଏତେ ରାଗି ଯାଇଥିଲେ ଯେ, ମାନସିକ ଭାରସାମ୍ୟ ହରାଇ କବାଟରେ ଦିଆ ଯାଉଥିବା ଧଡାରେ ମାମିନାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ଫଳରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ମାମିନା ସେଠାରେ ଟଳି ପଡିଥିଲେ। ସ୍ତ୍ରୀ ମରିଯାଇଥିବା ଜାଣିବା ପରେ ଲଳିତ ସିଧା ଓଡ଼ଗାଁ ଥାନାକୁ ଯାଇ ଆତ୍ମସମର୍ପଣ କରିବା ସହ ସମସ୍ତ କଥା ପୋଲିସକୁ କହିଥିଲେ। ନୂଆଗାଁ ତହସିଲଦାର ପ୍ରଳୟାନନ୍ଦ ଶତପଥୀଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅନ୍ୟପକ୍ଷେ ମାମିନାଙ୍କ ବାପା ଯୋଗେନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତି କରି ଓଡ଼ଗାଁ ଥାନା ପୋଲିସ ଏକ ମାମଲା(ନଂ.୧୯/୨୨) ରୁଜୁ କରି ଲଳିତଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ୧୯ ଦିନ ପରେ ଖୋଲିଲା ମଝିଘରିଆଣୀ ମନ୍ଦିର



ରାୟଗଡ଼ା ଅଫିସ,୨।୨: ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ମଝିଘରିଆଣୀଙ୍କ ମନ୍ଦିର ବୁଧବାର ପୁଣି ଖୋଲିଛି। ଜିଲା ପ୍ରଶାସନର ଅନୁମତିକ୍ରମେ ୧୯ ଦିନ ପରେ ମନ୍ଦିର ଖୋଲାଯାଇଛି। ସୂଚନାଯୋଗ୍ୟ, ଜାନୁୟାରୀ ୧୪ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିଥିଲା। ଏବେ ପୁଣି ମନ୍ଦିର ଖୋଲିଥିବାରୁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ତେବେ କରୋନା କଟକଣାକୁ ମାନି ଶ୍ରଦ୍ଧାଳୁ ଦର୍ଶନ କରିବାକୁ ନିର୍ଦ୍ଦେଶ ରହିଛି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି। ଲୋକ ନିୟମ ଅନୁଯାୟୀ ଆସି ଦର୍ଶନ କରିଥିବା ମନ୍ଦିର ଟ୍ରଷ୍ଟ ସଭ୍ୟ ରାଧାକୃଷ୍ଣ ଦଳେଇ ପ୍ରକାଶ କରିଛନ୍ତି।

### ପ୍ରଶାନ୍ତଙ୍କୁ ସାମ୍ବାଦିକ ବିଭୂତି ସମ୍ମାନ




ପଦ୍ମପୁର,୨।୨(ଡି.ଏନ୍.ଏ.): ପୁରୀ ଅନ୍ନପୂର୍ଣ୍ଣା ଥିଏଟର ପରିସରରେ ନ୍ୟାଶନାଲ ହ୍ୟୁମାନ ୱେଲଫେୟାର ବୋର୍ଡ ଟ୍ରଷ୍ଟ ପକ୍ଷରୁ ଆଲୋଚନା, ଭାବ ବିନିମୟ ଓ ସମ୍ବର୍ଦ୍ଧନା ମହାପର୍ବର ଦ୍ୱିତୀୟ ଶ୍ରୀକ୍ଷେତ୍ର ଆ.ଭା.ସ. ସମାରୋହରେ ରାୟଗଡ଼ା ଜିଲା ପଦ୍ମପୁରର ଖବରଦାତା ପ୍ରଶାନ୍ତ କରଙ୍କୁ ସାମ୍ବାଦିକ ବିଭୂତି ସମ୍ମାନରେ ସମ୍ମାନିତ କରାଯାଇଛି। ସଂସ୍ଥାର ଅଧ୍ୟକ୍ଷ ଶାରଦା ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମାନବ କଲ୍ୟାଣ କ୍ଷେତ୍ରରେ ନିଜର ବଳିଷ୍ଠ ଅବଦାନ ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଯୋଗଦେଇଥିବା ପ୍ରତିଭାମାନଙ୍କୁ ଉତ୍ତରୀୟ ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏଥିରେ ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଉପାଧ୍ୟାୟ, ବିଶିଷ୍ଟ ଐତିହାସିକ ତଥା ଗବେଷକ ଅନୀଲ ଧାର ଏବଂ ଗଣମାଧ୍ୟମ ବ୍ୟକ୍ତିତ୍ୱ ଅର୍ଦ୍ଧେନ୍ଦୁ ଦାଶଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିପୂର୍ବରୁ ମଧ୍ୟ ପ୍ରଶାନ୍ତ ବିଭିନ୍ନ କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଛନ୍ତି।

### ୨ ଶିଶୁ ଶ୍ରମିକ ଉଦ୍ଧାର

#### ହୋଟେଲ, ଢାବା, ଗ୍ୟାରେଜରେ ଚଢ଼ାଉ

ନବରଙ୍ଗପୁର,୨।୨(ବି.ପ୍ର.):ନବରଙ୍ଗପୁର ଜିଲା ପ୍ରଶାସନଙ୍କ ନିର୍ଦ୍ଦେଶକ୍ରମେ ଶିଶୁ ଶ୍ରମିକ କାର୍ଯ୍ୟାନୁଷ୍ଠାନ କମିଟି ତତ୍ତ୍ୱାବଧାନରେ ନବରଙ୍ଗପୁର ପୌରାଞ୍ଚଳର ୧୬ ହୋଟେଲ, ଢାବା ଓ ଗ୍ୟାରେଜ ଉପରେ ଚଢ଼ାଉ କରାଯାଇଥିଲା। ନନ୍ଦାହାଣ୍ଡି ବ୍ଲକ ରଙ୍ଗମାଟିଗୁଡ଼ା କୁକୁଡ଼ା ଫାର୍ମରେ ଦୁଇଜଣ ଶିଶୁଶ୍ରମିକ କାମ କରୁଥିଲେ। ସେଠାରୁ ସେମାନଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି। ଏହି ଚଢ଼ାଉରେ ଜିଲା ଶ୍ରମ ଅଧିକାରୀ, ଗ୍ରାମୀଣ ଶ୍ରମ ନିରୀକ୍ଷକ, ପୋଲିସ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟି ସଦସ୍ୟ ସହଯୋଗ କରିଥିଲେ। ଆଗାମୀ ଦିନରେ ମଧ୍ୟ ଏହିଭଳି ବିଭିନ୍ନ ପ୍ରତିଷ୍ଠାନ ଉପରେ ଚଢ଼ାଉ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ଭୋଜିଭାତର ଆୟୋଜନ, ମାନୁନାହାନ୍ତି କଟକଣା

ଉମରକୋଟ, ୨।୨(ସ୍ୱ.ପ୍ର.)


ଭାଜପା ପକ୍ଷରୁ ଆୟୋଜିତ ନିର୍ବାଚନୀ ସଭା।

- ଭାଜପାର ନିର୍ବାଚନୀ ସଭାରେ ଏକାଠି ହେଲେ ଶତାଧିକ ଲୋକ
- ବିଜେଡିକୁ ଜବାବ ଦେବାକୁ ଯାଇ ଏହି ସଭା କରାଯାଇଛି:ଭାଜପା ବିଧାୟକ

ବିଜେଡି ପରେ ଭାଜପା। ଶାସକ ବିଜେଡି ଦଳକୁ ଜାବାବ ଦେବା ପାଇଁ ସମାନ ରଣନୀତି ଆପଣାଇଛି ଭାଜପା। ବିଜେଡି ଭଳି ଭାଜପା ମଧ୍ୟ ଶତାଧିକ ଲୋକଙ୍କୁ ନେଇ ନିର୍ବାଚନୀ ସଭା ଓ ଭୋଜିଭାତର ଆୟୋଜନ କରିଛି। ଶାସକ ଦଳକୁ ଜବାବ ଦେବାକୁ ଯାଇ ଏପରି କରିବାକୁ ବାଧ୍ୟ ହୋଇଛୁ ବୋଲି ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି।

ବୁଧବାର ଉମରକୋଟ ବ୍ଲକ ପୁଜାରୀଗୁଡ଼ାରେ ଜିଲା ପରିଷଦ ଜୋନ୍-୨ ଭାଜପା ପ୍ରାର୍ଥୀ ଜ୍ୟୋତ୍ସ୍ନା ବିଶ୍ୱାସଙ୍କ ପାଇଁ ଏକ ନିର୍ବାଚନ ପ୍ରଚାର ସଭା ଆୟୋଜନ କରାଯାଇଛି। ଏହି ସଭାରେ ଉମରକୋଟ ବିଧାୟକ ନିତ୍ୟନନ୍ଦ ଗଣ୍ଡଙ୍କ ସମେତ ୯ ପଞ୍ଚାୟତରୁ ଶତାଧିକ ଲୋକ ଯୋଗଦେଇଥିଲେ। ବିଧାୟକ ନିତ୍ୟାନନ୍ଦ ଗଣ୍ଡ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। ଶାସକ ଦଳର ତୁଙ୍ଗ ନେତା ବିଭିନ୍ନ ଦୁର୍ନୀତିରେ ଲିପ୍ତ ଅଛନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ହାରିଯିବା ଭୟରେ ଶାସକ ଦଳର ନେତାମାନେ ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରୁଥିବା ବିଧାୟକ ଗଣ୍ଡ ଅଭିଯୋଗ କରିଛନ୍ତି। ଶାସକ ଦଳ ଦ୍ୱାରା କରାଯାଉଥିବା ନିର୍ବାଚନ ଆଚରଣ ବିଧିର ଖୋଲା ଉଲ୍ଲଂଘନ ଜବାବରେ ଭାଜପା ମଧ୍ୟ ଏପରି କରିବାକୁ ବାଧ୍ୟ ହେଉଛି ବୋଲି ସେ କହିଛନ୍ତି।

ସୂଚନାନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନରେ ଏହି ଆସନରୁ ଭାଜପାର ଭଜନାଥ ଗଣ୍ଡ ବିପୁଳ ସଂଖ୍ୟାରେ ଭୋଟ ପାଇ ନିର୍ବାଚିତ ହୋଇଥିଲେ। ତେଣୁ ଏହି ଆସନକୁ ପୁଣି ଥରେ ହାତେଇବାକୁ ଭାଜପା ନେତୃବୃନ୍ଦ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ବିଜେଡ଼ି ମଧ୍ୟ ଏହାକୁ କବ୍‌ଜା କରିବା ପାଇଁ ଚେଷ୍ଟା ଜାରି ରଖିଥିବା ବେଳେ କଂଗ୍ରେସ ମଧ୍ୟ ଦୌଡ଼ରେ ରହିଛି। କଂଗ୍ରେସ ପ୍ରାର୍ଥୀ ଦୀପା ରାୟ ଘରକୁ ଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଛି। ତେବେ ଏହି ଜିଲା ପରିଷଦ ଆସନକୁ କିଏ ହାତେଇବ ତାହା ଦେଖିବାକୁ ବାକି ଥିବା ବେଳେ, ଏଠାରେ ଭାଜପାର ଜ୍ୟୋତ୍ସ୍ନା ବିଶ୍ୱାସ, ବିଜେଡିର ଛାୟା ବିଶ୍ୱାସ ଏବଂ କଂଗ୍ରେସର ଦୀପା ରାୟଙ୍କ ମଧ୍ୟରେ ତ୍ରିମୁଖୀ ଲଢେଇ ହେବ ବୋଲି ଅନୁମାନ କରାଯାଉଛି।

# ବୈପାରିଗୁଡା: ବ୍ଲକ ଅଧ୍ୟକ୍ଷ ଆସନକୁ ଅଙ୍କକଷା

ବୈପାରିଗୁଡା,୨।୨ (ଡି.ଏନ୍.ଏ.)

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଖେଇ ଆସୁଥିବା ବେଳେ ଏବେ ବ୍ଲକ ଅଧ୍ୟକ୍ଷ ଆସନକୁ ନେଇ ବୈପାରିଗୁଡା ବ୍ଲକରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଅଙ୍କକଷା ଆରମ୍ଭ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ଆସନ ପାଇଁ କୌଣସି ଦଳୀୟ ଚିହ୍ନରେ ପ୍ରାର୍ଥୀମାନେ ନିର୍ବାଚନ ଲଢିବାର ବ୍ୟବସ୍ଥା ନାହିଁ । ମାତ୍ର ପରୋକ୍ଷ ଭାବେ ନିଜ ଦଳର ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇ କ୍ଷମତା ଦଖଲ କରିବାକୁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଜୋରଦାର ପ୍ରୟାସ ଆରମ୍ଭ ହୋଇଛି ।

ଏହି ବ୍ଲକ ଅଧ୍ୟକ୍ଷ ଆସନ ଆଦିବାସୀ ପ୍ରାର୍ଥୀଙ୍କ ପାଇ ସଂରକ୍ଷିତ ରହିଛି । ବ୍ଲକର ସମୁଦାୟ ୨୦ ପଞ୍ଚାୟତର ନିର୍ବାଚିତ ସମିତି ସଭ୍ୟମାନେ ସେମାନଙ୍କ ମଧ୍ୟରୁ ଜଣଙ୍କୁ ଭୋଟ୍ ଦେଇ ଅଧଧକ୍ଷ ଭାବେ ନିର୍ବାଚିତ କରିବେ । ଅନ୍ୟୁନ ୧୧ ଜଣ ସମିତି ସଭ୍ୟ ଯାହା ସପକ୍ଷରେ ଯିବେ ସେ ଜିତିବେ। ଚଳିତ ନିର୍ବାଚନରେ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି,ଭାଜପା ଓ କଂଗ୍ରେସ ସମେତ କିଛି ସ୍ୱାଧୀନ ପ୍ରାର୍ଥୀ ଦୌଡରେ ସାମିଲ୍ ଅଛନ୍ତି। ତେବେ ଭାଜପା ଓ ସ୍ୱାଧୀନ ପ୍ରାର୍ଥୀ ନିର୍ଣ୍ଣାୟକ ଭୂମିକା ନେଇପାରନ୍ତି ବୋଲି ଆକଳନ କରାଯାଉଛି ।ସୂଚନାଯୋଗ୍ୟ, ଦଳୀୟ ନେତୃତ୍ୱ ପରିବର୍ତ୍ତନ ନେଇ ବିଗତ ଦିନରେ ଏଠାରେ ବିଜେଡି ୨ ଗୋଷ୍ଠୀରେ ଭାଗ ହୋଇଥିଲା। ଦଳିୟ କନ୍ଦଳ ଯୋଗୁ ବ୍ଲକ ସଭାପତି ପଦବୀ ସ୍ଥାନରେ ଏକ ୫ ଜଣିଆ କମିଟିକୁ ପରିଚାଳନା ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏବେ ଅନେକ ସ୍ଥାନରେ ଦଳିୟ ପ୍ରାର୍ଥୀଙ୍କ ବିପକ୍ଷରେ ଦଳୀୟ ପ୍ରାର୍ଥୀ ଲଢୁଛନ୍ତି। ଫଳରେ ଦଳରେ ଏବେ ମଧ୍ୟ ଫାଟ ରହିଥିବା ସ୍ପଷ୍ଟ ହେଉଛି। ଏହାର ଫାଇଦା କଂଗ୍ରେସ ଉଠାଇପାରେ ବୋଲି ଆଲୋଚନା ହେଉଛି। ବ୍ଲକ ଅଧ୍ୟକ୍ଷ ପଦ ପାଇଁ ବିଜେଡିର ୨ ଆଶାୟୀ ପ୍ରାର୍ଥୀ ବର୍ତ୍ତମାନର ବୈପାରୀଗୁଡା ସରପଞ୍ଚ ଭାଗୀରଥି ମୁର୍ଜିଆ ଓ ଜିଲା ପରିଷଦ ସଦସ୍ୟ ପ୍ରଶାନ୍ତ ଗୁପ୍ତା ପୂଜାରୀଗୁଡା ପଞ୍ଚାୟତ ସମିତିସଭ୍ୟ ପାଇଁ ଲଢିବା ଦଳକୁ ଅଡୁଆରେ ପକାଇଛି । ଯଦି ଦଳ ମଧ୍ୟରେ ସହମତି ନ ହୁଏ ଅଧ୍ୟକ୍ଷ ପଦବୀ ପାଇଁ ତୃତୀୟ ବିକଳ୍ପକୁ ଗ୍ରହଣ କରାଯାଇପାରେ। ତେବେ ୨ ପ୍ରମୁଖ ଦଳ ବିଜେଡି ଓ କଂଗ୍ରେସ ଏକାକି ଆବଶ୍ୟକ ସଂଖ୍ୟା ଯୋଗାଡ କରିବା ମଧ୍ୟ ସେତେଟା ସହଜ ହେବନାହିଁ।

# ଦଳ ସହ ବ୍ୟକ୍ତିଗତ ଭାବମୂର୍ତ୍ତି ଦେଖୁଛନ୍ତି ଭୋଟର

ଡାବୁଗାଁ, ୨।୨ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ରହିଛ ୨ଟି ଜିଲା ପରିଷଦ ଜୋନ୍। ଜୋନ୍(୧) ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ଏହି ନିର୍ବାଚନମଣ୍ଡଳୀରେ ଚତୁର୍ମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବ। କଂଗ୍ରେସର କମଲୁ ଭତ୍ରା, ବିଜେଡିର ଧନସିଂ ଭତ୍ରା, ଭାଜପାର ବିଶ୍ୱନାଥ ମାଝି ଓ ସ୍ୱାଧୀନ ପ୍ରାର୍ଥୀ ସତମନ ପୂଜାରୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ। କୋଇଲାରୀ, ଘୋଡ଼ାଖୁଣ୍ଟା, ଜବାଗୁଡ଼ା, ଜୁନାପାଣି, ନନ୍ଦପୁରା, ବଡ଼ଓଲମା ଓ ବୋରିଗାଁ ପଞ୍ଚାୟତର ୨୪,୩୩୫ ଭୋଟର ମତଦାନ କରିବେ।

କରୋନା କଟକଣା ଯୋଗୁ ପୂର୍ବଭଳି ପ୍ରଚାର ପ୍ରସାର, ଶୋଭାଯାତ୍ରା ଓ ସମାବେଶ ହେବ ନାହିଁ ବୋଲି ନିୟମ ରହିଛି। ଚୂଡ଼ାନ୍ତ ତାଲିକା ପ୍ରକାଶ ପରେ ପ୍ରାର୍ଥୀ ଏବେ ୫ ଜଣ ସମର୍ଥକଙ୍କୁ ନେଇ ପ୍ରଚାର କରୁଛନ୍ତି। କଂଗ୍ରେସର କମଲୁ ଭତ୍ରା ପୂର୍ବରୁ ରାଜନୀତିରେ ରହି ୨୦୧୨ରେ ବଡଓଲମା ପଞ୍ଚାୟତରୁ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ସେ ୨୦୧୭ ପର୍ଯ୍ୟନ୍ତ ବ୍ଲକ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ସେହିପରି ବିଜେଡିର ଧନସିଂ ଭତ୍ରା ଜଣେ ଯୁବନେତା ସହ ସାମାଜିକ କର୍ମୀ। ସେ ୨୦୧୭ରୁ ଘୋଡ଼ାଖୁଣ୍ଟା ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରୁଛନ୍ତି। ସେ ଏହି ଅଞ୍ଚଳର ବିଭିନ୍ନ ଲୋକଙ୍କୁ ସାହାଯ୍ୟ କରି ସେମାନଙ୍କ ନିକଟତର ହୋଇପାରିଛନ୍ତି, ଯାହା ଫଳରେ ସେ ଏହି ଅଞ୍ଚଳରେ ପରିଚିତ। ଭାଜପାର ବିଶ୍ୱନାଥ ମାଝି ୧୯୯୭ ରୁ ୨୦୦୨ ପର୍ଯ୍ୟନ୍ତ ଜିଲା ପରିଷଦ ସଭ୍ୟ ଭାବେ ରହିଆସିଛନ୍ତି। ସେ ମଧ୍ୟ ଜଣେ ପୁରୁଣା ରାଜନେତା ଓ ଭଲ ସଂଗଠକ ଭାବେ ଜଣାଶୁଣା। ନିଜର ଅଭିଜ୍ଞତା ଆଧାରରେ ସେ ଭାଜପାରୁ ପ୍ରାର୍ଥୀ ହୋଇଛନ୍ତି। ତେବେ ବିଜେଡି, କଂଗ୍ରେସ ଓ ଭାଜପା ସଂଗଠନ କର୍ମୀ ଓ ପ୍ରଚାର ପ୍ରସାରକୁ ଅନୁଧ୍ୟାନ କଲେ ତିନି ଦଳ ମଧ୍ୟରେ ଜୋରଦାର ଟକ୍କର ହେବ। ତିନି ଦଳର ଲଢ଼େଇ ମଧ୍ୟରେ ନିଜର ଫାଇଦା ଉଠାଇବେ ସ୍ୱାଧୀନ ପ୍ରାର୍ଥୀ ସତମନ ପୂଜାରୀ। ବହୁମତ ପାଇ ଜିତିବା ଆଶାରେ ସେ ଅଛନ୍ତି।

ବିଜେଡି ବିଜୁ ସ୍ୱାସ୍ଥ୍ୟକାର୍ଡ, କୋଭିଡ୍ ଭଳି ମହାମାରୀ ସମୟରେ ଶ୍ରମିକ, ଉଠାଦୋକାନୀ, ପକ୍କା ଘର ମରାମତି ପାଇଁ ସହାୟତା, ପାନୀୟ ଜଳଯୋଗାଣ, ରାସ୍ତାଘାଟ, ବିଭିନ୍ନ ଜନହିତକର ଯୋଜନାର ସଫଳତା ନେଇ ନିର୍ବାଚନ ମଇଦାନକୁ ଓହ୍ଲାଇଛି। ବିଜେଡି ଶାସନ ମଧ୍ୟରେ ହୋଇଥିବା ଦୁର୍ନୀତିକୁ ପ୍ରସଙ୍ଗ କରି ଉଭୟ କଂଗ୍ରେସ ଓ ଭାଜପା ପ୍ରଚାର ଚଳାଇଛନ୍ତି। ସ୍ଥାନୀୟ ନିଯୁକ୍ତି, ଚାଷୀଙ୍କୁ ସାର ଯୋଗାଣରେ ବିଫଳ, ମଣ୍ଡିରେ ଧାନ କଟ୍‌ନୀଛଟ୍‌ନୀ, ଉଠା ଜଳସେଚନ ନାଁରେ ଦୀର୍ଘ ବର୍ଷ ଧରି ଚାଷୀଙ୍କୁ ଠକିବା, ନାରୀ ନିର୍ଯାତନା ଓ ଅତ୍ୟାଚାର, ପାଇଖାନା ଦୁର୍ନୀତିକୁ ନେଇ ଚର୍ଚ୍ଚା ଜୋର ଧରିଛି। ଏଥର ନିର୍ବାଚନରେ ଜିଲା ପରିଷଦ ଆସନ ପାଇଁ ଦଳ ସହିତ ବ୍ୟକ୍ତିଗତ ଭାବମୂର୍ତ୍ତିକୁ ମଧ୍ୟ ଭୋଟର ଅଧିକ ପସନ୍ଦ କରୁଛନ୍ତି। ଏନେଇ ୪ଜଣ ପ୍ରାର୍ଥୀଙ୍କ ମଧ୍ୟରେ କିଏ କାହାକୁ କିଭଳି ଟକ୍କର ଦେବ ଓ ଭୋଟର କାହାକୁ ସମର୍ଥନ ଜଣାଇବେ ତାହା ଦେଖିବାର ଅଛି।

### ଯଜ୍ଞମଣ୍ଡପ ନୂତନୀକରଣ କାର୍ଯ୍ୟାରମ୍ଭ

ମୁନିଗୁଡ଼ା, ୨।୨(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ାର ବହୁ ପୁରାତନ ରାଧାକୃଷ୍ଣ ମନ୍ଦିରର ଯଜ୍ଞମଣ୍ଡପ ନୂତନୀକରଣ ପାଇଁ ଶୁଭ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ଶ୍ୟାମସୁନ୍ଦର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୂଜାରେ ପୂର୍ବତନ ବିଧାୟକ ତଥା ମନ୍ଦିର ପରିଚାଳନା ସମନ୍ୱୟ ସମିତି ବରିଷ୍ଠ ଉପଦେଷ୍ଟା ସାରଙ୍ଗଧର କାଡ୍ରାକା ଶୁଭ ପକାଇଥିଲେ। ଉକ୍ତ ରାଧାକୃଷ୍ଣ ମନ୍ଦିରଟି ବହୁ ପୁରୁଣା ଏବଂ ଦୀର୍ଘ ବର୍ଷ ଧରି ରକ୍ଷଣାବେକ୍ଷଣ ହୋଇ ନ ଥିବାରୁ ମନ୍ଦିରର ଯଜ୍ଞମଣ୍ଡପ ବିପଦସଙ୍କୁଳ ଅବସ୍ଥାରେ ଥିଲା। ଭକ୍ତଙ୍କ ଅଭିଯୋଗ ପରେ ମନ୍ଦିର ପରିଚାଳନା ସମନ୍ୱୟ ସମିତି ଏହି ଯଜ୍ଞମଣ୍ଡପର ନୂତନୀକରଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ଦିର ପରିଚାଳନା ସମନ୍ୱୟ ସମିତିର ବିଦ୍ୟାଧର ଦାଶ, ଯୁବରାଜେନ୍ଦ୍ର ପାତ୍ର, ସୁଧାକର ମହାରଣା, ସୁଦାମ ପଣ୍ଡା, ସନ୍ତୋଷ ବ୍ରହ୍ମା, ଅଜିତ ସାହୁ, ବଙ୍କିମ ସାହୁ, କେ.ରମେଶ ରାଜୁ, ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ପୌର କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସୁନାବେଡା, ୨।୨(ସ୍ୱ.ପ୍ର.)



ସୁନାବେଡା ପୌର ପରିଷଦର କର୍ମଚାରୀ ଅକ୍ଷୟ ମହାନ୍ତି ତାଙ୍କ ଚାକିରିରୁ ସୋମବାର ଅବସର ନେଇଛନ୍ତି। ଏହି ଅବସରରେ ନିର୍ବାହୀ ଅଧିକାରୀ ଗୋବିନ୍ଦ ଦଣ୍ଡସେନାଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସଭା ହୋଇଥିଲା। କର୍ମଚାରୀଙ୍କ ପକ୍ଷରୁ ଉପଢୌକନ ସହ ଫୁଲତୋଡା ଦେଇ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନିର୍ବାହୀ ଅଧିକାରୀ ମହାନ୍ତିଙ୍କ ଚାକିରି କାଳରେ ତାଙ୍କ କାର୍ଯ୍ୟଦକ୍ଷତାର ପ୍ରଶଂସା କରି ତାଙ୍କ ଅବସରକାଳୀନ ଜୀବନ ସୁଖମୟ ହେଉ ବୋଲି କାମନା କରିଥିଲେ। ସହକାରୀ ଯନ୍ତ୍ରୀ ମନୋଜ ପାତ୍ର, ଚିତ୍ତ ରଞ୍ଜନ ସାହୁ, ଅଶ୍ୱିନ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### 'ଭିଡ଼କୁ ନିରୁତ୍ସାହିତ, ନିଜ ସୁରକ୍ଷାକୁ ଉତ୍ସାହିତ'

#### କୋଭିଡ୍ ସଚେତନତା ରଥ ଉଦ୍‌ଘାଟିତ


ଜିଲାପାଳ ଓ ଉପଜିଲାପାଳ କୋଭିଡ୍ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ନବରଙ୍ଗପୁର, ୨।୨(ବି.ପ୍ର.)

ଜିଲା ପ୍ରଶାସନ ଓ ଆକ୍ସନଏଡ୍‌ର ମିଳିତ ସହଯୋଗରେ ଏକ କରୋନା ସଚେତନତା ରଥ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଛି। ଜିଲାପାଳ ଡ. କମଳଲୋଚନ ମିଶ୍ର ଓ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ସଚେତନତା ରଥ ଜିଲାର ୧୦ ବ୍ଲକର ବିଭିନ୍ନ ଗ୍ରାମରେ ବୁଲିବ। କରୋନାରୁ ରକ୍ଷା ପାଇବାକୁ କେଉଁ ଉପାୟ ଆପଣାଇବାକୁ ହେବ, ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିବ। ଏଥିସହ ଟିକାକରଣ ଉପକାରିତାର ବାର୍ତ୍ତା ପ୍ରଚାର କରିବ ବୋଲି ଜିଲାପାଳ କହିଛନ୍ତି। ୧୫ରୁ ୧୮ ବର୍ଷ ମଧ୍ୟରେ ସମସ୍ତ କିଶୋରୀ କିଶୋର ଟିକାକେନ୍ଦ୍ରକୁ ଯାଇ ଟିକାନେବା, କୋଭିଡ୍ ନିୟମ ମାନି ଚଳିବା, 'ଭିଡ଼କୁ ନିରୁତ୍ସାହିତ ଏବଂ ନିଜ ସୁରକ୍ଷାକୁ ଉତ୍ସାହିତ କରିବା' ଆଦି ବିଷୟରେ ସଚେତନ କରାଯିବ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ କହିଛନ୍ତି। ଏହି ସଚେତନତା ରଥ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିଆର୍‌ଡିଏ ପିଡି ରତ୍ନାକର ସାହୁ, ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ସହାୟକ ସମାଜ କଲ୍ୟାଣ ଅଧିକାରୀ ନରହରି ସିଂ, ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ ,ବିଶ୍ୱରଞ୍ଜନ ଭୁକ୍ତା, ଅଶୋକ ଚକ୍ରବର୍ତ୍ତୀ, ତ୍ରିପତି ବାଲାଜୀ ସାହୁ, ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ଚାଇଲ୍ଡଲାଇନ ସଂଯୋଜକ ରବୀନ୍ଦ୍ର ପ୍ରଧାନ, ସସ୍ମିତା ମହାନ୍ତି, ବିଶ୍ୱଜିତ୍ ମହାନ୍ତି, ସୁକାନ୍ତ ପାତ୍ର, ତୃପ୍ତି ମହାପାତ୍ର, ସୁଜିତ ସୁନା, କୁଶମିତା ଦୀପ, ବନ୍ଧନା ଖାକା , ଯୁ. ରବୀନ, ୱାନ୍‌ଷ୍ଟପ କେନ୍ଦ୍ର କର୍ମକର୍ତ୍ତା ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ହ୍ୟାଟ୍ରିକ୍ କରିବାକୁ ବିଜେଡିର ଉଦ୍ୟମ

ଗୁଣପୁର,୨।୨(ଡି.ଏନ୍.ଏ.)


କୁନି ନିମାଲା, ରଶ୍ମିରେଖା ଶତପଥୀ, ସଞ୍ଜୁ ତଇକା।

- ଗୁଣପୁର 'ଖ' ଜୋନ୍ ଜିଲା ପରିଷଦ ନିର୍ବାଚନ
- ଗଡ଼ ଭାଙ୍ଗିବାକୁ କଂଗ୍ରେସ, ଭାଜପାର ପ୍ରୟାସ

ରାୟଗଡ଼ା ଜିଲା ଗୁଣପୁର 'ଖ' ଜୋନ୍ ଜିଲା ପରିଷଦ ପାଇଁ ୧୮ ରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଏବଂ ଭାଜପା ପକ୍ଷରୁ ପ୍ରଚାର ଜୋରାଦାର କରାଯାଇଛି। ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କୁ ନେଇ ଘରକୁ ଘର ଯାଇ ପ୍ରଚାର କରୁଛନ୍ତି। ଏହି ଜୋନ୍‌ରେ ୮ ପଞ୍ଚାୟତ ଯଥା ମରମା, ଗୋଠଲପଦର, ଜଗନ୍ନାଥପୁର, ଶିରିଝୋଲି, ରେଗେଡ଼ା, ଗାଦିଆଖଲା, ଚିନାସାରି ଏବଂ କୁଲୁସିଂ ପଞ୍ଚାୟତ ରହିଛି। ଏହି ଜୋନରେ ୨୩,୨୭୨ ଭୋଟର ରହିଥିବାବେଳେ ମହିଳା ଭୋଟରଙ୍କ ସଂଖ୍ୟା ସର୍ବାଧିକ ୧୨,୧୬୯ ଏବଂ ଦୁଇ କିନ୍ନର ଭୋଟର ରହିଛନ୍ତି। ଏହି ଆସନ ଏବେ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

ଏହି ଜୋନ୍‌ରେ ୪ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ପକ୍ଷରୁ ଗଦିଆଖଳା ପଞ୍ଚାୟତ ପ୍ରଧାନିଗୁଡ଼ା ଗ୍ରାମର ରଶ୍ମିରେଖା ଶତପଥୀ, କଂଗ୍ରେସ ପକ୍ଷରୁ ଗୋଠଲପଦର ପଞ୍ଚାୟତ କୁକୁରୁଗୁଡ଼ା ଗ୍ରାମର କୁନି ନିମାଲା, ଭାଜପା ପକ୍ଷରୁ ରେଗେଡ଼ା ଗ୍ରାମର ସଞ୍ଜୁ ତଇକା ଏବଂ ବିଏସ୍‌ପି ପକ୍ଷରୁ ଚିନାସାରି ପଞ୍ଚାୟତ ବାଙ୍କଡ଼ା ଗ୍ରାମର ବିନିମା ଶବର ପ୍ରାର୍ଥୀ ରହିଛନ୍ତି। ୨୦୦୭ରୁ ବିଜେଡି ଏଠାରେ ବିଜୟୀ ହୋଇଆସୁଛି। ଏବେ ତୃତୀୟ ଥର ପାଇଁ ଦଳ ଏହି ଆସନରେ ବିଜୟୀ ହୋଇ କରି ହ୍ୟାଟ୍ରିକ୍ କରିବାକୁ ଉଦ୍ୟମ ଚଳାଇଛି। ଏହି ଜୋନ୍ ଆଦିବାସୀ ବହୁଳ ଅଞ୍ଚଳ। ତଥାପି ଏହି ଅଞ୍ଚଳ ପ୍ରଥମ ଥର ପାଇଁ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିବାରୁ ବିଜେଡି ପକ୍ଷରୁ ସାଧାରଣ ବର୍ଗର ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ କଂଗ୍ରେସ, ଭାଜପା ଏବଂ ବିଏସ୍‌ପି ପକ୍ଷରୁ ଆଦିବାସୀ ମହିଳା ପ୍ରାର୍ଥୀ ହୋଇଛନ୍ତି। ସମସ୍ତ ପ୍ରାର୍ଥୀ ଚଳିତ ଥର ପ୍ରଥମ ଥର ପାଇଁ ନିର୍ବାଚନ ଲଢୁଛନ୍ତି। ଭାଜପା ଏବଂ କଂଗ୍ରେସ ପକ୍ଷରୁ ବିଜେଡିର ବିଜୟ ଅଭିଯାନ ଉପରେ ଅଙ୍କୁଶ ଲଗାଇବା ଉଦ୍ୟମ ଚାଲିଛି। କଂଗ୍ରେସ ପକ୍ଷରୁ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ଏବଂ ଭାଜପା ପକ୍ଷରୁ ଜିଲା ଉପସଭାପତି ୱାଇ.ଗଣପତି ଦୁଇ ଦଳର ନିର୍ବାଚନ ମଙ୍ଗ ସମ୍ଭାଳିଛନ୍ତି। ବିଜେଡି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହି ଲୋକଙ୍କ ମନ ଜିଣିବାକୁ ଚାହୁଁଥିବାବେଳେ ଭାଜପା କେନ୍ଦ୍ର ସରକାରଙ୍କ ସଫଳତା ଏବଂ ରାଜ୍ୟ ସରକାରଙ୍କ ବିଫଳତାକୁ ଆୟୁଧ କରିଛି। ସେହିପରି କଂଗ୍ରେସ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଫଳତାକୁ ନେଇ ନିର୍ବାଚନି ପ୍ରସଙ୍ଗ କରିଛି। ଗତ ନିର୍ବାଚନରେ ବିଜେଡିର ବିଦ୍ରୋହି ପ୍ରାର୍ଥୀଭାବେ ତ୍ରିନାଥ ଶବର ପ୍ରତିଦ୍ୱନ୍ଦ୍ୱୀତା କରିବା ସତ୍ତ୍ୱେ ଏଠାରେ ଦଳକୁ କୌଣସି ଫରକ ପଡ଼ି ନ ଥିଲା। ଅର୍ଣ୍ଣିନି ଗମାଙ୍ଗ ବିଜୟ ଲାଭ କରିଥିଲେ। ଦ୍ୱିତୀୟରେ ତ୍ରିନାଥ ଶବର, ତୃତୀୟରେ କଂଗ୍ରେସର କାଲେବ ଶବର, ୪ର୍ଥରେ ଭାଜପାର ଈଶ୍ୱର ଗମାଙ୍ଗ ଏବଂ ୫ମ ସ୍ଥାନରେ ସ୍ୱାଧୀନ ପ୍ରାର୍ଥୀ ରହିଥିଲେ। ତେଣୁ କଂଗ୍ରେସ ଏବଂ ଭାଜପା ଜୋନ୍‌ରେ ବିଜେଡି ଗଡ଼କୁ ଭାଙ୍ଗି ନିଜ ନିଜ ସପକ୍ଷରେ ନେବାକୁ ଅଣ୍ଟା ଭିଡ଼ିଛନ୍ତି। ଆଗକୁ କେତେ ସଫଳ ଏବଂ ବିଫଳ ହେଉଛନ୍ତି ତାହାକୁ ଅପେକ୍ଷା।

# ପୂର୍ବ ସ୍ଥିତିକୁ ଫେରିବାକୁ ଲାଗିପଡ଼ିଛି କଂଗ୍ରେସ

ବିଷମକଟକ/ରାୟଗଡ଼ା ଅଫିସ, ୨।୨(ଡି.ଏନ୍.ଏ.)

- ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷ ଆସନ
- ବିଜେଡି କରୁଛି ଗୋଟି ଚାଳନା



ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ରାୟଗଡ଼ା ଜିଲାରେ ଜିଲା ପରିଷଦ ଅଧ୍ୟକ୍ଷ ଆସନ ହାତେଇବାକୁ ଏବେ ସବୁ ଦଳରେ ଚାଲିଛି ଅଙ୍କକଷା। ରାୟଗଡ଼ା ଜିଲା ୨୨ ଜିଲା ପରିଷଦ ଆସନକୁ ନେଇ ଗଠିତ। ପୂର୍ବରୁ ଏଠାରେ ବିଜେଡି, ଭାଜପା ଏବଂ କଂଗ୍ରେସ ନିର୍ବାଚନ ମଇଦାନକୁ ଓହ୍ଲାଉଥିବାବେଳେ ଏଥର ପ୍ରଥମ ଥର ପାଇଁ ବିଏସ୍‌ପି ଏବଂ ଆମ୍ ଆଦ୍‌ମୀ ପାର୍ଟି ମଧ୍ୟ ପ୍ରାର୍ଥୀ ଦେଇଛନ୍ତି। ତେବେ ବିଜେଡିର ସ୍ଥିତି ପୂର୍ବଭଳି ସୁଦୃଢ଼ ରହିଛି। ଏହା ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସକୁ ଚିନ୍ତାରେ ପକାଇଛି। ସୂଚନାଯୋଗ୍ୟ, ୨୦୧୭ ନିର୍ବାଚନରେ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ କଂଗ୍ରେସ ପ୍ରଥମ ସ୍ଥାନ ଦଖଲ ଲାଗି କେତୋଟି ସ୍ଥାନରେ ବିଜେଡି ସହ କଡ଼ା ମୁକାବିଲା କରିବାକୁ ପଡ଼ିଥିଲା। କିନ୍ତୁ କଂଗ୍ରେସ ୧୪ ଜିଲା ପରିଷଦ ଆସନ ହାସଲ କରି ଜିଲା ପରିଷଦ ଗଠନ କରିଥିଲା। ସେତେବେଳେ ରାୟଗଡ଼ା ଜିଲାର ସମସ୍ତ ବ୍ଲକରେ ପଦପଦବୀ ପାଇଁ ବିଜେଡି ମଧ୍ୟରେ ଗୋଷ୍ଠୀ କନ୍ଦଳ ଦେଖାଦେଇଥିଲା। ଏହାର ଲାଭ ଉଠାଇଥିଲା କଂଗ୍ରେସ। ୧୧ ଆସନରୁ କଂଗ୍ରେସ ଜିତିବାରେ ସଫଳ ହୋଇଥିଲା। ସେଥିମଧ୍ୟରୁ ଭାଜପା ୪, କଂଗ୍ରେସ ୧୧ ଓ ବିଜେଡି ୭ ଆସନ ହାତେଇଥିଲା। ଫଳରେ ବିଜେଡିକୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। କିନ୍ତୁ ଚଳିତ ନିର୍ବାଚନରେ ବିଜେଡି ସମ୍ମାନ ରକ୍ଷା ପାଇଁ ପ୍ରୟାସ ଚଳାଇଛି। ୨୦୦୭ରେ ବିଜେଡି ୨୨ ଆସନରୁ ଅଧିକ ଆସନରେ ଜିଣି ଜିଲା ପରିଷଦ ଗଠନ କରିଥିଲା। ସେହିପରି ୨୦୧୨ରେ ପୁଣି କଂଗ୍ରେସ ୯ ଏବଂ ବିଜେଡି ୧୨ ଆସନ ପାଇଥିଲା। କିନ୍ତୁ ବିଜେଡି ଜିଲା ପରିଷଦ ଅଧ୍ୟକ୍ଷ ଆସନ ହାତେଇଥିଲା। କଂଗ୍ରେସ ବିଜୟୀ ହୋଇଥିଲା। ୨୦୧୭ ରେ କଂଗ୍ରେସ ଦଳର ସ୍ଥିତି ଜିଲାରେ ଏକ ନମ୍ବରକୁ ଚାଲିଯାଇଥିଲା। କିନ୍ତୁ ଚଳିତ ନିର୍ବାଚନରେ କଂଗ୍ରେସ ଦଳର ସ୍ଥିତି କ'ଣ ରହିବ ତାହା ଆଗାମୀ ସମୟ କହିବ। ୨୦୧୯ ରେ ହୋଇଥିବା ବିଧାନସଭା ନିର୍ବାଚନରେ ମଧ୍ୟ କଂଗ୍ରେସ ବିଷମକଟକ, ରାୟଗଡ଼ା ଓ ଗୁଣପୁର ବିଧାନସଭା ଆସନରେ ବିଜେଡିକୁ କଡ଼ା ଟକ୍କର ଦେଇଥିଲା। କିନ୍ତୁ ଅଳ୍ପ ଭୋଟ ବ୍ୟବଧାନରେ କଂଗ୍ରେସକୁ ପରାସ୍ତ ହେବାକୁ ପଡ଼ିଥିଲା। ବିଷମକଟକରୁ ବିଜେଡି, ଗୁଣପୁରରୁ ବିଜେଡି ଏବଂ ରାୟଗଡ଼ାରୁ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହେଇଥିଲେ। ବିଷମକଟକ ବିଧାନସଭା ଆସନରେ ଥିବା ୪ ବ୍ଲକର ୮ଜୋନ୍‌କୁ ନେଇ ବିଷମକଟକ ନିର୍ବାଚନ ମଣ୍ଡଳୀ ଗଠିତ। ୨୦୧୭ ନିର୍ବାଚନରେ କଂଗ୍ରେସ ବିଷମକଟକ ନିର୍ବାଚନ ମଣ୍ଡଳୀରେ ଭଲ ପ୍ରଦର୍ଶନ କରିଥିଲା। ଏମିତିକି ବିଷମକଟକରୁ ୨, ମୁନିଗୁଡ଼ାରୁ ୧, କୋଲନରାରୁ ୧, କଲ୍ୟାଣସିଂହପୁରରୁ ୧ ଆସନ ହାତେଇଥିଲା। କାଶୀପୁରରେ ୨, ଗୁଡାରିରେ ୧, ଗୁଣପୁରରୁ ୧, ଚନ୍ଦ୍ରପୁରରୁ ୧, ପଦ୍ମପୁରରୁ ୧ ଆସନ ହାତେଇ ପୁରୁଷୋତ୍ତମ ଗମାଙ୍ଗ ଜିଲା ପରିଷଦ ଅଧ୍ୟକ୍ଷ ପଦ ହାସଲ କରିଥିଲେ। କିନ୍ତୁ ୨୦୨୦ରେ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ହୋଇଥିବା ଉପନିର୍ବାଚନ ହୋଇଥିଲା। ବିଜେଡି ପୂର୍ବରୁ ୭ ଆସନରେ ଜିତିଥିବାବେଳେ କୌଶଳ କ୍ରମେ ପରେ ଭାଜପାର ୪ ଓ କଂଗ୍ରେସର ୩ ଆସନ ହାତେଇ ଜିଲା ପରିଷଦ ଗଠନ କରିବାରେ ସଫଳ ହୋଇଥିଲା। ଦଳ ପକ୍ଷରୁ ଗଙ୍ଗାଧର ପୁଆଲା ଜିଲା ପରିଷଦ ଅଧ୍ୟକ୍ଷ ପଦ ପାଇଥିଲେ। ଚଳିତ ନିର୍ବାଚନରେ କେଉଁ ଦଳର ରଣକୌଶଳ ସଫଳ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ସୁରକ୍ଷା କିଟ୍ ବାଣ୍ଟିଲେ ଜିଲାପାଳ, ରେଡକ୍ରସ୍ ଅଧିକାରୀ

ନବରଙ୍ଗପୁର,୨।୨ (ବି.ପ୍ର.)

ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ଓଡ଼ିଶା ରାଜ୍ୟ ଶାଖା ପକ୍ଷରୁ ୫ ଶହ ସ୍ୱଚ୍ଛତା କିଟ୍ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି। ପ୍ରଶାସନ ନବରଙ୍ଗପୁର ଜିଲା ରେଡ୍‌କ୍ରସ୍ ସହାୟତାକ୍ରମେ ଉକ୍ତ କିଟ୍‌କୁ ପର୍ଯ୍ୟାୟକ୍ରମେ ବିଭିନ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ବଣ୍ଟନ କରୁଛି। ନବରଙ୍ଗପୁର ଜିଲା ରେଡ୍‌କ୍ରସ୍ ସୋସାଇଟି ଅଧ୍ୟକ୍ଷ ତଥା ଜିଲାପାଳ ଡ. କମଳ ଲୋଚନ ମିଶ୍ର ସେହି କିଟ୍‌କୁ ନବରଙ୍ଗପୁରସ୍ଥିତ ଜାନକୀନଗରର କୁଷ୍ଠାଶ୍ରମର ୧୭ ଏବଂ ସିନ୍ଧିଗୁଡ଼ାସ୍ଥିତ ଉତ୍କଳ ବାଳାଶ୍ରମର ୪୬ ଅନ୍ତେବାସୀଙ୍କୁ ଉକ୍ତ କିଟ୍ ପ୍ରଦାନ କରିଛନ୍ତି। ଏହି କିଟ୍ ପ୍ରଦାନ ସମୟରେ ସିଡିଏମ୍‌ଓ ଡ. କାଳିପ୍ରସାଦ ବେହେରା, ଡ. ସୁକାନ୍ତ ଶତପଥୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଏ. ଧନଞ୍ଜୟ ରାଓ, ରେଡ୍‌କ୍ରସ୍‌ର ଆଦିତ୍ୟ ତ୍ରିପାଠୀ, ରାକେଶ ଗୁପ୍ତା, ଦୁର୍ଗମାଧବ ପଣ୍ଡା, ତ୍ରିଲୋଚନ ନାୟକ, ଭାସ୍କରନାଥ ବିଶ୍ୱାଳ, ଡିଇଓ ପ୍ରଦୀପ ନାଗ, ଜେଆର୍‌ସି ଅଧିକାରୀ ନାରାୟଣ ପାଇକରାୟ, ଉତ୍କଳ ବାଳାଶ୍ରମ ଅଧ୍ୟକ୍ଷ ରାମକୃଷ୍ଣ ସାବତ, ଶ୍ରୀପତି ଶତପଥୀ, ନୀଳମଣି ମହାପାତ୍ର, ବାସନ୍ତୀ ମହାପାତ୍ର, ରାଜସ୍ୱ ଅମଲା ସଂଘ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଇଗ୍ନୁରେ ନାମଲେଖା ଅବଧି ୧୦ ପର୍ଯ୍ୟନ୍ତ ବୃଦ୍ଧି

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ରେ ନାମଲେଖା ଅବଧି ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡ଼ିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥିବା ଯେକୌଣସି ବ୍ୟକ୍ତିଙ୍କ ପାଇଁ ଏହି ନାମଲେଖା ଚାଲିଛି। ଅଣ୍ଡର ଗ୍ରାଜୁଏଟ୍ ଏବଂ ପିଜି ଡିପ୍ଲୋମା ପ୍ରୋଗ୍ରାମରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ଛାଡ଼ କରାଯାଇଛି। ଇଚ୍ଛୁକ ଛାତ୍ରୀଛାତ୍ର ଇଗ୍ନୋର ୱେବ୍‌ସାଇଟ୍ www.ignou.ac.in ଓ https://ignouadmission.samarth.edu.in ଅନୁସରଣ କରିପାରିବେ ବୋଲି ଆଞ୍ଚଳିକ ନିର୍ଦ୍ଦେଶକ ଡ. ସୁରେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିଭଳି ଇଗ୍ନୋରେ ଆଉ ୬ ନୂତନ ପାଠ୍ୟକ୍ରମ ଆରମ୍ଭ ହୋଇଛି।

## ଯୁକ୍ତ୨ ପିଲାଙ୍କ ଦୈନିକ ଉପସ୍ଥାନ ଅପ୍‌ଲୋଡ୍ ହେବ

**ଭୁବନେଶ୍ୱର, ୨।୨(ବ୍ୟୁରୋ)**

ଏଣିକି ଯୁକ୍ତ୨ ପିଲାଙ୍କ ଦୈନିକ ଉପସ୍ଥାନ ଏଚ୍‌ଏସ୍‌ଏସ୍ ଇ-ସ୍ପେସ୍‌ରେ ଅପ୍‌ଲୋଡ୍ କରାଯିବ। ଏ ନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା ସମସ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ପ୍ରତିଦିନ ଯୁକ୍ତ୨ ପ୍ରଥମ ବର୍ଷ(ଏକାଦଶ) ଏବଂ ଦ୍ୱିତୀୟ ବର୍ଷ(ଦ୍ୱାଦଶ) ପିଲାଙ୍କର ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ କ୍ଲାସ୍‌ର ଉପସ୍ଥାନ ଅପ୍‌ଲୋଡ୍ କରାଯିବ। ବିଭାଗ ଅନୁସାରେ ପିଲାଙ୍କ ଉପସ୍ଥାନ ଅପରାହ୍ନ ୪ଟା ସୁଦ୍ଧା ଅପ୍‌ଲୋଡ୍ କରିବା ପାଇଁ କୁହାଯାଇଛି। ରିପୋର୍ଟ ନ କଲେ ତାହାକୁ ଗୁରୁତର ସହ ନିଆଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି।

# ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
## ଘୋଷଣା

**RDM-LAC-KNJ-0039-2019-30450** **ତା19.10.2020**

No.V-90: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, କେନ୍ଦୁଝରଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା: ହସନପୁର, ଥାନା: ରାମଚନ୍ଦ୍ରପୁର ନଂ. ୬୬, ତହସିଲ: ଘଷିପୁରା, ଜିଲ୍ଲା: କେନ୍ଦୁଝରରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏହି ଆଇନର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କେନ୍ଦୁଝର ଜିଲ୍ଲାରେ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ ନିମନ୍ତେ ବୈତରଣୀ ବାମ ପାର୍ଶ୍ୱ ମୁଖ୍ୟ କେନାଲ ନିର୍ମାଣ ନିମନ୍ତେ ନିର୍ବାହୀ ଯନ୍ତ୍ରୀ, ଆନନ୍ଦପୁର କେନାଲ ଡିଭିଜନଙ୍କ ସଲପାଡ଼ା, କେନ୍ଦୁଝରଙ୍କ ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପିତ ସଂଖ୍ୟା ୨୬୭୦୯, ତା୦୭।୦୯।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ହସନପୁର, ଥାନା: ରାମଚନ୍ଦ୍ରପୁର ନଂ. ୬୬, ତହସିଲ: ଘଷିପୁରା, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ।

ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ **www.kendujhar.nic.in**ରେ ଏବଂ ରାଜସ୍ୱ ସରକାରଙ୍କ ୱେବସାଇଟ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପ, ସଲପାଡ଼ା, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ – କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କେନ୍ଦୁଝର, ତହସିଲ: ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହସନପୁର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏ.୨୪.୨୭୪ | ଏଥି ସହିତ ସଂଲଗ୍ନ କରାଗଲା |

**ତଫସିଲ – ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କେନ୍ଦୁଝର, ତହସିଲ: ଘଷିପୁରା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

- ଅଧିସୂଚନାର ବୈଧ ତାରିଖ: ୧୮।୧୨।୨୦୧୯।
- LAND SCHEDULE

| କ୍ର.ନଂ. | ଖାତା ନଂ | ଜମି ମାଲିକଙ୍କ ନାମ – ଜାତି , ବାସସ୍ଥାନ | ପ୍ଲଟ୍ ନଂ | କିସମ | ମୋଟ ରକବା | ଅଧିଗ୍ରହଣ ରକବା |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୪ | ଅର୍ଜ୍ଜୁନ ପୃଷ୍ଟି, ଭୀମ ପୃଷ୍ଟି, ବାଂଛାନିଧି ପୃଷ୍ଟି, ପି- ପହଲି ପୃଷ୍ଟି, ଜା- ତେଲି, ବା- ବେଲବାହାଳୀ । | ୧୭୮୬ | ଶାରଦ - ୧ | ୦.୨୫ | ୦.୨୫ |
| | | | ୧୭୮୯ | ଶାରଦ - ୧ | ୦.୨୯ | ୦.୨୯ |
| | | | ୧୮୦୧ | ଶାରଦ - ୧ | ୦.୨୧ | ୦.୨୧ |
| ୨ | ୧୩ | ଅନନ୍ତ ଚରଣ ସାହୁ, ପି- ଲକ୍ଷ୍ମଣ ସାହୁ, ଜାତି- ତେଲି, ବା- ବେଲବାହାଳୀ । | ୭୦୧ | ଶାରଦ - ୨ | ୦.୨୩ | ୦.୦୨ |
| | | | ୬୯୪/ ୨୦୭୩ | ଶାରଦ - ୨ | ୦.୧୦ | ୦.୧୦ |
| ୩ | ୧୭ | ଅନନ୍ତ ପଣ୍ଡା, ପି- ରତନ ପଣ୍ଡା, ଜା- ବ୍ରାହ୍ମଣ, ବା – ଟୋଲଙ୍କପଡା । | ୯୧୧ | ଶାରଦ - ୩ | ୦.୦୩ | ୦.୦୩ |
| ୪ | ୨୯ | ଉମା ପଣ୍ଡା, ସ୍ୱା- ସାଧୁ ପଣ୍ଡା, ରଙ୍ଗ ଦାଶ, କୁନି ପଣ୍ଡା, ପି- ସାଧୁ ପଣ୍ଡା, ଜା- ବ୍ରାହ୍ମଣ, ବା – ମଙ୍ଗଳପୁର । | ୯୧୩ | ଶାରଦ - ୨ | ୦.୦୭୫ | ୦.୦୧ |
| ୫ | ୩୭ | କଷଣି ସାହୁ, ସ୍ୱା- ହରି ସାହୁ, ମରୁଆ ସାହୁ, ପି- ଦରି ସାହୁ, ଆସିଲି ସାହୁ, ସ୍ୱା- ଦିନେଇ ସାହୁ, କୋକିଳ ସାହୁ, ସ୍ୱା- କ୍ଷେତ୍ର ସାହୁ, କ୍ଷେତ୍ର ସାହୁ, ପି- ନିଧି ସାହୁ, ଗାଣ୍ଡୁ ସାହୁ, ଭରତ ସାହୁ, ପି- ଦିନେଇ ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୧୧୨୭ | ଶାରଦ - ୨ | ୦.୦୬ | ୦.୦୧ |
| | | | ୧୧୨୮ | ଶାରଦ - ୨ | ୦.୦୮ | ୦.୦୩ |
| | | | ୧୧୨୯ | ଶାରଦ - ୨ | ୦.୩୧ | ୦.୦୮ |
| | | | ୧୧୩୦ | ଶାରଦ - ୨ | ୦.୨୦ | ୦.୧୦ |
| | | | ୧୧୩୧ | ଶାରଦ - ୨ | ୦.୨୪ | ୦.୨୦ |
| | | | ୧୧୩୨ | ଶାରଦ - ୨ | ୦.୦୭ | ୦.୦୭ |
| | | | ୧୧୩୩ | ଶାରଦ - ୨ | ୦.୦୭ | ୦.୦୭ |
| | | | ୧୧୩୪ | ଶାରଦ - ୨ | ୦.୦୬ | ୦.୦୪ |
| ୬ | ୪୩ | କାର୍ତ୍ତିକ ସାହୁ, କାଙ୍ଗାଳି ସାହୁ, ପି- ବଳି ସାହୁ, ଧୃବ ସାହୁ, କାହ୍ନୁ ସାହୁ, ପି- ଜଗେଇ ସାହୁ, ଦିନବନ୍ଧୁ ସାହୁ, ପି- ଘନ ସାହୁ, ଜା- ତେଲି, ବା- ବେଲବାହାଳି । | ୩୧୧ | ଶାରଦ - ୨ | ୦.୫୭ | ୦.୦୪ |
| ୭ | ୫୩ | କୀର୍ତ୍ତନ ବିହାରୀ ମହାନ୍ତି, ନଟବର ମହାନ୍ତି, ନିଳମଣି ମହାନ୍ତି, ତ୍ରିଲୋଚନ ମହାନ୍ତି, ପି- ସିଦ୍ଧ ମହାନ୍ତି, ଜା- ଖଣ୍ଡାୟତ, ବା- ନିଜଗାଁ । | ୧୦୭୦ | ଶାରଦ - ୩ | ୦.୨୯ | ୦.୦୯ |
| ୮ | ୫୫ | କୁରୁପ ସାହୁ, ପି- ମୂଳି ସାହୁ, ଜା- ତେଲି, ବା- ବେଲବାହାଳି । | ୧୮୦୨ | ଶାରଦ - ୧ | ୦.୦୦୩ | ୦.୦୦୩ |
| ୯ | ୬୫ | କୃଷ୍ଣ ରାଉତ, ପି- ଭିକାରି ରାଉତ, ଜା- ଖଣ୍ଡାୟତ, ବା- ନିଜଗାଁ । | ୮୦୧ | ଶାରଦ - ୩ | ୦.୨୬ | ୦.୦୩ |
| | | | ୧୦୬୭ | ଶାରଦ - ୩ | ୦.୨୩ | ୦.୨୩ |
| ୧୦ | ୭୪ | ଗଙ୍ଗାଧର ସାହୁ, ପି- ଦନେଇ ସାହୁ, ଜା- ତେଲି, ବା- ବେଲବାହାଳି । | ୯୦୯ | ଶାରଦ - ୩ | ୦.୦୮ | ୦.୦୧ |
| | | | ୯୩୩ | ଶାରଦ - ୩ | ୦.୨୯ | ୦.୦୪ |
| ୧୧ | ୯୪ | ଗୌରାଙ୍ଗ ସାହୁ, ପି- ଭଗବାନ ସାହୁ, ଜା- ତେଲି, ବା- ନିଜଗାଁ | ୧୧୦୬ | ବଜେଫସଲ- ୧ | ୦.୧୧ | ୦.୦୧ |
| ୧୨ | ୧୦୮ | ଚାରୁ ସା, ସ୍ୱା- ବିମ୍ବାଧର ସା, କରୁଣୁ ସା, ମଧୁ ସା, ପି- ଦିନେଇ ସା, ଜା- ଚଷା, ବା- ନିଜଗାଁ । | ୯୦୬ | ଶାରଦ - ୩ | ୦.୦୯୫ | ୦.୦୯୫ |
| ୧୩ | ୧୦୯ | ଚାନ୍ଦ ମହାନ୍ତି, ସ୍ୱା- ସିଦ୍ଧ ମହାନ୍ତି, ଜାତି- ଖଣ୍ଡାୟତ, ବା- ନିଜଗାଁ । | ୧୦୬୮ | ଶାରଦ - ୩ | ୦.୪୩ | ୦.୩୮ |
| ୧୪ | ୧୧୭ | ଚୁଇଁ ଜେନା, ପି- ଫକିର ଜେନା, ରଙ୍ଗାଧର ଜେନା, ପି- ସମ୍ଭୁ ଜେନା, ରତ୍ନାକର ଜେନା, ପି- ଶାମ ଜେନା, ଜା- ଖଣ୍ଡାୟତ, ବା- ନାଉକଣା । | ୧୭୮୭ | ଶାରଦ - ୧ | ୦.୫୨ | ୦.୫୨ |
| ୧୫ | ୧୩୬ | ଜମ୍ବୁ ଓଝା, ସନୁ ଓଝା, ବାଇନ ଓଝା, ପି- ଗଇ ଓଝା, ସାର ଦାସ, ପି- ବୁଲା ଓଝା, ବା- ଶାଳବଣି, ଚକ୍ରଧର ଓଝା, ଟିମ ଓଝା, ମିନି ଓଝା, କୁନ୍ତଳା ଓଝା, ପି- ଦାମ ଓଝା, ଶୁକ ଓଝା, ସ୍ୱା- ଦାମ ଓଝା, ବୈକୁଣ୍ଠ ଓଝା, ସାଗର ଓଝା, ପି- କାଳି ଓଝା, ବାବାଜି ଓଝା, ପି- ବଇ ଓଝା, ଜା- ତନ୍ତି, ବା- ଟୋଲଙ୍କପଡା । | ୭୦୯ | ଶାରଦ - ୨ | ୦.୦୫ | ୦.୦୫ |
| | | | ୭୧୦ | ଶାରଦ - ୨ | ୦.୦୪ | ୦.୦୪ |
| | | | ୭୧୫ | ଶାରଦ - ୨ | ୦.୧୧ | ୦.୧୧ |
| | | | ୭୧୭ | ଶାରଦ - ୨ | ୦.୧୭ | ୦.୧୭ |
| | | | ୭୧୯ | ଶାରଦ - ୨ | ୦.୦୮ | ୦.୦୩ |
| | | | ୭୨୦ | ଶାରଦ - ୨ | ୦.୦୭ | ୦.୦୭ |
| | | | ୭୨୨ | ଶାରଦ - ୨ | ୦.୧୧ | ୦.୧୧ |
| | | | ୭୨୩ | ଶାରଦ - ୨ | ୦.୦୮ | ୦.୦୮ |
| | | | ୭୨୫ | ଶାରଦ - ୨ | ୦.୦୪ | ୦.୦୪ |
| | | | ୭୩୧ | ଶାରଦ - ୨ | ୦.୨୪ | ୦.୦୪ |
| | | | ୭୬୪ | ଶାରଦ - ୨ | ୦.୧୨ | ୦.୧୨ |
| | | | ୭୬୫ | ଶାରଦ - ୨ | ୦.୩୨ | ୦.୧୮ |
| | | | ୭୬୬ | ଶାରଦ - ୨ | ୦.୦୬ | ୦.୦୬ |
| | | | ୭୭୭ | ଶାରଦ - ୨ | ୦.୧୨ | ୦.୧୨ |
| | | | ୭୭୮ | ଶାରଦ - ୨ | ୦.୧୨ | ୦.୧୨ |
| | | | ୭୭୯ | ଶାରଦ - ୨ | ୦.୦୮ | ୦.୦୩ |
| | | | ୭୮୨ | ଶାରଦ - ୨ | ୦.୦୯ | ୦.୦୯ |
| | | | ୭୮୩ | ଶାରଦ - ୨ | ୦.୦୮ | ୦.୦୬ |
| ୧୬ | ୧୪୩ | କୁଯେଇ ସାହୁ, ପି- ମାଧ ସାହୁ, ଜା- ତେଲି, ବା- ବେଲବାହାଳି । | ୩୦୧ | ଶାରଦ - ୨ | ୦.୦୫ | ୦.୦୫ |
| | | | ୩୦୫ | ଶାରଦ - ୨ | ୦.୨୨ | ୦.୨୨ |
| ୧୭ | ୧୪୪ | ଯୁଧିଷ୍ଠିର ସାହୁ, ପି- ଫଗୁ ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୨୯୫ | ଶାରଦ - ୨ | ୦.୩୪ | ୦.୦୩ |
| ୧୮ | ୧୫୮ | ଦାସ ସାହୁ, ପି- ଗୌର ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୭୧୩ | ଶାରଦ - ୨ | ୦.୫୨ | ୦.୧୦ |
| | | | ୭୮୭ | ଶାରଦ - ୨ | ୦.୩୩ | ୦.୦୧ |
| ୧୯ | ୧୯୫ | ଧନେଶ୍ୱର ପତି, ପି- ଚନ୍ଦ୍ରମଣି ପତି, ଜା- ବ୍ରାହ୍ମଣ, ବା- ନିଜଗାଁ । | ୩୪୧ | ଶାରଦ - ୧ | ୦.୧୮ | ୦.୦୪ |
| | | | ୭୯୯ | ଶାରଦ - ୨ | ୦.୬୬ | ୦.୦୫ |
| | | | ୮୮୪ | ଶାରଦ - ୩ | ୦.୫୬ | ୦.୦୯ |
| | | | ୯୦୭ | ଶାରଦ - ୩ | ୦.୬୫ | ୦.୬୩ |
| | | | ୧୧୦୨ | ଶାରଦ - ୩ | ୦.୧୩ | ୦.୧୩ |
| ୨୦ | ୨୦୧ | ନକୁଳ ସାହୁ, ପି- ଦରି ସାହୁ, ଅନନ୍ତ ଚରଣ ସାହୁ, ପି- ନକୁଳ ସାହୁ, କୃଷ୍ଣ ସାହୁ, ପି- ଅନନ୍ତ ସାହୁ, ଦରି ସାହୁ, ପି- ହରି ସାହୁ, ଜା- ତେଲି, ବା- ବେଲବାହାଳି । | ୧୭୮୮ | ଶାରଦ - ୧ | ୦.୧୧ | ୦.୧୧ |
| | | | ୧୭୯୮ | ଶାରଦ - ୧ | ୦.୨୧ | ୦.୧୬ |
| ୨୧ | ୨୦୯ | ନବ କିଶୋର ପଣ୍ଡା, ପି- କୁଶୁନ ପଣ୍ଡା, ଜା- ବ୍ରାହ୍ମଣ, ବା- ମଙ୍ଗଳପୁର । | ୯୧୨ | ଶାରଦ - ୩ | ୦.୧୦ | ୦.୧୦ |
| | | | ୯୧୫ | ଶାରଦ - ୨ | ୦.୧୩ | ୦.୦୧ |
| ୨୨ | ୨୨୬ | ନାରାୟଣ ରାଉତ, ପି- କୃଷ୍ଣ ରାଉତ, ଜା- ଖଣ୍ଡାୟତ, ବା- ନିଜଗାଁ । | ୧୦୬୭/ ୨୦୧୫ | ଶାରଦ - ୩ | ୦.୧୨ | ୦.୧୨ |
| ୨୩ | ୨୩୨ | ନିଳମଣି ତ୍ରିପାଠୀ, ବୈକୁଣ୍ଠ ତ୍ରିପାଠୀ, ରବିନ୍ଦ୍ର ତ୍ରିପାଠୀ, ଅର୍ଣ୍ଣପୂର୍ଣ୍ଣା ତ୍ରିପାଠୀ, ପି- କୃପା ତ୍ରିପାଠୀ, ପାର୍ବତୀ ତ୍ରିପାଠୀ, ସ୍ୱା – କୃପାସିନ୍ଧୁ ତ୍ରିପାଠୀ, ବାବାଜି ତ୍ରିପାଠୀ, ପି- ଜଗବନ୍ଧୁ ତ୍ରିପାଠୀ, ବୈଦେହି ତ୍ରିପାଠୀ, ସ୍ୱା- ରଙ୍ଗାଧର ତ୍ରିପାଠୀ, ରଙ୍ଗନାଥ ତ୍ରିପାଠୀ, ପି- ପଦନ ତ୍ରିପାଠୀ, ନାରାୟଣ ତ୍ରିପାଠୀ, ପି- ପ୍ରଭାକର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପି- ହଳଧର ତ୍ରିପାଠୀ, ଘନଶ୍ୟାମ ତ୍ରିପାଠୀ, ଭାସ୍କର ତ୍ରିପାଠୀ, ଲକ୍ଷ୍ମଣ ତ୍ରିପାଠୀ, ରତ୍ନାକର ତ୍ରିପାଠୀ, ପି- ରଙ୍ଗାଧର ତ୍ରିପାଠୀ, କୋଇଲି ଦେବୀ, କନକ ଦେବୀ, ପି- ବଂଶୀଧର ତ୍ରିପାଠୀ, ନଟବର ତ୍ରିପାଠୀ, କାଙ୍ଗାଳି ତ୍ରିପାଠୀ, ପି- ଦିବାକର ତ୍ରିପାଠୀ, ଜା- ବ୍ରାହ୍ମଣ, ବା- ନାଉକଣା । | ୧୧୭୫ | ଶାରଦ - ୧ | ୧.୮୪ | ୦.୧୫ |
| | | | ୧୭୭୭ | ଶାରଦ - ୧ | ୨.୦୦ | ୦.୦୨ |
| ୨୪ | ୨୪୦ | ପାରା ସାହୁ, ପି- ହରି ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୬୨୫ | ଶାରଦ - ୨ | ୧.୧୯ | ୦.୦୭ |
| | | | ୭୬୦ | ଶାରଦ - ୨ | ୦.୦୪ | ୦.୦୪ |
| | | | ୭୬୯ | ଶାରଦ - ୨ | ୦.୬୯ | ୦.୨୦ |
| ୨୫ | ୨୫୯ | ବନମାଳି ନାୟକ, ପି- ସୁଦର୍ଶନ ନାୟକ, ଜା- ଜ୍ୟୋତିଷ, ବା- ଟୋଲଙ୍କପଡା । | ୬୯୩ | ଶାରଦ - ୨ | ୦.୨୦ | ୦.୦୫ |
| | | | ୭୦୪ | ଶାରଦ - ୨ | ୦.୦୨ | ୦.୦୧ |
| | | | ୭୨୯ | ଶାରଦ - ୨ | ୦.୧୬ | ୦.୧୬ |
| ୨୬ | ୨୬୯ | ବାଇଧର ସା, ପି- ଚିନ୍ତାମଣି ସା, କାଳନ୍ଦୀ ସା, ପି- ଚୈତନ୍ୟ ସା, ଜା- ଚଷା, ବା- ନିଜଗାଁ । | ୯୦୫ | ଶାରଦ - ୩ | ୦.୩୨ | ୦.୦୭ |
| ୨୭ | ୨୮୦ | ବାବାଜି ପଣ୍ଡା, ବେଣୁଧର ପଣ୍ଡା, ପି- ଅନନ୍ତ ପଣ୍ଡା, ଜା- ବ୍ରାହ୍ମଣ, ବା- ମଙ୍ଗଳପୁର । | ୭୭୩ | ଶାରଦ - ୨ | ୦.୨୦ | ୦.୨୦ |
| ୨୮ | ୨୮୫ | ବାଂଛାନିଧି ସାହୁ, ପି- ଭଗି ସାହୁ, ଜା- ତେଲି, ବା- ଭଗାନଇ । | ୩୩୯ | ଶାରଦ - ୧ | ୦.୬୫ | ୦.୩୩ |
| ୨୯ | ୨୮୮ | ବାୟାଣି ସାହୁ, ପି- ନଣ୍ଡେଇ ସାହୁ, ଜା- ତେଲି, ବା- ବେଲବାହାଳି । | ୩୨୧ | ଶାରଦ - ୨ | ୦.୪୦ | ୦.୦୧ |
| ୩୦ | ୨୮୯ | ବିକଳ ସାହୁ, ପି- କ୍ଷେଣ୍ଠ ସାହୁ, ଜା- ତେଲି, ବା- ନିଜଗାଁ । | ୧୧୦୮ | ବାଜେଫସଲ -୧ | ୦.୩୬ | ୦.୦୧ |
| | | | ୧୦୬୬/ ୧୯୭୪ | ଶାରଦ - ୧ | ୦.୧୨ | ୦.୧୨ |
| ୩୧ | ୨୯୧ | ବୃନ୍ଦାବନ ମାଝି, ପି- କାଳି ମାଝି, ଜା- କେଉଟ, ବା- ନିଜଗାଁ । | ୭୭୪ | ଶାରଦ - ୨ | ୦.୪୮ | ୦.୪୮ |
| ୩୨ | ୩୦୨ | ବୈଦେହି ପଣ୍ଡା, ସ୍ୱା- ଦାମ ପଣ୍ଡା, ଅନନ୍ତ ପଣ୍ଡା, ନରହରି ପଣ୍ଡା, ଚୈତନ୍ୟ ପଣ୍ଡା, ପି- କୁସନ ପଣ୍ଡା, ଜା- ବ୍ରାହ୍ମଣ, ବା- ମଙ୍ଗଳପୁର । | ୧୦୬୬ | ଶାରଦ - ୧ | ୦.୧୧ | ୦.୧୧ |
| | | | ୭୭୩/ ୧୯୦୨ | ଶାରଦ - ୨ | ୦.୦୫ | ୦.୦୫ |
| ୩୩ | ୩୦୯ | ଭାଗବତ ପ୍ରସାଦ ନାୟକ, ପି- ବଳଭଦ୍ର ନାୟକ, ଜା- ଜ୍ୟୋତିଷ, ବା- ଟୋଲଙ୍କପଡା । | ୬୯୫ | ଶାରଦ - ୨ | ୦.୧୬ | ୦.୧୬ |
| | | | ୬୯୯ | ଶାରଦ - ୨ | ୦.୩୦ | ୦.୧୮ |
| | | | ୭୩୪ | ଶାରଦ - ୨ | ୦.୧୧ | ୦.୦୬ |
| | | | ୭୪୦ | ଶାରଦ - ୨ | ୦.୦୬ | ୦.୦୧ |
| | | | ୭୪୬ | ଶାରଦ - ୨ | ୦.୦୯ | ୦.୦୬୩ |
| ୩୪ | ୩୧୯ | ମଣି ବେହେରା, ପି- ଜଗା ବେହେରା, ଗଣି ବେହେରା, ସନାତନ ବେହେରା, କାହ୍ନୁ ବେହେରା, ପି- କୃପା ବେହେରା, ଚଡେଇ ବେହେରା, ପି- ରତନ ବେହେରା, ଜା- ଖଣ୍ଡୁଆଳ, ବା- ନିଜଗାଁ । | ୧୦୫୬ | ଘରବାରି | ୦.୧୧ | ୦.୧୧ |
| ୩୫ | ୩୨୦ | ମଉଡ ଦାସ, ପି- ଚନ୍ଦ୍ର ଦାସ, ଜା- ତନ୍ତୀ, ବା – ମଙ୍ଗଳପୁର । | ୭୦୭ | ଶାରଦ - ୨ | ୦.୦୭ | ୦.୦୭ |
| | | | ୭୨୬ | ଶାରଦ - ୨ | ୦.୧୨ | ୦.୧୨ |
| ୩୬ | ୩୨୫ | ମନ୍ଦର ଦାସ, ପି- ଦଇ ଦାସ, ଜା- ତନ୍ତୀ, ବା- ମଙ୍ଗଳପୁର । | ୭୭୫ | ଶାରଦ - ୨ | ୦.୦୭ | ୦.୦୭ |
| | | | ୭୮୧ | ଶାରଦ - ୨ | ୦.୦୪ | ୦.୦୧ |
| ୩୭ | ୩୨୬ | ମାୟାଧର ପଣ୍ଡା, ବଂଶିଧର ପଣ୍ଡା, ରବିନ୍ଦ୍ର ପଣ୍ଡା, ପି- ନଟବର ପଣ୍ଡା, ଅପର୍ତି ପଣ୍ଡା, ସ୍ୱା- ନଟବର ପଣ୍ଡା, କରୁଣାକର ପଣ୍ଡା, ପି- ବାସୁଦେବ ପଣ୍ଡା, ଜା- ବ୍ରାହ୍ମଣ, ବା- ମଙ୍ଗଳପୁର । | ୧୦୫୫ | ଶାରଦ - ୨ | ୦.୦୯ | ୦.୦୧ |
| | | | ୧୦୫୭ | ଶାରଦ - ୨ | ୦.୦୮ | ୦.୦୮ |
| | | | ୧୦୫୯ | ଶାରଦ - ୧ | ୦.୧୪ | ୦.୧୪ |
| ୩୮ | ୩୫୩ | ରଜନୀ ନାୟକ, ସ୍ୱା- କୃଷ୍ଣ ନାୟକ, ନବଘନ ନାୟକ, ଶଙ୍କର୍ଷଣ ନାୟକ, ଫକିର ନାୟକ, ପି- ଅନନ୍ତ ନାୟକ, ଜା- ଖଣ୍ଡୁଆଳ, ବା- ନିଜଗାଁ । | ୧୦୬୯ | ଶାରଦ - ୩ | ୦.୧୮ | ୦.୦୨ |
| ୩୯ | ୩୫୭ | ରାଧା ସାହୁ, ପି- ମଧୁ ସାହୁ, କୁଞ୍ଜ ସାହୁ, ସ୍ୱା- ମଧୁ ସାହୁ, ପଞ୍ଚୁ ସାହୁ, ପି- ଗୋବର୍ଦ୍ଧନ ସାହୁ, ଜା- ତେଲି, ବା- ନିଜଗାଁ । | ୧୧୦୫ | ବାଜେଫସଲ-୧ | ୦.୧୯୫ | ୦.୧୫ |
| ୪୦ | ୩୫୯ | ଋଷି ଦାଶ, ପି- ନଟ ଦାଶ, ଜା- ବ୍ରାହ୍ମଣ, ବା- ଟୋଲଙ୍କପଡା । | ୯୧୬ | ଶାରଦ - ୨ | ୦.୧୨ | ୦.୦୫ |
| ୪୧ | ୩୬୬ | ଲକ୍ଷ୍ମୀଧର ପଟ୍ଟନାୟକ, ବିରବର ପଟ୍ଟନାୟକ, ନିଶାକର ପଟ୍ଟନାୟକ, ପି- ବାସୁଦେବ ପଟ୍ଟନାୟକ, ଜା- କରଣ, ବା- ନିଜଗାଁ । | ୧୦୫୮ | ଶାରଦ - ୧ | ୦.୪୨ | ୦.୨୦ |
| | | | ୧୦୬୩ | ଶାରଦ - ୧ | ୦.୧୮ | ୦.୧୮ |
| | | | ୧୦୬୪ | ଶାରଦ - ୧ | ୦.୧୦ | ୦.୦୨ |
| | | | ୧୦୬୫ | ଶାରଦ - ୧ | ୦.୨୯ | ୦.୨୯ |
| ୪୨ | ୩୭୦ | ଶତ୍ରୁଘ୍ନ ସାହୁ, ପି- ଗୁଞ୍ଜର ସାହୁ, ଜା- ତେଲି, ବା- ବେଲବାହାଳି । | ୩୦୦ | ଶାରଦ - ୨ | ୦.୦୬ | ୦.୦୬ |
| | | | ୩୦୨ | ଶାରଦ - ୨ | ୦.୧୯ | ୦.୧୯ |
| | | | ୩୦୪ | ଶାରଦ - ୨ | ୦.୧୬ | ୦.୧୬ |
| | | | ୩୦୬ | ଶାରଦ - ୨ | ୦.୧୫ | ୦.୦୨ |
| ୪୩ | ୩୭୯ | ସମ୍ଭୁ ଦାସ, ପି- ଦରି ଦାସ, ଜା- ତନ୍ତୀ, ବା- ମଙ୍ଗଳପୁରା । | ୭୨୭ | ଶାରଦ - ୨ | ୦.୦୪ | ୦.୦୪ |
| | | | ୭୩୦ | ଶାରଦ - ୨ | ୦.୦୬ | ୦.୦୬ |
| ୪୪ | ୩୮୩ | ସଂସା ପାତ୍ର, ପି- ଅଙ୍କୁର ପାତ୍ର, ଜା- ପାଣ, ବା- ବାମ୍ଭିଡି । | ୬୯୮ | ଶାରଦ - ୨ | ୦.୦୬ | ୦.୦୬ |
| | | | ୭୦୦ | ଶାରଦ - ୨ | ୦.୧୩ | ୦.୦୬ |
| ୪୫ | ୩୯୩ | ସୂର୍ଯ୍ୟମଣି ଦାସ, ପି- ହରିହର ଦାସ, ଜା- ବ୍ରାହ୍ମଣ, ବା- ଟୋଲଙ୍କପଡା । | ୯୩୪ | ଶାରଦ - ୩ | ୦.୧୯ | ୦.୦୧ |
| ୪୬ | ୪୦୨ | ହରି ବାରିକ, ବାଇଧର ବାରିକ, ଧନି ବାରିକ, ପାଣ୍ଡୁ ବାରିକ, ପି- ଭିକାରି ବାରିକ, ଜା- ଗୋପାଳ, ବା- ଟୋଲଙ୍କପଡା । | ୩୧୦ | ଶାରଦ - ୨ | ୧.୩୦ | ୦.୭୦ |
| ୪୭ | ୪୦୩ | ହରି ଦାସ, ପି- ଭାବ ଦାସ, ଜା- ତନ୍ତି, ବା- ମଙ୍ଗଳପୁର, ଜବର ଦଖଲ ମନ୍ଦର ଦାସ, ପି- ଦଇ ଦାସ, ଜା- ତନ୍ତୀ, ବା- ମଙ୍ଗଳପୁର, ସ୍ନ- ୧୯୬୫ ଠାରୁ ବା | ୭୧୬ | ଶାରଦ - ୨ | ୦.୧୦ | ୦.୧୦ |
| | | | ୭୧୮ | ଶାରଦ - ୨ | ୦.୧୦ | ୦.୧୦ |
| | | | ୭୨୪ | ଶାରଦ - ୨ | ୦.୦୪ | ୦.୦୪ |
| ୪୮ | ୪୧୧ | ହାଡିବନ୍ଧୁ ସାହୁ, ଗୟାଧର ସାହୁ, ପି- ସେଣ୍ଢ ସାହୁ, ଜା- ତେଲି, ବା- ବେଲବାହାଳି । | ୧୭୯୨ | ଶାରଦ - ୧ | ୦.୩୬ | ୦.୦୧ |
| | | | ୧୭୯୫ | ଶାରଦ - ୧ | ୦.୩୩ | ୦.୧୦ |
| ୪୯ | ୪୧୭/ ୨୭ | ସାଗର ଓଝା, ପି- କାଳି ଓଝା, ଜା- ଗୋଲା ତନ୍ତୀ, ବା- ଟୋଲକପଡା । | ୭୦୮ | ଶାରଦ - ୨ | ୦.୦୮ | ୦.୦୮ |
| | | | ୭୧୨ | ଶାରଦ - ୨ | ୦.୦୭ | ୦.୦୭ |
| | | | ୭୨୧ | ଶାରଦ - ୨ | ୦.୦୮ | ୦.୦୮ |
| ୫୦ | ୪୧୭/ ୩୨ | ମଣି ସାହୁ, ପି- ବାସୁ ସାହୁ, ଜା- ତେଲି, ବା- ବେଲବାହାଳି । | ୧୮୦୪/ ୨୦୫୩ | ଶାରଦ-୧ | ୦.୫୫ | ୦.୩୪ |
| ୫୧ | ୪୧୭/ ୩୪ | ଶ୍ରୀ ଦୈତାରି ଚରଣ ପଣ୍ଡା, ପି- ନେତ୍ରା ପଣ୍ଡା, ଜା- ବ୍ରାହ୍ମଣ, ବା- ଟୋଲଙ୍କପଡା । | ୧୬୭୮/ ୨୦୪୫ | ଘରବାରି | ୧.୦୦ | ୦.୧୨ |
| ୫୨ | ୪୧୭/ ୩୭ | ଶ୍ରୀମତୀ ଝୁମଲତା ସାହୁ, ସ୍ୱା- ସୁଦାମ ଚରଣ ସାହୁ, ଜା- ତେଲି, ବା- ବେଲବାହାଳି । | ୬୮୪ | ଶାରଦ - ୨ | ୦.୩୪ | ୦.୦୪ |
| | | | ୬୮୫/ ୨୦୬୦ | ଶାରଦ - ୨ | ୦.୭୪ | ୦.୦୩ |
| ୫୩ | ୪୧୭/ ୬୬ | ଶ୍ରୀ କିର୍ତନ ବିହାରି ମହାରଣା, ରଘୁନାଥ ମହାରଣା, ପି- ଘନ ମହାରଣା, ଜା- କମାର, ବା- ଟୋଲଙ୍କପଡା । | ୭୬୦/ ୨୦୯୮ | ଶାରଦ - ୨ | ୦.୩୦ | ୦.୨୬ |
| ୫୪ | ୪୧୭/ ୬୮ | ଲକ୍ଷ୍ମୀଧର ସାହୁ, ଲମ୍ବୋଧର ସାହୁ, ପି- ଚିତନ୍ୟ ସାହୁ, ଜାତି- ତେଲି, ବା- ଟୋଲଙ୍କପଡା । | ୯୦୮ | ଶାରଦ - ୩ | ୦.୩୫ | ୦.୧୭ |
| ୫୫ | ୪୧୭/ ୭୩ | ରମେଶ ଚନ୍ଦ୍ର ଦାଶ, ସୁରେଶ ଚନ୍ଦ୍ର ଦାଶ, ପି- ଋଷି ଦାଶ, ଜା- ବ୍ରାହ୍ମଣ, ବା- ହସନପୁର । | ୬୯୪ | ଶାରଦ - ୨ | ୦.୦୮ | ୦.୦୮ |
| | | | ୭୪୩ | ଶାରଦ - ୨ | ୦.୦୮ | ୦.୦୮ |
| | | | ୭୩୦/ ୨୧୧୧ | ଶାରଦ - ୨ | ୦.୦୮ | ୦.୦୮ |
| ୫୬ | ୪୧୭/ ୭୪ | ବୈକୁଣ୍ଠନାଥ ଓଝା, ପି- କାଳନ୍ଦି ଓଝା, ଜା- ଗୋଲାତନ୍ତୀ, ବା- ଟୋଲଙ୍କପଡା । | ୭୦୬ | ଶାରଦ - ୨ | ୦.୧୧ | ୦.୧୧ |
| | | | ୭୨୮ | ଶାରଦ - ୨ | ୦.୦୪ | ୦.୦୪ |
| | | | ୭୬୨ | ଶାରଦ - ୨ | ୦.୭୩ | ୦.୪୬ |
| ୫୭ | ୪୧୭/ ୭୫ | ଭିମସେନ ସାହୁ, ପି- ଦିନବନ୍ଧୁ ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୭୦୫/ ୨୧୧୩ | ଶାରଦ - ୨ | ୦.୦୫ | ୦.୦୫ |
| ୫୮ | ୪୧୭/ ୯୬ | ସଂଧାରାଣୀ ସାହୁ, ସ୍ୱା- ଚୈତନ୍ୟ ଚରଣ ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୭୪୪ | ଶାରଦ - ୨ | ୦.୨୯ | ୦.୨୯ |
| | | | ୭୪୫ | ଶାରଦ - ୨ | ୦.୧୧ | ୦.୦୭ |
| ୫୯ | ୪୧୭/ ୧୧୪ | ରମେଶ ଚନ୍ଦ୍ର ସାହୁ, ପି-ଲକ୍ଷ୍ମଣ ସାହୁ, ଜା- ତେଲି, ବା- ହସନପୁର । | ୧୧୦୫/ ୨୩୦୮ | ବାଜେଫସଲ-୧ | ୦.୦୯୫ | ୦.୦୭ |
| | | | ୧୧୦୫/ ୨୦୧୭ | ବାଜେଫସଲ-୧ | ୦.୦୪ | ୦.୦୧ |
| | | | ୧୧୦୫/ ୨୩୨୦ | ବାଜେଫସଲ-୧ | ୦.୦୨ | ୦.୦୨ |
| ୬୦ | ୪୧୭/ ୧୨୮ | ବିଜୟାନନ୍ଦ ଜେନା, ପି- ଉମାକାନ୍ତ ଜେନା, ଜା- ଖଣ୍ଡାୟତ, ବା- ନାଉକଣା । | ୧୭୯୦ | ଶାରଦ - ୧ | ୦.୧୦ | ୦.୦୪ |
| | | | ୧୭୯୮/ ୨୧୬୮ | ଶାରଦ - ୧ | ୦.୨୨ | ୦.୨୨ |
| ୬୧ | ୪୧୭/ ୧୪୭ | ଶୁଶାନ୍ତ କୁମାର ପାଣି, ପି- ଶଙ୍କର୍ଷଣ ପାଣି, ଜା- ବ୍ରାହ୍ମଣ, ବା- ହସନପୁର । | ୭୦୫ | ଶାରଦ - ୨ | ୦.୦୫ | ୦.୦୫ |
| | | | ୭୩୨ | ଶାରଦ - ୨ | ୦.୧୬ | ୦.୦୨ |
| | | | ୭୪୧ | ଶାରଦ - ୨ | ୦.୨୯ | ୦.୧୩ |
| ୬୨ | ୪୧୭/ ୧୫୦ | ଶୁଶାନ୍ତ କୁମାର ପାଣି, ପି- ଶଙ୍କର୍ଷଣ ପାଣି, ଜା- ବ୍ରାହ୍ମଣ, ବା- ହସନପୁର । | ୧୮୦୬ | ଘରବାରି | ୦.୧୬ | ୦.୦୨ |
| ୬୩ | ୪୧୭/ ୧୭୪ | ଶତୃଘ୍ନ ସାହୁ, ପି- ଗୁଞ୍ଜର ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୩୦୩ | ଶାରଦ - ୨ | ୦.୧୫ | ୦.୧୫ |
| ୬୪ | ୪୧୭/ ୧୮୦ | ସରୋଜିନି ସାହୁ, ସ୍ୱା- ହରିହର ସାହୁ, ଜା- ତେଲି, ବା- ବେଲବାହାଳି । | ୭୭୨ | ଶାରଦ - ୨ | ୦.୪୧ | ୦.୨୪ |
| ୬୫ | ୪୧୭/ ୧୮୬ | ଭାଗିରଥି ଓଝା, ଦାଶରଥି ଓଝା, ବିପିନି ବିହାରୀ ଓଝା, ପି- ଦନେଇ ଓଝା, ଜା- କମାର, ବା- ଟୋଲଙ୍କପଡା । | ୯୧୦ | ଶାରଦ - ୩ | ୦.୦୫ | ୦.୦୧ |
| ୬୬ | ୪୧୭/ ୧୯୦ | ଶରତ କୁମାର ମହାରଣା, ପି- ଧରଣିଧର ମହାରଣା, ଜା- କମାର, ବା- ଟୋଲଙ୍କପଡା । | ୭୮୬ | ଶାରଦ - ୨ | ୦.୨୬ | ୦.୦୪ |
| ୬୭ | ୪୧୭/ ୧୯୬ | ଋଷି ଦାଶ, ପି- ନଟବର ଦାଶ, ଜା- ବ୍ରାହ୍ମଣ, ବା- ହସନପୁର । | ୭୧୧ | ଶାରଦ - ୨ | ୦.୦୪ | ୦.୦୪ |
| | | | ୭୧୪ | ଶାରଦ - ୨ | ୦.୧୦ | ୦.୧୦ |
| | | | ୭୬୮/ ୨୨୫୧ | ଶାରଦ - ୨ | ୦.୨୦ | ୦.୦୬ |
| ୬୮ | ୪୧୭/ ୨୦୬ | କିର୍ତନ ବିହାରୀ ମହାରଣା, ପି- ଘନ ମହାରଣା, ଜା- କମାର, ବା- ଟୋଲଙ୍କପଡା । | ୭୩୩ | ଶାରଦ - ୨ | ୦.୦୪ | ୦.୦୪ |
| | | | ୭୩୭ | ଶାରଦ - ୨ | ୦.୨୪ | ୦.୧୩ |
| | | | ୭୪୨ | ଶାରଦ - ୨ | ୦.୦୬ | ୦.୦୬ |
| ୬୯ | ୪୧୭/ ୨୨୮ | ପ୍ରଦିପ ଦାସ, ଦେବେନ୍ଦ୍ର ଦାସ, ସୁରେନ୍ଦ୍ର ଦାସ, ପି- ଯୋଗେନ୍ଦ୍ର ଦାସ, ଜା- ତନ୍ତୀ, ବା- ହସନପୁର । | ୧୧୦୫/ ୨୨୯୮ | ବାଜେଫସଲ-୧ | ୦.୦୯ | ୦.୦୯ |
| ୭୦ | ୪୧୭/ ୨୪୦ | କୁମୁଦିନି ଦାଶ, ସ୍ୱା- ରମେଶ ଚନ୍ଦ୍ର ଦାଶ, ପ୍ରଭାତି ଶତପଥି, ସ୍ୱା- ସୁରେଶ ଦାଶ, ଜା- ବ୍ରାହ୍ମଣ, ବା- ହସନପୁର । | ୧୮୦୨/ ୨୨୩୫ | ଶାରଦ - ୧ | ୦.୧୨୩ | ୦.୧୨୩ |
| ୭୧ | ୪୧୭/ ୨୪୭ | ନିଳମଣି ସାହୁ, ପି- ଅନନ୍ତ ସାହୁ, ଜା- ତେଲି, ବା- ହସନପୁର । | ୧୧୦୫/ ୨୩୩୨ | ବାଜେଫସଲ-୧ | ୦.୦୩ | ୦.୦୩ |
| ୭୨ | ୪୧୭/ ୨୪୯ | ଗିରିଧାରି ସାହୁ, ପି- ମଦନ ସାହୁ, ଜା- ତେଲି, ବା- ହସନପୁର । | ୧୧୦୫/ ୨୩୩୩ | ବାଜେଫସଲ-୧ | ୦.୨୦ | ୦.୦୭ |
| ୭୩ | ୪୧୭/ ୨୫୩ | ଶରତ ଚନ୍ଦ୍ର ସାହୁ, ପି- ମଦନ ସାହୁ, ଜା- ତେଲି, ବା- ହସନପୁର । | ୧୧୦୫/ ୨୩୩୮ | ବାଜେଫସଲ-୧ | ୦.୦୯ | ୦.୦୯ |
| ୭୪ | ୪୧୭/ ୨୬୪ | ସୁବ୍ରତ କୁମାର ସାମଲ, ପି- ଶରତ ସାମଲ, ଜା- ଖଣ୍ଡାୟତ, ବା- ଅଳତୀ । | ୧୮୦୨/ ୨୩୪୬ | ଶାରଦ - ୧ | ୦.୧୨ | ୦.୧୨ |
| ୭୫ | ୪୧୭/ ୨୭୦ | ବାବାଜି ଚରଣ ସାହୁ, ନରହରି ସାହୁ, ପି- ବିକଳ ସାହୁ, ଜା- ତେଲି, ବା- ନିଜଗାଁ । | ୯୦୬/ ୨୩୫୧ | ଶାରଦ - ୩ | ୦.୦୮ | ୦.୦୮ |
| ୭୬ | ୪୧୭/ ୨୭୫ | ସାଗର ଓଝା, ପି- କାଳି ଓଝା, ଜା – ଗୋଲାତନ୍ତୀ, ବା- ଟୋଲଙ୍କପଡା । | ୭୨୫/ ୨୩୬୦ | ଶାରଦ - ୨ | ୦.୨୫ | ୦.୦୧ |
| | | | ୭୬୩ | ଶାରଦ - ୨ | ୦.୧୨ | ୦.୧୨ |
| | | | ୭୬୮/ ୨୩୬୩ | ଶାରଦ - ୨ | ୦.୦୮୫ | ୦.୦୮୫ |
| ୭୭ | ୪୧୭/ ୨୭୮ | କହ୍ନେଇ ଚରଣ ସା, ପି- ମୁରଲିଧର ସା, ଜା- ଖଣ୍ଡାୟତ, ବା- ଲାଉକଣା । | ୧୭୮୫ | ବାଜେଫସଲ-୧ | ୦.୪୬ | ୦.୦୨ |
| ୭୮ | ୪୧୭/ ୨୯୪ | ରବିନ୍ଦ୍ର କୁମାର ଶତପଥି, ପି- ରଘୁନାଥ ଶତପଥି, ଜା- ବ୍ରାହ୍ମଣ, ବା – ମଙ୍ଗଳପୁର । | ୯୧୩/ ୨୩୮୧ | ଶାରଦ - ୨ | ୦.୦୭୫ | ୦.୦୭୫ |
| ୭୯ | ୪୧୭/ ୩୦୧ | କାନନ ବାଳା ସାହୁ, ସ୍ୱା- ପଦ୍ମଲୋଚନ ସାହୁ, ଜା- ତେଲି, ବା- ବେଲବାହାଳି । | ୧୮୦୨/ ୨୪୦୩ | ଶାରଦ - ୧ | ୦.୧୨୪ | ୦.୦୬ |
| | | | | | ୩୭.୦୮ | ୧୬.୯୮୪ |
| **ଗୋଚର ପ୍ରତିବନ୍ଦକ** | | | | | | |
| ୮୦ | ୧୦୫ | ଚଡେଇ ସାହୁ, ପି- ରତନ ସାହୁ, ଦୈତାରି ବେହେରା, ପି- କ୍ଷେତ୍ର ବେହେରା, ଜା- କୁମ୍ଭାର, ବା- ଟୋଲଙ୍କପଡା । | ୧୭୦୬ | ଶାରଦ - ୨ | ୦.୧୧ | ୦.୧୧ |
| ୮୧ | ୧୪୪ | ଯୁଧିଷ୍ଠିର ସାହୁ, ପି- ଫଗୁ ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୨୯୫ | ଶାରଦ - ୨ | ୦.୩୪ | ୦.୩୧ |
| | | | ୧୧୪୨ | ଶାରଦ - ୨ | ୦.୦୮ | ୦.୦୮ |
| ୮୨ | ୧୯୩ | ଧନି ସାହୁ, ଶାମ ସାହୁ, ପି- ଗଦା ସାହୁ, ଯୁଧିଷ୍ଠିର ସାହୁ, ପି- ଫଗୁ ସାହୁ, ବୁଧି ସାହୁ, ନଟ ସାହୁ, ପି- ବାସୁ ସାହୁ, ଯାଯ ସାହୁ, ପି- ଦଧି ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୧୧୪୩ | ଶାରଦ - ୨ | ୦.୧୭ | ୦.୧୭ |
| | | | ୧୧୪୫ | ଶାରଦ - ୨ | ୦.୪୮ | ୦.୪୮ |
| | | | ୧୧୪୬/ ୧୯୯୭ | ଶାରଦ - ୧ | ୦.୩୦ | ୦.୩୦ |
| ୮୩ | ୨୨୫ | ନାରାୟଣ ସାହୁ, ବାବାଜି ଚରଣ ସାହୁ, ପି- ଦିନବନ୍ଧୁ ସାହୁ, ଜା- ତେଲି, ବା- ବେଲବାହାଳି । | ୧୭୭୪ | ଶାରଦ - ୧ | ୦.୭୨ | ୦.୭୨ |
| ୮୪ | ୨୩୨ | ନିଳମଣି ତ୍ରିପାଠୀ, ବୈକୁଣ୍ଠ ତ୍ରିପାଠୀ, ରବିନ୍ଦ୍ର ତ୍ରିପାଠୀ, ଅର୍ଣ୍ଣପୂର୍ଣ୍ଣା ତ୍ରିପାଠୀ, ପି- କୃପା ତ୍ରିପାଠୀ, ପାର୍ବତୀ ତ୍ରିପାଠୀ, ସ୍ୱା – କୃପାସିନ୍ଧୁ ତ୍ରିପାଠୀ, ବାବାଜି ତ୍ରିପାଠୀ, ପି- ଜଗବନ୍ଧୁ ତ୍ରିପାଠୀ, ବୈଦେହି ତ୍ରିପାଠୀ, ସ୍ୱା- ରଙ୍ଗାଧର ତ୍ରିପାଠୀ, ରଙ୍ଗନାଥ ତ୍ରିପାଠୀ, ପି- ପଦନ ତ୍ରିପାଠୀ, ନାରାୟଣ ତ୍ରିପାଠୀ, ପି- ପ୍ରଭାକର ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ପି- ହଳଧର ତ୍ରିପାଠୀ, ଘନଶ୍ୟାମ ତ୍ରିପାଠୀ, ଭାସ୍କର ତ୍ରିପାଠୀ, ଲକ୍ଷ୍ମଣ ତ୍ରିପାଠୀ, ରତ୍ନାକର ତ୍ରିପାଠୀ, ପି- ରଙ୍ଗାଧର ତ୍ରିପାଠୀ, କୋଇଲି ଦେବୀ, କନକ ଦେବୀ, ପି- ବଂଶୀଧର ତ୍ରିପାଠୀ, ନଟବର ତ୍ରିପାଠୀ, କାଙ୍ଗାଳି ତ୍ରିପାଠୀ, ପି- ଦିବାକର ତ୍ରିପାଠୀ, ଜା- ବ୍ରାହ୍ମଣ, ବା- ନାଉକଣା । | ୧୭୭୫ | ଶାରଦ - ୧ | ୧.୮୪ | ୦.୭୨ |
| ୮୫ | ୨୫୫ | ବନମାଳି ବେହେରା, ପି- ନନ୍ଦ ବେହେରା, ଦୈତାରି ବେହେରା, ପି- କ୍ଷେତ୍ର ବେହେରା, ହାର ବେହେରା, ପି- ଚୈତନ୍ୟ ବେହେରା, ଜା- କୁମ୍ଭାର, ଧନେଶ୍ୱର ସାହୁ, ଶ୍ୟାମ ସୁନ୍ଦର ସାହୁ, ପି- ପଦନ ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୧୬୭୯ | ଶାରଦ - ୨ | ୦.୯୭ | ୦.୯୭ |
| ୮୬ | ୨୯୦ | ବିର ମହାରଣା, ଶିର ମହାରଣା, ପି- ବାଇଧର ମହାରଣା, ଘନ ମହାରଣା, ଧନି ମହାରଣା, ପି- କାଳି ମହାରଣା, ଜା- କମାର, ବା- ଟୋଲଙ୍କପଡା, କରୁଣୁ ସାହୁ, ହରି ସାହୁ, ପି- କୁସୁନ ସାହୁ, ବିମ ସାହୁ, ପି- ନନ୍ଦ ସାହୁ, ଡମ ସାହୁ, ପି- ଭିମ ସାହୁ, ଜା- ତେଲି, ବା- ବେଲବାହାଳି । | ୨୯୬ | ଶାରଦ - ୨ | ୦.୧୦ | ୦.୧୦ |
| | | | ୧୧୪୪ | ଶାରଦ - ୨ | ୦.୧୫ | ୦.୧୫ |
| ୮୭ | ୩୦୨ | ବୈଦେହି ପଣ୍ଡା, ସ୍ୱା- ଦାମ ପଣ୍ଡା, ଅନନ୍ତ ପଣ୍ଡା, ନରହରି ପଣ୍ଡା, ଚୈତନ୍ୟ ପଣ୍ଡା, ପି- କୁସନ ପଣ୍ଡା, ଜା- ବ୍ରାହ୍ମଣ, ବା- ମଙ୍ଗଳପୁର । | ୧୬୫୮ | ଶାରଦ - ୨ | ୦.୨୮ | ୦.୨୮ |
| ୮୮ | ୩୪୮ | ରଙ୍ଗାଧର ସାହୁ, ପି- ଦିନବନ୍ଧୁ ସାହୁ, ଜା- ବଣିଆ, ବା- ଟୋଲଙ୍କପଡା । | ୧୭୦୧ | ଶାରଦ - ୧ | ୦.୧୪ | ୦.୧୪ |
| | | | ୧୭୦୩ | ଶାରଦ - ୧ | ୦.୨୬ | ୦.୨୬ |
| | | | ୧୭୦୭ | ଶାରଦ - ୧ | ୦.୨୪ | ୦.୨୪ |
| ୮୯ | ୩୫୫ | ରତ୍ନାକର ଜେନା, ପି- କାଙ୍ଗାଳି ଜେନା, ବା- ପଣ୍ଡୁଆ, କୁସୁମ ମାଳି ଚକ୍ର ସ୍ୱା- ନାରାୟଣ ଚକ୍ର ଜା- ଖଣ୍ଡାୟତ, ବା- ବଡପଦା । | ୧୧୪୬ | ଶାରଦ - ୧ | ୦.୭୯ | ୦.୭୯ |
| | | | ୧୭୬୮ | ଶାରଦ - ୧ | ୦.୨୨ | ୦.୨୨ |
| | | | ୧୭୭୦ | ଶାରଦ - ୧ | ୦.୦୪ | ୦.୦୪ |
| | | | ୧୭୭୧ | ଶାରଦ - ୧ | ୦.୧୯ | ୦.୧୯ |
| | | | ୧୭୭୨ | ଶାରଦ - ୧ | ୦.୦୯ | ୦.୦୯ |
| | | | ୧୭୭୩ | ଶାରଦ - ୧ | ୦.୧୭ | ୦.୧୭ |
| ୯୦ | ୪୧୭/ ୪୨ | ଶ୍ରୀ ବାବାଜି ଚରଣ ପୃଷ୍ଟି, ଗୁଣନିଧି ପୃଷ୍ଟି, କାଳନ୍ଦି ଚରଣ ପୃଷ୍ଟି, ପି- ଭିମସେନ ପୃଷ୍ଟି, ଜା- ତେଲି, ବା- ବେଲବାହାଳି । | ୨୮୦ | ଶାରଦ - ୧ | ୦.୩୫ | ୦.୩୫ |
| ୯୧ | ୪୧୭/ ୮୩ | ରାମଚନ୍ଦ୍ର ସାହୁ, ହରିହର ସାହୁ, ପି- ରଙ୍ଗାଧର ସାହୁ, ଜା- ସୁନାରି ବଣିଆ, ବା- ଟୋଲଙ୍କପଡା । | ୧୭୦୨ | ଶାରଦ - ୨ | ୦.୧୧ | ୦.୧୧ |
| ୯୨ | ୪୧୭/ ୧୯୯ | ଚିନ୍ତାମଣି ସାହୁ, ଶତୃଘ୍ନ ସାହୁ, ପି- ଧନେଶ୍ୱର ସାହୁ, ଜା- ତେଲି, ବା- ଟୋଲଙ୍କପଡା । | ୧୧୪୩/ ୨୨୫୬ | ଶାରଦ - ୨ | ୦.୦୫ | ୦.୦୫ |
| | | | ୧୧୪୫/ ୨୨୫୭ | ଶାରଦ - ୨ | ୦.୧୫ | ୦.୧୫ |
| | | | ୧୧୪୬/ ୨୨୫୮ | ଶାରଦ - ୧ | ୦.୧୦ | ୦.୧୦ |
| | | | | | ୮.୪୪ | ୭.୨୯ |
| ମୋଟ ଅଧିଗ୍ରହଣ ରକବା | | | | ଏ୧୬.୯୮୪ | ୭.୨୯ | ୨୪.୨୭୪ |

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ଅଭୟ କୁମାର ନାୟକ**
**ଅତିରିକ୍ତ ଶାସନ ସଚିବ**

OIPR-24001/14/0226/2122

# ଭିଜିଲାନ୍ସ ଜାଲରେ ନୂଆପଡ଼ା ଅତିରିକ୍ତ ଯୋଗାଣ ଅଧିକାରୀ

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ**

- ୬ ସ୍ଥାନରେ ଚଢ଼ାଉ
- ୬ କୋଟିର ସମ୍ପତ୍ତି ଜବତ

**କଟକ ଅଫିସ/ନୂଆପଡ଼ା ଅଫିସ,୨।୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୂଆପଡା ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ରତ୍ନାକର ସେଠୀଙ୍କ ବାସଭବନ ସମେତ ୬ଟି ସ୍ଥାନରେ ବୁଧବାର ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ସେଠାରୁ ବିପୁଳ ପରିମାଣର ଅଳଙ୍କାର ସମେତ ଅନ୍ୟ ସାମଗ୍ରୀ ଜବତ କରାଯାଇଛି। ଭିଜିଲାନ୍ସ ସୂଚନା ଅନୁଯାୟୀ, ସେଠୀ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା। ପରେ ବିଭାଗ ପକ୍ଷରୁ ବୁଧବାର ସକାଳେ କଟକ ମଧୁପାଟଣା ବାଲିସାହିରେ ଥିବା ସେଠୀଙ୍କ ବାସଭବନ, ନଟରାଜ କଲ୍ୟାଣ ମଣ୍ଡପ, ଚାଉଳିଆଗଞ୍ଜରେ ଥିବା ତିନିମହଲା କୋଠା, ଚୌଦ୍ୱାର ଓରଣ୍ଡାରେ ଥିବା ୩ ଏକର ଜମି, ନୂଆପଡ଼ାସ୍ଥିତ ସରକାରୀ କାର୍ଯ୍ୟାଳୟ ଓ ଭଡ଼ାଘରେ ଚଢ଼ଉ କରାଯାଇଥିଲା। ନୂଆପଡା ଭଡାଘରେ ତଦନ୍ତବେଳେ ୧ କୋଟି ୧୩ ଲକ୍ଷ ଟଙ୍କାର ବିଭିନ୍ନ ବୀମା, ୧୦ଟି ଫିକ୍ସ ଡିପୋଜିଟ୍, ୧୫ ହଜାର ଟଙ୍କା, ୪୯୮ ଗ୍ରାମ ସୁନାଗହଣା, ୨.୫ କିଲୋଗ୍ରାମ ରୁପା ଅଳଙ୍କାର ମିଳିଛି। ସେଠୀ କିଛିଦିନ ତଳେ ୧ କୋଟି ୧୭ ଲକ୍ଷ ୫୪ ହଜାର ୮୨୮ ଟଙ୍କାର ଇନ୍‌ସ୍ୟୁରାନ୍ସ ପ୍ରିମିୟମ ଦେଇଥିବା ଜଣାପଡିଛି। ସେହିପରି ସେଠୀ ଓ ତାଙ୍କ ପରିବାର ଲୋକଙ୍କ ନାଁରେ ବ୍ୟାଙ୍କରେ ୮୯ ଲକ୍ଷ ୨୪ ହଜାର ୮୧ ଟଙ୍କା ଜମା ରହିଛି। ଯାଞ୍ଚବେଳେ ଏପର୍ଯ୍ୟନ୍ତ ମୋଟ୍ ୬ କୋଟି ୧୩ ଲକ୍ଷ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଜବତ କରାଯାଇଛି। ତେବେ ଚଢ଼ାଉ ଜାରି ରହିଥିବାରୁ ସମ୍ପତ୍ତିର ଆକଳନ କରିବା ସମ୍ଭବ ନୁହେଁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏହି ଚଢ଼ାଉରେ ୬ ଜଣ ଭିଜିଲାନ୍ସ ଡିଏସ୍‌ପି, ୧୨ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀ ସାମିଲ ହୋଇଥିଲେ।

**ପ୍ରଥମ ପୃଷ୍ଠାରୁ...**

## ୨ ମାସରେ...

ଦାବି ହେଉଛି। ଅଭିଭାବକଙ୍କ ଠାରୁ ଆରମ୍ଭ କରି ଶିକ୍ଷାବିତ୍‌ମାନେ ମଧ ସ୍କୁଲ ଖୋଲିବା ସପକ୍ଷରେ ଅଛନ୍ତି। ସେହିଭଳି ଅଭିଭାବକ ମହାସଂଘ ମଧ ସ୍କୁଲ ଖୋଲିବା ପାଇଁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ସଚିବ, ଏସ୍‌ଆର୍‌ସିଙ୍କୁ ଚିଠି ମଧ ଲେଖିଛନ୍ତି। କିନ୍ତୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଏବେ ପିଲାମାନେ ଚିନ୍ତାରେ ପଡ଼ିଯାଇଛନ୍ତି। ଆଗକୁ ଦଶମ ଓ ଦ୍ୱାଦଶ ପରୀକ୍ଷା ରହିଛି। ଦଶମ ଶ୍ରେଣୀରେ ସିଲାବସ୍ ସରି ନ ଥିବା ବେଳେ ଦ୍ୱାଦଶରେ ୬୦% ସିଲାବସ୍ ସରିଛି। ଅପରପକ୍ଷେ ରାଜ୍ୟରେ ସରସ୍ୱତୀ ପୂଜା ପରେ ପର୍ଯ୍ୟାୟକ୍ରମେ ସ୍କୁଲ ଖୋଲାଯିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ପୂଜା ପରେ ସ୍କୁଲ ଖୋଲିବା ପାଇଁ ସରକାର ଚିନ୍ତା କରୁଛନ୍ତି। କିନ୍ତୁ କିଛିଦିନ ସ୍କୁଲ ଖୋଲିବା ପରେ ନିର୍ବାଚନ ପାଇଁ ପୁଣି ସ୍କୁଲ ବନ୍ଦ ରହିବ। ତେଣୁ ନିର୍ବାଚନ ପରେ ସବୁ ସ୍କୁଲ ଖୋଲିଯିବ ବୋଲି ଚର୍ଚ୍ଚା ହେଉଛି।

## କବି ପ୍ରମୋଦ...

କରିଥିଲେ। ପରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ମନୋବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲକରି୧୯୭୦ରେବାଙ୍କୀକଲେଜରେଅଧାପକଭାବେଯୋଗଦେଇଥିଲେ।୨୦୦୦ ମସିହାରେକଟକସ୍ଥିତଜାତୀୟକବିବୀରକିଶୋରକଲେଜରୁଅବସରଗ୍ରହଣକରିଥିଲେ।

ମନୋବିଜ୍ଞାନରେ ଅଧାପନା କରୁଥିଲେ ବି କବିତା ଲେଖାରେ ତାଙ୍କର ଆବେଗ ରହିଥିଲା। ୧୯୬୭ରେ 'କ୍ରମଶଃ'ରୁ ତାଙ୍କର କାବ୍ୟଯାତ୍ରା ଆରମ୍ଭ ହୋଇଥିଲା। 'ଅସରନ୍ତି ଅଣସର' କବିତା ସଙ୍କଳନ ପାଇଁ ୨୦୦୮ରେ ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର' ମିଳିଥିଲା। ଏହି କବିତା ସଙ୍କଳନଟି ପରବର୍ତ୍ତୀ ସମୟରେ ମେରି ମହାନ୍ତିଙ୍କ ଦ୍ୱାରା 'ଏଣ୍ଡ୍‌ଲେସ୍ ଆର୍ଡର୍ନମେଣ୍ଟ୍' ନାମରେ ଇଂଲିଶ ଭାଷାରେ ଅନୂଦିତ ହୋଇଥିଲା। କବିତା ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ତାଙ୍କୁ ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ୬୩ତମ ବିଷୁବ ପୁରସ୍କାର ମିଳିଥିଲା। ଏହାଛଡ଼ା ସାରସ୍ୱତ ସାଧନା ଲାଗି ସେ ବହୁ ଅନୁଷ୍ଠାନରୁ ପୁରସ୍କାର ଓ ସମ୍ମାନ ପାଇଛନ୍ତି। ତେବେ ଦୀର୍ଘ ୫୫ ବର୍ଷର କାବ୍ୟ ଯାତ୍ରାରେ ତାଙ୍କ ରଚିତ 'ଦେବୀପାଦ', 'ଅକାତକାତ', 'ଚିତ୍ର ନଦୀ', 'ଅସରନ୍ତି ଅଣସର', 'ଅଲଗା କୁହ', 'ଚିତ୍ର ଚିତ୍ରକ', 'ଚିତ୍ରପେଡ଼ି', 'ଅକ୍ଷର ସେବା' ଭଳି ବହୁ ପୁସ୍ତକ ପାଠକୀୟ ଆଦୃତି ଲାଭ କରିଥିଲା। କବିତା ସଙ୍କଳନ ବ୍ୟତୀତ ତାଙ୍କର କେତୋଟି ଗଦ୍ୟ ପୁସ୍ତକ ମଧ ରହିଛି।

ନିଜ ଗାଁ ବିରିଡ଼ି ବ୍ଲକ କୂଳକଇଜଙ୍ଗା ପଞ୍ଚାୟତ ନୂଆପାରୀରେ ପ୍ରଫେସର ମହାନ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ମିତ୍ରଭାନୁ ମହାନ୍ତି ମୁଖାଗ୍ନି ଦେଇଛନ୍ତି। ତାଙ୍କ ବିୟୋଗରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଗଭୀର ଶୋକ ପ୍ରକାଶ କରିବା ସହିତ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ଚିରସ୍ମରଣୀୟ ରହିବେ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୁଃଖ ପ୍ରକାଶ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରି କହିଛନ୍ତି, କବିତା ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଫେସର ପ୍ରମୋଦ କୁମାର ମହାନ୍ତି ସବୁଦିନ ସ୍ମରଣୀୟ ହୋଇ ରହିବେ। ସେହିଭଳି ସାହିତ୍ୟ ଜଗତରେ ମଧ ଶୋକର ଛାୟା ଖେଳିଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ କବି ପ୍ରମୋଦଙ୍କ ଦେହାନ୍ତରେ ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ନୟାଗଡ଼...

ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏହି ଘଟଣା ନୟାଗଡ଼ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୨୮ ତାରିଖରେ ଇଟାମାଟି ଥାନା ନୋଉର ଗାଁର ରବୀନ୍ଦ୍ର ସ୍ୱାଇଁଙ୍କ ସ୍ତ୍ରୀ ଜଲିଙ୍କ ଗର୍ଭ ଯନ୍ତ୍ରଣା ଆରମ୍ଭ ହେବା ପରେ ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଦିନ ପୂର୍ବାହ୍ନ ୯ଟାରେ ଜଲି ଏକ ଶିଶୁପୁତ୍ର ଜନ୍ମ ଦେଇଥିଲେ। ଶିଶୁ ଜନ୍ମ ପରେ ସେଠାରେ ଉପସ୍ଥିତ ଥିବା ଜଣେ ନର୍ସ ଟିକା ଦେବା ଆଳରେ ପିଲାଟିକୁ କୁଆଡ଼େ ନେଇଯାଇଥିଲେ। ବହୁ ସମୟ ଅପେକ୍ଷା କରିବା ପରେ ବି ସେ ଶିଶୁଟିକୁ ଜଲିଙ୍କୁ ଫେରାଇ ନ ଥିଲେ। ଜଲିଙ୍କ ଏକ ଦେଢ଼ବର୍ଷର ସନ୍ତାନ ଅଛି। ଏହାପରେ ପୁଅଟି ଜନ୍ମ ହୋଇଥିବାରୁ ପୋଲିସ ଗିରଫ କରିବ ବୋଲି ସମ୍ପୃକ୍ତା ନର୍ସ କୁଆଡ଼େ ଜଲିଙ୍କୁ ଭୟଭୀତ କରାଇଥିଲେ। ଶେଷରେ ପୁଅକୁ ନ ପାଇ ଜଲି ଓ ତାଙ୍କ ସ୍ୱାମୀ ରବୀନ୍ଦ୍ର କାନ୍ଦି କାନ୍ଦି ଘରକୁ ଫେରିଥିଲେ। ହେଲେ ପ୍ରତିଦିନ ଏହି ଦମ୍ପତି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ସମ୍ପୃକ୍ତା ନର୍ସଙ୍କୁ ଖୋଜି ଥିଲେ ମଧ ପାଇ ନ ଥିଲେ। ସବୁଠି ନିରାଶ ହେବା ପରେ ବୁଧବାର ଜଲି ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଛନ୍ତି।

ଏନେଇ ରବୀନ୍ଦ୍ର କୁହନ୍ତି, ପୁଅକୁ ଟିକା ଦେବାକୁ କହି ନର୍ସ ନେଇଥିଲେ। ହେଲେ ଆଉ ନ ଫେରାଇବାରୁ ସନ୍ଦେହ ହେଉଛି। ସେ ପ୍ରଥମେ ଜଲିଙ୍କୁ ଭୟଭୀତ କରାଇଥିଲେ। ଏହାପରେ ପୁଅକୁ ନେଇ ବିକ୍ରି କରି ଦେଇଛନ୍ତି। ୪ ଦିନ ହେଲା ଆମେ ଡାକ୍ତରଖାନା ଆସି ତାଙ୍କୁ ନ ପାଇ ଫେରୁଛୁ। ଅନ୍ୟ ଜଣେ ନର୍ସ ତାଙ୍କ ସହ କଥା ହୋଇଥିଲେ ମଧ ତାଙ୍କ ନାମ ଆମକୁ କହି ନ ଥିଲେ କି ତାଙ୍କ ଫୋନ ନମ୍ବର ଦେଇ ନ ଥିଲେ। ଶେଷରେ ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ଗଣମାଧମକୁ ଅବଗତ କରାଇଛୁ। ନୟାଗଡ଼ ଟାଉନ ଥାନା ଆଇଆଇସି ପ୍ରଜ୍ଞା ପରମିତା ଜେନା କୁହନ୍ତି, ଶିଶୁ ଚୋରି ନେଇ ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଏନେଇ ପଚରାଉଚୁରା ଚାଲିଛି। ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଶିଶୁ ଚୋରି ନେଇ ଅଭିଯୋଗ ମିଳିବା ପରେ ୩ ଜଣିଆ ଟିମ୍ ତଦନ୍ତ କରୁଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଜଣାପଡ଼ିଛି ଆଶା କର୍ମୀ ଓ ଶିଶୁର ମା'ଦସ୍ତଖତ କରି ନବଜାତକଙ୍କୁ ଗତ ୩୦ ତାରିଖରେ ଘରକୁ ନେଇଛନ୍ତି। ଏଥିରେ କେତେ ସତ୍ୟତା ଅଛି ତାହା ପୁଣି ତଦନ୍ତ ହେଉଛି। ଶିଶୁପୁତ୍ର ଜନ୍ମ ସମୟରେ ଉପସ୍ଥିତ ଥିବା ଡାକ୍ତର, ନର୍ସ, ସୁଇପର ଓ ଅନ୍ୟ କର୍ମଚାରୀଙ୍କୁ ଗୁରୁବାର ତଦନ୍ତ ପରିସରଭୁକ୍ତ କରାଯିବ। ତଦନ୍ତକାରୀ ଟିମ୍ କାଗଜାତ ବୁଧବାର ଯାଞ୍ଚ କରିଛି। ସେହିପରି ଆଶାକର୍ମୀ ଅଭିଯୋଗ କରିଛନ୍ତି, ଶିଶୁପୁତ୍ର ଜନ୍ମ ପରେ ବଡ଼ ପଣ୍ଡୁସରକୁ ତାଲିମ ନେବାକୁ ସେ ଚାଲି ଯାଇଥିଲେ। ସେଠାରୁ ଫେରି ଦେଖିଲି ଘରେ ମା'ଙ୍କ ସହ ଶିଶୁପୁତ୍ର ନାହାଁ। ପୁଅ କୁଆଡ଼େ ଗଲା ବୋଲି ପଚାରିବାରୁ କେହି କିଛି କହି ନ ଥିଲେ।

### ଡିସ୍‌ଚାର୍ଜ ରିପୋର୍ଟର ସତ୍ୟତା ଉପରେ ପ୍ରଶ୍ନ

ଶିଶୁ ଚୋରି ଅଭିଯୋଗ ଆଣିଥିବା ଜଲି ଓ ତାଙ୍କ ସ୍ୱାମୀ ରବୀନ୍ଦ୍ରଙ୍କ ଭୂମିକା ସନ୍ଦେହ ଘେରକୁ ଆସୁଛି। ଶିଶୁ ବିକ୍ରିର ୫ଦିନ ପର୍ଯ୍ୟନ୍ତ ସେମାନେ କାହିଁକି ପାଟି ଖୋଲି ନ ଥିଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୨୮ ତାରିଖରେ ଶିଶୁକୁ ନ ପାଇ ଘରକୁ ଜଲି ଫେରିଥିବା କହୁଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଡିସ୍‌ଚାର୍ଜ ରିପୋର୍ଟ କିନ୍ତୁ କହୁଛି ଭିନ୍ନ। ଜଲି ତାଙ୍କ ଶିଶୁପୁତ୍ରକୁ ନେଇ ୩୦ ତାରିଖରେ ଘରକୁ ଫେରିଛନ୍ତି। ଜଲି ସତ କହୁଛନ୍ତି ନା ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ସତ ତାହା ବିବାଦ ସୃଷ୍ଟି କରିଛି। ଅନ୍ୟପକ୍ଷେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଶିଶୁ ଚୋରିକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ନର୍ସଙ୍କୁ କିଏ ହାତ କରି ଶିଶୁକୁ ନେଇଛନ୍ତି ନା ମା'ଜାଣତରେ ଛୁଆ ବିକ୍ରି ହୋଇଛି ସେ ସଂକ୍ରାନ୍ତରେ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମତ ପ୍ରକାଶ ପାଇଛି।

# ୫ ମାସ ପରେ ଦେଖାଦେଲେ କିମ୍‌ଙ୍କ ସ୍ତ୍ରୀ

**ସିଓଲ,୨।୨:** ଉତ୍ତର କୋରିଆ ଶାସକ କିମ୍ ଜୋଙ୍ଗ୍ ଉନ୍‌ଙ୍କ ସ୍ତ୍ରୀ ରି ସୋଲ୍ ଜୁଙ୍କୁ ୫ ମାସ ପରେ ଦେଖିବାକୁ ମିଳିଛି। ବୁଧବାର ସେ ଗଣମାଧମ ସାମ୍ନାକୁ ଆସିଛନ୍ତି। କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଶାସକ ପରିବାର ସଦସ୍ୟମାନେ ପ୍ରାୟତଃ ବାହାରକୁ ଆସୁ ନ ଥିଲେ। ତେବେ ଲୁନାର ନ୍ୟୁ ଇଅର ଅବସରରେ କିମ୍ ଏବଂ ରି ରାଜଧାନୀ ପୋଙ୍ଗ୍‌ୟାଙ୍ଗରେ ମନ୍‌ସୁଡାଏ ଆର୍ଟ ଥିଏଟରରେ ଆୟୋଜିତ ଏକ ପ୍ରଦର୍ଶନ ଦେଖିବା ପାଇଁ ଆସିଥିଲେ। ତାଙ୍କୁ ଦେଖିବା ମାତ୍ରେ ଉପସ୍ଥିତ ଦର୍ଶକ ଉଲ୍ଲସିତ ହୋଇଯାଇଥିଲେ। ପ୍ରକାଶ ଯେ, ଗତ ସେପ୍ଟେମ୍ବର ୯ରେ କୁମ୍‌ସୁସାନ ପ୍ୟାଲେସ୍‌ରେ କିମ୍‌ଙ୍କୁ ଉନ୍‌ଙ୍କ ସହ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ଏହି ଶାସକ ଦମ୍ପତିଙ୍କ ୩ ସନ୍ତାନ ଥିବା ଦେଶର ଗୁପ୍ତଚର ସଂସ୍ଥା ମନେକରିଥାଏ। ହେଲେ ଦେଶବାସୀଙ୍କୁ ଏନେଇ ବିଶେଷ କିଛି ଜଣାନାହିଁ।



# ନୌପଡ଼ା-ଗୁଣପୁର-ଥେରୁବାଲି ରେଳପଥ ପାଇଁ ୧୦ କୋଟି

**ଅଞ୍ଚଳବାସୀ ପୁଣି ନିରାଶ**

ଗୁଣପୁର,୨।୨(ଡି.ଏନ୍.ଏ.)

ବହୁ ଦାବି ପରେ ୨୦୧୭-୧୮ ସାଧାରଣ ବଜେଟରେ ଗୁଣପୁର-ଥେରୁବାଲି ରେଳପଥ ସ୍ଥାନ ପାଇଥିଲା। ଦୀର୍ଘ ୪୭ ବର୍ଷ ପରେ ଏହି ଦାବି ପୂରଣ ହୋଇଥିବାରୁ ଗୁଣପୁର ଅଞ୍ଚଳରେ ଖୁସିର ଲହରି ଖେଳିଯାଇଥିଲା। କିନ୍ତୁ ମଙ୍ଗଳବାର ଉପସ୍ଥାପିତ ରେଳ ବଜେଟରେ ନୌପଡ଼ା-ଗୁଣପୁର-ଥେରୁବାଲି ରେଳପଥର ସମ୍ପ୍ରସାରଣ ପାଇଁ ମାତ୍ର ୧୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହାକୁ ନେଇ ଗୁଣପୁର ସମେତ ସମଗ୍ର ରାୟଗଡ଼ା ଜିଲାରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଓଡ଼ିଶାରୁ ଅଶ୍ୱିନି ବୈଷ୍ଣବ ରେଳମନ୍ତ୍ରୀ ହେବା ପରେ ଲୋକଙ୍କ ମଧରେ ଏହି ରେଳପଥକୁ ନେଇ ଅଞ୍ଚଳବାସୀଙ୍କ ମଧରେ ଅନେକ ଆଶା ସଞ୍ଚାର ହୋଇଥିଲା। ମନ୍ତ୍ରୀଙ୍କ ରାୟଗଡ଼ା ଗସ୍ତ ସମୟରେ ରେଳ ବିକାଶ ମଞ୍ଚ ପକ୍ଷରୁ ସାଇକେଲ ଯାତ୍ରା କରି ସ୍ମାରକ ପତ୍ର ଦେଇଥିଲେ। ଏପରିକି ମନ୍ତ୍ରୀ ରେଳରେ ଯାତ୍ରା କରବା ସମୟରେ ଗୁଣପୁରଠାରୁ ଥେରୁବାଲିକୁ ରେଳ ସଂଯୋଗ ନେଇ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମଧ ଅଞ୍ଚଳବାସୀ ଅନୁରୋଧ କରିଥିଲେ। ତଥାପି ରେଳ ବଜେଟରେ ୧୦ କୋଟି ଟଙ୍କା ଅନୁଦାନ ପ୍ରଦାନ ଘୋଷଣା ହେବା ପରେ ଅଞ୍ଚଳବାସୀ ପୁଣି ନିରାଶ ହୋଇଛନ୍ତି। ଏହି ପ୍ରକଳ୍ପ ଏବେ ପୁଣି ଅନିଶ୍ଚିତତା ମଧକୁ ଠେଲି ହୋଇଯାଇଛି।

ଗୁଣପୁର-ଥେରୁବାଲି ଦୀର୍ଘ ୭୯.୧୫ କି.ମି. ରେଳପଥ ପାଇଁ ସବୁଜ ସଙ୍କେତ ମିଳିବା ସହ ଏହାର ନିର୍ମାଣ ପାଇଁ ୯୩୫.୭୨ କୋଟି ବ୍ୟୟ ଅଟକଳ ରଖାଯାଇଥିଲା। ପରବର୍ତ୍ତି ମୂହୁର୍ତ୍ତରେ ରେଳପଥର ବ୍ୟୟ ଅଟକଳ ବୃଦ୍ଧି ପାଇଥିଲା। ଡିପିଆର(ଡିଟେଲ ପ୍ରୋଜେକ୍ଟ ରିପୋର୍ଟ) ପରେ ଏହାର ଖର୍ଚ୍ଚ ବଢ଼ି ୧୩୯୮ କୋଟି ଟଙ୍କାରେ ପହଞ୍ଚିଛି। ହେଲେ ରେଳ ବିଭାଗ ଏହି ରେଳପଥ ଲାଭ ଦାୟକ ନୁହେଁ ବୋଲି କହିବା ସହ ରାଜ୍ୟ ସରକାରଙ୍କୁ ମଗଣା ଜମି ଏବଂ ୫୦ ପ୍ରତିଶତ ଅର୍ଥ ବିନିଯୋଗ କରିବାକୁ କହିଥିଲେ। ରାଜ୍ୟ ସରକାର ମଗାଣା ଜମି ଦେବାକୁ ସମ୍ମତି ଜଣାଇଥିଲେ ମଧ ପ୍ରକଳ୍ପର ଅଧା ଖର୍ଚ୍ଚ ନେଇ ବର୍ତ୍ତମାନ ସୁଧା ନିରବ ରହିଛନ୍ତି। ଏହି ରେଳପଥ ପାଇଁ ପ୍ରଥମ ପର୍ଯ୍ୟାୟରେ ୧କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଗୁଣପୁର-ଥେରୁବାଲି ରେଳପଥ ପାଇଁ ଅଗଷ୍ଟ ୨୦୧୬ରେ ସର୍ଭେ ହୋଇ ୨୩୨.୩୭ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ଦୀର୍ଘ ୧୧ ବର୍ଷ କାଳ ପ୍ରକଳ୍ପ ନାଲି ଫିତା ତଳେ ପଡ଼ିରହିବା ଯୋଗୁ ଏହାର ଅଟକଳ ମୂଲ୍ୟ ବୃଦ୍ଧି ପାଇଥିଲା। ପ୍ରକଳ୍ପ କାର୍ଯ୍ୟ ୬ ବର୍ଷ ତଥା ୨୦୨୩ ସୁଦ୍ଧା ସରିବା ଲକ୍ଷ୍ୟ ରଖାଯାଇଥିଲା। ଶତାୟୁ ଏହି ରେଳପଥର ବିକାଶ ଦିଗରେ ଦ୍ୱରିତ ପଦକ୍ଷେପ ନେବାକୁ ଦାବି ଜଣାଇବା ସହ ରାଜ୍ୟ ସରକର ପ୍ରକଳ୍ପର ଅଧା ଖର୍ଚ୍ଚ ବହନ ନେଇ ମୁହଁ ଖୋଲନ୍ତୁ ବୋଲି ଗୁଣପୁରର ସାମାଜିକ କର୍ମୀ ଅକ୍ଷୟ ଦାସ ନିବେଦନ କରିଛନ୍ତି।

## ରାସ୍ତାକଡ଼ରୁ ଯୁବକଙ୍କ ମୃତଦେହ ଜବତ

ଭଞ୍ଜନଗର,୨।୨(ଡି.ଏନ.ଏ)

ଭଞ୍ଜନଗର-ଆସିକା ମୁଖ୍ୟ ରାସ୍ତାର କଇଣ୍ଡି ନିକଟରୁ ବୁଧବାର ଭୋର୍‌ରେ ଭଞ୍ଜନଗର ପୋଲିସ ଚାକୁଣ୍ଡାପଲ୍ଲୀର ଶିବ ରାମ ଗୌଡ଼(୨୩)ଙ୍କ ମୃତଦେହକୁ ଜବତ କରିଛି। ତେବେ କିଭଳି ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ। ଏ ନେଇ ପୋଲିସ ନଂ.୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମଙ୍ଗଳବାର ରାତିରେ ଶିବରାମ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ ତାଙ୍କ ପତ୍ତା ମିଳି ନଥିଲା। ବୁଧବାର ଭୋରରେ କେତେଜଣ ଲୋକେ କଇଣ୍ଡି ରାସ୍ତାକଡ଼ରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲା। ସେଠାରେ ଶିବରାମଙ୍କ ପରିବାର ଲୋକେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ଶିବରାମଙ୍କ ମା' ଲାବଣ୍ୟ ପୁଅ ମୃତ୍ୟୁର କାରଣ ଜାଣିବା ପାଇଁ ଥାନାରେ ଅଭିଯୋଗ କରିଛନ୍ତି।

## ବାଲ୍ୟ ବିବାହ ରୋକିଲା ଚାଇଲ୍ଡଲାଇନ

**କାଲିମେଳା,୨।୨(ଡି.ଏନ.ଏ.):** ମାଲକାନଗିରି ଜିଲା କାଲିମେଳା ବ୍ଲକ ମହାରାଜପାଲି ପଞ୍ଚାୟତ ଅନ୍ତର୍ଗତ ଏମପିଭି-୮୧ ଗ୍ରାମରେ ଜଣେ ୧୪ ବର୍ଷ ବୟସର ନାବାଳିକାଙ୍କ ବିବାହ ସ୍ଥିର ହୋଇଥିଲା। ଏହା ଜାଣିବା ପରେ କାଲିମେଳା ଚାଇଲ୍ଡ ଲାଇନ ଓ ସିଡିପିଓଙ୍କ ଉଦ୍ୟମରେ ଏହାକୁ ବନ୍ଦ କରାଯାଇଛି ।ଏମପିଭି-୮୧ ଗ୍ରାମର ଜନୈକା ୧୪ ବର୍ଷୀୟ ନାବାଳିକା ଝିଅ ସହ ସେହି ଗ୍ରାମର ଗୋବିନ୍ଦ ସାଧକଙ୍କ ସହ ବିବାହ ପାଇଁ ଉଭୟ ପରିବାର ପକ୍ଷରୁ ବୁଧବାର ସ୍ଥିର କରାଯାଇଥିଲା । ବିବାହ କରୁଥିବା ଝିଅର ବୟସ ୧୮ ବର୍ଷ ହୋଇ ନ ଥିବା ବେଳେ ସେ ବିବାହ କରୁଥିବା ଖବର ଚାଇଲ୍ଡ ଲାଇନକୁ ଆସିଥିଲା। ଚାଇଲ୍ଡ ଲାଇନ ମୁଖ୍ୟ କେ. ମିସାଇଲ ରାଜୁ କାଲିମେଳା ସିଡିପିଓ ଅନ୍ନପୂର୍ଣ୍ଣା ବୁରୁଦା, ଅଙ୍ଗନୱାଡି ସୁପରଭାଜର ସରୋଜିନୀ ସାହୁ ଗିତାରାଣୀ ଦାସ ପ୍ରମୁଖ ଝିଅ ଘରକୁ ଯାଇ ଝିଅର ବୟସ ପ୍ରମାଣପତ୍ର ଯାଞ୍ଚ କରିବାରୁ ତାଙ୍କୁ ୧୪ ବର୍ଷ ହୋଇଥିବା ଜଣାପଡିଥିଲା। ପରେ ଅଧିକାରୀମାନେ ବିବାହକୁ ବନ୍ଦ କରିବା ପାଇଁ କହିଥିଲେ। ଏଥିରେ ପୁଅ ଏବଂ ଝିଅ ଘରର ଲୋକମାନେ ରାଜି ହୋଇ ନ ଥିଲେ। ସେମାନଙ୍କୁ ବୁଝାଶୁଝା କରି ଶେଷରେ ଏହି ବିବାହକୁ ବନ୍ଦ କରାଯାଇଥିଲା। ସୂଚନାଯୋଗ୍ୟ, ବାଲ୍ୟ ବିବାହ ପ୍ରଥା ଏକ ଦଣ୍ଡନୀୟ ଅପରାଧ ବୋଲି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ନିୟମ କରିଛନ୍ତି । ଏହାକୁ ବନ୍ଦ କରିବା ନେଇ ଶିଶୁ ସୁରକ୍ଷା ୟୁନିଟ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ସଚେତନ କରୁଛି । ବ୍ଲକ ଏବଂ ପଞ୍ଚାୟତ ସ୍ତରରେ ଶିଶୁ ସୁରକ୍ଷା ୟୁନିଟ ମଧ ଗଠନ କରାଯାଇଛି । ତଥାପି ଲୋକମାନେ ସଚେତନ ହେଉନାହନ୍ତି ।

## ୭୩ କରୋନା ଆକ୍ରାନ୍ତ ଚିହ୍ନଟ

**ପାରଳାଖେମୁଣ୍ଡି,୨।୨(ଡି.ଏନ୍.ଏ.):** ଗଜପତି ଜିଲାରେ ପୁଣି ୭୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବୁଧବାର ସୂଚନା ମିଳିଛି। ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ପ୍ରତ୍ୟେକ ବ୍ୟକ୍ତି ସେପରି ଜରୁରୀ ଆବଶ୍ୟକତା ନ ଥିଲେ ଘରୁ ବାହାରନ୍ତୁ ନାହିଁ ବୋଲି ଜିଲାପାଳ ଲିଙ୍ଗରାଜ ପଣ୍ଡା ଲୋକଙ୍କୁ ନିବେଦନ କରିବା ସହ ମାସ୍କ ପରିଧାନ ବାଧତାମୂଳକ, ସାମାଜିକ ଦୂରତା ରକ୍ଷା କରିବା ଜରୁରୀ ବୋଲି ପରାମର୍ଶ ଦେଇଛନ୍ତି।

# ମାଓବାଦୀ ଗଡ଼ରେ ପଞ୍ଚାୟତ ଲଢ଼େଇ

- ୩୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ମତ ସାବ୍ୟସ୍ତ କରିବେ
- ଆମେ ସବୁ ମୁରବୀ ନ ଥିବା ପରିବାର ଭଳି ବଞ୍ଚୁଥିଲୁ
- ଗୁରୁପ୍ରିୟା ସେତୁ ଆଣିଲା ବିକାଶର ନୂଆ ସକାଳ

ମାଲକାନଗିରି,୨।୨ (ଡି.ଏନ.ଏ.)



ଜଣେ ପ୍ରାର୍ଥୀ ନିଜ ସପକ୍ଷରେ ପ୍ରଚାର କରୁଛନ୍ତି।

ଏକଦା ମାଓବାଦୀଙ୍କ ଭୟରେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ଗତଥର ବନ୍ଦ ହୋଇଯାଇଥିବା ପଞ୍ଚାୟତ ନିର୍ବାଚନ ଚଳିତବର୍ଷ ହେଉଛି। ଏନେଇ ଏବେ ପ୍ରାର୍ଥୀମାନେ ନିଜ ସପକ୍ଷରେ ପ୍ରଚାର ଚଳାଇଛନ୍ତି। ତେବେ ବର୍ତ୍ତମାନର ସ୍ୱାଭିମାନ ଅଞ୍ଚଳ କିଛି ବର୍ଷ ତଳେ ଥିଲା ବିଚ୍ଛିନାଞ୍ଚଳ। ଏହି ବିଚ୍ଛିନାଞ୍ଚଳ ଲାଲବାହିନୀଙ୍କ କବ୍‌ଜାରେ ଥିଲା। ବନ୍ଧୁକ ମୁନର ଭୟ ସହ ପ୍ରଜାକୋର୍ଟର ଶାସନରେ ୧୫୧ ଖଣ୍ଡ ଗ୍ରାମର ଅଞ୍ଚଳବାସୀ ଭୟଭୀତ ହୋଇ ଜୀବନ କାଟୁଥିଲେ। ତେବେ ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଭୁଶୁଡିବାକୁ ଲାଗିଲା ଲାଲବାହିନୀର ଦୁର୍ଗ। ଦଶନ୍ଧି ଦଶନ୍ଧି ଧରି ଜଳବନ୍ଦୀ ଜୀବନ କାଟୁଥିବା ଲୋକେ ଦେଖିଲେ ବିକାଶର ନୂଆ ସକାଳ। ଏବେ ସ୍ୱାଭିମାନ ଅଞ୍ଚଳର ୯ ପଞ୍ଚାୟତ ଯନ୍ତ୍ରୀ, ପଣସପୁଟ, ଗଜଲମାମୁଡି , ଜୋଡ଼ାମ୍ବ , ପାପରମେଟଲ, ବଡପଡା, ବଡ଼ପଦର, ଧୂଳିପୁଟ, ରାଲେଗେଡାରେ ହେଉଛି ପଞ୍ଚାୟତ ନିର୍ବାଚନ। ୧୫୧ ଗ୍ରାମର ୩୦ ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଆଗାମୀ ଦିନରେ ନିଜ ମତ ସାବ୍ୟସ୍ତ କରିବେ। ପୂର୍ବରୁ ଆମେ ସବୁ ମୁରବୀ ନ ଥିବା ପରିବାର ଭଳି ବଞ୍ଚୁଥିଲୁ। ଆମ ପାଖରେ ଆମ ସମସ୍ୟା ବୁଝିବାକୁ କେହି ନ ଥିଲେ। ଫଳରେ ଆମ ଅଞ୍ଚଳର ବିକାଶ ହେଇପାରୁ ନ ଥିଲା। ବର୍ତ୍ତମାନ ଆମେ ଭୋଟ ଦେବୁ, ଆମ ଅଞ୍ଚଳର ବିକାଶ ଆମେ କରିବୁ ବୋଲି କହନ୍ତି ପାପରମେଟଲା ପଞ୍ଚାୟତର ଦୈତାରି ଗୋଲାରି, ଜାମଜୋଡି ଗ୍ରାମର ଶୁକଦେବ ହନ୍ତାଳ, ଜନ୍ତବାଇ ଗ୍ରାମର ପର୍ଶୁରାମ କିଞ୍ଚଇ ପ୍ରମୁଖ।

## ସଚେତନତା ରଥ ଉଦ୍‌ଘାଟିତ

ମାଲକାନଗିରି,୨।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରଶାସନ ଓ ଆକ୍ସନ୍ ଏଡ୍ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ସଚେତନତା ରଥ ଉଦ୍‌ଘାଟିତ ହୋଇଛି। ଏହାକୁ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ୭ଟି ବ୍ଲକ ବୁଲି କୋଭିଡ-୧୯ରୁ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରିବ। ଟିକାକରଣର ଉପକାରିତା ଓ ବାଲ୍ୟ ବିବାହ ନିରାକରଣ ଉପରେ ମଧ ସଚେତନତା ବାର୍ତ୍ତା ପ୍ରଚାର କରିବ। କାର୍ଯ୍ୟକ୍ରମରେ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସୌଦାମିନୀ ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଅତିରିକ୍ତ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ବଳରାମ ଭୁମିଆ, ନୀତି ଆୟୋଗ ଟିମ୍‌ର ସ୍ୱୟଂ ପ୍ରସନ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ପୌର କାର୍ଯ୍ୟାଳୟ ଘେରିବ ଦର୍ଜି ସଂଘ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟମାନେ।

ମାଲକାନଗିରି,୨।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମା' ମାଉଳି ଦର୍ଜି ସଂଘର ଏକ ସାଧାରଣ ବୈଠକ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧକ୍ଷତାରେ ବିଜୁ ପଟ୍ଟନାୟକ କ୍ଲବ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରୋନା ମହାମାରୀ ସମୟରେ ଦର୍ଜିମାନଙ୍କ ପାଇଁ ରାଜ୍ୟ ସରକାର ୧୦ ହଜାର ଟଙ୍କା ଅନୁକମ୍ପା ରାଶି ଘୋଷଣା କରିଥିଲେ। ପୌର ପରିଷଦ ପକ୍ଷରୁ ଏହି ଦର୍ଜିମାନଙ୍କୁ ଚିହ୍ନଟ କରାଯାଇ ଅଳ୍ପ ସଂଖ୍ୟକ ଦର୍ଜିଙ୍କୁ ତିନି କିସ୍ତିରେଏହି ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଅନେକ ଦର୍ଜି ଏହି ସହାୟତା ପାଇ ନ ଥିବା ଅଭିଯୋଗ କରିଥିଲେ। ଅନ୍ୟ କେତେଜଣ ପ୍ରଥମ ଓ ଦ୍ୱିତୀୟ କିସ୍ତି ଅର୍ଥ ପାଇନାହାନ୍ତି। ଫଳରେ ଦର୍ଜି ପରିବାର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ପୌର କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଯଦି ସେମାନଙ୍କୁ ଶୀଘ୍ର ଏହି ସହାୟତା ବାବଦ ଅର୍ଥ ନ ମିଳେ ତେବେ ଆଗାମୀ ଦିନରେ ସେମାନେ ପୌର କାର୍ଯ୍ୟାଳୟକୁ ଘେରାଉ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ସମ୍ପାଦକ ଗୁପ୍ତ ମହାନ୍ତି, କୋଷାଧ୍ୟକ୍ଷ ବଲ୍ଲିଧର ସେଠୀ, ମଙ୍ଗରାଜ ବେହେରା, ପି. ଭେଙ୍କଟ ରାଓ, ପ୍ରମିଳା ଦାସ, ଗୌରୀ ବେହେରାଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ଦର୍ଜି ଉପସ୍ଥିତ ଥିଲେ।

## ପ୍ରକାଶ ପାଇଲା ପୌର ପରିଷଦର ବିଭିନ୍ନ ୱାର୍ଡର ଚୂଡ଼ାନ୍ତ ସଂରକ୍ଷଣ ତାଲିକା

ଗୁଣପୁର,୨।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁରରର ୧୯ଟି ୱାର୍ଡର କାଉନ୍‌ସିଲର ନିମନ୍ତେ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ ପାଇଛି। ଏହି କ୍ରମରେ ୧,୫,୬,୭,୧୧,୧୩ ଏବଂ ୧୬ନଂ ୱାର୍ଡ ଅଣସଂରକ୍ଷିତ ରହିଛି। ୨,୩,୪,୧୨,୧୪,୧୭ ଏବଂ ୧୮ନଂ ୱାର୍ଡ ମହିଳାଙ୍କ ପାଇଁ ସଂରକ୍ଷଣ ରଖାଯାଇଛି। ୮,୯ ନମ୍ବର ୱାର୍ଡ ଅନୁସୂଚିତ ଜାତି (ମହିଳା), ୧୦ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି, ୧୫ ନମ୍ବର ୱାର୍ଡ ଅନୁସୂଚିତ ଜନଜାତି(ମହିଳା) ଏବଂ ୧୯ ନମ୍ବର ୱାର୍ଡ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିବା ନେଇ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଗତ ୩୧ରେ ଗୁଣପୁର ପୌରାଧକ୍ଷ ପଦ ମହିଳାଙ୍କ ପାଇଁ ସଂରକ୍ଷଣ ଥିବା ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା।

# ମୌଳିକ ସୁବିଧାଠାରୁ ଦୂରରେ ଚଣ୍ଡିଜାନିଗୁଡ଼ା

ଦଶମନ୍ତପୁର, ୨।୨ ( ଡ଼ି.ଏନ.ଏ.)



ଜଣେ ଗ୍ରାମବାସୀ ନଳକୂପରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର ଚଣ୍ଡିଜାନୀଗୁଡା ଗ୍ରାମ। ଏଠାରେ ମୌଳିକ ସୁବିଧାରୁ ଗ୍ରାମବାସୀ ବଞ୍ଚିତ ହୋଇ ଆସୁଥିବା ଅଭିଯୋଗ ହେଉଛି। ୬୦ ପରିବାର ଆଦିବାସୀ କନ୍ଧ ଓ ଅନ୍ୟ ସମ୍ପ୍ରଦାୟର ଲୋକେ ବସବାସ କରୁଥିବା ବେଳେ ଗ୍ରାମର ଜନସଂଖ୍ୟା ୨୫୦ରୁ ଉର୍ଦ୍ଧ୍ୱ ରହିଛି। ପୋଡୁଚାଷ କରି ଜୀବିକା ନିର୍ବାହ କରୁଥିବା ଏହି ଗ୍ରାମବାସୀଙ୍କ ଗମନାଗମନ ପାଇଁ ପକ୍କା ରାସ୍ତା ନାହିଁ। ପାନୀୟ ଜଳ ସମସ୍ୟା ମଧ ଲାଗି ରହିଛି ଗ୍ରାମରେ। ଏନେଇ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଜଣାଇଥିଲେ ମଧ କେହି ଶୁଣୁନାହାନ୍ତି। ଗ୍ରାମରେ୨ଟି ନଳ କୂଅ ରହିଥିଲେ ସୁଦ୍ଧା ଗୋଟିଏ ଦୀର୍ଘଦିନ ଧରି ଅଚଳ ହୋଇପଡିଛି। ଅନ୍ୟ ଗୋଟିଏ ନଳକୂଅ ମିଳୁଥିବା ପାଣି ଗ୍ରାମବାସୀଙ୍କ ଲାଗି ଯଥେଷ୍ଟ ହେଉନାହିଁ। ଫଳରେ କେତେକ ପରିବାର ନିକଟସ୍ଥ ନାଳ ପାଣି ବ୍ୟବହାର କରୁଥିବା କହନ୍ତି ଗ୍ରାମର ଘେନୁ ସାଉନ୍ତା, ପୂର୍ଣ୍ଣ ମିଣିଆକା, ମହେଶ୍ୱର ସାଉନ୍ତା, ଡମ୍ବୁ ଜାନି। ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୭ କି.ମି. ଦୂରରେ ଥିବା ଏହି ଗ୍ରାମ ପ୍ରତି ପ୍ରଶାସନିକ ଅବହେଳା ଜାରି ରହିଥିବାରୁ ଗ୍ରାମରେ କୌଣସି ବିକାଶମୂଳକ କାର୍ଯ୍ୟ ହେଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ପଲି ସଭା ଓ ଗ୍ରାମ ସଭାରେ ଗ୍ରାମର ବିକାଶ ପାଇଁ ପ୍ରସ୍ତାବ ଗୃହୀତ ହେଉଛି ମାତ୍ର ଏହି ଗୃହୀତ ପ୍ରସ୍ତାବ କାର୍ଯ୍ୟକାରୀ ହେଉନାହିଁ। ଗ୍ରାମଠାରୁ ୩ କିମି ଦୂରରେ ରହିଛି ମୁଦାର ଛକ। ଏହି ଛକ ଉପରେ ବଜାର ସଉଦା ଉପରେ ଗ୍ରାମବାସୀ ନିର୍ଭର କରିଥାନ୍ତି। ଗମନାଗମନ ସୁବିଧା ନ ଥିବାରୁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର କେହି ଅସୁସ୍ଥ ହୋଇ ପଡିଲେ ଭାରରେ ବୋହି ପରିବାର ଲୋକେ ନିଅନ୍ତି ଦଶମନ୍ତପୁର ଡାକ୍ତରଖାନା। ତୁରନ୍ତ ଚଣ୍ଡିଜାନିଗୁଡାକୁ ପାନୀୟ ଜଳ ବ୍ୟବସ୍ଥା ସହ ଗ୍ରାମକୁ ପକ୍କା ରାସ୍ତା ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି ଗ୍ରାମବାସୀ।

## ସଂକ୍ଷେପରେ

### ୨.୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୫ ଗିରଫ

**ମାଲକାନଗିରି, ୨।୨ (ଡି.ଏନ.ଏ.):** ମାଲକାନଗିରି ଜିଲା ଗୋବିନ୍ଦପାଲି ଅଞ୍ଚଳରୁ କାଉଡି ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସମୟରେ ମାଥିଲି ପୋଲିସ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅଞ୍ଚଳର ମଦନ ମାଝି, ମିଟୁ ଭତ୍ରା, ଗୁଣବନ୍ତ ମୁରିଆ, ରତନ ଭତ୍ରା ଓ ମନ ଭତ୍ରା। ସେମାନଙ୍କଠାରୁ ୨୫୬ କେଜି ଗଞ୍ଜେଇ ଜବତ କରାଯାଇଛି। ଗୋବିନ୍ଦପାଲି ଘାଟିରେ ପୋଲିସ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ କେତେ ଜଣ ଲୋକ କାଉଡି ଧରି ଯାଉଥିବା ଦେଖିବାକୁ ପାଇଥିଲେ। ସେମାନଙ୍କ ଉପରେ ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିବାକୁ କାଉଡି ଭିତରୁ ଉପରୋକ୍ତ ପରିମାଣର ଗଞ୍ଜେଇ ମିଳିଥିଲା। ବୁଧବାର ଏହି ୫ ଜଣ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ବିଜେଡି ପକ୍ଷରୁ ପଦଯାତ୍ରା କରି ପ୍ରଚାର

**ମାଲକାନଗିରି, ୨।୨ (ଡି.ଏନ.ଏ.):** ମାଲକାନଗିରି ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଚାର ଜମିବାରେ ଲାଗିଛି। ପ୍ରାର୍ଥୀମାନେ ନିଜ ସମର୍ଥକମାନଙ୍କ ସହ ପ୍ରଚାର ଚଳାଇଛନ୍ତି। ବୁଧବାର ବିଜେଡି ପକ୍ଷରୁ ମାଲକାନଗିରି ସଦର ବ୍ଲକ ଅନ୍ତର୍ଗତ ପଦ୍ମଗିରି ଜୋନର ସୀମାଗୁଡି, ସିନ୍ଧ୍ରିମାଳ ଓ ସୋରିଷମାଳଠାରେ ପଦଯାତ୍ରା କରି ପ୍ରଚାର କରାଯାଇଛି। ଏଥିରେ ଦଳର ବହୁ ବରିଷ୍ଠ ନେତା, କର୍ମୀଙ୍କ ସହ ଅଞ୍ଚଳର ଜିଲା ପରିଷଦ ପ୍ରାର୍ଥୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ପଦ୍ମଗିରି ଜୋନ ସଂଯୋଜକ ତଥା ପୂର୍ବତନ ବିଧାୟକ ମାନସ ମାଡକାମି, ଜିଲା ପରିଷଦ ପ୍ରାର୍ଥୀ କୁନି ଭୂମିଆ, ବ୍ଲକ ଅଧକ୍ଷ ଅକ୍ଷୟ ନାୟକ, ସିନ୍ଧ୍ରିମାଳ ସରପଞ୍ଚ ଶମାରି ମାଡକାମି, ସୁରେନ୍ଦ୍ର ନାଥ ରଥ, ଫନିଭୂଷଣ ରାୟ, ପୂର୍ବତନ ମିଡିଆ ସଂଯୋଜକ ସଦାନନ୍ଦ ଖରା, କେ. ରାହୁଲ ପ୍ରମୁଖ ଲୋକଙ୍କ ଘରକୁ ଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା। ଫଟୋ: ପଦ୍ମଗିରି ଜୋନରେ ବିଜେଡି ପକ୍ଷରୁ ପଦଯାତ୍ରା କରି ପ୍ରଚାର କରାଯାଉଛି।

### ମାନସିକ ରୋଗ ଚିକିତ୍ସା ଶିବିର



**ଚିତ୍ରକୋଣ୍ଡା, ୨।୨ (ଡି.ଏନ.ଏ.):** ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରଫୁଲ୍ଲ ନନ୍ଦଙ୍କ ନିର୍ଦ୍ଦେଶରେ ମାନସିକ ସ୍ୱାସ୍ଥ୍ୟ ଚିକିତ୍ସା କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ମାନସିକ ରୋଗ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିକିତ୍ସାଳୟ ଅଧକ୍ଷ ଡା. କ୍ଷୀରୋଦ ଚନ୍ଦ୍ର ମହନ୍ତ ଅଧକ୍ଷତା କରିଥିଲେ। ଡାକ୍ତର ସନ୍ଧ୍ୟାରାଣୀ ପଟ୍ଟନାୟକ, ତାଲିମପ୍ରାପ୍ତ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ମାଲିକ ମହମଦ ଅବିଦ ହୁସେନ, ସାମାଜିକ କର୍ମୀ ଦୀପକ କୁମାର ଦିଗାଲ ଓ ନର୍ସ ରଶ୍ମିରଞ୍ଜନ ଦାଶ ଶିବିର ପରିଚାଳନା କରିଥିଲେ। ୪୧ ଜଣ ମାନସିକ ରୋଗୀ ନାମ ପଞ୍ଜୀକରଣ କରି ଚିକିତ୍ସିତ ହୋଇଥିଲେ। ଗୁରୁତର ଥିବା ମାନସିକ ରୋଗୀଙ୍କୁ ଅଧିକ ଚିକିତ୍ସା ପାଇଁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କାର୍ଯ୍ୟକ୍ରମକୁ ସନ୍ତୋଷୀ ଶାହା ଏବଂ ରାଜେନ୍ଦ୍ର ଦାଶ ପରିଚାଳନା କରିଥିଲେ।

### ମା’ ଘର ସଦସ୍ୟାଙ୍କ ଅଭିଯୋଗର ତଦନ୍ତ

**ଜୟପୁର, ୨।୨ (ନି.ପ୍ର.):** ମା’ଘର ଅନୁଷ୍ଠାନର ସଦସ୍ୟାଙ୍କୁ ବଦନାମ କରୁଥିବା ନେଇ ଜୟପୁର ମହିଳା ଥାନାରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ପ୍ରଭାକର ହନ୍ତାଳ, ବିଷ୍ଣୁପ୍ରିୟା ସାହୁ, ରୀନା ନାୟକ ଓ ସୂର୍ଯ୍ୟସ୍ମିତା ସ୍ୱାଇଁଙ୍କ ନାମରେ ମାମଲା ରୁଜୁ କରିଛି। କେସ୍ ନଂ. ୧୩/୨୨। ମା’ଘର ସଦସ୍ୟା ପ୍ରଭାତି ରାଉତ ମହିଳା ଥାନାରେ ଦେଇଥିବା ଏତଲାରେ ଏହି ୪ଜଣ ସେ ଟଙ୍କା ଖାଇଥିବା ନେଇ ବଦନାମ କରୁଥିବା ଉଲ୍ଲେଖ କରିଛନ୍ତି। ଏପରିକି ଅଭିଯୁକ୍ତମାନେ ତାଙ୍କୁ ମାଡ ମଧ ମାରିଛନ୍ତି। ପୋଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ମମତା ପାଣିଗ୍ରାହୀ କହିଛନ୍ତି।

### ଚୋରି ମାମଲାରେ ୨ ଗିରଫ

**ଜୟପୁର, ୨।୨ (ନି.ପ୍ର.):** ହାନାଗୁଡାସ୍ଥିତ ପାଣି ଟାଙ୍କି ନିକଟରୁ ପାଇପ ଚୋରି ଅଭିଯୋଗରେ ପୋଲିସ ବୁଧବାର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହାନାଗୁଡାର ରାଜେନ୍ଦ୍ର ଟାକରି ଓ ଅଶୋକ ଗୋୟଲ। ହାନାଗୁଡାଠାରେ ଥିବା ପାଣି ଟାଙ୍କି ନିକଟରୁ ପାଇପ ଚୋରି ହୋଇଥିବା ନେଇ ବିଭାଗର ଜିତେନ୍ଦ୍ର ହାଂସଦା ଅଭିଯୋଗ କରିଥିଲେ। ପୋଲିସ ୩୦/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଚୋରି ସାମଗ୍ରୀ ଜବତ ହୋଇଥିବା ଜଣାପଡିଛି।

# ଉଠାଜଳସେଚନ ପଏଣ୍ଟରୁ ଉପକୃତ ହେଉନାହାନ୍ତି ଚାଷୀ

## ୨ ଜଣ ଚଳାଇଛନ୍ତି ମନମାନି କାରବାର

**କୋଟପାଡ, ୨।୨ (ଡି.ଏନ.ଏ.)**



କନିଷ୍ଠଯନ୍ତ୍ରୀ ଓ ଥାନା ସେକେଣ୍ଡ ଅଫିସରଙ୍କ ସହ ଚାଷୀ ଆଲୋଚନା କରୁଛନ୍ତି।

କୋରପୁଟ ଜିଲା କୋଟପାଡ ବ୍ଲକ ମୂର୍ତ୍ତାହାଣ୍ଡି ପଞ୍ଚାୟତର ମାଚାହାଣ୍ଡି ଅଞ୍ଚଳରେ ବିଜୁ କୃଷକ ବିକାଶ ଯୋଜନାରେ୨୦/୨୫ଜଣ ଗରିବ ଚାଷୀଙ୍କୁ ନେଇ ଖରଫ ଫସଲ ସକାଶେ ଗତ ୫ବର୍ଷ ତଳେ ଅଲୋଟା ଜଅରା ନଦୀ କୂଳରେ ୨ଟି ୧୦ଏଚପି ମୋଟର ଲଗାଯାଇ ପାଣି ଉଠାଯିବା ବ୍ୟବସ୍ଥା ହୋଇଥିଲା। ଏହାଦ୍ୱାରା ୨୦ ହେକ୍ଟର ଖରିଫ ଓ ୧୬ ହେକ୍ଟର ଜମିରେ ରବି ଚାଷ ସହ ଡାଲି ଜାତୀୟ ଓ ପନିପରିବା ଚାଷ କରିବା ନେଇ ଲକ୍ଷ୍ୟ ରଖାଯାଇଥିଲା। ଲିଫ୍ଟ ଇରିଗେସନ ବିଭାଗ ପକ୍ଷରୁ ମଚାହାଣ୍ଡି ଏବଂ ନିକଟସ୍ଥ ସବୁ ଜମିଗୁଡିକୁ ପାଣି ମାଡିବା ପାଇଁ ପାଇପ ବିଛାଯାଇ ଡାଇର୍ଭସନ ସହ ୪ଟି ପଏଣ୍ଟ ବ୍ୟବସ୍ଥା ହୋଇଥିଲା। ମାତ୍ର ମଚାହାଣ୍ଡି ଅଞ୍ଚଳର ଗୋଟିଏ ପଏଣ୍ଟରୁ ଏକ ନିର୍ଦ୍ଦିଷ୍ଟ ପରିବାରର ୨ଜଣ ଚାଷୀ କେବଳ ନିଜ ଜମିକୁ ପାଣି ମଡାଇ ଖରିଫ ଚାଷ ଦୀର୍ଘଦିନ ଧରି କରି ଆସୁଛନ୍ତି। ନିଜ ଜମି ଛଡା ପାଖ ପଡୋଶୀ ଚାଷୀଙ୍କୁ ଚାଷ ସକାଶେ ପାଣି ଛାଡୁନାହାନ୍ତି। ଏନେଇ ଚାଷୀମାନେ ପ୍ରତିବାଦ କଲେ ସେମାନଙ୍କୁ ସମ୍ପୃକ୍ତ ପରିବାର ଧମକ ଚମକ ଦେଉଛନ୍ତି। ଏନେଇ ଚାଷୀ ସ୍ଥାନୀୟ ବିଡିଓ, କୋରପୁଟ ଜିଲାପାଳ, ପୋଲିସ ଏବଂ ଲିଫ୍ଟ ଇରିଗେସନ କନିଷ୍ଠଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ସୋମବାର ବିଭାଗୀୟ କନିଷ୍ଠଯନ୍ତ୍ରୀ ସୁବୋଧ ଦାସ ଓ କୋଟପାଡ ଥାନା ସେକେଣ୍ଡ ଅଫିସର ସୁନିଲ ସ୍ୱାଇଁ ମଚାହାଣ୍ଡିରେ ପହଞ୍ଚି ତଦନ୍ତ କରିଥିଲେ। ଏହି ସମୟରେ ଚାଷୀମାନେ ଏକତ୍ରିତ ହେଇ ଏହି ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ମାତ୍ର ଏହାର କୌଣସି ସମାଧାନ ହୋଇ ନ ପାରିବାରୁ କନିଷ୍ଠଯନ୍ତ୍ରୀ ଦାସ ଉକ୍ତ ଉଠା ଜଳସେଚନ ପଏଣ୍ଟକୁ ବନ୍ଦ କରିବା ସହ ମୁର୍ତ୍ତାହାଣ୍ଡି ସରପଞ୍ଚଙ୍କୁ ସମାଧାନ କରିବାକୁ କହି ଚାଲିଯାଇଥିଲେ। ଏହାର ପ୍ରତିବାଦରେ ଚାଷୀମାନେ ନଦୀସ୍ଥିତ ପଏଣ୍ଟ ସ୍ଥଳକୁ ଯାଇ ସରପଞ୍ଚଙ୍କ ଉପସ୍ଥିତିରେ ଚାଲୁ ରହିଥିବା ଏକ ମୋଟର କାଢି ସରପଞ୍ଚଙ୍କ ଜିମା ଦେଇଥିଲେ। ତେବେ ଏହି ଉଠାଜଳସେଚନ ପଏଣ୍ଟ ମନୋଜ ବିଶୋୟୀ ଓ ବୁଦ୍ଧୁ ସିଂ ବିଶୋୟୀଙ୍କ ନାମରେ ଥିବା ଜଣାପଡିଛି। ଏନେଇ କନିଷ୍ଠଯନ୍ତ୍ରୀ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ଉକ୍ତ ପଏଣ୍ଟ ରବି ଫସଲ ସକାଶେ ଲାଗିଛି। ବଡ଼ ମୋଟର ଲଗାଇବାକୁ ଚେଷ୍ଟା କରାଯାଉଛି।

# ବର୍ଷେ ହେଲା ଭତ୍ତା ପାଇନାହାନ୍ତି ହୀରାମଣି

**କୋରୁକୋଣ୍ଡା, ୨।୨ (ଡି.ଏନ. ଏ)**



ବର୍ଷେ ହେଲା ଭତ୍ତା ପାଇନାହାନ୍ତି ହୀରାମଣି ମୁଦୁଲି। ସରକାରଙ୍କ ନୂତନ ନିୟମ ଅନୁସାରେ ସେ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସଦର ପଞ୍ଚାୟତ ଜାମଗୁଡା ଗ୍ରାମର ବୃଦ୍ଧା ହୀରାମଣି (୮୦)ଙ୍କ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି ହୀରମଣିଙ୍କ ସ୍ୱାମୀଙ୍କ ଦୀର୍ଘଦିନ ହେଲା ପରଲୋକ ହୋଇଯାଇଛି। ପୁଅ ନ ଥିବାରୁ ସେ ଏବେ ବିବାହିତା ଝିଅ ଘରେ ରହୁଛନ୍ତି। ବୟସାଧିକ ହେତୁ ତାଙ୍କ ଆଖିକୁ ଦେଖାଯାଉନାହିଁ। ସରକାରଙ୍କ ଅନ୍ତ୍ୟୋଦୋୟ ଯୋଜନାରେ ସେ ୩୫ କେଜି ଚାଉଳ ପାଇବା ସହ ପୂର୍ବରୁ ଭତ୍ତା ୭ଶହ ଟଙ୍କା ପାଇ ଆସୁଥିଲେ। ମାତ୍ର ଭତ୍ତା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ ବୋଲି ସରକାର ନିଷ୍ପତ୍ତି ନେବା ପରଠାରୁ ସେ ଭତ୍ତା ପାଇପାରୁନାହାନ୍ତି। ଆଖିକୁ ଦେଖାଯାଉ ନ ଥିବାରୁ ହିରାମଣୀ ବ୍ୟାଙ୍କକୁ ଯାଇ ଜମାଖାତା ଖୋଲିପାରୁନାହାନ୍ତି। ସରକାରଙ୍କ ନିୟମ ମୁତାବକ ଯେଉଁ ହିତାଧିକାରୀ ପଞ୍ଚାୟତ ଏବଂ ବ୍ୟାଙ୍କ ଯାଇ ନିଜ ଭତା ଆଣିବାକୁ ସକ୍ଷମ ନୁହଁନ୍ତି ତାଙ୍କ ଘରକୁ ଯାଇ ସ୍ଥାନୀୟ ପଞ୍ଚାୟତ ଅଧିକାରୀ ତାଙ୍କୁ ଭତା ପ୍ରଦାନ କରିବା କଥା। ମାତ୍ର ହିରାମଣୀଙ୍କ ପାଖକୁ ବର୍ଷେ ହେଲା କେହି ଯାଇନାହାନ୍ତି କି ସେ ଭତ୍ତା ଟଙ୍କା ପାଇନାହାନ୍ତି। ଭତ୍ତା ଟଙ୍କା ନ ପାଇ ଆମେ ବହୁତ ଅସୁବିଧାରେ ଚଳୁଛୁ ବୋଲି କହନ୍ତି ହୀରାମଣିଙ୍କ ଝିଅ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଦ୍ୱିତୀୟ ସ୍ତ୍ରୀ ପାଇଁ ପ୍ରଥମ ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ଜୟପୁର, ୨।୨ (ନି.ପ୍ର.)**

ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଛି। କୋରାପଟ ଇନ୍ଦିରା କଲୋନୀର ନମିତା ଖରା ତାଙ୍କୁ ସ୍ୱାମୀ ଦ୍ୱିତୀୟ ବିବାହ କରିବା ପରେ ନିର୍ଯାତନା ଦେଉଥିବା ଅଭିଯୋଗ କରିଛନ୍ତି। ୧୫ ବର୍ଷ ତଳେ ଜିତେନ୍ଦ୍ର ଖରାଙ୍କୁ ନମିତା ବିବାହ କରିଥିଲେ। ବର୍ଷେ ତଳେ ଜିତେନ୍ଦ୍ର ଦ୍ୱିତୀୟ ସ୍ତ୍ରୀ ଗ୍ରହଣ କରି ତାଙ୍କୁ ନିର୍ଯାତନା ଦେଉଥିବା ନମିତା ଏତଲାରେ ଉଲ୍ଲେଖ କରିଛନ୍ତି। ପୋଲିସ ୧୧/୨୨ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ଜୟପୁର ବାଇପାସ ରୋଡରେ ରହୁଥିବା ଆଶା ଗୋଏଲ ଜୟପୁର ମହିଳା ଥାନାରେ ସ୍ୱାମୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଗତ ୧୨ ବର୍ଷ ତଳେ ନାରାୟଣ ଦାସ ଗୋଏଲଙ୍କୁ ବିବାହ କରିଥିଲେ। ୬ ମାସ ତଳେ ଗୋଏଲ ଦ୍ୱିତୀୟ ବିବାହ କରି ପ୍ରଥମ ସ୍ତ୍ରୀ ଆଶାଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ୧୨/୨୨ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଚୋରି ମାମଲାରେ ୪ ଗିରଫ

**ଜୟପୁର, ୨।୨ (ନି.ପ୍ର.)**



ଜବତ ସାମଗ୍ରୀ ଏବଂ ଗିରଫ ଅଭିଯୁକ୍ତମାନେ।

ଏକ ଚୋରି ମାମଲାର ପ୍ରର୍ଦ୍ଦାଫାଶ କରିଛି ଜୟପୁର ସଦର ପୋଲିସ। ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୂଳାସର ଗ୍ରାମର ମହୋନ ତନ୍ତି, ବିକି ସୁରିଆ, ରଣ୍ଡାପାଲ୍ଲିର ଅମିତ ଗାଇଁ ଓ କାଲିମେଳାର ଅମିତେଶ ମଣ୍ଡଳ (୨୭)। ସଦର ଥାନା ଅନ୍ତର୍ଗତ ଡିମଳାଠାରେ ଏକ ୱେଲଡିଂ ୱାର୍କଶପ୍‌ରୁ ଏହି ଅଭିଯୁକ୍ତମାନେ ୨୯ ତାରଖ ବିଳମ୍ବିତ ରାତ୍ରରେ ୱାର୍କଶପ୍‌ର ବିଭିନ୍ନ ଯନ୍ତ୍ରପାତି ଚୋରି କରି ନେଇଥିଲେ। ଏନେଇ ୩୦ ରେ ୱାର୍କଶପ୍ ମ୍ୟାନେଜର ରାହୁଲ ରଣା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ପ୍ରଥମେ ୩ଜଣଙ୍କୁ ଗିରଫ କରିଥିଲା। ସେମାନେ ଚୋରି ସାମଗ୍ରୀ କାଲିମେଳା ଅଞ୍ଚଳର ଅମିତେଶଙ୍କୁ ବିକ୍ରୟ କରିଥିବା ସୂଚନା ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା। ଅମିତେଶଙ୍କଠାରୁ ଚୋରି ହୋଇଥିବା ୨ଟି ୱେଲଡିଂ ମେଶିନ, ୨ଟି ଡ୍ରିଲିଂ ମେଶିନ, ୩ଟି କଟିଂ ମେଶିନ, ଗୋଟିଏ କଲର ମେଶିନ, ଗୋଟିଏ ଟୁଲ ବକ୍ସକୁ ପୋଲିସ ଜବତ କରିଛି। ଏଥିସହ ଟ୍ରଲି ଅଟୋ ରିକ୍ସା, ବାଇକ୍ ସହ ୧୫ ହଜାର ଟଙ୍କା, ୪ଟି ମୋବାଇଲ ଫୋନ ଜବତ କରିଥିବା ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା କହିଛନ୍ତି। ଏହି ସମୟରେ ଥାନା ଅଧିକାରୀ ଈଶ୍ୱର ତାଣ୍ଡି ଉପସ୍ଥିତ ଥିଲେ।

## ଭୋଟ ବର୍ଜନ କରିବେ ଗ୍ରାମବାସୀ

**କୋରାପୁଟ, ୨।୨ (ସ୍ୱ.ପ୍ର.)**

ସରକାରୀ ଯୋଜନାରୁ ବଞ୍ଚିତ କୋରାପୁଟ ଜିଲାର ୪ଟି ଗ୍ରାମର ଗ୍ରାମବାସୀମାନେ ପଞ୍ଚାୟତ ନିର୍ବାଚନ ଭୋଟ ବର୍ଜନ ପାଇଁ ନିଷ୍ପତ୍ତି ନେଇଛନ୍ତି। ଆମ ଗ୍ରାମକୁ ଯିବାପାଇଁ ଭଲ ରାସ୍ତା ନ ଥିବାବେଳେ ଗ୍ରାମରେ ଦୀର୍ଘ ଦିନ ହେଲା ପାଣି ସମସ୍ୟା ରହିଛି। ଏହାର ସମାଧାନ ସରକାର କିମ୍ବା ପ୍ରଶାସନ କରୁ ନ ଥିବାରୁ ଆମେ ଭୋଟ ନ ଦେବାକୁ ନିଷ୍ପତ୍ତି ନେଇଛୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ପଞ୍ଚାୟତ ନିର୍ବାଚନରେ କୋଲାବ, ଚଣ୍ଡାଲଗୁଡା, ଥାଟୁଗୁଡା ଓ ଡୁମୁରିଗୁଡାର ୨ଟି ୱାର୍ଡ ପାଇଁ ଗ୍ରାମବାସୀ ପ୍ରାର୍ଥୀ ଦେଇନଥିବାବେଳେ ସରପଚଂ ଓ ଜିଲା ପରିଷଦ ପାର୍ଥୀଙ୍କୁ ଗ୍ରାମକୁ ପ୍ରବେଶ କରାଇ ଦେଉ ନ ଥିବା ଦେଖିବାକୁ ମିଳୁଛି। ୨୦୧୯ରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ମଧ ଗ୍ରାମବାସୀ ଭୋଟବର୍ଜନ ଡାକରା ଦେଇଥିବାଲେ। ଉପଜିଲାପାଳଙ୍କ ଉପସ୍ଥିତିରେ ସବୁ ସମସ୍ୟା ସମାଧାନ ହେବ ବୋଲି ବିଧାୟକ ରଘୁରାମ ପଡାଲ ଲିଖିତ ପ୍ରତିଶ୍ରୁତି ଦେବା ପରେ ୪ଟି ଗ୍ରାମର ଗ୍ରାମବାସୀ ସେତେବେଳେ ଭୋଟ ଦେଇଥିଲେ।

# ନିମ୍ନମାନର ରାସ୍ତା ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

**ଦଶମନ୍ତପୁର, ୨।୨ (ଡ଼ି.ଏନ.ଏ.)**



ନିର୍ମିତ ରାସ୍ତାରେ ପାଣିଦେଇ ରୋଲର ମଡ଼ାଇବା ବଦଳରେ ଶ୍ରମିକମାନେ ଇଟାରେ ରାସ୍ତାକୁ ଛେଚୁଛନ୍ତି।

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ବାଣ୍ଡୁଆଗୁଡା ଛକରୁ ମୁର୍କାର ପଞ୍ଚାୟତର ଦୁଡ଼ିଖୋଲା ରାସ୍ତା ନିର୍ମାଣ ଚାଲିଛି। ଏହି କାମକୁ ଠିକା ନେଇଥିବା ଠିକାଦାର ନିମ୍ନମାନର କାମ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ମେଟାଲ ପରିବର୍ତ୍ତେ କେବଳ ମାଟି ପକାଯାଉଛି। ପାଣି ମଧ ଠିକରେ ପଡୁନାହିଁ। କାର୍ଯ୍ୟରେ ଶିଶୁଶ୍ରମିକମାନଙ୍କୁ ନିୟୋଜିତ କରାଯାଇଛି। ରାସ୍ତାର କିଛି ସ୍ଥାନରେ ପଡିଥିବା ପିଚୁ ବାହାରି ପଡଛି। ବିଭାଗୀୟ ଯନ୍ତ୍ରୀ ମଧ କାର୍ଯ୍ୟ ତଦାରଖ କରିବାକୁ ଆସୁନାହାନ୍ତି। ଏପରି ନିମ୍ନମାନର ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏହି ରାସ୍ତାକାମ ଠିକ ରୂପେ ଠିକାଦାର କରୁନାହାନ୍ତି। ରାସ୍ତାରେ ମେଟେଲ ବିଛେଇ ମାଟି ପକାଇ ପାଣିଦେଇ ରୋଲର ମଡ଼ାଇବା ବଦଳରେ ଶ୍ରମିକମାନେ ଇଟାରେ ରାସ୍ତାକୁ ଛେଚୁଛନ୍ତି ବୋଲି ଗାଦିଖାଲ ଗ୍ରାମର ପିତର ବାଘ, ଲକ୍ଷ୍ମଣ ହୁଇକା, ଦିବାକର ବାଘ, ଯୋଗ ହୁଇକା ପ୍ରମୁଖ କହିଛନ୍ତି। ସେହିପରି ଠିକାଦାର ସରକାରଙ୍କ ନିୟମ ଅନୁସାରେ ପ୍ରାପ୍ୟ ଦେଉନାହାନ୍ତି। ୧୨ଘଣ୍ଟା କାମ କରାଇ ୧୭୦ ଟଙ୍କା ମଜୁରି ଦେଉଥିବା ଶ୍ରମିକ ଲକ୍ଷ୍ମୀ ମୁଦୁଲି, ଦିପାଇ ମୁଦୁଲି, କାଳିମଣି ମୁଦୁଲି ପ୍ରମୁଖ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ ଏ ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ

## (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

## ବିଜ୍ଞପ୍ତି

ପତ୍ର ସଂଖ୍ୟା: ୦୨/ଡି.ସି.ପି.ୟୁ./୨୦୨୨ ତା:୦୩।୦୧।୨୦୨୨

No. g-69: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, **ବର୍ଷାରାଣୀ ଗୌଡ଼**, ପିତା: ସୁଦାମ ଗୌଡ଼, ମାତା: ୰ସୁଦେଷ୍ଣା ଗୌଡ଼, ଗ୍ରାମ: ଦେବଭୂମି, ଥାନା: ଆସିକା, ଗଞ୍ଜାମ ନାମକ ଏକ ଶିଶୁ କନ୍ୟା ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରସ୍ଥିତ ଉତ୍କଳ ବାଳାଶ୍ରମଠାରେ ଯତ୍ନ ଓ ସୁରକ୍ଷା ସହିତ ରହି ଆସୁଅଛି।
ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: **୯୪୩୭୪୨୦୯୯୦**କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ଶିଶୁର ନାମ | ଲିଙ୍ଗ | ବୟସ | CWC Case ନମ୍ବର | ବର୍ତ୍ତମାନ ରହିଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | ବର୍ଷାରାଣୀ ଗୌଡ଼ | ଝିଅ | ପ୍ରାୟ ୮ବର୍ଷ | 1330/2019 | ଉତ୍କଳ ବାଳାଶ୍ରମ, ବ୍ରହ୍ମପୁର |  |

ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା୦୯।୦୫।୨୦୨୦ରିଖରେ ଏକ ଶିଶୁ କନ୍ୟା **ଚାନ୍ଦିନୀ ସେଠୀ**, ପିତା: ରଘୁନାଥ ସେଠୀ, ମାତା: ଅନୁସାୟା ସେଠୀ, ଗ୍ରାମ: ଦଣ୍ଡାସି ବଞ୍ଜର, ଥାନା: ଭଞ୍ଜନଗରଠାରୁ ତହସିଲଦାର ଭଞ୍ଜନରଙ୍କ ନିର୍ଦ୍ଦେଶକ୍ରମେ ଚାଇଲଡ ଲାଇନ, ବ୍ରହ୍ମପୁର ଦ୍ୱାରା ଏକା ଗ୍ରାମରେ ବୁଲୁଥିବା ସମୟରେ ଉଦ୍ଧାର କରାଯାଇ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ କମିଟିର ନିର୍ଦ୍ଦେଶକ୍ରମେ ଶିଶୁଟିକୁ ବର୍ତ୍ତମାନ ବାଲ୍ମିକେଶ୍ୱର ଅନାଥ ଆଶ୍ରମ ଧରାକୋଟଠାରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: **୯୪୩୭୪୨୦୯୯୦**କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | CWC Case ନମ୍ବର | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | ଚାନ୍ଦିନୀ ସେଠୀ | ଝିଅ | ୫ ବର୍ଷ | 262/ 2020 | ଦଣ୍ଡାସି ବଞ୍ଜର, ଭଞ୍ଜନଗର |  |

ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା୩୦।୦୭।୨୦୨୧ରିଖରେ ଏକ ନବଜାତ ଶିଶୁପୁତ୍ର ଶେରଗଡ଼ ଥାନା/ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଛାଇ ଗ୍ରାମର ନୂଆଁସାହି ବନ୍ଧ ନିକଟରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କଠାରେ ହାଜର କରାଯାଇ କମିଟିର ନିର୍ଦ୍ଦେଶ ଅନୁସାରେ ଶିଶୁଟିର ଉତ୍ତମ ଚିକିତ୍ସା ପରେ ବର୍ତ୍ତମାନ SAA, ଉତ୍କଳ ବାଳାଶ୍ରମ, ବ୍ରହ୍ମପୁରଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତା ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ଫୋନ୍: **୯୪୩୭୪୨୦୯୯୦** ଓ କାର୍ଯ୍ୟାଳୟ: ୦୬୮୦-୨୨୮୧୦୧୨କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ନେଇଯିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | CWC Case ନମ୍ବର | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | ଜଣା ନାହିଁ | ପୁଅ | ଜନ୍ମ ୩୦।୦୭।୨୧ | 2345/21 | ନୂଆଁସାହି ବନ୍ଧଠାରୁ ବ୍ରହ୍ମଣଛାଇ ଥାନା/ବ୍ଲକ, ଶେରଗଡ଼ |  |

ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟଠାରେ ଅବସ୍ଥିତ ବାଲ୍ମିକେଶ୍ୱର ଅନାଥ ଆଶ୍ରମଠାରେ ଜରଡ଼ା ଥାନା, ସାମନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ତାଳପଦର ଗ୍ରାମର ଦୁଇ ଭାଇଭଉଣୀ **ଶିବରାମ ଶବର ଓ କୁନି ଶବର**, ପିତା: ୰ଡମ୍ବରୁ ଶବର ଓ ମାତା: ୰ଖୁରି ଶବର ଏହି ଦୁଇ ଶିଶୁ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ରହି ଆସୁଛନ୍ତି।
ବର୍ତ୍ତମାନ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ଜଣାଇ ଦିଆଯାଉଛି ଯେ ଯଦି ଏହି ଶିଶୁଙ୍କର ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: **୯୪୩୭୪୨୦୯୯୦**କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | CWC Case ନମ୍ବର | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | ଶିବରାମ ଶବର | ପୁଅ | ୧୨ ବର୍ଷ | 275/21 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |
| ୨ | କୁନି ଶବର | ଝିଅ | ୮ ବର୍ଷ | 126/21 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |

ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟଠାରେ ଅବସ୍ଥିତ ବାଲ୍ମିକେଶ୍ୱର ଅନାଥ ଆଶ୍ରମଠାରେ ଜରଡ଼ା ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ସ୍ୱର୍ଗତ M ହତା ନାମକ ଜଣେ ବ୍ୟକ୍ତିଙ୍କ ତିନି ଝିଅ **M ସୁନିତା, M ପୁଷ୍ପା, ଓ M ସଙ୍ଗୀତା** ଉକ୍ତ ଅନୁଷ୍ଠାନରେ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ରହି ଆସୁଛନ୍ତି।
ବର୍ତ୍ତମାନ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ତିନିଗୋଟି ଶିଶୁ କନ୍ୟାଙ୍କ ଯଦି କେହି ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: **୯୪୩୭୪୨୦୯୯୦**କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | CWC Case ନମ୍ବର | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|
| ୧ | M ସୁନିତା | ଝିଅ | 1253/17 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |
| ୨ | M ସଙ୍ଗୀତା | ଝିଅ | 1255/17 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |
| ୩ | M ପୁଷ୍ପା | ଝିଅ | 1254/17 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |

OIPR-33041/11/0001/2122 ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ



# ଇମୋଶନାଲ ତାରା

**ତା**ରା ସୁତାରିଆ ନିକଟରେ ଏମିତି ଇମୋଶନାଲ ହୋଇପଡିଲେ ଯେ, ତାଙ୍କୁ ଶାନ୍ତ ହେବାକୁ ପାଖାପାଖି ଘଣ୍ଟାଏ ଲାଗିଗଲା। କଥା କ'ଣ କି ନିକଟରେ ସେ ଏକ ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂରେ ବ୍ୟସ୍ତ ଥାଆନ୍ତି। ବ୍ରେକ୍ ସମୟରେ ଜଣେ ଦର୍ଶକ ତାଙ୍କର ଅଟୋଗ୍ରାଫ ନେବାକୁ ଚାହିଁଲେ। ଏକଥା ଜାଣିବା ପରେ ବେଶ୍ ଆଗ୍ରହର ସହ ସେ ଦର୍ଶକଙ୍କ ନିକଟକୁ ଯାଇଥିଲେ। ହେଲେ ତାଙ୍କୁ ଦେଖିବା ପରେ ତାରାଙ୍କ ଖୁସି ବନ୍ଧ ବାଡ ମାନି ନ ଥିଲା। କାରଣ ସେହି ଦର୍ଶକ ନିଜ ଦୁଇ ବାହୁରେ ତାରାଙ୍କ ମୁହଁ ଟାଟୁ କରାଇଥିଲେ। ସେହି ଟାଟୁକୁ ଦେଖି ଦର୍ଶକଙ୍କୁ ପ୍ରଶଂସାରେ ପୋତି ପକାଇଥିଲେ ତାରା। କେବଳ ସେତିକି ନୁହେଁ, ଖୁସିରେ ସେ ଏମିତି ପାଗଳ ହୋଇଯାଇଥିଲେ ଯେ, ତାଙ୍କ ଆଖିରୁ ଆନନ୍ଦାଶ୍ରୁ ବୋହି ପଡିଥିଲା। ଆଉ ତା'ପରେ ସେ ଏମିତି ଇମୋଶନାଲ ହୋଇଗଲେ ଯେ ପ୍ରକୃତ ଅବସ୍ଥାକୁ ଆସିବାକୁ ତାଙ୍କୁ ପାଖାପାଖି ଘଣ୍ଟାଏ ଲାଗିଯାଇଥିଲା। ରିଲିଜ ଅପେକ୍ଷାରେ ଥିବା 'ହିରୋପନ୍ଥୀ-୨' ଏବଂ 'ଏକ ଭିଲେନ୍ ରିଟର୍ନସ'ରେ ତାରା ଅଭିନୟ କରିଛନ୍ତି।

# କହୁ କହୁ କହିଦେଲେ

**ସା**ନ୍ୟା ମାଲହୋତ୍ରାଙ୍କ ଆଇଡିଆକୁ ମାନିବାକୁ ପଡିବ। କେତେବେଳେ କ'ଣ କହିଲେ ତାହା ଆଲୋଚନାର ଶିରୋନାମା ପାଲଟିବ ତାହାର କାଇଦା ତାଙ୍କୁ ବେଶ୍ ଭଲ ଭାବରେ ମାଲୁମ। ତେଣୁ ତାଙ୍କୁ କୌଣସି ପ୍ରଶ୍ନ ପଚାରିଲେ ସେ ବେଶ୍ ସତର୍କତାର ସହ ଉତ୍ତର ଦେଉଛନ୍ତି। କେଉଁ ଯୋଡି ତାଙ୍କୁ ବେଶି ଭଲ ଲାଗିଥାଏ-ଏ ପ୍ରଶ୍ନର ଉତ୍ତରରେ ସେ କ'ଣ କହିଛନ୍ତି ଜାଣନ୍ତି ? ଭିକି କୌଶଲ-କ୍ୟାଟ୍ରିନା କୈଫ ଏବଂ ରଣବୀର କପୁର-ଆଲିୟା ଭଟ୍ଟ ଯୋଡି ତାଙ୍କୁ ଭଲ ଲାଗିଥାଏ। ଅବଶ୍ୟ ଇତି ମଧ୍ୟରେ ଭିକି-କ୍ୟାଟ୍ରିନା ବିବାହ ବନ୍ଧନରେ ଆବଦ୍ଧ ହୋଇସାରିଲେଣି ଆଉ ରଣବୀର ଏବଂ ଆଲିୟାଙ୍କ ପ୍ରେମ କାହାଣୀ କାହାକୁ ବା ଅଜଣା। ଦୁହେଁ ମଧ୍ୟ ନିକଟ ଭବିଷ୍ୟତରେ ହାତକୁ ଦି' ହାତ ହେବାକୁ ଯାଉଛନ୍ତି। ଏହାବ୍ୟତୀତ ହୃତିକ ରୋଶନ ଏବଂ ଶାହୀଦ କପୁରଙ୍କ ଡ୍ୟାନ୍ସ ତାଙ୍କୁ ବେଶି ପ୍ରଭାବିତ କରିଛି। ଆଉ ଏକ କଥା। ଭିକିଙ୍କ ସହ ସାନ୍ୟା ଏକ ଫିଲ୍ମରେ ଅଭିନୟ କରିବାକୁ ଯାଉଛନ୍ତି। ତାହାର ଟାଇଟଲ ରହିଛି 'ସାମ୍ ବାହାଦୁର'। ୧୯୭୧ ଭାରତ-ପାକିସ୍ତାନ ଯୁଦ୍ଧର ହିରୋ ସାମ୍ ମାନେକ ଶ'ଙ୍କ ଜୀବନୀକୁ ନେଇ ଏହି ଫିଲ୍ମଟି ନିର୍ମିତ ହେବାକୁ ଯାଉଛି। ସାନ୍ୟା ଅଭିନୟ କରିଥିବା 'ଦଙ୍ଗଲ' ଫିଲ୍ମର କୋ-ଷ୍ଟାର ସାନା ଶେଖ୍‌ଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏହାର ଟାଇଟଲ ଭୂମିକାରେ ଅଭିନୟ କରିବେ ଭିକି କୌଶଳ।



ସାନ୍ୟା

ନୂଆ ମୁହଁ

# ଆଶାରେ କଲ୍ୟାଣା



**ସୌ**ନ୍ଦର୍ଯ୍ୟ ପ୍ରତିଯୋଗିତାରେ ପ୍ରଶଂସା ସାଉଁଟିବା ପରେ ଏବେ ସେ ଏକ ନୂଆ ଦୁନିଆରେ ପାଦ ଦେଉଛନ୍ତି। କେବଳ ସେତିକି ନୁହେଁ, ଏ ନେଇ ସେ ମଧ୍ୟ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଲେଣି। ସେ ହେଲେ ବାଲେଶ୍ୱରରେ ଜନ୍ମିତା କଲ୍ୟାଶା ଶ'। ଖୁବ୍‌ଶୀଘ୍ର ସେ ଓଲିଉଡ୍‌ରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ଏ ନେଇ ସେ କହନ୍ତି, 'ବିୟୁଟି କଣ୍ଟେଷ୍ଟରେ ମୋତେ ଯେତିକି ସମ୍ମାନ ମିଳିଛି ସେଥିପାଇଁ ମୋ ପ୍ରଶଂସକଙ୍କ ନିକଟରେ ମୁଁ ଚିରଋଣୀ। ଏହାବ୍ୟତୀତ ଅଙ୍କିତା ଶ' ଫାଉଣ୍ଡେଶନ ପ୍ରତିଷ୍ଠା କରି ସମାଜସେବାରେ ମନ ଦେଇଛି। କାରଣ ଅସହାୟ ପିଲା ଏବଂ ବ୍ୟକ୍ତିମାନଙ୍କୁ ସହାୟତାର ହାତ ବଢ଼ାଇବାକୁ ମୁଁ ଆଦୌ ପଶ୍ଚାତ୍‌ପଦ ହୋଇ ନ ଥାଏ। ଏବେ ଅଭିନୟ ଜଗତରେ ଏଣ୍ଟ୍ରି କରିବାକୁ ଯାଉଛି। ଏବେ ମୋ ହାତରେ ଦୁଇଟି ଅଫର ରହିଛି, ଯାହାକୁ ଭଲ ଭାବରେ ତର୍ଜମା କରିବା ପରେ ନିଷ୍ପତ୍ତି ନେବି। ତା' ସହ କେତୋଟି ଭଲ କାହାଣୀ ଚୟନ କରିଛି, ଯାହାକୁ ନେଇ ସିନେମା ନିର୍ମାଣ କରାଯାଇପାରେ। ଆଉ ଏକ କଥା। ବିଜ୍‌ନେସମ୍ୟାନ୍ ଜପକିରତ୍ ସିଂ ଓବରୟଙ୍କୁ ମୁଁ ବିବାହ କରିବାକୁ ଯାଉଛି।' ମିସ୍ ବାଲେଶ୍ୱର, ମିସ୍ ଓଡ଼ିଶା, ମିସ୍ ଫଟୋଜେନିକ ଇଣ୍ଡିଆ ମୁକୁଟ ବିଜୟିନୀ ହେବା ସହିତ ଅନେକ ସୌନ୍ଦର୍ଯ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଗ୍ଲାମର ଦୁନିଆରେ ନିଆରା ପରିଚୟ ସୃଷ୍ଟି କରିଛନ୍ତି। ତେବେ ଅଭିନୟ କ୍ଷେତ୍ରରେ କଲ୍ୟାଶା କି କମାଲ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ନୂଆ ସିନେମା

# ସାବିତ୍ରୀ

**ଅ**ଭିନେତା-କମ୍-ନିର୍ଦ୍ଦେଶକ ଶ୍ରୀତମ ଦାସ ଏବଂ 'ସାବିତ୍ରୀ'। ଏହାର ଏକ ସଂଯୋଗ ରହିଛି। କାରଣ ବାସୁଦେବ ତ୍ରିପାଠୀଙ୍କ ପ୍ରଯୋଜିତ ଏହି ଫିଲ୍ମରୁ ସେ ନିଜର ଓଡ଼ିଆ ସିନେମା କ୍ୟାରିୟର ଆରମ୍ଭ କରିଥିଲେ। ଏବେ ସେ ଏକ ଫିଲ୍ମର ନିର୍ଦ୍ଦେଶନା ଦେବାକୁ ଯାଉଛନ୍ତି। ନାରୀଭିତ୍ତିକ ଏକ କାହାଣୀକୁ ନେଇ ଏହାର ନିର୍ମାଣ କରାଯାଉଛି, ଯାହାର ଟାଇଟଲ ରହିଛି 'ସାବିତ୍ରୀ'। ତେବେ ଏପରି ଏକ ସୁଯୋଗ ପାଇବା ପରେ ଶ୍ରୀତମଙ୍କ ଖୁସି କହିଲେ ନ ସରେ। ଏହି ଫିଲ୍ମର ସେ ନିର୍ଦ୍ଦେଶକ ସାଜିବା ସହ ସେଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ମଧ୍ୟ ଅଭିନୟ କରୁଛନ୍ତି। ସସ୍ମିତା ତିଆଡିଙ୍କ ପ୍ରଯୋଜିତ ଏହି ଚିତ୍ରରେ ତପି ମିଶ୍ରଙ୍କୁ ମଧ୍ୟ ଦେଖିବାକୁ ମିଳିବ



ଶ୍ରୀତମ

ଏବଂ ଏଥିରେ କିଏ ନାୟିକା ଭୂମିକାରେ ଅଭିନୟ କରିବ ତାହା ଖୁବ୍‌ଶୀଘ୍ର ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମା ଜଗତର ଆଗଧାଡିର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ନାରୀଭିତ୍ତିକ କାହାଣୀକୁ ଆଧାର କରି ସେ ଏହାପୂର୍ବରୁ 'ଝିଅଟା ବିଗିଡି ଗଲା', 'ଅରୁନ୍ଧତୀ', 'ଚାମ୍ପିୟନ', ନିକଟରେ ଶୁଟିଂ ଶେଷ ହୋଇଥିବା 'ଉଦଣ୍ଡୀ ସୀତା'ର ସଂଳାପ ରଚନା ରଚନା କରିସାରିଛନ୍ତି।

## ଅତୀତରୁ

- ଓଡ଼ିଆ ଚଳଚ୍ଚିତ୍ର 'ନାରୀ'ର ପ୍ରଯୋଜନା ନରେନ୍ଦ୍ର କୁମାର ମିତ୍ର କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ତ୍ରିଲୋଚନ। ଏହାର ପ୍ରମୁଖ ଭୂମିକାରେ ଅନିମା, ଅଶୋକ ଏବଂ ନରେନ୍‌ଙ୍କୁ ଦେଖିବାକୁ ମିଳିଥିଲା।
- କେ. ଭୀମେଶ୍ୱର ରାଓଙ୍କ ନିର୍ଦ୍ଦେଶନାରେ 'ରକ୍ତ ଗୋଲାପ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ଶ୍ରୀରାମ ପଣ୍ଡା ଏବଂ ବନଜା ମହାନ୍ତି।
- ଓଡ଼ିଆ ସିନେମା 'ନବଜନ୍ମ'ର ନିର୍ଦ୍ଦେଶନା ଦେଇଥିଲେ ସଚିନ ମୁଖାର୍ଜୀ। ଶରତ ପୂଜାରୀ, ଝରଣା ଦାସ, ଅକ୍ଷୟ ମହାନ୍ତି (କାଶ୍ୟପ) ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।
- ଓଡ଼ିଆ ସିନେମା 'ବନ୍ଧନ'ର ନିର୍ଦ୍ଦେଶନା ଦେଇଥିଲେ ନିତାଇ ପାଲିତ। ପ୍ରଶାନ୍ତ ନନ୍ଦ, ଗୀତାଞ୍ଜଳି, ସାମୁଏଲ ସାହୁ (ବାବି) ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିଥିଲା।
- ବ୍ୟୋମକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ଓଡିଆ ଚଳଚ୍ଚିତ୍ର 'ମୁକ୍ତି'। ଏହାର କାଷ୍ଟିଂରେ ଥିଲେ ସୁଜାତା ଆନନ୍ଦ, ତ୍ରିଭୁବନ, ଦୀପା ପ୍ରତିହାରୀ ପ୍ରମୁଖ କଳାକାର।

# ପୁଣି ଥରେ ସଞ୍ଜୟ- ସୁନୀଲ

**ସ**ଞ୍ଜୟ ଦତ୍ତ ଏବଂ ସୁନୀଲ ସେଟ୍ଟୀ ପୁଣି ଥରେ ବଡ଼ ପରଦାରେ ଏକାଠି ଦେଖିବାକୁ ମିଳିବେ। ଏକ କମେଡିଭିତ୍ତିକ ସିନେମାରେ ଦୁହେଁ ଅଭିନୟ କରିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। 'ଯମଲା ପାଗଲ ଦିୱାନା'ର ନିର୍ଦ୍ଦେଶକ ସମୀର କାର୍ତ୍ତିକ ଏହାର ନିର୍ଦ୍ଦେଶନା ଦେବେ। ଏମାନଙ୍କ ବ୍ୟତୀତ ଈଶା ଗୁପ୍ତା, ଜାୟେଦ ଖାଁ, ସୌରଭ ଶୁକ୍ଲା ଏବଂ ଜାଭେଦ ଜାଫ୍ରିଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ସଞ୍ଜୟ ଏବଂ ସୁନୀଲ ଏହି ଅନଟାଇଟଲ୍‌ଡ ଫିଲ୍ମରେ ପଞ୍ଜାବୀ ଭୂମିକାରେ ଅଭିନୟ କରିବେ। 'ସୁନୀଲ ଜଣେ ଭଲ ଅଭିନେତା। ତାଙ୍କ ସହ ମୁଁ ପୁଣି ଥରେ ଅଭିନୟ କରିବାକୁ ଯାଉଛି। ଯେତେବେଳେ ମୋତେ ଏହି ଅଫର ମିଳିଲା ଏବଂ ମୁଁ ଜାଣିବାକୁ ପାଇଲି ଯେ, ଏହି ଫିଲ୍ମରେ ମୋ ସହ ସୁନୀଲ ଅଭିନୟ କରିବେ, ସେତେବେଳେ ମୋ ଖୁସିର ସୀମା ରହି ନ ଥିଲା ବୋଲି କହନ୍ତି ସଞ୍ଜୟ।' ତେବେ ଏହି ଫିଲ୍ମରେ ଈଶା ଏବଂ ଜାୟେଦ କେଉଁ ଭୂମିକାରେ ଅଭିନୟ କରିବେ ସେ ବିଷୟରେ ପ୍ରଯୋଜନା ସଂସ୍ଥା ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏହାପୂର୍ବରୁ ସଞ୍ଜୟ ଏବଂ ସୁନୀଲ 'ନୋ ପ୍ରୋବ୍ଲେମ୍', 'କାଣ୍ଟେ', 'ଦସ୍' ଏବଂ 'ଶୁଟ୍ ଆଉଟ୍ ଆଟ୍ ଲୋଖାଣ୍ଡୱାଲା'ରେ ଏକାଠି ଅଭିନୟ କରିସାରିଛନ୍ତି।

# ରହସ୍ୟ ଖୋଲିଲେ ଅନନ୍ୟା



**ଷ୍ଟା**ର୍ କିଡ୍ ଅନନ୍ୟା ପାଣ୍ଡେ ବଲିଉଡ୍‌କୁ ଏଣ୍ଟ୍ରି କରିବା ପଛରେ ଏକ ମଜାଦାର କାହାଣୀ ଲୁଚି ରହିଛି। ନିକଟରେ ସେ ଏ ବିଷୟରେ ସୂଚନା ଦେଇଛନ୍ତି। ଯେତେବେଳେ ସେ ଅଭିନୟ କରିବାକୁ ମନସ୍ଥ କଲେ ସେତେବେଳେ ଆକ୍ଟିଂ କ୍ୟାରିୟରକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଉଠିଥିଲା। ପାପା ଚଙ୍କି ପାଣ୍ଡେଙ୍କ ସହ ସେ ଏ ନେଇ ଆଲୋଚନା କରିଥିଲେ। ହେଲେ ତା'ପରେ ଏପରି ଏକ ଘଟଣା ଘଟିଲା ଯାହା ଅନନ୍ୟାଙ୍କୁ ହିନ୍ଦୀ ସିନେମାରେ ନିଜର କ୍ୟାରିୟର ଆରମ୍ଭ କରିବାକୁ ଯଥେଷ୍ଟ ପ୍ରୋତ୍ସାହିତ କରିଥିଲା। ଏ ସମ୍ପର୍କରେ ଅନନ୍ୟା କହନ୍ତି, 'ଥରେ ସଲ୍ଲୁ ଭାଇ (ସଲମାନ ଖାଁ) ଆମ ଘରକୁ ଆସିଥିଲେ। ଏହି ସମୟରେ ତାଙ୍କୁ ମୁଁ ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିବା କଥା କହିଥିଲି। ସେ ମୋତେ ସେଦିନ ଯେତିକି ସମୟ ବୁଝାଇଥିଲେ ତାହା ମୋ ପାଇଁ ବେଶ୍ ପ୍ରେରଣାଦାୟକ ସାଜିଥିଲା। ତାଙ୍କୁ ମୁଁ ମୋ ଆକ୍ଟିଂ କ୍ୟାରିୟରର ମେଣ୍ଟର ଭାବରେ ଗ୍ରହଣ କରିନେଇଛି।' ସୂଚନାଯୋଗ୍ୟ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ ଦ ଇୟର-୨'ରେ ଅନନ୍ୟାଙ୍କୁ ବ୍ରେକ୍ ମିଳିଥିଲା। ଏଥିରେ ତାଙ୍କ ବ୍ୟତୀତ ଟାଇଗର ଶ୍ରଫ ଏବଂ ତାରା ସୁତାରିଆ ମଧ୍ୟ ଅଭିନୟ କରିଥିଲେ।

# କଳିଙ୍ଗପୁତ୍ରରୁ କୁରୁକ୍ଷେତ୍ର

**ବି**ରଦା ପ୍ରସନ୍ନ ତ୍ରିପାଠୀଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'କଳିଙ୍ଗପୁତ୍ର'ରୁ ତାଙ୍କର ଆରମ୍ଭ ହୋଇଥିଲା ବଡ ପରଦା କ୍ୟାରିୟର। ତା'ପରେ 'ଶତ୍ରୁ ସଂହାର', 'ସତ୍ୟମେବ ଜୟତେ', 'ଶୁଭ ବିବାହ', 'ଆଲୋ ମୋର କଣ୍ଢେଇ', 'ଶପଥ', 'ହରି ଓମ୍ ହରି' ଏବଂ ଗତବର୍ଷ ଶେଷ ଭାଗରେ ରିଲିଜ ହୋଇଥିବା 'ହିରୋଗିରି'ରେ ସେ ନାୟକ ସାଜିସାରିଛନ୍ତି। ବର୍ତ୍ତମାନ ସେହି ଲୋକପ୍ରିୟ ଅଭିନେତାଙ୍କ ପରିଚୟ ଦେବା ବାହୁଲ୍ୟ। ସେ ହେଉଛନ୍ତି ଆକ୍ଟର-କମ୍-ପଲିଟିସିଆନ୍ ଆକାଶ ଦାସନାୟକ। ଏବେ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି। କାରଣ ସାଟେଲାଇଟ୍ ଫିଲ୍ମ 'କୁରୁକ୍ଷେତ୍ର' ତାଙ୍କୁ ଆକ୍ସନ ଭୂମିକାରେ ଦେଖିବାକୁ ମିଳିବ। ଏଥିରେ ସେ ଜଣେ ସଚ୍ଚୋଟ ପୋଲିସ ଅଫିସର ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ତମନ୍ନା। ନିଜ କ୍ୟାରିୟର ସମ୍ପର୍କରେ ଆକାଶ କହନ୍ତି, 'ମୁଁ ସବୁବେଳେ ଭଲ କାହାଣୀ ଏବଂ ଭୂମିକାକୁ ଗୁରୁତ୍ୱ ଦିଏ। ଯେତେବେଳେ ମୁଁ ଓଲିଉଡ୍‌ରେ ପାଦ ଦେଲି ସେତେବେଳଠାରୁ ଦର୍ଶକ ମୋତେ ଯେଉଁ ଭଲପାଇବା ଦେଇଛନ୍ତି ତାହାକୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ଏବେ ମୋତେ ପୁଣି କେତୋଟି ଚଳଚ୍ଚିତ୍ର ଅଫର ମିଳିଛି। ଲୋକଙ୍କ ସେବା ପାଇଁ ରାଜନୀତିରେ ପାଦ ଦେଇଥିଲେ ମଧ୍ୟ ଅଭିନୟ ତାହାର ଆଉ ଏକ ଅଂଶ ଭାବରେ ଚାଲିବ। ଅନ୍ୟପକ୍ଷରେ ଆର.ଆର. ଇଭେଣ୍ଟସ ବ୍ୟାନରରେ ଶ୍ରୀତମ ଦାସଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ସିନେମା 'ମହାବାହୁ'ରେ ଆକାଶଙ୍କୁ ଏକ ଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।



ଆକାଶ-ତମନ୍ନା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଗୁରୁବାର, ଫେବୃୟାରୀ ୩/୨୦୨୨ Rayagada, Thursday, February 3 / 2022

## ସଂକ୍ଷେପରେ

### ଜାତୀୟ ସଙ୍ଗୀତକୁ ଅପମାନ

## ମମତାଙ୍କୁ କୋର୍ଟ ସମନ ଜାରି



**ମୁମ୍ବାଇ, ୨।୨:** ଜାତୀୟ ସଙ୍ଗୀତକୁ ଅପମାନ କରିଥିବା ଅଭିଯୋଗରେ ମୁମ୍ବାଇର ଏକ କୋର୍ଟ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ସମନ ଜାରି କରିଛନ୍ତି। ମାର୍ଚ୍ଚ ୨ରେ କୋର୍ଟରେ ହାଜର ହେବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୦୨୧ ଡିସେମ୍ବରରେ ମମତା ମୁମ୍ବାଇ ଆସିଥିବାବେଳେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେଠାରେ ଜାତୀୟ ସଙ୍ଗୀତ ଗାନ ସମୟରେ ସେ ଛିଡ଼ା ହୋଇ ନ ଥିବା ଅଭିଯୋଗ ଆସିଥିଲା। ମମତା ମୁଖ୍ୟମନ୍ତ୍ରୀ ହୋଇଥିଲେ ବି ସେ ତାଙ୍କ ଅଫିସିଆଲ ଡ୍ୟୁଟି ପାଳନ କରି ନାହାନ୍ତି। ତେଣୁ ଅଭିଯୁକ୍ତଙ୍କ ବିରୋଧରେ ମାମଲା ଚାଲିବାକୁ କେହି ରୋକିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ମୁମ୍ବାଇ ଭାଜପାର ବିବେକାନନ୍ଦ ଗୁପ୍ତା ମମତାଙ୍କ ବିରୋଧରେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ କୋର୍ଟରେ ମାମଲା କରିଥିଲେ। ଅଭିଯୋଗକାରୀଙ୍କ ବିବୃତି, ଡିଭିଡି ଏବଂ ୟୁଟ୍ୟୁବରେ ଥିବା ଭିଡିଓ କ୍ଲିପ୍‌ର ଯାଞ୍ଚ କରାଯାଇଛି। ମମତା ଜାତୀୟ ସମ୍ମାନ ପ୍ରତି ଅପମାନ ନିବାରଣ ଆଇନ ୧୯୭୧ ଧାରା ୩ ଅଧୀନରେ ଦଣ୍ଡନୀୟ ଅପରାଧ କରିଥିବା ଏହା ପ୍ରମାଣ କରୁଛି ବୋଲି କୋର୍ଟ କହିଛନ୍ତି।

## ଶ୍ରୀଲଙ୍କାକୁ ୫୦୦ ମିଲିୟନ ଡଲାର ଋଣ ଦେଲା ଭାରତ

**ନୂଆଦିଲ୍ଲୀ, ୨।୨:** ଆର୍ଥିକ ସଙ୍କଟରେ ପଡ଼ିଥିବା ଶ୍ରୀଲଙ୍କାରେ ତୈଳ ଏବଂ ଶକ୍ତି ଅଭାବ ମଧ ଲାଗି ରହିଛି। ଜରୁରିକାଳୀନ ସ୍ଥିତିରେ ତୈଳ କ୍ରୟ ପାଇଁ ଭାରତ ଶ୍ରୀଲଙ୍କାକୁ ୫ ଶହ ମିଲିୟନ ଡଲାର (୩୭,୪୦,୪୩,୨୫,୦୦୦) ଋଣ ଦେଇଛି। ଅର୍ଥ ଅଭାବରୁ ଏହି ଦ୍ୱୀପରେ ଘନ ଘନ ବ୍ଲାକ୍‌ଆଉଟ ଜାରି ରହିଛି। ତାପଜ ବିଦ୍ୟୁତ୍ କେନ୍ଦ୍ରଗୁଡ଼ିକ ଦେଶରେ ଆବଶ୍ୟକ ପରିମାଣର ବିଦ୍ୟୁତ୍ ଯୋଗାଇପାରୁନାହାନ୍ତି। ଏଥିଯୋଗୁ ପରିବହନ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଦୁଇ ସପ୍ତାହର ଆଲୋଚନା ପରେ ବୁଧବାର ଔପଚାରିକ ଭାବେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିବା ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି। ଋଣ ବୋଝ ସହ ଅର୍ଥାଭାବ ସମସ୍ୟାରେ ଯୁଝି ହେଉଥିବା ଶ୍ରୀଲଙ୍କାରେ ମୁଦ୍ରାସ୍ଫୀତି ରେକର୍ଡ ସ୍ତରରେ ପହଞ୍ଚିଛି। ଅତ୍ୟାବଶ୍ୟକ ସାମଗ୍ରୀ ଆକାଶଛୁଆଁ ହୋଇଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି।

## ଭାଜପା, ଏସ୍‌ପି, କଂଗ୍ରେସ ଦଳିତ ବିରୋଧୀ: ମାୟାବତୀ

**ଆଗ୍ରା,୨।୨:** ଭାଜପା, ଏସ୍‌ପି ଏବଂ କଂଗ୍ରେସ ଦଳିତଙ୍କ ପାଇଁ କିଛି କରିନାହାନ୍ତି। କେବଳ ବହୁଜନ ସମାଜ ପାର୍ଟି (ବିଏସ୍‌ପି) କ୍ଷମତାରେ ଥିବାବେଳେ ଏହି ବର୍ଗର ଲୋକଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଛି ବୋଲି ଦଳର ଅଧକ୍ଷା ମାୟାବତୀ କହିଛନ୍ତି। ୟୁପି ବିଧାନସଭା ନିର୍ବାଚନ ପାଇଁ ଆଗ୍ରାରେ ବିଏସ୍‌ପିର ପ୍ରଚାର ଆରମ୍ଭ କରି ମାୟାବତୀ ଏହି ୩ ଦଳକୁ ଦଳିତ ବିରୋଧୀ କହିବା ସହ ସେମାନଙ୍କୁ ଭୋଟ ନ ଦେବା ପାଇଁ ମତଦାତାଙ୍କୁ ଅନୁରୋଧ କରିଛନ୍ତି। ଏଥର ରାଜ୍ୟର ସମସ୍ତ ୪୦୩ ଆସନରେ ବିଏସ୍‌ପି ପକ୍ଷରୁ ପ୍ରାର୍ଥୀ ଦିଆଯାଇଛି।

# ବୈଦ୍ୟୁତିକ ବିକଳ୍ପ ଡିଜିଟାଲ ମୁଦ୍ରା

ସମ୍ପ୍ରତି ସାରା ବିଶ୍ୱ ଡିଜିଟାଲାଇଜେଶନ ମୁହାଁ ହୋଇଥିବାବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତିବିଦ୍ୟା ପ୍ରତ୍ୟେକ କାର୍ଯ୍ୟକୁ ଆହୁରି ସହଜ କରିବାରେ ଲାଗିଛି। ନଗଦ କାରବାର କମିବା ସହ ଅନ୍‌ଲାଇନ ଟ୍ରାଞ୍ଜାକଶନର ଚାହିଦା ବଢ଼ିଛି। ଏହି କ୍ରମରେ ମଣିଷର ଆବଶ୍ୟକତା ପୂରଣ ଦିଗରେ ମୁଦ୍ରାର ବୈଦ୍ୟୁତିକ ବିକଳ୍ପ ଭାବେ ସ୍ଥାନ ନେଉଛି କ୍ରିପ୍ଟୋକରେନ୍ସି। ଏହାକୁ ଆପଣାଇବା ପାଇଁ ସବୁଠି ଉତ୍ସାହ ବଢ଼ୁଛି। ଅନେକ ଦେଶର ସରକାର ନିଜସ୍ୱ ସ୍ୱତନ୍ତ୍ର ଡିଜିଟାଲ ମୁଦ୍ରା ଆଣିଛନ୍ତି। ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨୦୨୨-୨୩ ଆର୍ଥିକ ବର୍ଷରେ ଅଫିସିଆଲ ଡିଜିଟାଲ ରୁପି ଆଣିବ ବୋଲି ପାର୍ଲାମେଣ୍ଟରେ ବଜେଟ ଉପସ୍ଥାପନବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି। ଏହାର ବ୍ୟବହାରକୁ ନେଇ ଏବେ ଉତ୍ସାହ ଓ ଚର୍ଚ୍ଚା ଲାଗି ରହିଛି।



## କ୍ୟାଶ୍-ଡିଜିଟାଲ ଟଙ୍କା ବିନିମୟ ହୋଇପାରିବ



**ନୂଆଦିଲ୍ଲୀ, ୨।୨:** ପାର୍ଲାମେଣ୍ଟରେ ମଙ୍ଗଳବାର ବଜେଟ ଅଧିବେଶନରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଭାରତର ଅଫିସିଆଲ ଡିଜିଟାଲ ଟଙ୍କା ଆସିବ ବୋଲି ଘୋଷଣା କରିବା ପରେ ଏହାକୁ ନେଇ ଚର୍ଚ୍ଚା ଜାରି ରହିଛି। ଡିଜିଟାଲ ମୁଦ୍ରାକୁ ନଗଦ ଟଙ୍କା ସହ ବିନିମୟ କରାଯାଇପାରିବ ଏବଂ ଫିନ୍‌ଟେକ୍ (ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ ସେବାକୁ ସକ୍ଷମ କରିବା ପାଇଁ ବ୍ୟବହୃତ କମ୍ପ୍ୟୁଟର ପ୍ରୋଗ୍ରାମ ଓ ପ୍ରଯୁକ୍ତିବିଦ୍ୟା) କ୍ଷେତ୍ର ପାଇଁ ଏହା ନୂଆ ସୁଯୋଗ ପ୍ରଦାନ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବୁଧବାର ଭାଜପା ଦ୍ୱାରା ଆୟୋଜିତ 'ଆତ୍ମନିର୍ଭର ଅର୍ଥବ୍ୟବସ୍ଥା' କାର୍ଯ୍ୟକ୍ରମରେ ଯୋଗ ଦେଇ ମୋଦି କହିଥିଲେ, କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ କରେନ୍ସି (ସିବିଡିସି) ବା ଡିଜିଟାଲ ଟଙ୍କା ଅନ୍‌ଲାଇନ କାରବାରକୁ ଆହୁରି ସୁରକ୍ଷିତ କରିବ। ଆଗାମୀ ବର୍ଷରେ ଏହା ଡିଜିଟାଲ ଇକୋନୋମିକୁ ମଜଭୁତ କରିବ। ଆମେ ବ୍ୟବହାର କରୁଥିବା ଫିଜିକାଲ ଟଙ୍କାର ଏହା ଡିଜିଟାଲ ରୂପ ହେବ ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ତାହାକୁ ନିୟନ୍ତ୍ରଣ କରିବ। କ୍ୟାଶ୍‌କୁ ଡିଜିଟାଲ ଟଙ୍କା ସହିତ ଏକ୍ସଚେଞ୍ଜ ବା ବିନିମୟ କରାଯିବା ଭଳି ବ୍ୟବସ୍ଥା ରହିବ। ଅର୍ଥାତ କେହି ଡିଜିଟାଲ ଟଙ୍କାରେ ପେମେଣ୍ଟ କଲେ ତାହାକୁ କ୍ୟାଶରେ ବଦଳା ଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହ ଡିଜିଟାଲ ମୁଦ୍ରା ଫିନ୍‌ଟେକ୍ ସେକ୍ଟରରେ ବୈପ୍ଳବିକ ପରିବର୍ତ୍ତନ ଆଣି ନଗଦ ପରିଚାଳନା, ମୁଦ୍ରଣ, ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ବୋଝକୁ ହାଲୁକା କରିବ ବୋଲି ସେ ପ୍ରକାଶ କରିଛନ୍ତି।

## କ୍ରିପ୍ଟୋକରେନ୍ସି କ'ଣ



ବଡ଼ ବଡ଼ କମ୍ପ୍ୟୁଟରଗୁଡିକ ଏକ ନିର୍ଦ୍ଦିଷ୍ଟ ଫର୍ମୁଲା କିମ୍ବା ଆଲ୍‌ଗୋରିଦମ ସମାଧାନ କରିଥାଏ। ଏହି ପ୍ରକ୍ରିୟାକୁ ମାଇନିଂ କୁହାଯାଏ। ଏଥିରୁ ଭର୍ଚୁଆଲ ମୁଦ୍ରା ବା କ୍ରିପ୍ଟୋକରେନ୍ସି ସୃଷ୍ଟି ହୁଏ। ଏହାକୁ ଫିଜିକାଲ ରୂପରେ ବ୍ୟବହାର କରିହେବ ନାହିଁ। କେବଳ ଅନ୍‌ଲାଇନ ଦ୍ୱାରା ଏହାର ଟ୍ରାଞ୍ଜାକଶନ ସମ୍ଭବ। ବିଟ୍‌କଏନ, ଏଥେରମ୍ ଭଳି ବଜାରରେ ୪ ହଜାରରୁ ଉର୍ଦ୍ଧ୍ୱ ଭର୍ଚୁଆଲ ମୁଦ୍ରା ଉପଲବ୍ଧ। ଭାରତୀୟ ଟଙ୍କାକୁ ରିଜର୍ଭ ବ୍ୟାଙ୍କ ନିୟନ୍ତ୍ରଣ କରିବା ଭଳି ସାଧାରଣ ମୁଦ୍ରାଗୁଡ଼ିକୁ ବିଭିନ୍ନ ସଂସ୍ଥା ପରିଚାଳନା କରିଥାଏ। କିନ୍ତୁ କ୍ରିପ୍ଟୋକରେନ୍ସିକୁ କୌଣସି ସଂସ୍ଥା ପରିଚାଳନା ବା ନିୟନ୍ତ୍ରଣ କରି ନ ଥାଏ।

## ବ୍ଲକ୍ ଚେନ୍

ବ୍ଲକ୍‌ଚେନ୍ ବିଭିନ୍ନ କ୍ରିପ୍ଟୋକରେନ୍ସି କାରବାର ରେକର୍ଡ କାର୍ଯ୍ୟକଳାପରେ ବ୍ୟବହୃତ ହୋଇଥାଏ। ପ୍ରତ୍ୟେକ ଡିଜିଟାଲ କଏନର ଏକ ସ୍ୱତନ୍ତ୍ର ବ୍ଲକ୍‌ଚେନ୍ ରହିଥାଏ, ଯାହା କି ପରସ୍ପରଠାରୁ ଅଲଗା। ଏହା ସୂଚନା ରେକର୍ଡିଂ କରିବାରେ ସୁରକ୍ଷିତ ପ୍ରଣାଳୀ ବ୍ୟବହାର କରିଥାଏ। ଏକ ବ୍ଲକରେ ସୀମିତ ସଂଖ୍ୟକ କାରବାର ରେକର୍ଡ ହୋଇପାରିବ। ଗୋଟିଏ ବ୍ଲକ ପୂରଣହେବା ପରେ ଅନ୍ୟ ବ୍ଲକରେ ଟ୍ରାଞ୍ଜାକଶନ ରେକର୍ଡ ହୋଇଥାଏ। ଏହିପରି ଭାବେ ଗୋଟିଏ ବ୍ଲକ୍ ପରବର୍ତ୍ତୀ ବ୍ଲକ ସହିତ ସଂଯୋଗ ହୋଇଥାଏ। ଏହି ଶୃଙ୍ଖଳାକୁ ବ୍ଲକ୍‌ଚେନ୍ କୁହାଯାଏ। ସାଧାରଣତଃ ବ୍ଲକ୍‌ଚେନ୍ ଟେକ୍ନୋଲୋଜି ସିଷ୍ଟମ୍‌ରେ କୌଣସି ପରିବର୍ତ୍ତନ ତଥା ହ୍ୟାକିଂ କରାଯିବା ହ୍ୟାକରଙ୍କ ପାଇଁ ବେଶ୍ କଷ୍ଟକର।

## କିପରି କାମ କରେ

ପ୍ରତ୍ୟେକ କ୍ରିପ୍ଟୋକରେନ୍ସି କାରବାର ବାବଦ ତଥ୍ୟ ବିଶ୍ୱର ବିଭିନ୍ନ କମ୍ପ୍ୟୁଟରରେ ରେକର୍ଡ କରାଯାଏ। ଅର୍ଥାତ କୌଣସି ଗୋଟିଏ କମ୍ପ୍ୟୁଟରରେ ସମସ୍ତ ସୂଚନା ନ ଥାଏ। ଏହି କ୍ଷେତ୍ରରେ ବ୍ୟାଙ୍କ ପରି କୌଣସି ତୃତୀୟ ପକ୍ଷର ଆବଶ୍ୟକତା ମଧ ପଡ଼ି ନ ଥାଏ। ୨୦୦୮ ରେ ବିଟକଏନ୍ ନାମରେ ବେଶ ଜଣାଶୁଣା କ୍ରିପ୍ଟୋକରେନ୍ସି ସୃଷ୍ଟି କରାଯାଇଥିଲା। ୨୦୦୮ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଟ୍‌କଏନ କେବେ କେଉଁ ୱାଲେଟ୍‌କୁ କିଣାଯାଇଥିଲା କିମ୍ବା ବିକ୍ରି କରାଯାଇଥିଲା ସେ ସମ୍ପର୍କିତ ସମସ୍ତ ତଥ୍ୟ ରେକର୍ଡ ରହିଛି। କିନ୍ତୁ କେଉଁ ୱାଲେଟ କେଉଁ ବ୍ୟକ୍ତିଙ୍କର ତାହା ଏଥିରୁ ଜାଣିହେବ ନାହିଁ। ଆମେ ଟଙ୍କା ରଖିବା ପାଇଁ ସାଧାରଣତଃ ପର୍ସ ବା ୱାଲେଟ ବ୍ୟବହାର କରିଥାଉ। ସେହିପରି କ୍ରିପ୍ଟୋକରେନ୍ସି ରଖିବା ନିମନ୍ତେ ଏକ ଡିଜିଟାଲ ୱାଲେଟ ଆବଶ୍ୟକ ପଡ଼ିଥାଏ। ଏହି ୱାଲେଟ ଖୋଲିବା ପାଇଁ ପାସ୍‌ୱାର୍ଡ ଦରକାର ପଡେ। ପ୍ରତ୍ୟେକ ଡିଜିଟାଲ ୱାଲେଟ୍‌ର ଏକ ଠିକଣା ମଧ ରହିଥାଏ। ଏହି ୱାଲେଟ ମାଧ୍ୟମରେ ଜଣେ ଅନ୍ୟ ଜଣଙ୍କ ୱାଲେଟକୁ କ୍ରିପ୍ଟୋ ଟ୍ରାଞ୍ଜାକଶନ କରିପାରିଥାନ୍ତି।

## ଡିଜିଟାଲ ରୁପି ବନାମ କ୍ରିପ୍ଟୋକରେନ୍ସି

ବିଟ୍‌କଏନ୍‌ର ନିର୍ମାତା ସତୋଶି ନାକାମୋଟୋ ବିଟ୍‌କଏନ ଉପରେ ଏକ ହାର୍ଡକ୍ୟାପ୍ ବା ସର୍ବାଧିକ ୨ କୋଟି ୧୦ ଲକ୍ଷ ପର୍ଯ୍ୟନ୍ତ ସୀମା ରଖିଛନ୍ତି। ତେଣୁ ଏହାର ଯୋଗାଣ ସୀମିତ। ଫଳରେ ଏହାର ମୂଲ୍ୟରେ ଦ୍ରୁତ ବୃଦ୍ଧି ଓ ହ୍ରାସ ଦେଖିବାକୁ ମିଳେ। କିନ୍ତୁ ଡିଜିଟାଲ ଟଙ୍କାର ମୂଲ୍ୟ ଏପରି ପରିବର୍ତ୍ତନ ହୋଇପାରିବ ନାହିଁ। ଡିଜିଟାଲ୍ ଟଙ୍କା କେବଳ ଆମ କାରବାର ପଦ୍ଧତିକୁ ପରିବର୍ତ୍ତନ କରିବ।






ଜମ୍ମୁ-କଶ୍ମୀରର ସଫକଦଲରେ ଜଣେ ୨୪ ବର୍ଷୀୟା ଝିଅଙ୍କୁ ଏସିଡ୍ ଆକ୍ରମଣ ପ୍ରତିବାଦରେ ଶ୍ରୀନଗରରେ ବୁଧବାର ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

## କାର୍ ହେଡ୍‌ଲାଇଟ୍‌ରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ପାଟନା, ୨।୨**

ବିହାରର ମୋତିହାରୀ ପରୀକ୍ଷା କେନ୍ଦ୍ରରେ ଯୁକ୍ତ ୨ର ପ୍ରାୟ ୪ ଶହ ଛାତ୍ରୀଛାତ୍ର ବିଦ୍ୟୁତ୍ ନ ଥିବାରୁ କାର୍ ହେଡ୍‌ଲାଇଟ୍ ଆଲୁଅରେ ପରୀକ୍ଷା ଦେଇଛନ୍ତି। ଏହାର ଫଟୋ ଓ ଭିଡିଓ ସାମ୍ନାକୁ ଆସିବା ପରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଏବଂ ପରୀକ୍ଷା ପରିଚାଳନା ପାଇଁ ପ୍ରଶାସନ ପକ୍ଷରୁ କରାଯାଇଥିବା ପ୍ରସ୍ତୁତିକୁ ସମାଲୋଚନା କରାଯାଉଛି। ସୂଚନା ଅନୁସାରେ, ସୋମବାର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ଅପରାହ୍ନ ୧ଟା ୪୫ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ହେବାର ଥିଲା। କିନ୍ତୁ ମହାରାଜା ହରେନ୍ଦ୍ର କିଶୋର କଲେଜ କେନ୍ଦ୍ରରେ ଛାତ୍ରୀଛାତ୍ରମାନେ ଠିକ୍ ସମୟରେ ପ୍ରଶ୍ନପତ୍ର ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ସେଠାରେ ପିଲା ଓ ଅଭିଭାବକମାନେ ପାଟିତୁଣ୍ଡ କରିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ସେଠାରେ ପୋଲିସ ପହଞ୍ଚିଥିଲା। ବୁଝାଶୁଝା ସରିବା ବେଳକୁ ରାତି ହୋଇଯାଇଥିଲା। ଉକ୍ତ ପରୀକ୍ଷା କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଜେନେରେଟର ମାଧ୍ୟମରେ ଅଭିଭାବକମାନେ ଆଣିଥିବା କାର୍‌ଗୁଡ଼ିକର ହେଡ୍‌ଲାଇଟ ଜଳିଥିଲା। ଏହି ଆଲୋକରେ ଛାତ୍ରୀଛାତ୍ରମାନେ ରାତି ୮ଟା ପର୍ଯ୍ୟନ୍ତ ପରୀକ୍ଷା ଦେଇଥିଲେ। ଘଟଣାର ତଦନ୍ତ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଦିନକରେ ୧୭୩୩ ମୃତ

**ନୂଆଦିଲ୍ଲୀ, ୨।୨:** ଦେଶରେ କରୋନା ସଂକ୍ରମଣ କମୁଥିଲେ ମଧ ମୃତ୍ୟୁସଂଖ୍ୟା ବୃଦ୍ଧି ଚିନ୍ତାଜନକ ହୋଇଛି। ଗତ ୨୪ ଘଣ୍ଟାରେ ୧,୬୧,୩୮୬ ଜଣ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବାବେଳେ ୧୭୩୩ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ମୋଟ ସଂକ୍ରମଣ ୪,୧୬,୩୦,୮୮୫ରେ ପହଞ୍ଚିଥିବା ବୁଧବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି କରୋନା ମୃତକଙ୍କ ସଂଖ୍ୟା ୪,୯୭,୯୭୫କୁ ବୃଦ୍ଧି ପାଇଛି। ଦେଶରେ ସକ୍ରିୟ ମାମଲା ୧୬,୨୧,୬୦୩ରେ ପହଞ୍ଚିଛି।




## ମୋଦି ଦୁଇଟି ଭାରତ ସୃଷ୍ଟି କରିଛନ୍ତି: ରାହୁଲ

**ନୂଆଦିଲ୍ଲୀ,୨।୨**

ବାହାରେ ଭାରତ ଏକଘରିକିଆ ହୋଇଯାଇଥିବାବେଳେ ଦେଶ ଭିତରେ ଲଢ଼େଇ ଚାଲିଛି। ନୂଆ ଭାରତକୁ ରାଜତନ୍ତ୍ର ଫେରିଛି ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ବଜେଟ ଅଧିବେଶନରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଲୋକ ସଭାରେ ଧନ୍ୟବାଦ ପ୍ରସ୍ତାବ ଅବସରରେ ୱାୟନାଡ୍ ଏମ୍‌ପି ରାହୁଲ କହିଛନ୍ତି, କେନ୍ଦ୍ର ସରକାର ସଙ୍ଘୀୟ ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ନ୍ୟାୟପାଳିକା, ନିର୍ବାଚନ କମିଶନ ଏବଂ ପେଗାସସ୍ ସ୍ପାଏୱେରକୁ ବ୍ୟବହାର କରୁଛନ୍ତି। ଏବେ ବସ୍ତୁତଃ ୨ଟି ଭାରତ ସୃଷ୍ଟି ହୋଇଛି। ଗୋଟିଏ ଧନୀଙ୍କ ଭାରତ ଓ ଅନ୍ୟଟି ଗରିବମାନଙ୍କର। ଏହି ଦୁଇ ବର୍ଗ ମଧ୍ୟରେ ବ୍ୟବଧାନ ବଢ଼ିବାରେ ଲାଗିଛି। ପ୍ରଧାନମନ୍ତ୍ରୀ ସବୁବେଳେ ମେକ୍ ଇନ୍ ଇଣ୍ଡିଆ କଥା କହୁଛନ୍ତି। ଏଥିପାଇଁ କର୍ମ ନିଯୁକ୍ତି ସୃଷ୍ଟି ସକାଶେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ସହଯୋଗ ଜରୁରୀ। ନ୍ୟୁ ଇଣ୍ଡିଆ, ଷ୍ଟାର୍ଟଅପ୍ ଇଣ୍ଡିଆ କଥା କୁହାଯାଉଛି। କିନ୍ତୁ ସବୁଠି ବେରୋଜଗାର ବଢ଼ିଚାଲିଛି। ଏବେ ଭାଜପା ଜଣେ 'ରାଜାଙ୍କ ଭାରତ' ଧାରଣା ଫେରାଇଆଣିଛି।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ